



ପର୍ଥ ଟେଷ୍ଟରେ ବୋଲରଙ୍କ ରାଜ୍
ଭାରତର ୧୫୦ ଜବାବରେ ଅଷ୍ଟ୍ରେଲିଆ ୬୭/୭

ପୃଷ୍ଠା ୬

# ସଂଚାର
THE SANCHAR

ପ୍ରତିଷ୍ଠାତା: ଡାକ୍ତର ଦାମୋଦର ରାଉତ

Website: sanchar.live mail Id: sancharodisha@gmail.com
RNI NO :ODIODI/2001/04811 Postal Regd No : BN/249/15-17

Vol. 32 | ISSUE 239 | ଭାଗ ୩୨ | ସଂଖ୍ୟା୨୩୯ | Bhubaneswar | Saturday 23 November 2024 | Page 8 Rs. 4.00 | ଭୁବନେଶ୍ୱର | ଶନିବାର ୨୩ ନଭେମ୍ବର ୨୦୨୪ | ୮ ପୃଷ୍ଠା, ମୂଲ୍ୟ ୪ ଟଙ୍କା



### ବିଶ୍ୱ ବ୍ୟାଙ୍କର 'ଜବ୍ସ ଆଟ୍ ୟୋର୍ ଡୋର୍ ଷ୍ଟେପ୍' ରିପୋର୍ଟ

# ବ୍ୟାପକ ହେବ ରୋଜଗାରର ପରିଭାଷା

- ଓଡ଼ିଶା ସମେତ ୬ ରାଜ୍ୟ ପାଇଁ ରିପୋର୍ଟ ପ୍ରସ୍ତୁତ
- ସର୍ବୋତ୍ତମ ନିଯୁକ୍ତି ସୁଯୋଗ ପ୍ରଦାନକାରୀ ପ୍ରାଥମିକତା କ୍ଷେତ୍ରକୁ କରିବ ଚିହ୍ନଟ
- ଆଗାମୀ ଦିନରେ ଜନସଂଖ୍ୟା ବିଶ୍ୱ ଅର୍ଥନୀତିର ଡ୍ରାଇଭର ହେବ





**ନୂଆଦିଲ୍ଲୀ, ୨୨।୧୧(ଏଜେନ୍ସି) :** କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଶୁକ୍ରବାର ନୂଆଦିଲ୍ଲୀରେ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ କେନ୍ଦ୍ର ଶ୍ରମ, ନିଯୁକ୍ତି ଏବଂ ଯୁବ ବ୍ୟାପାର ଓ କ୍ରୀଡ଼ା ମନ୍ତ୍ରୀ ଡ. ମନସୁଖ ମାଣ୍ଡଭୀୟଙ୍କ ସହ ଓଡ଼ିଶା, ହିମାଚଳ ପ୍ରଦେଶ, କେରଳ, ମଧ୍ୟପ୍ରଦେଶ, ମହାରାଷ୍ଟ୍ର ଏବଂ ରାଜସ୍ଥାନର ଯୁବବର୍ଗଙ୍କ ପାଇଁ 'ଜବ୍ସ ଆଟ୍ ୟୋର୍ ଡୋର୍ ଷ୍ଟେପ୍: ଏ ଜବ୍ସ ଡାଇଗ୍ନୋଷ୍ଟିକ୍ସ ଫର୍ ୟଙ୍ଗ୍ ପିପୁଲ ଅନ୍ ସିକ୍ସ ଷ୍ଟେଟ୍ସ' ଶୀର୍ଷକ ଏକ ରିପୋର୍ଟ ଉନ୍ମୋଚନ କରିଛନ୍ତି । ଏହି ରିପୋର୍ଟ ଉପରୋକ୍ତ ୬ଟି ରାଜ୍ୟର ଚାକିରି ଅନ୍ୱେଷଣ କରିବା ସହ ମାଧ୍ୟମିକ ବିଦ୍ୟାଳୟରୁ ସ୍ନାତକ ହାସଲ କରିଥିବା ଯୁବକମାନଙ୍କ ପାଇଁ ସର୍ବୋତ୍ତମ ନିଯୁକ୍ତି ସୁଯୋଗ ପ୍ରଦାନ କରୁଥିବା ପ୍ରମୁଖ ପ୍ରାଥମିକତା କ୍ଷେତ୍ରକୁ ଚିହ୍ନଟ କରିବ ।

ଶ୍ରୀ ପ୍ରଧାନ ବିସ୍ତୃତ ରିପୋର୍ଟ ପାଇଁ ବିଶ୍ୱବ୍ୟାଙ୍କ୍ ଟିମକୁ ପ୍ରଶଂସା କରିବା ସହ ସର୍ବଭାରତୀୟ ଫ୍ରେମ୍ୱାର୍କ ଆପଣାଇବା ପାଇଁ ପରାମର୍ଶ ଦେଇଛନ୍ତି । ସେ କହିଛନ୍ତି ଏହି ରିପୋର୍ଟ ଦକ୍ଷତା ଏବଂ ନିଯୁକ୍ତି ଉପରେ ଷ୍ଟେକ ହୋଲ୍ଡରମାନଙ୍କୁ ନୂତନ ଢାଞ୍ଚା ସୃଷ୍ଟି କରିବାରେ ସକ୍ଷମହେବା ସହିତ ଜନସଂଖ୍ୟାକୁ ସଶକ୍ତ କରିବା ପାଇଁ ପ୍ରଗତିଶୀଳ ନୀତି ପ୍ରସ୍ତୁତ କରିବାରେ ସମର୍ଥ ହେବ। ଚାକିରି ଓ ନିଯୁକ୍ତିର ସଂଜ୍ଞାକୁ ବ୍ୟାପକ କରିବାର ଆବଶ୍ୟକତା ଉପରେ ଶ୍ରୀ ପ୍ରଧାନ ଆଲୋକପାତ କରି ଭାରତକୁ ବିଶ୍ୱ ଦକ୍ଷତା କେନ୍ଦ୍ରରେ ପରିଣତ କରିବା ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଭିଜନକୁ ପ୍ରଶଂସା କରିଛନ୍ତି। କେନ୍ଦ୍ରମନ୍ତ୍ରୀ କହିଛନ୍ତି, ଆଗାମୀ ଦିନରେ ଆମ ଜନସଂଖ୍ୟା ବିଶ୍ୱ ଅର୍ଥନୀତିର ଡ୍ରାଇଭର ହେବ। ଏଥିପାଇଁ ବିଦ୍ୟାଳୟଗୁଡ଼ିକରେ ଦକ୍ଷତାକୁ ପ୍ରାଧାନ୍ୟ ଦେବାର ଆବଶ୍ୟକତା ରହିଛି। ଜାତୀୟ ଶିକ୍ଷା ନୀତିରେ ବିଦ୍ୟାଳୟଗୁଡିକରେ ଦକ୍ଷତାକୁ ମୁଖ୍ୟ ସ୍ରୋତରେ ଆଣିବାର ପରିକଳ୍ପନା କରାଯାଇଛି। ବୈଷୟିକ ➪ପୃଷ୍ଠା-୬

### ଦିଲ୍ଲୀରେ ଓଡ଼ିଶା ରାଜ୍ୟ ଦିବସ ସମାରୋହ

# ବିଶ୍ୱରେ ବିଶେଷ ପରିଚୟ ସୃଷ୍ଟି କରିଛି ଓଡ଼ିଶାର ହସ୍ତକଳା

### ସମୃଦ୍ଧ ଓଡ଼ିଶା ଦିଗରେ ରାଜ୍ୟ ସରକାର ଅଗ୍ରସର



**ନୂଆଦିଲ୍ଲୀ/ଭୁବନେଶ୍ୱର,୨୨।୧୧ (ସଂଚାର ବ୍ୟୁରୋ):** ଓଡ଼ିଶାର ଅନନ୍ୟ ହସ୍ତକଳା ଓ ହସ୍ତତନ୍ତ ସାମଗ୍ରୀ ଆଜି ଅନ୍ତର୍ଜାତୀୟ ସ୍ତରରେ ପ୍ରସିଦ୍ଧି ଲାଭ କରିଛି। ନୂଆଦିଲ୍ଲୀରେ ଚାଲିଥିବା ଭାରତ ଅନ୍ତର୍ଜାତୀୟ ବାଣିଜ୍ୟ ମେଳାରେ ଏହାକୁ ଓଡ଼ିଶା ପ୍ରଦର୍ଶନ କରୁଛି। ଫଳରେ ଦେଶ ବିଦେଶର ଲୋକେ ଓଡ଼ିଶାର ଏହି କଳା କାରିଗରି ବିଷୟରେ ଜାଣିବାର ସୁଯୋଗ ପାଉଛନ୍ତି ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି।

ନୂଆଦିଲ୍ଲୀର ଭାରତ ମଣ୍ଡପମ୍‌ରେ ଚାଲିଥିବା ୪୩ତମ ଭାରତ ଅନ୍ତର୍ଜାତୀୟ ବାଣିଜ୍ୟ ମେଳା (ଆଇଆଇଟିଏଫ) ମଞ୍ଚରେ 'ଓଡ଼ିଶା ରାଜ୍ୟ ଦିବସ ସମାରୋହ' ଆୟୋଜିତ ହୋଇଯାଇଛି। ଶୁକ୍ରବାର ଏହି ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମୁଖ୍ୟଅତିଥି ଭାବେ ଯୋଗଦେଇ ଓଡ଼ିଶାର ସମୃଦ୍ଧ କଳା, ସଂସ୍କୃତି ଓ ପରମ୍ପରା ପ୍ରସାର ଦିଗରେ ଏହି କାର୍ଯ୍ୟକ୍ରମ ବିଶେଷ ସହାୟକ ହେଉଥିବା କହିଛନ୍ତି।

ମୁଖ୍ୟମନ୍ତ୍ରୀ ଆହୁରି କହିଛନ୍ତି ଯେ, ୨୦୩୬ ମସିହାରେ ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନର ୧୦୦ ବର୍ଷ ପୂର୍ତ୍ତି ଉତ୍ସବ ପାଳନ କରିବ ଓଡ଼ିଶା। ଏଥିପାଇଁ ନୂତନ ତଥା ସମୃଦ୍ଧ ଓଡ଼ିଶା ଗଠନ ପାଇଁ ଆମର ଯେଉଁ ପ୍ରତିବଦ୍ଧତା ରହିଛି ସେ ଦିଗରେ ରାଜ୍ୟ ସରକାର ଅଗ୍ରସର ହେଉଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ୨୦୪୭ ସୁଦ୍ଧା ବିକଶିତ ଭାରତ ଗଠନ ପାଇଁ ଆହ୍ୱାନ ଦେଇଛନ୍ତି। ଏହି ଆଧାରରେ ଓଡ଼ିଶାର ବିକାଶ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରାଯାଉଛି। ଭାରତ ବର୍ଷର ବିକାଶ ରେଳରେ ଓଡ଼ିଶା ପ୍ରଥମ ବଗି ହେବ। ଓଡ଼ିଶାରେ ଆଧୁନିକ ଶିଳ୍ପ ପ୍ରତିଷ୍ଠା ପାଇଁ ସୁଦୃଢ଼ ଭିତ୍ତିଭୂମି ରହିଛି। ରାଜ୍ୟ ସରକାର ଏଥିପାଇଁ ସ୍ୱତନ୍ତ୍ର ସ୍ୱଳ୍ପ ନୀତି ମଧ୍ୟ ଲାଗୁ କରିଛନ୍ତି। ଓଡ଼ିଶାର ଖଣିଜ ସମ୍ପଦ, ସୁଦୀର୍ଘ ବେଳାଭୂମି ଏବଂ ବିସ୍ତୃତ ଜଙ୍ଗଲ ଦେଶ ବିଦେଶର ଶିଳ୍ପପତି ଓ ଉଦ୍ୟୋଗୀଙ୍କୁ ଆକର୍ଷିତ କରୁଛି। ଆଗାମୀ ଦିନରେ ଓଡ଼ିଶାରେ କିପରି ଅଧିକ ଶଳ୍ପ ପ୍ରତିଷ୍ଠା ହୋଇପାରିବ ସେ ନେଇ ୨୦୨୫ ଜାନୁଆରିରେ ଉତ୍କର୍ଷ ଓଡ଼ିଶା ମେକ୍ ଇନ୍ ଓଡ଼ିଶା କନ୍‌କ୍ଲେଭ ➪ପୃଷ୍ଠା-୬

# ବ୍ରାଣ୍ଡ ନବୀନ ଲାଞ୍ଚର ଗଡ଼୍‌ଫାଦର

**ଭୁବନେଶ୍ୱର,୨୨।୧୧ (ସଂଚାର ବ୍ୟୁରୋ):** ଜାତୀୟ ସ୍ତରରେ ଷ୍ଟେଟସମ୍ୟାନ ବୋଲାଉଥିବା ନବୀନ ପଟ୍ଟନାୟକ ବିଶ୍ୱ ସ୍ତରରେ ଓଡ଼ିଶାକୁ ଲଜ୍ଜିତ କରିଛନ୍ତି। ସ୍ୱଚ୍ଛ ଓ ଦୁର୍ନୀତିମୁକ୍ତ ଶାସନର ନାରା ଦେଉଥିବା ନବୀନ ପଟ୍ଟନାୟକ ସରକାରରେ ଥିବା ସମୟରେ ସୌର ଶକ୍ତି କିଣିବାକୁ ଆଦାନୀ ଠାରୁ ଲାଞ୍ଚ ନେଇଥିଲେ। ବିଦ୍ୟୁତ ଉତ୍ପାଦନରେ ଓଡ଼ିଶା ଏକ ନମ୍ବର ବୋଲି ତତ୍କାଳୀନ ବିଜେଡି ସରକାର ସବୁବେଳେ ଦାବି କରୁଥିଲେ। ହେଲେ ୨୪ ବର୍ଷ ଭିତରେ ରାଜ୍ୟରେ ସୌର ଶକ୍ତି ଉତ୍ପାଦନ କରିନପାରି ଏସଇସିଆଇ ଠାରୁ ଗ୍ରୀଡକୋ ଜରିଆରେ ସୌର ଶକ୍ତି କିଣିବାକୁ ଲାଞ୍ଚ କରବାର କରିଥିଲେ। ଆଉ ଏଫବିଆଇ ଏହି ଦୁର୍ନୀତିକୁ ଧରିଥିଲେ।

୨୦୦୦ ମସିହାରେ ବିଜେଡି ରାଜ୍ୟରେ ସରକାର ଗଠନ କରିବା ଦିନରୁ ନବୀନ ପଟ୍ଟନାୟକ ସବୁବେଳେ ସ୍ୱଚ୍ଛ ଓ ଦୁର୍ନୀତିମୁକ୍ତ ଶାସନର ନାରା ଦେଉଥିଲେ। ଦୁର୍ନୀତି ଅଭିଯୋଗରେ କାହିଁ କେତେ ନେତା ମନ୍ତ୍ରୀ ବଳି ପଡିଛନ୍ତି। ହେଲେ ଏବେ ନବୀନଙ୍କ ଗୋଟିଏ ପରେ ଗୋଟିଏ ଦୁର୍ନୀତିର ଖୁଲାସା ହେବାରେ ଲାଗିଛି। ସବୁଠାରୁ ବଡ ଖୁଲାସା ଆଦାନୀ ସୌରଶକ୍ତି କିଣା ମାମଲାରୁ ଧରାପଡିଯାଇଛି। ଓଡ଼ିଶା ସରକାର ଏସଇସିଆଇଠାରୁ ୫୦୦ ମେଗାୱାଟ ବିଦ୍ୟୁତ କିଣୁଥିଲେ। ଏଥିପାଇଁ ୨୦୨୧ରେ ଗ୍ରୀଡକୋ ଓ ଏସଇସିଆଇ ମଧ୍ୟରେ ଏକ ଚୁକ୍ତି ହୋଇଥିଲା।

୨୦୧୪ରୁ ଓଡ଼ିଶା ଶକ୍ତି ଉତ୍ପାଦନରେ ଆତ୍ମନିର୍ଭରଶୀଳ ବୋଲି ରାଜ୍ୟ ସରକାର ଦାବି କରିଆସୁଥିଲେ। ହେଲେ ସୌର ଶକ୍ତି ଉତ୍ପାଦନରେ କାହିଁକି ପଛରେ ପଡିଥିଲେ। ରାଜ୍ୟ ସରକାର ନିଜସ୍ୱ ସୌର ଶକ୍ତି ଉତ୍ପାଦନ କରିପାରୁନଥିଲେ। ଯେଉଁଥିପାଇଁ କେନ୍ଦ୍ର ସରକାର ଯେତେବେଳେ ନିର୍ଦ୍ଦିଷ୍ଟ ପରିମାଣର ସୌର ଶକ୍ତି ବ୍ୟବହାରକୁ ବାଧ୍ୟତାମୂଳକ କଲେ ସେତେବେଳେ ନବୀନଙ୍କ ଟିମକୁ ଦୁର୍ନୀତି ପାଇଁ ମିଳିଥିଲା ସୁବର୍ଣ୍ଣ ସୁଯୋଗ। ସୌର ଶକ୍ତି କିଣିବା ପାଇଁ ଆଦାନୀ ସହ ହୋଇଥିଲା ବଡ ଡିଲ।

### ଛୁ ମାରିଲେ ସନ୍ୟାସୀ ଓ କ୍ରୀତଦାସ



ବିଜେଡି ଆଜି ସ୍ପଷ୍ଟୀକରଣ ଦେଉଛି ଯେ, ୫୦୦ ମେଗାୱାଟ ବିଦ୍ୟୁତ ଏସଇସିଆଇ ଠାରୁ ଗ୍ରୀଡକୋ କିଣୁଥିଲା। ଆଉ ଏଥିପାଇଁ ଉଭୟଙ୍କ ମଧ୍ୟରେ ଚୁକ୍ତି ହୋଇଥିଲା, ଏଥିରେ ରାଜ୍ୟ ସରକାର କିମ୍ବା କୌଣସି ଘରୋଇ କମ୍ପାନୀର କୌଣସି ଭୂମିକା ନଥିଲା। ଏମିତି କହି ବିଜେଡିର ପୂର୍ବତନ ମନ୍ତ୍ରୀ ତଥା ଦଳର ଉପମୁଖ୍ୟ ସଚେତକ ପ୍ରତାପ ଦେବ ଭାବୁଛନ୍ତି ବୋଧହୁଏ ରାଜ୍ୟବାସୀ ବୋକା। ସେକଣ ଭୁଲିଯାଉଛି ଯେ, ରାଜ୍ୟ ସରକାର ଯେକୌଣସି ସୋର୍ସରୁ ବିଦ୍ୟୁତ କିଣା ବିକା କେବଳ ଗ୍ରୀଡକୋ ଜରିଆରେ ହିଁ କରିଥାନ୍ତି। କେନ୍ଦ୍ର ସରକାର ସେହିଭଳି ଏସଇସିଆଇ ଜରିଆରେ ବିଦ୍ୟୁତ କିଣା ➪ପୃଷ୍ଠା-୬

# ଗୋ ସୁରକ୍ଷା ପାଇଁ ମନ୍ତ୍ରୀସ୍ତରୀୟ କମିଟି



**ଭୁବନେଶ୍ୱର,୨୨।୧୧ (ସଂଚାର ବ୍ୟୁରୋ):** ଦିନକୁଦିନ ଗୋ-ଚାଲାଣ ବୃଦ୍ଧି ପାଉଛି ଓ ଏହାକୁ କେନ୍ଦ୍ରକରି ଅନେକ ସମୟରେ ଅଶାନ୍ତି ସୃଷ୍ଟି ହେଉଛି। ଗୋ ଚାଲାଣ ବନ୍ଦ ପାଇଁ ଆଇନ ଅଛି। ବହୁ ସଙ୍ଗଠନ ଗୋ ସୁରକ୍ଷା ଦିଗରେ କାର୍ଯ୍ୟକରୁଛନ୍ତି। ତଥାପି ଗୋ ଚାଲାଣ ବନ୍ଦ ହୋଇ ପାରୁନି। ଏହି ପରିପ୍ରେକ୍ଷୀରେ ଗୋ ସୁରକ୍ଷା ଓ ଗୋ ଚାଲାଣ ବନ୍ଦ ପାଇଁ ରାଜ୍ୟ ସରକାର ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ଗ୍ରହର କରିଛନ୍ତି। ରାଜ୍ୟରେ ଗୋ-ସୁରକ୍ଷା ଓ ଗୋ-ରକ୍ଷା ପାଇଁ ଗଠନ ହୋଇଛି କମିଟି। ଗୋ-ସୁରକ୍ଷା ପାଇଁ ୩୦୦ କୋଟି ଟଙ୍କାର ସ୍ୱତନ୍ତ୍ର ବଜେଟ୍ ବ୍ୟବସ୍ଥା ରହିବ। ଉପ ମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓଙ୍କ ସମେତ ୫ କ୍ୟାବିନେଟ୍ ମନ୍ତ୍ରୀ ଓ ପୋଲିସ ଡିଜିଙ୍କୁ ନେଇ ଗୋ-ସୁରକ୍ଷା ପାଇଁ କମିଟି ଗଠନ ହୋଇଛି। ଉପ ମୁଖ୍ୟମନ୍ତ୍ରୀ ଶ୍ରୀ ସିଂଦେଓଙ୍କ ବ୍ୟତିତ ପଂଚାୟତିରାଜ ମନ୍ତ୍ରୀ ରବି ନାୟକ, ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀଙ୍କ ମତ୍ସ୍ୟ ଓ ପଶୁପାଳନ ମନ୍ତ୍ରୀ ଗୋକୁଳ ନନ୍ଦ ମଲ୍ଲିକ ଓ ଡିଜିପି ୱାଇବି ଖୁରାନିଆ ଉକ୍ତ କମିଟିରେ ରହିଛନ୍ତି। ଗୋ-ଚାଲାଣ, ଗୋ-ସୁରକ୍ଷା ସହ ରାସ୍ତାରେ ଘଟୁଥିବା ଦୁର୍ଘଟଣା ଓ ଚିକିତ୍ସା ବାବଦରେ କାର୍ଯ୍ୟ କରିବ ଏହି କମିଟି।

# ନିରାପତ୍ତା ବାହିନୀକୁ ବଡ଼ ସଫଳତା:୧୦ ନକ୍ସଲ ନିପାତ



**ରାୟପୁର,୨୨।୧୧ (ସଂଚାର ବ୍ୟୁରୋ):** ଛତିଶଗଡ଼ରେ ନକ୍ସଲ ବିରୋଧୀ କାର୍ଯ୍ୟାନୁଷ୍ଠାନରେ ନିରାପତ୍ତା ବାହିନୀକୁ ବଡ଼ ସଫଳତା ମିଳିଛି। ମାଲକାନଗିରି ଜିଲ୍ଲା ସଂଲଗ୍ନ ବସ୍ତର ଡିଭିଜନ ସୁକମା ଜିଲ୍ଲା ଭଣ୍ଡାରପଦର ଜଙ୍ଗଲରେ ନିରାପତ୍ତା ବାହିନୀର ଏନ୍‌କାଉଣ୍ଟରରେ ୧୦ ନକ୍ସଲ ପ୍ରାଣ ହରାଇଛନ୍ତି। ଏନ୍‌କାଉଣ୍ଟର ସ୍ଥଳରୁ ଗୋଟିଏ ଏକେ-୪୭, ଗୋଟିଏ ଇନ୍‌ସାସ୍ ରାଇଫଲ, ଗୋଟିଏ ଏସ୍‌ଏଲ୍‌ଆର୍ ଏବଂ ଅନ୍ୟାନ୍ୟ ସାମଗ୍ରୀ ଜବତ କରାଯାଇଛି। ରାତି ଯାଏଁ ଅପରେସନ ଜାରି ରହିଥିବା ଏସ୍‌ପି କିରଣ ଚୌହାନ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି। ଗୁରୁବାର ମାଲକାନଗିରି ଜିଲ୍ଲାରେ ପୋଲିସ କାର୍ଯ୍ୟାନୁଷ୍ଠାନରେ ଜଣେ ନକ୍ସଲ ନିହତ ହୋଇଥିଲା। ଏହାର ୨୪ ଘଣ୍ଟା ମଧ୍ୟରେ ମାଓବାଦୀଙ୍କୁ ଶକ୍ତ ଧକ୍କା ଲାଗିଛି। ଏସପି ଚୌହାନଙ୍କ ସୂଚନା ଅନୁଯାୟୀ, ବସ୍ତର ➪ପୃଷ୍ଠା-୬

# ଦମନ ହେବେ ଚୋରା ମଦ ବେପାରୀ

**ଭୁବନେଶ୍ୱର,୨୨।୧୧ (ସଂଚାର ବ୍ୟୁରୋ):** ରାଜ୍ୟରେ ଡ୍ରଗ୍ସ କାରବାର ସମ୍ପୂର୍ଣ୍ଣ ମୂଳପୋଛ ହେବ। ଖୁବଶୀଘ୍ର ଅବକାରୀ ନିୟମରେ ହେବ ବ୍ୟାପକ ପରିବର୍ତ୍ତନ। ଚୋରାମଦ କାରବାର କଠୋର ଭାବେ ଦମନ କରିବାକୁ ନିଷ୍ପତ୍ତି ନିଆଯାଇଛି। ଏନିସିବି ଓ ଅବକାରୀ ବିଭାଗ କରିବେ ମିଳିତ ଅପରେସନ। ରାଜ୍ୟରେ ଯେଉଁ ସ୍ଥାନରେ ଚୋରାମଦର କାରବାର ହେଉଛି ଦେଶୀ ହେଉ କି ବିଦେଶୀ। ସେଗୁଡିକୁ କଠୋର ହସ୍ତରେ ଦମନ କରିବାକୁ ଅବକାରୀ ବିଭାଗ କଡ଼ା ପଦକ୍ଷେପ ନେବାକୁ ଯାଉଛି। ଅବକାରୀ ନିୟମରେ ବ୍ୟାପକ ପରିବର୍ତ୍ତନ ନେଇ ମାନସ ମନ୍ଥନ କରାଯାଉଛି। ଡ୍ରଗ୍ସ ଭଳି ଯେଉଁ ସବୁ ନିଶା କାରବାର ବିଭିନ୍ନ ଅଞ୍ଚଳରେ ବଢି ଚାଲିଛି ତା ପାଇଁ ମିଳିତ ଅପରେସନ କରାଯିବ। ଏନ୍‌ସିବି ସହ ମିଶି ଅବକାରୀ ବିଭାଗ ଚଢ଼ାଉ କରି ସମ୍ପୂର୍ଣ୍ଣ ମୂଳପୋଛ କରିବାକୁ ରାଜ୍ୟ ସରକାର ନିଷ୍ପତ୍ତି ନେଇଛନ୍ତି।

# ଅବସର ଦିନ କର୍ମଚାରୀଙ୍କୁ ପୂର୍ଣ୍ଣାଙ୍ଗ ପେନସନ୍

### ପ୍ରତି ମାସ ୭ ତାରିଖରେ ରିପୋର୍ଟ ଦେବେ ବିଭାଗୀୟ ମୁଖ୍ୟ



**ଭୁବନେଶ୍ୱର, ୨୨।୧୧ (ସଂଚାର ବ୍ୟୁରୋ):** ରାଜ୍ୟ ସରକାରୀ କର୍ମଚାରୀଙ୍କୁ ଅବସର ଗ୍ରହଣ ଦିନ ହିଁ ପୂର୍ଣ୍ଣାଙ୍ଗ ପେନସନ୍ ପ୍ରଦାନ କରିବାରେ ବିଭାଗଗୁଡ଼ିକ ଟାଳଟୁଳ ନୀତି ଆପଣାଉଥିବାରୁ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା ତୀବ୍ର ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ଅବସର ନେଉଥିବା କର୍ମଚାରୀଙ୍କୁ ଅବସର ଦିନ ପୂର୍ଣ୍ଣାଙ୍ଗ ପେନସନ୍ ମିଳିଛି କି ନାହିଁ ତା'ର ମାସିକିଆ ରିପୋର୍ଟ ପ୍ରତ୍ୟେକ ମାସର ୭ ତାରିଖ ସୁଦ୍ଧା ସାଧାରଣ ପ୍ରଶାସନ ବିଭାଗକୁ ପଠାଇବାକୁ ଶ୍ରୀ ଆହୁଜା ନିର୍ଦ୍ଦେଶ ଦେଇଛନ୍ତି। ମାନବିକତା ତଥା ଉତ୍ତମ ପ୍ରଶାସନ ଦୃଷ୍ଟିକୋଣରୁ ଅବସର ଦିନ ସମସ୍ତ ଅବସରପ୍ରାପ୍ତ ଯୋଗ୍ୟ କର୍ମଚାରୀଙ୍କୁ ପୂର୍ଣ୍ଣାଙ୍ଗ ପେନସନ୍ ପ୍ରଦାନକୁ ସୁନିଶ୍ଚିତ କରିବା ଅଫିସରମାନଙ୍କ ଦକ୍ଷତାର ପରିଚାୟକ ବୋଲି ସେ କହିଛନ୍ତି ।

ମୁଖ୍ୟ ଶାସନ ସଚିବ ଶ୍ରୀ ଆହୁଜା ଶୁକ୍ରବାର ରାଜ୍ୟର ସମସ୍ତ ବିଭାଗୀୟ ସଚିବମାନଙ୍କୁ ଚିଠି ଲେଖି ସରକାରୀ କର୍ମଚାରୀଙ୍କୁ ଅବସର ଗ୍ରହଣ ଦିନ ପୂର୍ଣ୍ଣାଙ୍ଗ ପେନସନ୍ ପ୍ରଦାନ ସଂକ୍ରାନ୍ତରେ ସରକାରଙ୍କ ନିର୍ଦ୍ଦେଶକୁ ପାଳନ କରାଯାଉ ନ ଥିବାରୁ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ଅବସର ଦିନ ହିଁ ପୂର୍ଣ୍ଣାଙ୍ଗ ପେନସନ୍ କର୍ମଚାରୀଙ୍କୁ ଦେବା ପାଇଁ ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ୨୦୧୯ ଡିସେମ୍ବର ୧୨ତାରିଖରୁ ନିର୍ଦ୍ଦେଶ ଦିଆଯାଇଥିଲେ ମଧ୍ୟ ବିଭାଗଗୁଡ଼ିକ ସଠିକ୍ ଭାବେ ଏହାକୁ ପାଳନ କରୁ ନ ଥିବା ଦୃଷ୍ଟିକୁ ଆସିଛି ବୋଲି କହିଛନ୍ତି। ➪ପୃଷ୍ଠା-୬

### ଗନ୍ଧମାର୍ଦ୍ଦନରେ ଆଦାନୀ ଜମି କିଣା ବିବାଦ

# ବନୀକରଣ ପାଇଁ ଜମି କିଣାଯାଇଛି : ଡିଏଫ୍‌ଓ

**ବଲାଙ୍ଗିର, ୨୨।୧୧ (ସଂଚାର ବ୍ୟୁରୋ):** ବଲାଙ୍ଗିର ଗନ୍ଧମାର୍ଦ୍ଦନ ପାହାଡ ନିକଟରେ ଆଦାନୀ କମ୍ପାନୀ ଖଣି ପାଇଁ ଜମି କିଣିଥିବା ଅଭିଯୋଗର ଆଜି ଡିଏଫଓ ସ୍ପଷ୍ଟୀକରଣ ଦେଇଛନ୍ତି। ଏକ ସାମ୍ବାଦିକ ସମ୍ମିଳନୀରେ ବଲାଙ୍ଗୀର ଡିଏଫଓ ସୁଦର୍ଶନ ବେହେରା ଆଦାନୀ କମ୍ପାନୀ ବନିକରଣ ପାଇଁ ଜମି କିଣିଥିବା କହିଛନ୍ତି। ବନୀକରଣ ପାଇଁ ଆଦାନୀ ଗ୍ରୁପ ୪୫ ହେକ୍ଟର ଜାଗା କିଣିଛି । ଜଙ୍ଗଲ ବିଭାଗ ଓ ରାଜସ୍ୱ ବିଭଗର ମିଳିତ ଭେରିଫିକେସନ୍ ପରେ ଆଦାନୀ ଜମି କିଣିଛି ବୋଲି ଡିଏଫଓ ସୂଚନା ଦେଇଛନ୍ତି। ଗତ ସେପ୍ଟେମ୍ବର ମାସରେ ➪ପୃଷ୍ଠା-୬



### କାନ ଡେରିଥା

ଭିଜିଲାନ୍ସ ଜାଲ ବଢ଼ିତ ଯାଉଛି
ଦୁର୍ନୀତିଗ୍ରସ୍ତଙ୍କୁ ଚଡ଼କ
ତଥାପି ପିସିର ପରିମାଣ କମୁନି
କର୍ମଚାରୀ ଏତେ ବେଧଡ଼କ।

### ସ୍ତ୍ରୀ ରାଜ୍ୟ ବାହାରେ

# ବଡ଼ବାବୁ ବଙ୍ଗଳାରେ



ସିଏ ଭୁବନେଶ୍ୱରରେ ଥିଲା ବେଳେ ଚର୍ଚ୍ଚାରେ, ଆଉ ଏବେ କଟକରେ ବି ଚର୍ଚ୍ଚାରେ। ଟୁଇନ୍ ସିଟିରେ ଖାନା ଦେଇ ବାନା ଉଡ଼ାଉଥିବା ଭାଉଜଙ୍କ ଷ୍ଟଲ ଏବେ ପଡ଼ିଛି ବାଲିଯାତ୍ରାରେ। ଖାଇବା ସ୍ୱାଦଠାରୁ କୁଆଡ଼େ ଭାଉଜଙ୍କ ନିଆରା ଅନ୍ଦାଜ ପାଇଁ ଷ୍ଟଲରେ ଭିଡ଼ କହିଲେ ନ ସରେ। ବାସି ଖାଦ୍ୟକୁ କି ସଜ ଭାବି ଢୋକି ଚାଲୁଛନ୍ତି ଲୋକେ। ଭଲକଥା। ଜଣେ ମହିଳା ସ୍ୱାବଲମ୍ବୀ ହେବା ପାଇଁ ଝାଳବୁହାଇ ପରିଶ୍ରମ କରୁଛନ୍ତି। କିନ୍ତୁ ଗୋଟିଏ କଥାରେ ଟିକେ ଡାଉଟ୍ ରହିଛି। ବାଲିଯାତ୍ରା ଆରମ୍ଭ ଦିନରୁ ପିଡବ୍ଲ୍ୟୁ ଆଇବିର ଦୁଇଟି ରୁମ ଭାଉଜଙ୍କ ନାଁରେ ବୁକ୍ ହୋଇଛି। ରୀତିମତ ଭାଉଜ ସେଠାକୁ ଯାଉଛନ୍ତି। ବେଳେବେଳେ ଭୁବନେଶ୍ୱର ଘର ଦୂର ହୋଇଯାଉଥିବାରୁ ସେଠାରେ କାଳେ ରହିଯାଉଛନ୍ତି। ତାହା ମଧ୍ୟ ଭଲ କଥା। ଆମର ସେଥିରେ ବି କିଛି ଅସୁବିଧା ନାହିଁ। ତେବେ ଭାଉଜଙ୍କ ପାଇଁ ଏହି ଆଇବି ବୁକ୍ କଲା କିଏ? କିନ୍ତୁ ଯେତିକି ଶୁଣିଛୁ ଜିଲ୍ଲାର ଜଣେ ଅଣଓଡ଼ିଆ ବଡ ଅଫିସର କୁଆଡେ ଭାଉଜଙ୍କୁ ଦେଖି ଫିଦା ହେଇଯାଇ ରୁମ ବୁକ୍ ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ତଳତଳିଆ ଅଫିସରଙ୍କ ହାତରେ ଖରାବେଳେ ତାଙ୍କ ପାଇଁ ଖୁଆ ପେଡ଼ା ପଠାଉଛନ୍ତି। ମୁଖ୍ୟମନ୍ତ୍ରୀଙ୍କୁ ଷ୍ଟେଜରେ ସିନା ସଠିକ ସମୟରେ ଦହିବରା, ଘୁଙ୍ଗାପୁରୀ ମିଳିଲାନି, କିନ୍ତୁ ଏହି ଭାଉଜଙ୍କ ପାଇଁ କୁଆଡେ ସବୁ ଇନ୍‌ଟାଇମ। ସେପଟେ ବିରାଡ଼ି କପାଳକୁ ଶିକା ଛିଣ୍ଡିବା ଭଳି ବଡ଼ ଅଫିସରଙ୍କ ପତ୍ନୀ ମଧ୍ୟ ଏବେ କଟକରେ ନାହାନ୍ତି। ଭୋଟ ଦେବାକୁ ରାଜ୍ୟ ବାହାରକୁ ଯାଇଛନ୍ତି। ତେଣୁ ମେଳା ବୁଲା ଆଉ ଦୋଳି ଖେଳା ଦୁଇଟି ଯାକ ଏକାସାଙ୍ଗେ କୁଆଡେ ସାରି ଦେଇଛନ୍ତି ଏହି ବଡ଼ ବାବୁ। ତେବେ ଦେଖିବାକୁ ବାକି ରହିଲା କେତେଦିନ ଦୁହିଁଙ୍କ ଏଭଳି ଚୋରା ପୀରତି ଚାଲୁଛି? ସୀମା ଭିତରେ ସବୁ ଚାଲିଲେ ଭଲ। କଥା ଯେତେବେଳେ ଗଣମାଧ୍ୟମକୁ ଆସିଲାଣି, ତେଣୁ ନେଡି ଗୁଡ଼ କହୁଣିକୁ ବୋହିବା ଭଳି କ୍ୟାପିଟାଲ ଥାନା ଅଞ୍ଚଳରେ ଆଇପିଏସ୍‌ଙ୍କ ଅବସ୍ଥାର ପୁନରାବୃତ୍ତି ଯେ ନ ହେବ, ତାହା କିଏ କହିବ!

# ଜାତିର ପିତାଙ୍କୁ ଅପମାନିତ କରିଛନ୍ତି ସିନ୍ଦେ

### ପରମ୍ପରା ଭାଙ୍ଗିଲେ ରାଜଭବନରେ ପହଞ୍ଚିଲା ଅଭିଯୋଗ



**ଭୁବନେଶ୍ୱର,୨୨।୧୧ (ସଂଚାର ବ୍ୟୁରୋ):** କଟକର ଐତିହାସିକ ବାଲିଯାତ୍ରାକୁ ଚଳିତବର୍ଷ କଟକ ଜିଲ୍ଲାପାଳ ଦତ୍ତାତ୍ରେୟ ଭାଉସାହେବ ସିନ୍ଦେଯେଭଳି ଛାରଖାର କରିଛନ୍ତି ତାହାର ଗୋଟିଏ ପରେ ଗୋଟିଏ ଅଭିଯୋଗ ପଦାକୁ ଆସିବାରେ ଲାଗିଛି। ପ୍ରଥମେ ମୁଖ୍ୟମନ୍ତ୍ରୀଙ୍କୁ ଅପମାନ, ପରେ ମାହାଙ୍ଗା ବିଧାୟକଙ୍କୁ ଅପମାନ, କଣ୍ଠଶିଳ୍ପୀଙ୍କୁ ଅପମାନ ପରେ ଏବେ ଆସିଛି ଜାତିର ପିତା ମହାତ୍ମା ଗାନ୍ଧୀଙ୍କୁ ଅପମାନ ଭଳି ଘଟଣା। ଏହା ସହିତ ବର୍ଷ ବର୍ଷର ପରମ୍ପରାକୁ ଭାଙ୍ଗି କଟକର ତୈଳିକ ବୈଶ୍ୟ ସମାଜକୁ ଅଣଦେଖା ବି କରିଛନ୍ତି।

କଟକା ବାଲିଯାତ୍ରାରେ ସବୁବର୍ଷ ଭଳି ଏବର୍ଷ ବି ପଡ଼ିଛି ଓରମାସର ଷ୍ଟଲ। ସବୁବର୍ଷ ଓରମାସର ଏହି ଷ୍ଟଲର ନାମ ରହିଥାଏ ଗାନ୍ଧୀ ଶିଳ୍ପ ବଜାର। ଜାତିର ପିତାଙ୍କୁ ସମ୍ମାନ ପ୍ରଦର୍ଶନ ପୂର୍ବକ ଜିଲ୍ଲା ପ୍ରଶାସନ ଏହି ନାମକରଣ କରିଥିଲେ। ଏହାକୁ ନେଇ କଟକବାସୀ ବି ଅଜାଣତରେ ଏହା ହୋଇପାରିବ ନାହିଁ। ତେଣୁ ଜାତିର ପିତାଙ୍କୁ ଏଭଳି ଅପମାନ ସଂକ୍ରାନ୍ତରେ ଖୋଦ ଜିଲ୍ଲାପାଳ ସିନ୍ଦେଉତ୍ତର ରଖିବା ଉଚିତ୍।

ଗୋଟିଏ ପଟେ ଜାତିର ପିତାଙ୍କୁ ଅପମାନିତ କରାଯାଇଥିବାବେଳେ ଅନ୍ୟପଟେ କଟକର ତୈଳିକ ବୈଶ୍ୟ ସମାଜ ନିଜକୁ ଅପମାନିତ ବୋଧ କରି ସିଧା ରାଜ୍ୟପାଳଙ୍କ ନିକଟରେ ଫେରାଦ ହୋଇଛନ୍ତି। ପ୍ରତିବର୍ଷ ବାଲିଯାତ୍ରାରେ ବୋଇତ ବନ୍ଦାଣ ସମ୍ପନ୍ନ ସହିତ ତୈଳିକ ବୈଶ୍ୟ ସମାଜ ପକ୍ଷରୁ ଉଦଘାଟନି ସମାରୋହରେ ଅତିଥିମାନଙ୍କୁ ସ୍ୱାଗତ କରାଯାଇଥାଏ। ଏହା ସେମାନଙ୍କର କର୍ତ୍ତବ୍ୟ ଓ ସମ୍ମାନ ସହିତ ଜଡିତ। ବହୁ ବର୍ଷର ପରମ୍ପରା। ହେଲେ ଚଳିତବର୍ଷ ଜିଲ୍ଲା ପ୍ରଶାସନ ଏହି ସମାଜକୁ ଅତିଥି ସ୍ୱାଗତରୁ ବଞ୍ଚିତ କରିଦେଲା।

କାର୍ଯ୍ୟକ୍ରମ ସଂକ୍ରାନ୍ତରେ ➪ପୃଷ୍ଠା-୬

### ଟ୍ରେଣ୍ଡିଂ ନ୍ୟୁଜ୍

- ଗୌତମ ଅଦାନୀ ବିରୋଧରେ ସଂଗୀନ ଅଭିଯୋଗ ଥିଲେ ସୁଦ୍ଧା କେନ୍ଦ୍ର ସରକାର ତାଙ୍କୁ ଘଣ୍ଟ ଘୋଡ଼ାଉଛନ୍ତି। ଏହାଦ୍ୱାରା ଆନ୍ତର୍ଜାତିକ ସ୍ତରରେ ଭାରତ ବଦନାମ ହେଉଛି ବୋଲି କର୍ଣ୍ଣାଟକ ମୁଖ୍ୟମନ୍ତ୍ରୀ ସଦ୍ଦରମେୟାଙ୍କ ଅଭିଯୋଗ।
- ଗୋଆ ଉପକୂଳ ନିକଟରେ ନୌସେନା ବୁଡ଼ାଜାହାଜ ଓ ମତ୍ସ୍ୟଜୀବୀ ଜାହାଜ ମଧ୍ୟରେ ଧକ୍କା ଲାଗି ଦୁଇ ମତ୍ସ୍ୟଜୀବୀ ନିଖୋଜ। ଉଦ୍ଧାର କାର୍ଯ୍ୟରେ ନୌସେନାର ୬ ଜାହାଜ ଏବଂ ବିମାନ ନିୟୋଜିତ।
- ଭୋଟ ପାଇଁ ନୋଟ ବୟାନରେ ମହାରାଷ୍ଟ୍ର ବିଜେପି ସାଧାରଣ ସମ୍ପାଦକ ବିନୋଦ ତାୱଡେ ଏଆଇସିସି ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖଡଗେ, ସୁପ୍ରିୟା ଶ୍ରୀନେତ ଏବଂ ରାହୁଲ ଗାନ୍ଧିଙ୍କୁ ଶହେ କୋଟି ଟଙ୍କାର ମାନହାନି ନୋଟିସ ଦେଲେ।
- ଅକ୍ଟୋବର ୨୯ ତାରିଖରେ ଘଟିଥିବା ସୁନ୍ଦରଗଡ଼ ଜିଲ୍ଲା କରମଡିହି ଯାଯାବର ଗଣହତ୍ୟା ମାମଲାରେ କର୍ଣ୍ଣାଟକ ଓ ମହରାଷ୍ଟ୍ରରୁ ୭ ଅଭିଯୁକ୍ତଙ୍କୁ ଗିରଫ କଲା ପୁଲିସ।
- ଜାତିଗତ ଦଙ୍ଗାଗ୍ରସ୍ତ ମଣିପୁରକୁ ଆଉ ୧୦ ହଜାର ସୈନ୍ୟ ପଠାଯିବ ବୋଲି ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ପକ୍ଷରୁ ସୂଚନା।

SANCHAR ସଂଚାର

# ବିଶ୍ୱହିନ୍ଦୁ ପରିଷଦ ପକ୍ଷରୁ ରକ୍ତଦାନ ଶିବିର
## ୮୫ ୟୁନିଟ୍ ରକ୍ତ ସଂଗ୍ରହ



**କେନ୍ଦ୍ରାପଡ଼ା, ୨୨।୧୧ (ସଂଚାର ବ୍ୟୁରୋ):** ବିଶ୍ୱହିନ୍ଦୁ ପରିଷଦ ବଜରଙ୍ଗ ଦଳ ପକ୍ଷରୁ କେନ୍ଦ୍ରାପଡ଼ା ଜିଲ୍ଲା ନଗର ଓ ସଦର ପ୍ରଖଣ୍ଡ ମିଳିତ ଆନୁକୂଲ୍ୟରେ କେନ୍ଦ୍ରାପଡ଼ା ଆୟବା ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ଠାରେ ଏକ ସ୍ୱେଚ୍ଛାକୃତ ବିଶାଳ ରକ୍ତଦାନ ଶିବିର ଓ ଗୋପୂଜନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଉକ୍ତ କାର୍ଯ୍ୟକ୍ରମକୁ କେନ୍ଦ୍ରାପଡ଼ା ଜିଲ୍ଲା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଅଧିକାରୀ ଡା ଶ୍ରୀକାନ୍ତ ସ୍ୱାଇଁ ପ୍ରଥମେ ପ୍ରଭୁ ଶ୍ରୀରାମଙ୍କ ନିକଟରେ ଦୀପ ପ୍ରଜ୍ୱଳନ କରି ଶୁଭ ଉଦ୍‌ଘାଟନ କରିବା ସହ ଜିଲ୍ଲା ବିଶ୍ୱହିନ୍ଦୁ ପରିଷଦ ସଭାପତି ଗୋପୀନାଥ ତ୍ରିପାଠୀ, ଜିଲ୍ଲା ସମ୍ପାଦକ ବୀରେନ୍ଦ୍ର ସାମଲ,ସହ ସମ୍ପାଦକ ସ୍ମୃତି ଅନୁପମ ସେଠୀ, ନଗର ସଭାପତି ବିଜୟ କୁମାର ସାମଲ,ଜିଲ୍ଲା ବିଜେପି ସଭାପତି କିଶୋର କୁମାର ପଣ୍ଡା ଓ ପ୍ରକାଶ (ସୋସିଆଲ ଟକ୍କ) ମୁଖ୍ୟ ଅତିଥି ଭବେ ଯୋଗଦାନ କରିଥିଲେ। ଉକ୍ତ କାର୍ଯ୍ୟକ୍ରମକୁ ଆୟବା ସ୍ୱାସ୍ଥ୍ୟ କେନ୍ଦ୍ରର ମୁଖ୍ୟଅଧିକାରୀ ମୋନାଲିସା ବେହେରା ଏବଂ ବଜରଙ୍ଗଦଳ କାର୍ଯ୍ୟକର୍ତ୍ତା ଯଶପାଲ ସୁତାର, ନୀଳକଣ୍ଠ ସ୍ୱାଇଁ, ପ୍ରସନଜିତ ଦାସ, ଚନ୍ଦନ ମହାନ୍ତି, ଭଜନ ସୁତାର, ସତ୍ୟଜିତ ପ୍ରଧାନ,ବିଶ୍ୱଜିତ ବେହେରା, ନିଖିଳ ମହାନ୍ତି, କାହ୍ନୁଚରଣ ପରିଡା. ପ୍ରିୟ ରଞ୍ଜନ କର, ଲୋକନାଥ ଦାସ .ଶୁଭକାନ୍ତ ନାୟକ,ଉପେନ୍ଦ୍ର ମଲିକ, କୁନ ମଲିକ, ସିଦ୍ଧାର୍ଥ ସିଂ ସୁଚାର ରୂପେ ପରିଚାଳନା କରିଥିଲେ । ଉକ୍ତ ରକ୍ତଦାନ ଶିବିରରେ ସର୍ବମୋଟ ୮୫ ୟୁନିଟ ରକ୍ତ କେନ୍ଦ୍ରାପଡ଼ା ରେଡ଼କ୍ରସ ଅଧିକାରୀ ସଂଗ୍ରହ କରିଥିଲେ ।

**ସମସ୍ୟା ଘେରରେ**
# ମହାକାଳପଡ଼ା ମହାବିଦ୍ୟାଳୟ




**ମହାକାଳପଡ଼ା, ୨୨।୧୧ (ସଂଚାର ବ୍ୟୁରୋ):** ମହାକାଳପଡ଼ାର ଅନନ୍ୟ ପରିଚୟ ଶ୍ରୀ ଶ୍ରୀ ବାୟାବାବା ମହାବିଦ୍ୟାଳୟ। କେବଳ ମହାକାଳପଡ଼ା କାହିଁକି ମାର୍ଶାଘାଇ, କେନ୍ଦ୍ରାପଡ଼ା ଜିଲ୍ଲାର ଛାତ୍ରଛାତ୍ରୀମାନେ ଏହି ମହାବିଦ୍ୟାଳୟରେ ଅଧ୍ୟୟନ କରି ବିଭିନ୍ନ କ୍ଷେତ୍ରରେ ପାରଦର୍ଶୀତା ଲଭିଛନ୍ତି। ହେଲେ ଏବେ ମହାବିଦ୍ୟାଳୟରେ ନାନା ସମସ୍ୟା ଲାଗିରହୁଛି। ପାଚେରୀ ସମସ୍ୟା ମହାବିଦ୍ୟାଳୟର ମୁଖ୍ୟ ପ୍ରସଙ୍ଗ। ପାଚେରୀ ନିର୍ମାଣ ନହେବାରୁ ବିଭିନ୍ନ ସମୟରେ ଅଣଛାତ୍ର ପ୍ରବେଶ ଓ ଶୈକ୍ଷିକ ବାତାବରଣ ଅସ୍ୱାଭାବିକ ହେବା ଦେଖା ଦେଉଛି। ସ୍ୱଛ ପାନୀୟ ଜଳ ହେଉ ଅବା କ୍ୟାଣ୍ଟିନ ବ୍ୟବସ୍ଥା। ଛାତ୍ରୀ ନିବାସ ହେଉ ଅବା ଅଡିଟୋରିୟମର ସୁବିଧା। ସବୁଥିରୁ ବଞ୍ଚିତ ହେଉଛନ୍ତି ଛାତ୍ରଛାତ୍ରୀ। ଏଥିପାଇଁ କଲେଜ କର୍ତ୍ତୃପକ୍ଷ ନିରବ ସାଜିଛନ୍ତି। ନିକଟରେ ମଧ୍ୟ ଖେଳପଡିଆ ସମସ୍ୟାକୁ ସମାଧାନ ପାଇଁ ଆନ୍ଦୋଳନ କରିଥିଲେ ଛାତ୍ରଛାତ୍ରୀ।

ମହାବିଦ୍ୟାଳୟର ସୁରକ୍ଷା ଓ ଅଭିବୃଦ୍ଧି ପାଇଁ କେନ୍ଦ୍ରାପଡ଼ା ଜିଲ୍ଲାର ଅଗ୍ରଣୀ ସାମାଜିକ ସଙ୍ଗଠନ ଉତ୍କଳମଣି ଯୁବକ ସଂଘ ତରଫରୁ ୧୦ ଦଫା ଦାବି ସମ୍ବଳିତ ଏକ ଚିଠି ଓଡ଼ିଶାର ମୁଖ୍ୟମନ୍ତ୍ରୀ, ରାଜ୍ୟପାଳ, ଉଚ୍ଚ ଶିକ୍ଷା ବିଭାଗ, ବିଭାଗୀୟ ମନ୍ତ୍ରୀ ଓ ଭାରତର ରାଷ୍ଟ୍ରପତିଙ୍କ ନିକଟକୁ ପଠାଇ ସମସ୍ୟାର ସମାଧାନ ପାଇଁ ନିବେଦନ କରାଯାଇଛି ବୋଲି ସଙ୍ଘର ସଭାପତି ଶ୍ରୀ ଗୌତମ ବେହେରା କହିଛନ୍ତି। ୧୦ ଦଫା ଦାବି ମଧ୍ୟରେ କ୍ୟାମ୍ପସ୍ ନିରାପତ୍ତା ଏବଂ ଭିତ୍ତିଭୂମି, ଛାତ୍ରୀ ନିବାସର ପରିଚାଳନା, ମୌଳିକ ସୁବିଧା ସୁଯୋଗ ପ୍ରଦାନ, ସ୍ମାର୍ଟ ଲାଇବ୍ରେରୀ, କମ୍ୟୁନାଲ ଲାବ୍, କର୍ମଚାରୀଙ୍କ ଉପସ୍ଥାନ ବୃଦ୍ଧି, ବିଭାଗୀୟ ଶ୍ରେଣୀଗୃହ ସଂଯୋଗ ପାଇଁ ରାସ୍ତା ଆଦି ପ୍ରମୁଖ ଦାବି କରାଯାଇଛି।

ପ୍ରାୟ ୧୪ ଏକର ଉପରେ ବ୍ୟାପିଥିବା ଏହି କଲେଜ କ୍ୟାମ୍ପସ୍ ଖୋଲା ଏବଂ ଅସୁରକ୍ଷିତ ହୋଇପଡିଛି, ଯାହା ଛାତ୍ରମାନଙ୍କ ପାଇଁ ଅସୁରକ୍ଷିତ ଏବଂ ଅଣ-ଛାତ୍ର ତଥା ବିପଥଗାମୀ ପଶୁମାନଙ୍କ ଦ୍ୱାରା ଭ୍ରଷ୍ଟ ହେବାର ସମ୍ଭାବନା ରହିଛି। ଛାତ୍ର ଏବଂ ପରିସରର ସୁରକ୍ଷା ଏବଂ ନିରାପତ୍ତାକୁ ନିଶ୍ଚିତ କରିବା ପାଇଁ ଏକ କଂକ୍ରିଟ୍ ସୀମା ପ୍ରାଚୀର ତୁରନ୍ତ ନିର୍ମାଣ କରାଯିବା ଆବଶ୍ୟକ। କଲେଜରେ ୧୫୦୦ରୁ ଊର୍ଦ୍ଧ୍ୱ ଅଧିକ ଛାତ୍ରଛାତ୍ରୀ ନାମ ଲେଖାଇଛନ୍ତି । କିନ୍ତୁ କାର୍ଯ୍ୟକ୍ଷମ ବାଳକ ଏବଂ ବାଳିକା ହଷ୍ଟେଲଗୁଡିକର ଅନୁପସ୍ଥିତି ଗୁରୁତର ଅସୁବିଧା ସୃଷ୍ଟି କରୁଛି। ଛାତ୍ରଛାତ୍ରୀମାନଙ୍କୁ ସୁରକ୍ଷିତ ପାନୀୟ ଜଳ ପାଇଁ ଆକ୍ୱାଗାର୍ଡ ଏବଂ କଲେଜ କ୍ୟାଣ୍ଟିନକୁ ୧୫ ଦିନ ମଧ୍ୟରେ କାର୍ଯ୍ୟକ୍ଷମ କରାଯିବା ଉଚିତ । କଲେଜରେ ଏକ ଉତ୍ସର୍ଗୀକୃତ କ୍ରୀଡା କ୍ଷେତ୍ର, ସମ୍ମିଳନୀ ହଲ୍, ଏବଂ ଅଡିଟୋରିୟମ୍ ଅଭାବ ରହିଛି, ଯାହା ଛାତ୍ରମାନଙ୍କର ସାମଗ୍ରିକ ବିକାଶ ପାଇଁ ଗୁରୁତ୍ୱପୂର୍ଣ୍ଣ । ଏହି ପଛୁଆ ଅଞ୍ଚଳର ସାମାଜିକ-ଅର୍ଥନୈତିକ ଅବସ୍ଥାକୁ ବୃଦ୍ଧି କରିବା ପାଇଁ ସ୍ୱୟଂ ଆର୍ଥିକ ଏବଂ ଚାକିରି ଭିତ୍ତିକ ପାଠ୍ୟକ୍ରମର ପ୍ରବର୍ତ୍ତନ ଏକାନ୍ତ ଆବଶ୍ୟକ। ଏହି ପାଠ୍ୟକ୍ରମଗୁଡ଼ିକ ଛାତ୍ରଛାତ୍ରୀ ମାନଙ୍କୁ ଉନ୍ନତ ବୃତ୍ତି ସୁଯୋଗ ପାଇବାକୁ ସଶକ୍ତ କରିବ। ଅତ୍ୟାଧୁନିକ ବୈଷୟିକ ଉପକରଣ ଏବଂ ଡିଜିଟାଲ ସାକ୍ଷରତା ଉପରେ ତାଲିମ ପ୍ରଦାନ ପାଇଁ ଛାତ୍ରମାନଙ୍କୁ ଏକ ଆଧୁନିକ ଆଇଟି ଲ୍ୟାବ ପ୍ରତିଷ୍ଠା ଜରୁରୀ ଅଟେ। ଏହା ସେମାନଙ୍କୁ ଆଜିର ଡିଜିଟାଲ୍ ଯୁଗରେ ଆବଶ୍ୟକ ଗୁରୁତ୍ୱପୂର୍ଣ୍ଣ କୌଶଳ ହାସଲ କରିବାରେ ଏବଂ ପ୍ରତିଯୋଗିତାମୂଳକ ସୁଯୋଗ ପାଇଁ ପ୍ରସ୍ତୁତ କରିବାରେ ସାହାଯ୍ୟ କରିବ।

ଇଣ୍ଟରନେଟ୍ ସଂଯୋଗ ଏବଂ ଉନ୍ନତ ସୁବିଧା ସହିତ ସଜ୍ଜିତ ଏକ ସ୍ମାର୍ଟ ଲାଇବ୍ରେରୀର ବିକାଶ ଏକାଡେମିକ୍ ଉତ୍କର୍ଷତା ପାଇଁ ଗୁରୁତ୍ୱପୂର୍ଣ୍ଣ । ଆନ୍ତ ବିଭାଗୀୟ ଶିକ୍ଷଣକୁ ପ୍ରୋତ୍ସାହିତ କରିବା ଏବଂ ବ୍ୟବହାରିକ ତାଲିମ ସୁଯୋଗ ପ୍ରଦାନ କରିବା ପାଇଁ ଏକ ସାମ୍ପ୍ରଦାୟିକ ଲ୍ୟାବ୍ ନିର୍ମାଣ ଆବଶ୍ୟକ। ଛାତ୍ର ଛାତ୍ରୀ, କର୍ମଚାରୀ ଏବଂ ପରିଦର୍ଶକ ମାନଙ୍କ ପାଇଁ ନିରାପଦ ତଥା ସୁଗମ ଗତି ସୁନିଶ୍ଚିତ କରିବା ପାଇଁ କଲେଜ ପରିସର ମଧ୍ୟରେ ଆଭ୍ୟନ୍ତରୀଣ ରାସ୍ତା ନିର୍ମାଣ ଏବଂ ମରାମତି ଜରୁରୀ । ଶିକ୍ଷକ ଏବଂ ଅଣଶିକ୍ଷକ କର୍ମଚାରୀଙ୍କ ଅଭାବକୁ ଦୂର କରିବା ପାଇଁ ତୁରନ୍ତ ନିଯୁକ୍ତି ଆବଶ୍ୟକ। ଏହା କଲେଜର କ୍ଲାସ ସୁଗମ କାର୍ଯ୍ୟକୁ ସୁନିଶ୍ଚିତ କରିବ ଏବଂ ଶିକ୍ଷାର ଗୁଣବତ୍ତା ଏବଂ ଛାତ୍ରମାନଙ୍କ ପାଇଁ ପ୍ରଶାସନିକ ସହାୟତା ବଜାୟ ରଖିବ ବୋଲି ସେ ତାଙ୍କ ଚିଠିରେ ଉଲ୍ଲେଖ କରିଛନ୍ତି।

# ଆଳୁ ମିଶନ ସମନ୍ୱୟ କମିଟିର ଜିଲ୍ଲାସ୍ତରୀୟ ବୈଠକ
## ଚଳିତ ବର୍ଷ ଜିଲ୍ଲାରେ ୧୫୦ ହେକ୍ଟର ଆଳୁ ଚାଷ ପାଇଁ ଲକ୍ଷ୍ୟ

**କେନ୍ଦ୍ରାପଡା, ୨୨।୧୧ (ସଂଚାର ବ୍ୟୁରୋ):** ଜିଲ୍ଲାପାଳ ସ୍ମୃତି ରଞ୍ଜନ ପ୍ରଧାନଙ୍କ ଅଧ୍ୟକ୍ଷତାରେ ଉଦ୍ୟାନ କୃଷି ବିଭାଗ ଦ୍ୱାରା ଆୟୋଜିତ କେନ୍ଦ୍ରାପଡା ଜିଲ୍ଲା କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଜିଲ୍ଲା ସ୍ତରୀୟ ଆଳୁ ମିଶନ ସମନ୍ୱୟ କମିଟି ବୈଠକ ଅନୁଷ୍ଠିତ



ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଉଦ୍ୟାନ କୃଷି ବିଭାଗର ସହକାରୀ ନିର୍ଦ୍ଦେଶକ ଦେବଦାସ ଦତ, କୃଷି ବିଜ୍ଞାନ କେନ୍ଦ୍ରର ମୁଖ୍ୟ ବୈଜ୍ଞାନିକ ଡ଼ ଅରବିନ୍ଦ ଦାସ, ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ କଲ୍ୟାଣ କୁମାର ରାୟ ପ୍ରମୁଖ ଉପସ୍ଥିତ ଥିଲେ ।

ଚଳିତ ବର୍ଷ ଜିଲ୍ଲାରେ ୧୫୦ ହେକ୍ଟର ଆଳୁ ଚାଷ ପାଇଁ ଯୋଜନା ରହିଛି । ୩ଗୋଟି ଭେରାଇଟ୍ ଯଥା- କୁ-ଜ୍ୟୋତି, କୁ-ମୋହନ ଓ କୁ-ପୋଖରାକ ଆଳୁ ବିହନ କେଜି ପ୍ରତି ୨୦ ଟଙ୍କା ହିସାବରେ ଚାଷୀ ମାନଙ୍କୁ ଯୋଗାଇ ଦିଆଯିବ। ଏଥିରେ ଚାଷୀମାନେ ବିହନ ଲଗାଇବାରେ ୧୦ ଟଙ୍କା ହିସାବରେ ରିହାତି ଦିଆଯିବ। ଚାଷୀମାନେ ସର୍ବନିମ୍ନ ୨୫ ଡିସିମିଲ ଜମିରେ ୧୩୦ କେଜି ଆଳୁ ବିହନ ଓ ସର୍ବାଧିକ ୫୦ ଡିସିମିଲ ଜମିରେ ୨୬୦ କେଜି ଆଳୁ ବିହନ ନେଇ ସରକାରୀ ସହାୟତା (ସବସିଡି) ପାଇପାରିବେ । ଉକ୍ତ ବୈଠକରେ ଆଳୁ ଚାଷ ପାଇଁ ଚାଷୀ ମାନଙ୍କର ସମସ୍ୟା ସଂପର୍କରେ ଆଲୋଚନା କରା ଯାଇଥିଲା। ପଟ୍ଟାମୁଣ୍ଡାଇ ବ୍ଲକ ଓ ମହାକାଳପଡା ବ୍ଲକର ଉଦ୍ୟାନ କୃଷି ଅଧିକାରୀ ସୌମ୍ୟ ରଞ୍ଜନ ସେଠୀ ଏବଂ ସୌରଭ ମହାପାତ୍ର ଯୋଗ ଦେଇ ଆଳୁ ଚାଷୀ ମାନଙ୍କର ଚାଷ ସମୟରେ କୌଣସି ଅସୁବିଧା ନହୁଏ ଏଥିପ୍ରତି ଧ୍ୟାନ ଦେବାକୁ ଆଲୋଚନା କରିଥିଲେ ।

# ପୋଖରୀରୁ ଯୁବକଙ୍କ ମୃତଦେହ ଉଦ୍ଧାର

**କେନ୍ଦ୍ରାପଡା, ୨୨।୧୧ (ସଂଚାର ବ୍ୟୁରୋ):** କେନ୍ଦ୍ରାପଡା ପୌରାଂଚଳ ଅନ୍ତର୍ଗତ ଚକଡା ବାରଙ୍ଗ ଗ୍ରାମରେ ଏକ ଅଭାବନୀୟ ଘଟଣା ଘଟିଯାଇଛି। ଜଣେ ଯୁବକ ପୋଖରୀରେ ବୁଡ଼ି ପ୍ରାଣ ହରାଇ ଥିବାରୁ ଉକ୍ତ ଅଂଚଳରେ ଶୋକର ଛାୟା ଖେଳି ଯାଇଛି । ମିଳିଥିବା ସୂଚନା ଅନୁଯାଇ ଚକଡା ବାରଙ୍ଗ ଗ୍ରାମର ଜନ୍ମେଜୟ ପତିଙ୍କ ବଡ ପୁଅ ହୃଦାନନ୍ଦ ପତି (୨୫) ଗତକାଲି ରାତିରେ ଶଙ୍କରେଶ୍ୱର ଶଶ୍ମାନ ପୋଖରୀକୁ ଶୌଚ ହେବାକୁ ଯାଇଥିବା ବେଳେ ଅସାବଧାନତା ଯୋଗୁଁ ପୋଖରୀରେ ପଡି ପ୍ରାଣ ହରାଇଥିବା ଜଣାପଡିଛି । ଖବର ପାଇ ଅଗ୍ନିଶମ ବିଭାଗ କର୍ମଚାରୀ ପୋଖରୀରୁ ତାଙ୍କର ଶବ ଉଦ୍ଧାର କରିଥିଲେ । ଏହା ପରେ ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଥିବାର ଜଣାପଡିଛି ।

**ହାତ ପାହାନ୍ତାରେ ବିପଦ**
# ଜୀବନ ନେଇପାରେ ମୁକୁଳା ଟ୍ରାନ୍ସଫର୍ମର

**ମହାକାଳପଡ଼ା, ୨୨।୧୧ (ସଂଚାର ବ୍ୟୁରୋ):** ଶବ ଦାହ ପାଇଁ ନିର୍ମାଣ ହୋଇଥିବା ସ୍ମଶାନ ଗୃହ ପାଖରେ ରହିଛି ବିପଦ ସଙ୍କୁଳ ଅବସ୍ଥାରେ ମୁକୁଳା ଟ୍ରାନ୍ସଫର୍ମର। ଯାହାର ଫ୍ୟୁଜ ଲାଇନ୍ ଖୁଣ୍ଟ ପାଖରେ ରହିଛି। ସୁରକ୍ଷା ବାଡ଼ ନଥିବାରୁ

**ସୁରକ୍ଷା ବାଡ଼ ନିର୍ମାଣ ଦାବି**

ଜନଜୀବନ ହାନୀ ହେବାର ଭୟ ରହିଛି। ମହାକାଳପଡ଼ା ବ୍ଲକ ବଳିପାଳ ପଞ୍ଚାୟତ ବାଲିସାହି ଗ୍ରାମର ଶ୍ମଶାନ ଗୃହ ପାଖରେ ଏହି ବିପଦପୂର୍ଣ୍ଣ ଟ୍ରାନ୍ସଫର୍ମର ରହିଛି। ଶବଦାହ କରିବାକୁ ଏହି ବାଟ ଦେଇ ଲୋକମାନେ ଯାତାୟତ କରୁଛନ୍ତି। ବୁଲା ଗାଈଗୋରୁ ମଧ୍ୟ ଚଲାବୁଲା କରୁଛନ୍ତି। ମୁକୁଳା ଟ୍ରାନ୍ସଫର୍ମର ପାଇଁ କେତେବେଳେ ଯେ ଦୁର୍ଘଟଣା ଘଟି ପାରେ! ଲୋକମାନଙ୍କ ଜନଜୀବନ ସୁରକ୍ଷା ପାଇଁ



ଟ୍ରାନ୍ସଫର୍ମରର ଚତୁଃପାର୍ଶ୍ୱରେ ସୁରକ୍ଷା ବାଡ଼ ତିଆରି କରିବାକୁ ବାଲିସାହି ଗ୍ରାମବାସୀ ଦାବି କରିଛନ୍ତି।

# ଜିଲ୍ଲାସ୍ତରୀୟ କୃଷି ଗଣନା ଏବଂ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ

**କେନ୍ଦ୍ରାପଡ଼ା, ୨୨।୧୧ (ସଂଚାର ବ୍ୟୁରୋ):** ଏକାଦଶତମ କୃଷି ଗଣନା ଦ୍ୱିତୀୟ ଏବଂ ତୃତୀୟ ପର୍ଯ୍ୟାୟ ପାଇଁ ଜିଲ୍ଲା ସ୍ତରୀୟ ପ୍ରଶିକ୍ଷଣ ଶିବିର ଜିଲ୍ଲାର ଯୋଜନା ଓ ପର୍ଯ୍ୟାଲୋଚନା ଏକକ କାର୍ଯ୍ୟାଳୟର ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି । ଏହି ଗଣନାର ଦ୍ୱିତୀୟ ପର୍ଯ୍ୟାୟ ପାଇଁ ୩୧୭ଟି ନମୂନା ଗ୍ରାମ ଏବଂ ତୃତୀୟ ପର୍ଯ୍ୟାୟ ପାଇଁ ୧୧୧ ଟି ନମୂନା ଗ୍ରାମରେ ସର୍ଭେ କରାଯିବ। ଏଥିରେ ନମୂନା ଗ୍ରାମ ଗୁଡିକରୁ ଚାଷ ଜମିର ତଥ୍ୟ, ନାମମାତ୍ର ଚାଷୀ, କ୍ଷୁଦ୍ର ଚାଷୀ, ମଧ୍ୟମ ତଥା ଅର୍ଦ୍ଧ ମଧ୍ୟମ ଏବଂ ବଡ ଚାଷୀମାନେ ବ୍ୟବହାର କରୁଥିବା ବିଭିନ୍ନ କୃଷି ଉପ୍ତାଦନ ସମ୍ବନ୍ଧୀୟ ତଥ୍ୟ ଯଥା ରାସାୟନିକ ସାର, କୀଟନାଶକ ଔଷଧ, କୃଷି ଯନ୍ତ୍ରପାତି, କୃଷି ଋଣ, ଇତ୍ୟାଦି ଉପରେ ସବିଶେଷ ତଥ୍ୟ ସଂଗ୍ରହ କରାଯିବ। ଏହି




ଗଣନା କାର୍ଯ୍ୟ ରେ ତିନୋଟି ବିଭାଗର ଯଥା ରାଜସ୍ୱ, କୃଷି ଏବଂ ଯୋଜନା ସଂଯୋଜନା ବିଭାଗର ୪୮ଜଣ ପ୍ରାଥମିକ ଗଣନାକାରୀ ଏବଂ ୨୭ ଜଣ ପର୍ଯ୍ୟବେକ୍ଷକ ନିୟୋଜିତ ରହିବେ।

ଏହି ତାଲିମ୍ ଶିବିରରେ, ଜିଲ୍ଲାର ମୁଖ୍ୟ କୃଷି ଅଧିକାରୀ କଲ୍ୟାଣ କୁମାର ରାଏ, ଜିଲ୍ଲା ଉଦ୍ୟାନ କୃଷି ଅଧିକାରୀ ଦେବଦାସ ଦତ୍ତ, ଜିଲ୍ଲା ସୂଚନା ଲୋକସମ୍ପର୍କ ଅଧିକାରୀ ଅଶୋକ ବଳିଆର ସିଂହ, ପ୍ରାଣି ସମ୍ପଦ କାର୍ଯ୍ୟାଳୟର ସୁଧାଂଶୁ ଶେଖର ମଣ୍ଡଳ ,ଅତିରିକ୍ତ ତହସିଲଦାର ତଥା ସମସ୍ତ ପ୍ରାଥମିକ ଗଣନାକାରୀ ଏବଂ ପର୍ଯ୍ୟବେକ୍ଷକ ମାନେ ଉପସ୍ଥିତ ଥିଲେ। ଜିଲ୍ଲା ଯୋଜନା ଓ ପର୍ଯ୍ୟାଲୋଚନା ଏକକ ର ଉପ ନିର୍ଦ୍ଦେଶିକା ଆରତୀ ନାୟକ କୃଷି ଗଣନାର ଦ୍ୱିତୀୟ ଏବଂ ତୃତୀୟ ପର୍ଯ୍ୟାୟ ପାଇଁ ତାଲିମ୍ ପ୍ରଦାନ କରିଥିଲେ ଏବଂ ଷ୍ଟାଟିଷ୍ଟିକାଲ୍ ଅଫିସର ପୁଷ୍ପାଞ୍ଜଳି ପଣ୍ଡା ସହଯୋଗ କରିଥିଲେ।

# ଅଭିଯୋଗ କାହାକୁ କରିବେ



**ଭୁବନେଶ୍ୱର, ୨୨।୧୧:** ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ଅଞ୍ଚଳରେ ବସବାସ କରୁଥିଲେ ଲୋକେ ସେମାନଙ୍କ ସମସ୍ୟା କାହାକୁ ଜଣାଇବେ ଜାଣିପାରୁ ନାହାନ୍ତି। ସରକାରଙ୍କର ବହୁ ଆଡମ୍ବରରେ ପ୍ରଚାରିତ ୧୯୨୯ ଫୋନ୍ ନମ୍ବରଟି ଏକ ପ୍ରକାର ଅଚଳ ହୋଇପଡ଼ିଥିବାବେଳେ ଅଧିକାଂଶ ୱାର୍ଡ ଅଫିସରଙ୍କର ଦେଖାଦର୍ଶନ ମିଳୁନାହିଁ। ରାଜଧାନୀବାସୀ ନିଜର ସମସ୍ୟାକୁ ୧୯୨୯ ନମ୍ବର ଯୋଗେ ଜଣାଇବାପାଇଁ କର୍ତ୍ତୃପକ୍ଷ ପ୍ରଚାର କରିଥିଲେ। ବ୍ୟାପକ ଅର୍ଥ ଶ୍ରାଦ୍ଧ କରି କାନ୍ଥବାଡରେ ବିଜ୍ଞାପନ ଦେଇଛନ୍ତି। ହେଲେ ନମ୍ବରକୁ ଫୋନ୍ କଲେ ଆଦୌ ଲାଗୁନାହିଁ। ଯଦି କୌଣସି ପ୍ରକାରେ ସଂଯୋଗ ହୋଇଯାଉଛି ତେବେ ସମସ୍ତେ ବ୍ୟସ୍ତ ଅଛନ୍ତି, ପରେ ଫୋନ୍ କରନ୍ତୁ ଉତ୍ତର ଆସୁଛି। ତେଣୁ ଲୋକେ ବିରକ୍ତ ହୋଇ ଆଉ ଫୋନ୍ କରୁନାହାନ୍ତି। ସେହିଭଳି ଲୋକଙ୍କ ସୁବିଧା ପାଇଁ ପ୍ରତି ୱାର୍ଡରେ ଗୋଟିଏ କରି ୱାର୍ଡ ଅଫିସ୍ ଖୋଲାଯାଇଥିଲା। ପ୍ରତି ୱାର୍ଡରେ ଜଣେ କରି ୱାର୍ଡ ଅଫିସର ନିଯୁକ୍ତ ହୋଇଥିଲେ। ୱାର୍ଡର ଭଲମନ୍ଦ ବୁଝିବା ତାଙ୍କ ଦାୟିତ୍ୱ। ହେଲେ ଏହି ଅଫିସର ଅଧିକାଂଶ ସ୍ଥାନରେ ୱାର୍ଡ ବୁଲୁ ନାହାନ୍ତି ତାଙ୍କୁ ୱାର୍ଡବାସୀ ଦେଖିବାକୁ ପାଉ ନାହାନ୍ତି। ଏପରିକି ୱାର୍ଡ ଅଫିସଟି କେଉଁଠାରେ ରହିଛି ତାହା ଅଧିକାଂଶ ୱାର୍ଡର ଲୋକେ ସଠିକ ଭାବେ ଜାଣିପାରୁ ନାହାନ୍ତି। ସେହିଭଳି ବିଦ୍ୟୁତ୍ ସମସ୍ୟା ହେଉ କିମ୍ବା ପରିମଳ ବିଏମ୍‌ସିକୁ ଫୋନ୍‌ଟିଏ କରିବାକୁ ସେଭଳି କୌଣସି ନମ୍ବର ନାହିଁ। ଯେଉଁ ଗୋଟିଏ ଦୁଇଟି ଲ୍ୟାଣ୍ଡଲାଇନ୍ ରହିଛି ତାହା ଅଧିକାଂଶ ସମୟରେ ବ୍ୟସ୍ତ। ତେଣୁ ଏଭଳି ସ୍ଥିତିରେ ସହରବାସୀ ନିଜର ସମସ୍ତ କାହାକୁ କିଭଳି ଜଣାଇବେ ତାହା ଜାଣିପାରୁ ନାହାନ୍ତି।

ଏହାବାଦ୍ କର୍ତ୍ତୃପକ୍ଷ ବ୍ୟାପକ ଅର୍ଥ ବ୍ୟୟରେ ଯେଉଁ ସଫା ଆପ୍ ପ୍ରସ୍ତୁତ କରିଛନ୍ତି ତାହାକୁ ସମସ୍ତେ ବ୍ୟବହାର କରିବା ଏତେଟା ସହଜ ନୁହେଁ। ସହରରେ ଏବେ ପରିମଳ ବ୍ୟବସ୍ଥା ଧିରେ ଧିରେ ବିଗିଡିବାରେ ଲାଗିଛି। ଦାୟିତ୍ୱରେ ଥିବା ଠିକାସଂସ୍ଥାମାନେ ଅଧିକ ଲାଭ ଆଶାରେ କମ୍ ସଂଖ୍ୟକ ଲୋକ ନିୟୋଜିତ କରୁଛନ୍ତି। ଏମାନେ କୋଟି କୋଟି ଟଙ୍କାରେ ଟେଣ୍ଡର ହାତେଇ ନେଇଥିବାବେଳେ ସେମାନଙ୍କୁ ଜଗିବାକୁ ପ୍ରାୟତଃ କେହି ନାହାନ୍ତି। ତେଣୁ ସାଧାରଣ ଲୋକେ ସେମାନଙ୍କର ସମସ୍ୟା ଓ ଅଭିଯୋଗ ଯେଭଳି ସଠିକ ଭାବେ ଜଣାଇପାରିବେ ତାହାର ତୁରନ୍ତ ବ୍ୟବସ୍ଥା କରାଯିବାକୁ ଦାବି ହେଉଛି। ସେହିଭଳି ସହରର ବିଭିନ୍ନ ସ୍ଥାନରେ ଯେଭଳି ସରକାରଙ୍କ ପ୍ରଚାର ବିଜ୍ଞାପନ ଲାଗିଛି ଅନୁରୂପ ଭାବେ ୱାର୍ଡ ଦାୟିତ୍ୱରେ ଥିବା ଅଧିକାରୀଙ୍କ ସମେତ ଅନ୍ୟାନ୍ୟ ଜରୁରୀ ଅଧିକାରୀଙ୍କ ନାମ, ପଦବୀ ଓ ଫୋନ୍ ନମ୍ବର ସର୍ବସାଧାରଣ ସ୍ଥାନରେ ଲଗାଇବାକୁ ମତପ୍ରକାଶ ପାଉଛି। (ତଥ୍ୟ)

# ପଞ୍ଚାୟତ ସମିତି ବୈଠକକୁ ନେଇ ଦ୍ୱନ୍ଦ୍ୱ ବଢ଼ିଲା

**ନାଉଗାଁ, ୨୨।୧୧ (ସଂଚାର ବ୍ୟୁରୋ):** ଆଜି ଅନୁଷ୍ଠିତ ହେବାକୁ ଥିବା ନାଉଗାଁ ପଞ୍ଚାୟତ ସମିତି ର ସପ୍ତମ ଅଧିବେଶନ ଅନୁଷ୍ଠିତ ହୋଇପାରିନାହିଁ । ଯାହାକୁ ନେଇ ଏବେ ଦ୍ୱନ୍ଦ୍ୱ ଲାଗିରହିଥିବା ବେଳେ ତାହା ଆଗକୁ ଆହୁରି ବଢ଼ିବ ବୋଲି ଜଣାପଡିଛି । ଗତ ଜୁଲାଇ ଦଶ ତାରିଖରେ ସମିତିର ଷଷ୍ଠ ତମ ବୈଠକ ଅନୁଷ୍ଠିତ ହୋଇଥିଲା ବେଳେ ବାଇଶ ତାରିଖ ରେ ସପ୍ତମ ବୈଠକ ଅନୁଷ୍ଠିତ ହେବାପାଇଁ ଗ୍ରାମପଞ୍ଚାୟତ ଅଧିକାରୀ ଏନେଇ ଫାଇଲ ପୁଟଅଫ କରି ବିଡିଓ ଙ୍କୁ ଦେଇଥିଲେ । ବିଡିଓଙ୍କ ଦସ୍ତଖତ ପରେ ବ୍ଲକ ଅଧ୍ୟକ୍ଷା ତୃଷ୍ଣା ଲେଙ୍କା ଆଜି ଅର୍ଥାତ ବାଇଶ ତାରିଖରେ ବୈଠକ ଅନୁଷ୍ଠିତ କରିବାକୁ ଫାଇଲ ମଞ୍ଜୁରୀ କରିଥିବା ବେଳେ ବୈଠକର ପନ୍ଦରଦିନ ପୂର୍ବରୁ ବିଭାଗୀୟ ଅଧିକାରୀ, ବିଧାୟକ, ସାଂସଦ ଓ ସମସ୍ତ ପିଆରଆଇ ମେମ୍ବରଙ୍କୁ ପତ୍ର ଦ୍ୱାରା ସୂଚନା ଦେବାକୁ ଥିବାବେଳେ ଏହା ବିଡିଓ କରି ନଥିବା ଅଧ୍ୟକ୍ଷା ଜିଲ୍ଲାପାଳ ଜଗତସିଂହପୁରଙ୍କୁ ଗତ ୧୮ ତାରିଖରେ ଲିଖିତ ଭାବେ ଅଭିଯୋଗ କରିଥିଲେ । ୨୨ ତାରିଖରେ ବୈଠକ ଅନୁଷ୍ଠିତ ନହେଲେ ସମସ୍ତ ପିଆରଆଇ ସଦସ୍ୟ ସଦସ୍ୟାଙ୍କ ସହ ପଞ୍ଚାୟତ ସମିତି କାର୍ଯ୍ୟାଳୟ ଆଗରେ ଧାରଣା ଦିଆଯିବ ବୋଲି ମଧ୍ୟ ସେ ଖୋଲାଖୋଲି ଭାବେ ଉଲ୍ଲେଖ କରିଥିବା ବେଳେ ଏହି ଅଭିଯୋଗ ପତ୍ରରେ ଅନେକ ସରପଞ୍ଚ ଏବଂ ସମିତି ସଭ୍ୟ ସଭ୍ୟା ମାନଙ୍କର ଦସ୍ତଖତ ମଧ୍ୟ ଦେଖିବାକୁ ମିଳିଥିଲା।

ବିଡିଓ ତପନ ମହାପାତ୍ରଙ୍କୁ ୨୨ ତାରିଖ ବୈଠକ ବିଷୟରେ ପଚାରିବାରୁ ମାନ୍ୟବର ବିଧାୟକଙ୍କର ଅନ୍ୟତ୍ର କାର୍ଯ୍ୟକ୍ରମ ଥିବା ଓ ଉକ୍ତ ଧାର୍ଯ୍ୟ ଦିନ ସମୟରେ ସେ ସହମତି ପ୍ରଦାନ କରି ପାରି ନଥିବା କାରଣରୁ ମୁଁ କିଭଳି କାହାକୁ ବୈଠକ ହେବବୋଲି ପତ୍ର ଲେଖିବି ବୋଲି ସେ ପ୍ରକାଶ କରିଛନ୍ତି । ସେହିପରି ବ୍ଲକ ଅଧ୍ୟକ୍ଷା ତୃଷ୍ଣା ଲେଙ୍କାଙ୍କୁ ପଚାରିବାରୁ ବାଇଶ ତାରିଖ ନିମନ୍ତେ ନିଷ୍ପତ୍ତି ସରିଛି, ବିଡିଓ କାହା ଚାପରେ ପଞ୍ଚାୟତ ସମିତିର ସପ୍ତମ ବୈଠକ କୁ ବାତିଲ କଲେ ତାହା ମୁଁ ଜାଣିନି । ବାଇଶ ତାରିଖରେ ବୈଠକ ନହେଲେ ସମସ୍ତେ ଧାରଣାରେ ବସିବେ ବୋଲି ସେ ତାଙ୍କ ପ୍ରତିକ୍ରିୟାରେ ପ୍ରକାଶ କରିଛନ୍ତି ।

# ଜିଲ୍ଲାସ୍ତରୀୟ ଧାନ ସଂଗ୍ରହ କମିଟି ବୈଠକ

**ଜଗତସିଂହପୁର, ୨୨।୧୧ (ସଂଚାର ବ୍ୟୁରୋ):** ଜଗତସିଂହପୁର ଜିଲ୍ଲାରେ ଖରିଫ ବର୍ଷ ୨୦୨୪ -୨୫ ପାଇଁ ଜିଲାସ୍ତରୀୟ ଧାନ ସଂଗ୍ରହ କମିଟି ବୈଠକ ଆଜି ଅପରାହ୍ନ ରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସ୍ଥିତ ସଦଭାବନା ସଭାଗୃହ ଠାରେ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାପାଳ ଶ୍ରୀ ଜେ ସୋନାଲ ଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଥିଲେ ମାନ୍ୟବର ମନ୍ତ୍ରୀ, ଶିଳ୍ପ, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ଶ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ।ମାନ୍ୟବର ବିଧାୟକ, ଜଗତସିଂହପୁର, ଶ୍ରୀ ଅମରେନ୍ଦ୍ର ଦାସ, ମାନ୍ୟବର ବିଧାୟକ ବାଲିକୁଦା ଏରସମା ଶ୍ରୀ ସାରଦା ପ୍ରସନ୍ନ ଜେନା , ଜିଲ୍ଲା ପରିଷଦ ଅଧ୍ୟକ୍ଷ ଶ୍ରୀ ମନୋଜ କୁମାର ଭୋଇ, ଅତିରିକ୍ତ ଜିଲ୍ଲାପାଳ ପାରାଦ୍ୱୀପ, ଜିଲ୍ଲା ପରିଷଦ ମୁଖ୍ୟ ବିକାଶ ତଥା ନିର୍ବାହୀ ଅଧିକାରୀ, ଉପଜିଲ୍ଲାପାଳ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ।ଜିଲ୍ଲା ଯୋଗାଣ ଅଧିକାରୀ ଶ୍ରୀମତୀ ସୁଜାତା ମିଶ୍ର ସ୍ୱାଗତ ଭାଷଣ ଦେଇଥିଲେ ।

ଆସନ୍ତା ୮.୦୧.୨୫ ତାରିଖରେ ରଘୁନାଥପୁର, ତିର୍ତ୍ତୋଲ ଓ କୁଜଙ୍ଗ ବ୍ଲକ୍ ରେ ଏବଂ ୧୫.୦୧.୨୫ ତାରିଖ ଦିନ ଜଗତସିଂହପୁର, ବାଲିକୁଦା, ବିରିଡ଼ି, ଏରସମା ଓ ନାଉଗାଁ ବ୍ଲକ ରେ ପର୍ଯ୍ୟାୟକ୍ରମେ ୪୭୭୩୬ ପଞ୍ଜୀକୃତ ଚାଷୀ ମାନଙ୍କ ଠାରୁ ୧୧୪ ଗୋଟି ମଣ୍ଡି ମାଧ୍ୟମରେ (୧୦୫ ପ୍ୟାକ୍ସ ଏବଂ ୯ ଏସଏଚଜି ) ୧୩,୯୩,୨୭୯.୪୧ କୁଇଣ୍ଟାଲ ଧାନ ସଂଗ୍ରହ କରାଯିବା ପାଇଁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି। ଚଳିତବର୍ଷ ଏମଏସ୍‌ପି ବୃଦ୍ଧି କରାଯାଇଥିବାରୁ ଧାନ ସଂଗ୍ରହ ବୃଦ୍ଧି ପାଇବ ବୋଲି ମନ୍ତ୍ରୀ ଆଶାପୋଷଣ କରିବା ସହ ମଣ୍ଡି ରେ ଉପୁଜୁଥିବା ସମସ୍ୟା ନିମନ୍ତେ ଏକ ସ୍କ୍ୱାର୍ଡ ଗଠନ କରି ସମସ୍ୟା ସମାଧାନ କରିବାକୁ ପରାମର୍ଶ ଦେଇଥିଲେ। ଏଥିସହିତ କଳାବଜାରୀ କୁ ପ୍ରଶ୍ରୟ ନ ଦେଇ ସୁବ୍ୟବସ୍ଥିତ ଭାବେ ଧାନ ସଂଗ୍ରହ କରିବାପାଇଁ ପ୍ରଶାସନିକ ଅଧିକାରୀ ମାନେ ଧ୍ୟାନ ଦେବାପାଇଁ ମନ୍ତ୍ରୀ କହିଥିଲେ। ସଭାରେ ଉପସ୍ଥିତ ରହି ଜଗତସିଂହପୁର ବିଧାୟକ ଶ୍ରୀ ଦାସ ଚାଷୀ କେତେବସ୍ତା ଧାନ ଆଣୁଛି ତାହାର ଏକ ସାର୍ଟଫିକେଟ ଦେବାପାଇଁ ପରାମର୍ଶ ଦେଇଥିଲେ। ମିଲର ମାନେ



ଉପଯୁକ୍ତ ତାଲିମ୍ ପ୍ରାପ୍ତ ଲୋକଙ୍କୁ ମଣ୍ଡି କୁ ପଠାଇବା, ମଣ୍ଡି ରେ ଚାଷୀ ଙ୍କ ପାଇଁ ସମସ୍ତ ସୁବିଧା ଯୋଗାଇବା, ଧାନରଏଫ୍‌ଏକ୍ୟୁ ମାନ ଆରଏମସି ଦ୍ୱାରା ନିର୍ଦ୍ଧାରିତ କରିବା ଆଦି ଉପରେ ବିଧାୟକ ଶ୍ରୀ ଦାସ ଗୁରୁତ୍ୱାରୋପ କରିଥିଲେ। ଏହା ସହ କୁଲମୁଣ୍ଡିଲୋ ଠାରେ ଏକ ସବ ମଣ୍ଡି ଖୋଲିବାର ପରାମର୍ଶ ଦେଇଥିଲେ। ବାଲିକୁଦା ଏରସମା ବିଧାୟକ ଶ୍ରୀ ସାରଦା ପ୍ରସନ୍ନ ଜେନା କହିଲେ ଯେ, ମିଲର ଓ ଚାଷୀ ପରସ୍ପର ର ପରିପୂରକ। ରେଜିଷ୍ଟ୍ରେସନ୍ ଅନୁଯାୟୀ ଟାର୍ଗେଟ, ଅମଳ ପର୍ଯ୍ୟନ୍ତ ଟୋକନ ଅବଧି ବୃଦ୍ଧି, ସୁବ୍ୟବସ୍ଥିତ ଧାନ ସଂଗ୍ରହ ଆଦି ବିଷୟ ରେ ମଧ୍ୟ ଗୁରୁତ୍ୱ ଦେଇଥିଲେ ବିଧାୟକ। ଜିଲ୍ଲା ପରିଷଦ ଅଧ୍ୟକ୍ଷ ଶ୍ରୀ ମନୋଜ କୁମାର ଭୋଇ ସମସ୍ତଙ୍କ ସହଯୋଗ ରେ ଧାନ ସଂଗ୍ରହ ଠିକ ଭାବେ ହୋଇପାରିବ ବୋଲି କହିଥିଲେ।

# ଅନଶନରେ ପୂର୍ବତନ ବିଧାୟକ ସ୍ୱରୂପ

**ବାଲେଶ୍ୱର, ୨୨।୧୧ (ସଂଚାର ବ୍ୟୁରୋ):** ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସମୟରେ ବାଲେଶ୍ୱର ସଦର ନିର୍ବାଚନ ମଣ୍ଡଳୀର ସର୍ବାଙ୍ଗୀନ ଉନ୍ନତି ପାଇଁ ଆରମ୍ଭ ହୋଇଥିବା କାର୍ଯ୍ୟକୁ ବନ୍ଦ କରାଯିବା ପ୍ରତିବାଦରେ ସଦର ବିଜେଡି ପକ୍ଷରୁ ପୂର୍ବତନ ବିଧାୟକ ସ୍ୱରୂପ ଦାସଙ୍କ ନେତୃତ୍ୱରେ ଗତ ନଭେମ୍ବର ୧୯ ତାରିଖରୁ ଆରମ୍ଭ ହୋଇଥିବା ଦିବାରାତ୍ର ଗଣଧାରଣା ପରେ ଆଜି ୨୨ ତାରିଖ ଦିବା ୧୦ ଘଟିକାଠାରୁ ସଦର ବ୍ଲକ ପରିସରରେ ପୂର୍ବତନ ବିଧାୟକ ସ୍ୱରୂପ ଦାସଙ୍କ ନେତୃତ୍ୱରେ ୧୭ ଜଣ ସରପଞ୍ଚ, ସମିତିସଭ୍ୟ, କାଉନସିଲର ଏବଂ ଅନ୍ୟାନ୍ୟ ନେତୃବୃନ୍ଦ ଆମରଣ ଅନସନରେ ବସିଛନ୍ତି। ଏହା ମଧ୍ୟରେ ୧୦ ଘଣ୍ଟା ଅତିକ୍ରାନ୍ତ ହୋଇଥିଲେ ମଧ୍ୟ ପ୍ରଶାସନ ତରଫରୁ ଏଯାଏଁ କୌଣସି ତତ୍ପରତା ପ୍ରକାଶ ପାଇନାହିଁ। ଅପରପକ୍ଷରେ ଏହି ଅନଶନକୁ ନୈତିକ ସମର୍ଥନ ଦେବାପାଇଁ ଭୋଗରାଇ ବିଧାୟକ ଗୌତମବୁଦ୍ଧ ଦାସ ଏବଂ ନିଳଗିରୀର ପ୍ରାକ୍ତନ ବିଧାୟକ ସୁକାନ୍ତ ନାୟକ ପ୍ରମୁଖ ଅନଶନସ୍ଥଳରେ ପହଞ୍ଚିଥିଲେ। ନବୀନ ବାବୁଙ୍କ ମୁଖ୍ୟମନ୍ତ୍ରୀତ୍ୱ ସମୟରେ ରାଜ୍ୟକୁ ବିକାଶର ଚରମ ସୀମାରେ ପହଞ୍ଚାଇଥିବା ବେଳେ ମାତ୍ର ୫ ମାସ ମଧ୍ୟରେ ମୋହନ ସରକାର ରାଜ୍ୟକୁ ତଳିତଳାନ୍ତ କରିସାରିଲେଣି। ସାମଗ୍ରିକ ବିକାଶରେ ସ୍ଥାନୀୟ ବିଜେପି ବିଧାୟକ ଅନ୍ତରାୟ ସୃଷ୍ଟି କରୁଥିବା ପ୍ରତିବାଦରେ ସ୍ୱରୂପ ଦାସଙ୍କ ନେତୃତ୍ୱରେ ଯେଉଁ ଆନ୍ଦୋଳନ ଜାରି ରହିଛି ଏହା ଆଗାମୀ ଦିନରେ ସମଗ୍ର ରାଜ୍ୟକୁ ବ୍ୟାପିବ ବୋଲି ଅତିଥି ଭାବରେ ଯୋଗଦେଇଥିବା ଶ୍ରୀ ଦାସ ଏବଂ ପ୍ରାକ୍ତନ ବିଧାୟକ ଶ୍ରୀ ନାୟକ କହିଥିଲେ।

# ଜାକଜମକରେ ସରିଲା କାର୍ତ୍ତିକେଶ୍ୱର ଭସାଣି

**ଟାଙ୍ଗୀ-ଚୌଦ୍ୱାର, ୨୨।୧୧ (ସଂଚାର ବ୍ୟୁରୋ):** ଚୌଦ୍ୱାର ପୌରପାଳିକା ୧୭ନଂ ୱାର୍ଡ ନୁଆସାହିରେ କାର୍ତ୍ତିକେଶ୍ୱର ଭଷାଣି ଉତ୍ସବ ଜାକଜମକରେ ଶେଷ ହୋଇଛି। ସାଇଶ୍ରୀ କ୍ଲବ ଓ ମହାଦେବ କ୍ଲବ ସଦସ୍ୟ ମାନଙ୍କ ଦ୍ୱାରା ନିର୍ମାଣ କରାଯାଇଥିବା ୨ଟି ମେଢକୁ ପାରମ୍ପରିକ ବାଦ୍ୟ ଓ ରୋଷଣିରେ ସ୍ଥାନୀୟ ଚୁଡଙ୍ଗ ପୋଖରିରେ ବିସର୍ଜନ କରାଯାଇଥିଲା। ସ୍ଥାନୀୟ କାଉନସିଲର ଆଶୁତୋଷ ଦାସଙ୍କ ନେତୃତ୍ୱରେ ଆୟୋଜିତ ଭଷାଣି କାର୍ଯ୍ୟକ୍ରମରେ ପୂର୍ବତନ କାଉନସିଲଙ୍କ ସମେତ କ୍ଲବର ସମସ୍ତ ସଦସ୍ୟ ଉପସ୍ଥିତ ଥିଲେ।

# ପ୍ରୟୋଗ ଶିବିରରେ ୩ଶହ ଶିକ୍ଷକ ତାଲିମ ନେଲେ

**କଣାସ, ୨୨।୧୧ (ସଂଚାର ବ୍ୟୁରୋ):** ବିଦ୍ୟାଳୟ ସ୍ତରରେ ପ୍ରଥମ ଶ୍ରେଣୀ, ଦ୍ୱିତୀୟ ଶ୍ରେଣୀ ଓ ତୃତୀୟ ଶ୍ରେଣୀ ଛାତ୍ରଛାତ୍ରୀଙ୍କୁ ଭାଷା ଓ ଗଣିତରେ ସଶକ୍ତ ଓ ଆନନ୍ଦଦାୟୀ ଶିକ୍ଷଣ ନିମନ୍ତେ ଶିକ୍ଷକମାନଙ୍କର ଭୂମିକା ଗୁରୁତ୍ୱପୂର୍ଣ୍ଣ ଥିବାରୁ ଏଥି ନିମନ୍ତେ ଶିକ୍ଷକମାନଙ୍କୁ ତିନିଦିନ ପ୍ରୟୋଗ ତାଲିମୀ ପ୍ରଦାନ କରାଯାଇଛି। କଣାସ ବ୍ଲକର ଶିକ୍ଷକ ଶିକ୍ଷୟିତ୍ରୀମାନଙ୍କ ପାଇଁ ଜଙ୍କିଆ, ଓହ୍ଲାଣ, ନାନକେରା ଠାରେ ପ୍ରଶିକ୍ଷଣ ଦିଆଯାଇଛି। ପ୍ରତି କେନ୍ଦ୍ରରେ ୪ଜଣ ପ୍ରଶିକ୍ଷକ ପାଠ୍ୟକ୍ରମ ସଂର୍କରେ ଆଲୋଚନା ଶିକ୍ଷଣ ପ୍ରଦାନ କରିଥିଲେ। ଦୁଇଟି ପର୍ଯ୍ୟାରେ ୩ଶହ ଶିକ୍ଷକ ଶିକ୍ଷୟିତ୍ରୀ ପ୍ରଶିକ୍ଷଣ ନେଇଥିବା ଜଣାପଡ଼ିଛି। ପ୍ରାଥମିକ ଶିକ୍ଷା କ୍ଷେତ୍ରରେ ସଂଖ୍ୟା ଜ୍ଞାନ ଓ ସ୍ୱାକ୍ଷରତା ନିମନ୍ତେ ଏହି ତାଲିମୀ ଉପଯୋଗୀ ଓ ପ୍ରାଂଶଙ୍ଗିକ ବୋଲି ଶିକ୍ଷକମାନେ କହିଛନ୍ତି।

**୧୦ଲକ୍ଷ ଟଙ୍କାର ହେରୋଇନ୍ ଜବତ**
# ଜେଲ୍ ଗଲା ଅଭିଯୁକ୍ତ



**କୋଣାର୍କ, ୨୨।୧୧ (ସଂଚାର ବ୍ୟୁରୋ):** ପୁରୀ ଅବକାରୀ ଅଧିକ୍ଷକ ଶ୍ରୀଯୁକ୍ତ ଜଗଦୀଶ ଚନ୍ଦ୍ର ସାମଲଙ୍କ ନିର୍ଦ୍ଦେଶକ୍ରମେ ଏବଂ ନିମାପଡା ଅବକାରୀ ରେଞ୍ଜ ନିରୀକ୍ଷିକ ଶ୍ରୀ ପାର୍ଥସାରଥୀ ରାଉତଙ୍କ ପ୍ରତ୍ୟେକ ତତ୍ତ୍ୱାବଧାନରେ କୋଣାର୍କ ଅବକାରୀ ଥାନା ଅଧିକାରୀ ଶ୍ରୀ ମନୋଜ କୁମାର ପୃସେଟଙ୍କ ନେତୃତ୍ୱରେ ଏକ ଟିମ କୋଣାର୍କ ଥାନା ଅଧୀନ ନଳକଣ ବାଟ ମହାବୀର ମନ୍ଦିର ନିକଟରେ ବେଆଇନ୍ ଭାବେ ବ୍ରାଉନ ସୁଗାର (ହେରୋଇନ ) କାରବାର କରୁଥିବା ବେଳେ ଜଣେ ଅଭିଯୁକ୍ତକୁ ଗିରଫ କରି କୋର୍ଟ ଚାଲାଣ କରିଛନ୍ତି। ଉଦୟନାଥ ବେହେରା(୫୧) ନାମକ ବ୍ୟକ୍ତିଙ୍କୁ ଗିରଫକରି ତାଙ୍କ ନିକଟରୁ ୯୮ ଗ୍ରାମ ବ୍ରାଉନ ସୁଗାର ଜବତ କରି କୋଣାର୍କ ଅବକାରୀ ଥାନା କେସ ନଂ ୭୮/୨୪-୨୫ ରେ ଏକ ମାମଲା ରୁଜୁ କରି ଆସାମୀକୁ ମାନ୍ୟବର ଅଦାଲତ ନିମାପଡା କୋର୍ଟରେ ହାଜର କରାଯାଇଥିଲା । ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ନିମାପଡା ଉପ-କାରାଗାରକୁ ପଠାଯାଇଥିବା ସୁଚନା ମିଳିଛି। ଜବତ ବ୍ରାଉନ ସୁଗାରର ମୂଲ୍ୟ ପ୍ରାୟ ୧୦ ଲକ୍ଷ ଟଙ୍କା ହେବ ବୋଲି ଜଣାପଡିଛି। ଏହି ଚଢ଼ାଉରେ ଅବକାରୀ କର୍ମଚାରୀ ସବିତା ସାହୁ, ଏସ ଜନ୍ମେଜୟ,ସେକ ୱାରିସ ଓ ଶରତ ସାହୁ ପ୍ରମୁଖ ସାମିଲ ଥିଲେ।

## ରାଷ୍ଟ୍ରପତିଙ୍କ ଦ୍ୱାରା 'ଓଡ଼ିଶା ପର୍ବ -୨୦୨୪' ଉଦ୍‌ଘାଟିତ

# ଓଡ଼ିଶାର ପରିଚୟକୁ ବିଶ୍ୱବିଦିତ କରିବ



- ଓଡ଼ିଶାର ପର୍ବ ପର୍ବାଣୀ ଓ ଯାତ୍ରା ବ୍ୟାପକ ରୂପ ନେଉଛି ,ବିଶ୍ୱରେ ବଢ଼ୁଛି ଓଡ଼ିଆ ଲୋକଙ୍କ ଆଧିପତ୍ୟ
- ଭୁବନେଶ୍ୱରରେ ପ୍ରବାସୀ ଭାରତୀୟ ଦିବସ ସମାରୋହର ଆୟୋଜନ ପାଇଁ ପ୍ରଧାନମନ୍ତ୍ରୀଙ୍କୁ ଧନ୍ୟବାଦ

**ନୂଆଦିଲ୍ଲୀ,୨୨।୧୧:** ରାଷ୍ଟ୍ରୀୟ ରାଜଧାନୀ ଦିଲ୍ଲୀର ଜବାହରଲାଲ ନେହେରୁ ଷ୍ଟାଡିୟମରେ 'ଓଡ଼ିଆ ସମାଜ' ପକ୍ଷରୁ ଆୟୋଜିତ 'ଓଡ଼ିଶା ପର୍ବ -୨୦୨୪'ର ଉଦଘାଟନୀ ସମାରୋହରେ ଯୋଗଦେଇ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଓଡ଼ିଶାର ପରିଚୟକୁ ବିଶ୍ୱବିଦିତ କରାଇବା ପାଇଁ ଆହ୍ୱାନ କରିଛନ୍ତି । ମାନନୀୟ ରାଷ୍ଟ୍ରପତି ଶ୍ରୀମତୀ ଦ୍ରୌପଦୀ ମୁର୍ମୁଙ୍କ ଗରିମାମୟ ଉପସ୍ଥିତି ତଥା ତାଙ୍କ କରକମଳରେ ଉଦଘାଟିତ ଏହି ସମାରୋହରେ ସେ କହିଛନ୍ତି ଯେ ନୂଆଦିଲ୍ଲୀ ସମେତ ସମଗ୍ର ଭାରତବର୍ଷ ଏବଂ ଦେଶ ବାହାରେ ଓଡ଼ିଶାର ପର୍ବପର୍ବାଣୀ ଏକ ବ୍ୟାପକ ରୂପ ନେଉଛି । ଦିଲ୍ଲୀ ସହ ଅନେକ ସ୍ଥାନରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ରଥଯାତ୍ରା ପାଳନ ହେଉଛି । ଓଡ଼ିଶାର ଅନନ୍ୟ ଗଣପର୍ବ 'ନୂଆଁଖାଇ' ଭଳି ଆମର ପର୍ବ ପର୍ବାଣୀକୁ ପ୍ରବାସୀ ଓଡ଼ିଆମାନେ ବହୁତ ଆନନ୍ଦର ସହ ପାଳନ କରୁଛନ୍ତି । ବୈଶ୍ୱିକ ସ୍ତରରେ ଓଡ଼ିଆମାନେ ନିଜର ସ୍ୱତନ୍ତ୍ର ପରିଚୟ ତିଆରି କରୁଛନ୍ତି । ଓଡ଼ିଆଙ୍କ ଆଧିପତ୍ୟ ବୃଦ୍ଧି ପାଉଛି, ଯାହା ଦ୍ୱାରା ଓଡ଼ିଆତ୍ୱ ଧୀରେ ଧୀରେ ଜାଗ୍ରତ ହେଉଛି । ଓଡ଼ିଆ କଳା ଏବଂ ସଂସ୍କୃତିର ପ୍ରଚାର ଓ ସୁରକ୍ଷା ପାଇଁ ଆୟୋଜିତ 'ଓଡ଼ିଶା ପର୍ବ' ଦିଲ୍ଲୀରେ ଓଡ଼ିଶାର ଭାବାବେଗକୁ ପ୍ରତିଫଳିତ କରିବାର ଏକ ଉତ୍କୃଷ୍ଟ ମଞ୍ଚ । ଚଳିତବର୍ଷ ଏହି ବର୍ଣ୍ଣାଢ୍ୟ ସମାରୋହରେ ପ୍ରଦର୍ଶିତ ପାରମ୍ପରିକ ଆରିସା ପିଠା, ଝାଲ ମୁଢ଼ି, ଅନ୍ୟାନ୍ୟ ଖାଦ୍ୟପେୟ ଏବଂ ପରିବେଷଣ ହେଉଥିବା ସମଧୁର ଓଡ଼ିଆ ସଙ୍ଗୀତ, ଓଡ଼ିଶୀ ନୃତ୍ୟ ଏବଂ ସାଂସ୍କୃତିକ କାର୍ଯ୍ୟକ୍ରମ ସମସ୍ତଙ୍କୁ ଆକୃଷ୍ଟ କରୁଛି । ଓଡ଼ିଆ ପର୍ବ ଆନନ୍ଦ ଉଲ୍ଲାସର ବତାବରଣ ତିଆରି କରୁ । ଓଡ଼ିଶା ପର୍ବ ଓଡ଼ିଆଙ୍କ ସମୃଦ୍ଧ ଓ ସ୍ୱତନ୍ତ୍ର ପରିଚୟକୁ ବିଶ୍ୱବିଦିତ କରାଇବାରେ ବଡ଼ ଭୂମିକା ଗ୍ରହଣ କରିବ ବୋଲି ଶ୍ରୀ ପ୍ରଧାନ ଦୃଢ଼ ଆଶାବ୍ୟକ୍ତ କରିଛନ୍ତି । ଆମ ସମାଜ ଗୋଟିଏ ଉତ୍ସବମୁଖର ସମାଜ। ଓଡ଼ିଶାର ରାଜଧାନୀ ଭୁବନେଶ୍ୱରରେ ପ୍ରବାସୀ ଭାରତୀୟ ଦିବସ ସମାରୋହର ଆୟୋଜନ ପାଇଁ ପ୍ରଧାନମନ୍ତ୍ରୀ କଳ୍ପନା କରିଛନ୍ତି । ଏଥିପାଇଁ ପ୍ରଧାନମନ୍ତ୍ରୀଙ୍କୁ ଧନ୍ୟବାଦ । ଆମେ ସମସ୍ତେ ମିଶି ଆମର ପ୍ରବାସୀ ଓଡ଼ିଆମାନଙ୍କୁ ଓ ଅନ୍ୟ ରାଜ୍ୟର ପଡୋଶୀମାନଙ୍କୁ ଓଡ଼ିଶାକୁ ଆସିବା ପାଇଁ ନିମନ୍ତ୍ରଣ ଦେବା । ଓଡ଼ିଶାର କୋଣାର୍କ ମନ୍ଦିର, ହୀରାକୁଦ ଡ୍ୟାମର ଗୌରବମୟ କାହାଣୀ, ଶିମିଳିପାଳ ଅଭୟାରଣ୍ୟ, ଦେବ୍ରୀଗଡ଼ ଅଭୟାରଣ୍ୟ ଓ ଭିତରକନିକାର ପ୍ରାକୃତିକ ସୌନ୍ଦର୍ଯ୍ୟ ତଥା ଓଡ଼ିଶାର ଭବ୍ୟତାର ପ୍ରସାର କରିବା । ଓଡ଼ିଶାର ପରିଚୟକୁ ଆଗେଇ ନେବାରେ ସମସ୍ତେ ଏକାଠି ହୋଇ କାମ କରିବା । ତେବେ ଯାଇ ଆମ ଓଡ଼ିଶାର ଅର୍ଥନୀତି ବିକଶିତ ହେବ, ଓଡ଼ିଶାର ପରିଚୟ ବଢ଼ିବ ବୋଲି ସେ କହିଛନ୍ତି । ଓଡ଼ିଶା ପର୍ବ- ୨୦୨୪ରେ ଯୋଗଦେଇ ସମବେତ ଦର୍ଶକ ଓ ବ୍ୟକ୍ତିବିଶେଷମାନଙ୍କୁ ପ୍ରେରିତ କରିଥିବାରୁ ମାନ୍ୟବର ରାଷ୍ଟ୍ରପତି ଏବଂ ଓଡ଼ିଶା ପର୍ବ ମାଧ୍ୟମରେ ଓଡ଼ିଶାର କଳା, ସଂସ୍କୃତି, ପରମ୍ପରା, ସଙ୍ଗୀତ, ନୃତ୍ୟ, ସାହିତ୍ୟ, ଓଡ଼ିଆ ଖାଦ୍ୟପେୟ ତଥା ଆମର ଗୌରବମୟ ଇତିହାସକୁ ବିଶ୍ୱ ଦରବାରରେ ଉପସ୍ଥାପନ କରୁଥିବାରୁ ଓଡ଼ିଆ ସମାଜକୁ ଧନ୍ୟବାଦ ଜଣାଇଛନ୍ତି ଶ୍ରୀ ପ୍ରଧାନ । ଏହି ଉଦଘାଟନୀ ସମାରୋହରେ ଓଡ଼ିଶାର ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀ, କଟକ ଲୋକସଭା ସାଂସଦ ଶ୍ରୀ ଭର୍ତ୍ତୃହରି ମହତାବ, ଅନେକ ରାଜନେତା, ଲେଖକ, କଳାକାର, ଇତିହାସକାର, ବୁଦ୍ଧିଜୀବୀ ଓ ବ୍ୟକ୍ତିବିଶେଷମାନେ ଯୋଗ ଦେଇଥିଲେ ।

## ଗୁୟାନାରେ ପ୍ରସାରିତ ହେଉଛି ଭାରତୀୟ ସଂସ୍କୃତି ଓ ପରମ୍ପରା



**ନୂଆଦିଲ୍ଲୀ,୨୨।୧୧:** ପ୍ରଧାନମନ୍ତ୍ରୀ ସରସ୍ୱତୀ ବିଦ୍ୟା ନିକେତନ ସ୍କୁଲ ପରିଦର୍ଶନ କଲେ ଏବଂ ଭାରତ-ଗୁୟାନା ସାଂସ୍କୃତିକ ସମ୍ପର୍କକୁ ଗଭୀର କରିବା ଦିଗରେ ସ୍ୱାମୀ ଅକ୍ଷରାନନ୍ଦ ଜୀଙ୍କ ଉଦ୍ୟମକୁ ପ୍ରଶଂସା କଲେ ଭାରତ-ଗୁୟାନା ସାଂସ୍କୃତିକ ସମ୍ପର୍କକୁ ଗଭୀର କରିବା ଦିଗରେ ସ୍ୱାମୀ ଅକ୍ଷରାନନ୍ଦ ଜୀଙ୍କ ପ୍ରଚେଷ୍ଟାକୁ ପ୍ରଶଂସା କରିବା ସହ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ ଆଜି ସରସ୍ୱତୀ ବିଦ୍ୟା ନିକେତନ ସ୍କୁଲ ପରିଦର୍ଶନ କରିଛନ୍ତି । ଗୁୟାନାରେ ଭାରତୀୟ ପରମ୍ପରା ଓ ସଂସ୍କୃତି ବିସ୍ତାରିତ ହେଉଛି ବୋଲି ଏହି ଅବସରରେ ସେ କହିଥିଲେ । ଗୋଟିଏ ଏକ୍ସ ପୋଷ୍ଟରେ ସେ ଲେଖିଛନ୍ତି: "ଗୁୟାନାରେ ଭାରତୀୟ ସଂସ୍କୃତି ଓ ପରମ୍ପରା ବିସ୍ତାରିତ ହେଉଛି । ଏଭଳି ଏକ ସ୍ଥାନକୁ ଯିବାର ସୁଯୋଗ ମୋତେ ମିଳିଲା, ଯେଉଁ ସ୍ଥାନ ସାଂସ୍କୃତିକ ଓ ପାରସ୍ପରିକ ସମ୍ପର୍କକୁ ବୃଦ୍ଧି କରିବା ଦିଗରେ ଅଗ୍ରଣୀ ଭୂମିକା ଗ୍ରହଣ କରିଛି- ସରସ୍ୱତୀ ବିଦ୍ୟା ନିକେତନ ସ୍କୁଲ । ସ୍କୁଲ ସହ ଜଡ଼ିତ ସମସ୍ତଙ୍କୁ ମୁଁ ପ୍ରଶଂସା କରୁଛି । ଭାରତ-ଗୁୟାନା ସାଂସ୍କୃତିକ ସମ୍ପର୍କକୁ ଗଭୀର କରିବା ଦିଗରେ ସ୍ୱାମୀ ଅକ୍ଷରାନନ୍ଦ ଜୀଙ୍କ ପ୍ରଚେଷ୍ଟାକୁ ମଧ୍ୟ ମୁଁ ପ୍ରଶଂସା କରୁଛି ।

## ବିଜେବି ଫ୍ରେଣ୍ଡସ୍ ପକ୍ଷରୁ ଆନ୍ତଃକଲେଜ କୁଇଜ୍ ପ୍ରତିଯୋଗିତା

**ଭୁବନେଶ୍ୱର, ୨୨।୧୧ (ସଂଚାର ବ୍ୟୁରୋ):** ଆସନ୍ତା ୨୭ ତାରିଖ ରବିବାର ଦିନ ବିଜେବି କଲେଜର ପୁରାତନ ଛାତ୍ର ସଂଘର ବିଜେବି ଫ୍ରେଣ୍ଡସ୍ ଆନୁକୂଲ୍ୟରେ ୟୁନିଟ୍-୨ ଇନ୍ଦିରା ଗାନ୍ଧୀ ପାର୍କ ନିକଟ ଗୀତ ଗୋବିନ୍ଦ ଭବନରେ ଆନ୍ତଃମହାବିଦ୍ୟାଳୟ କୁଇଜ୍ ପ୍ରତିଯୋଗିତା ଅୟୋଜନ କରାଯାଇଛି। ଏଥିରେ ଓଡ଼ିଶାର ସମସ୍ତ ମହାବିଦ୍ୟାଳୟ ଓ କନିଷ୍ଠ ମହାବିଦ୍ୟାଳୟ ର +୨ ଓ +୩ ଛାତ୍ର ଛାତ୍ରୀ ଦୁଇ ଜଣିଆ ଗ୍ରୁପ୍‌ରେ ଯୋଗଦାନ କରିପାରିବେ। ଏହି ପ୍ରତିଯୋଗିତାରେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିବା ଛାତ୍ର ଛାତ୍ରୀ ମାନଙ୍କୁ ପାଇଁ ଯଥାକ୍ରମେ ୧୫, ୦୦୦, ୧୦, ୦୦୦ ଓ ୫, ୦୦୦ ଟଙ୍କା ପୁରସ୍କାର ଓ ପ୍ରମାଣପତ୍ର ତଥା ଟ୍ରଫି ଦିଆଯିବ।ଏଥିରେ ଛାତ୍ର ଛାତ୍ରୀ ସେମାନଙ୍କ କଲେଜର ପରିଚୟପତ୍ର ଓ ୟୁନିଫର୍ମ ସହିତ ବହୁ ସଂଖ୍ୟାରେ ଯୋସାମିଲ ହେବାକୁ ବିଜେବି ଫ୍ରେଣ୍ଡ୍ ତରଫରୁ ଅନୁରୋଧ କରାଯାଇଛି। ସଫଳ ପ୍ରତିଯୋଗୀମାନଙ୍କୁ ଡିସେମ୍ବର ୧୫ରେ ବିଜେବି କଲେଜ ପରିସରରେ ଅନୁଷ୍ଠିତ ହେବାକୁ ଥିବା ବାର୍ଷିକ ବନ୍ଧୁ ମିଳନ ଉତ୍ସବରେ ପୁରସ୍କାର ପ୍ରଦାନ କରାଯିବ।

## ସୋଆ କମ୍ୟୁନିଟି ରେଡିଓ ପକ୍ଷରୁ 'ଆମର ବରିଷ୍ଠ ଆମର ଅଭିଯାନ'



**ଭୁବନେଶ୍ୱର, ୨୨।୧୧ (ସଂଚାର ବ୍ୟୁରୋ):** ଶିକ୍ଷା ଓ ଅନୁସନ୍ଧାନ (ସୋଆ) ପରିଚାଳିତ ଭଏସ୍ ଅଫ୍ ସୋଆ କମ୍ୟୁନିଟି ରେଡ଼ିଓ ୯୦.୪ ପକ୍ଷରୁ 'ଆମର ବରିଷ୍ଠ, ଆମର ଅଭିଯାନ' କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ଭାରତ ସରକାରଙ୍କର ସାମାଜିକ ନ୍ୟାୟ ଏବଂ ସଶକ୍ତିକରଣ ମନ୍ତ୍ରଣାଳୟ ଅଧୀନସ୍ଥ ଅଭୟ ଯୋଜନା ଦ୍ୱାରା ଅଧାରିତ ଓ କମ୍ୟୁନିଟି ରେଡ଼ିଓ ଆସୋସିଏସନ୍ (ସିଆର୍‌ଏ) ଦ୍ୱାରା ପରିଚାଳିତ ଏହି ଅଟଳ ଭାୟୋ ଅଭ୍ୟୁଦୟ ଯୋଜନା (ଅଭୟ) କାର୍ଯ୍ୟକ୍ରମ ମାଧ୍ୟମରେ ବରିଷ୍ଠ ନାଗରିକମାନେ ବ୍ୟକ୍ତିଗତ ଏବଂ ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ସମସ୍ତ ସୁବିଧା ପାଇପାରିବେ। ସେମାନଙ୍କ ଜୀବନଶୈଳୀରେ ଉନ୍ନତି ଆଣିବା ଉଦ୍ଦେଶ୍ୟରେ ବେତାର କେନ୍ଦ୍ର ମାଧ୍ୟମରେ ସେମାନଙ୍କୁ ଅବଗତ କରାଯିବାର ଯୋଜନା ସହ ସେମାନଙ୍କୁ ସମ୍ମାନ ଦେବା ଏବଂ ପର୍ଯ୍ୟାପ୍ତ ସ୍ୱାସ୍ଥ୍ୟ ସେବା, ଯତ୍ନ ଓ ସୁରକ୍ଷା ପ୍ରଦାନ କରିବା ଏହି ଅଭୟ କାର୍ଯ୍ୟକ୍ରମର ମୂଳ ଲକ୍ଷ୍ୟ। ଏହି କାର୍ଯ୍ୟକ୍ରମ ୨୦୨୪ ନଭେମ୍ବର ରୁ ୨୦୨୫ ମାର୍ଚ୍ଚ ପର୍ଯ୍ୟନ୍ତ ଜାରୀ ରହିବ। ଏହି କାର୍ଯ୍ୟକ୍ରମ ମାଧ୍ୟମରେ ସମୁଦାୟ ୨୪ଟି ଅଧ୍ୟାୟ ପ୍ରସାରିତ ହେବା ସହ ୧୦ଟି ନ୍ୟାରୋ କାଷ୍ଟିଙ୍ଗ ଦ୍ୱାରା ବୟୋଜ୍ୟେଷ୍ଠ ମାନଙ୍କ ପାଖରେ ସଚେତନତା ବାର୍ତ୍ତା ପହଞ୍ଚାଇବା ସୋଆ କମ୍ୟୁନିଟି ରେଡ଼ିଓର ଲକ୍ଷ୍ୟ ଅଟେ। ସୋଆ କମ୍ୟୁନିଟି ରେଡ଼ିଓ ପକ୍ଷରୁ ଆୟୋଜିତ ଏହି କାର୍ଯକ୍ରମରେ ୩୦ରୁ ଉର୍ଦ୍ଧ୍ୱ ବରିଷ୍ଠ ନାଗରିକ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମ ଆରମ୍ଭରେ ଅଭୟ ଯୋଜନାକୁ ନେଇ ପ୍ରସ୍ତୁତ ହୋଇଥିବା ନାଟକକୁ ଶୁଣିବା ସହ ସରକାରଙ୍କ ସମସ୍ତ ଯୋଜନାର ସାରମର୍ମ ବୁଝିଥିଲେ। ଏ ନେଇ ସମସ୍ତ ପ୍ରଶ୍ନୋତର କାର୍ଯ୍ୟକ୍ରମ ମଧ୍ୟ ଅନୁଷ୍ଠିତ ହୋଇଥିଲା।

## ଓଡ଼ିଶାର କୃଷି ପ୍ରଦର୍ଶନକୁ କେନ୍ଦ୍ରର ପ୍ରଶଂସା

### କେନ୍ଦ୍ର କୃଷି ଓ କୃଷକ ମନ୍ତ୍ରାଳୟର ଆଞ୍ଚଳିକ ସମ୍ମିଳନୀ




**ଭୁବନେଶ୍ୱର, ୨୨।୧୧ (ସଂଚାର ବ୍ୟୁରୋ):** କେନ୍ଦ୍ର କୃଷି ଓ କୃଷକ କଲ୍ୟାଣ ମନ୍ତ୍ରାଳୟ ଆନୁକୂଲ୍ୟରେ ଆଜି ଆଞ୍ଚଳିକ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା । ଏହି ସମ୍ମିଳନୀରେ ବିହାର, ଛତିଶଗଡ଼, ଝାଡଖଣ୍ଡ, ଓଡ଼ିଶା ଓ ପଶ୍ଚିମବଙ୍ଗର କୃଷି ବିଭାଗର ବରିଷ୍ଠ ଅଧିକାରୀବୃନ୍ଦ ଯୋଗଦେଇଥିଲେ। ସମ୍ମିଳନୀ ଆରମ୍ଭରେ ଓଡିଶା କୃଷି ଓ କୃଷକ ସଶକ୍ତିକରଣ ବିଭାଗ ପ୍ରମୁଖ ଶାସନ ସଚିବ ଡ଼ ଅରବିନ୍ଦ କୁମାର ପାଢ଼ୀ ସ୍ୱାଗତ ଅଭିଭାଷଣ ପ୍ରଦାନ କରି କହିଥିଲେ ଯେ, ଓଡ଼ିଶା କୃଷି କ୍ଷେତ୍ରରେ ଜଳବାୟୁ ଅନୁକୂଳ ଚାଷକୁ ପ୍ରୋତ୍ସାହନ ଦେଇ ଜୈବିକ ପଦ୍ଧତିରେ ଚାଷ କରିବା ପାଇଁ ବଳଭଦ୍ର ଜୈବିକ ଚାଷ ଯୋଜନା କରିଛି । କୃଷି କ୍ଷେତ୍ରରେ ଲିଙ୍ଗଗତ ଅସମାନତାକୁ ଦୂର କରିଛି । କୃଷି କ୍ଷେତ୍ରରେ ଟେକ୍ନୋଲୋଜିର ବ୍ୟବହାର କରି ଇ-ଚାଷ ଆପ୍ ଜରିଆରେ ଚାଷ ଜମି ଗୁଡ଼ିକର ଜିଓ ଟ୍ୟାଗିଂ କରିଛି। ଡିଜିଟାଲ କ୍ରପ ସର୍ଭେ ପଦ୍ଧତି ଆପଣେଇ ପ୍ରକୃତ ତଥ୍ୟ ହାସଲ କରି ପାରୁଛି । ରାଇସ ଫାଲୋ ମ୍ୟାନେଜମେଣ୍ଟ ଜରିଆରେ ୪ ଲକ୍ଷ ହେକ୍ଟର ଚାଷଜମିକୁ ବ୍ୟବହାର କରି ରାଜ୍ୟରେ ୬ ପ୍ରକାର ଡ଼ାଲି ଓ ୨ ପ୍ରକାର ତୈଳବୀଜ ଜାତୀୟ ଫସଲର ଉତ୍ପାଦନ ବୃଦ୍ଧି କରି ପାରିଛି । କିଛିଦିନ ପୂର୍ବରୁ ଅନ୍ତର୍ଜାତୀୟ ଶ୍ରୀ ଅନ୍ନ ଓ ବିସ୍ମୃତ ଖାଦ୍ୟ ସମ୍ମିଳନୀ ଆୟୋଜନ କରି ଓଡ଼ିଶାର ପାରମ୍ପରିକ ଖାଦ୍ୟ ତଥା କୃଷି ଐତିହ୍ୟର ପୁନରୁଦ୍ଧାର ତଥା ପ୍ରଚାର ପ୍ରସାର କରାଯାଇଛି । ମାଇକ୍ରୋସଫ୍ଟ ର ପ୍ରତିଷ୍ଠାତା ବିଲ୍ ଗେଟ୍ ସ ଓଡ଼ିଶା ଭ୍ରମଣରେ ଆସିଥିବାବେଳେ ଓଡ଼ିଶାର କୃଷି ଭବନ ପରିଦର୍ଶନ କରିଥିଲେ ଏବଂ ଓଡ଼ିଶାର କୃଷି ସମୃଦ୍ଧି ହେଲ୍ପଲାଇନର କାର୍ଯ୍ୟ ବିଷୟରେ ଜାଣି ପ୍ରଶଂସା କରିଥିଲେ । ସମ୍ମିଳନୀରେ ସ୍ୱତନ୍ତ୍ର ଅତିଥି ଭାବେ ଯୋଗଦେଇ ମୁଖ୍ୟ ଶାସନ ସଚିବ ଶ୍ରୀ ମନୋଜ ଆହୁଜା କହିଥିଲେ ଯେ, ଓଡ଼ିଶା ବର୍ତ୍ତମାନ ଚାଷ ପାଇଁ ଜଳସେଚନ ଭିତ୍ତିଭୂମିକୁ ସୁଦୃଢ଼ କରୁଛି। ନିକଟରେ ଧାନର ସର୍ବନିମ୍ନ ସହାୟକ ମୂଲ୍ୟ କୁଇଣ୍ଟାଲ ପିଛା ୩୧୦୦ ଟଙ୍କାକୁ ବୃଦ୍ଧି କରାଯାଇଛି ଏବଂ ଚାଷୀଙ୍କୁ ଇନ୍ପୁଟ ସହାୟତା ପ୍ରଦାନ କରାଯାଉଛି। କେନ୍ଦ୍ର ଯୁଗ୍ମ ଶାସନ ସଚିବ ଶ୍ରୀମତି ରୁକ୍ମଣି ଦେବୀ 'ନମୋ ଡ୍ରୋନ୍ ଦିଦି' ବିଷୟରେ ଉପସ୍ଥାପନ କରିଥିଲେ । କେନ୍ଦ୍ର କୃଷି ବିଭାଗ ଯୁଗ୍ମ ଶାସନ ସଚିବ ଶ୍ରୀ ପୂର୍ଣ୍ଣଚନ୍ଦ୍ର କିଶାନ ଉଦ୍‌ଘାଟନ ଅବସରରେ ଧନ୍ୟବାଦ ଅର୍ପଣ କରିଥିବା ବେଳେ ଅଧିବେଶନ ଶେଷରେ ଅତିଥି ମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା ଏବଂ କୃଷି ନିର୍ଦ୍ଦେଶକ ପ୍ରେମଚନ୍ଦ୍ର ଚୌଧାରୀ କାର୍ଯ୍ୟକ୍ରମ ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ ।

## ସଡ଼କ ସୁରକ୍ଷାର ଶପଥ ଓ ହେଲମେଟ୍ ଉପହାର



**ଭୁବନେଶ୍ୱର, ୨୨।୧୧ (ସଂଚାର ବ୍ୟୁରୋ):** ଐତିହାସିକ କଟକ ବାଲିଯାତ୍ରାରେ ସଡ଼କ ସୁରକ୍ଷାର ଶପଥପାଠ। ତାହାସହ ସୁରକ୍ଷା ସେଲଫି ଏବଂ ପ୍ରତିଦିନ ହେଲମେଟ୍ ଉପହାର ଜିତିବାର ସୁଯୋଗ । ଗୋଟିଏ ସ୍ଥାନରେ ପରିବହନ ସେବା ସମ୍ବନ୍ଧୀୟ ସମସ୍ତ ସୂଚନା ଏବଂ ସହଯୋଗ । ଓଡ଼ିଶା ସଡ଼କ ସୁରକ୍ଷା ସମିତି ଏବଂ ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ, କଟକ ଆନୁକୂଲ୍ୟରେ ବାଲିଯାତ୍ରାରେ ସ୍ୱତନ୍ତ୍ର ଷ୍ଟଲ୍ ଆଗନ୍ତୁକଙ୍କୁ ଆକର୍ଷିତ କରୁଛି । ଏହି ଷ୍ଟଲରେ ବାଣିଜ୍ୟ ଓ ପରିବହନ ବିଭାଗ ତଥା ରାଜ୍ୟ ପରିବହନ ପ୍ରାଧିକରଣର ବିଭିନ୍ନ ଜନକଲ୍ୟାଣକାରୀ ଯୋଜନା ଯଥା ଏକକାଳୀନ ଟିକସ ପ୍ରଦାନରେ ଜରିମାନା ରିହାତି, ଗାଡ଼ି ଗ୍ରାଫି, ବୈଦ୍ୟୁତିକ ମୋଟର ଯାନରେ ସବସିଡି ଇତ୍ୟାଦି ସଂପର୍କରେ ବିସ୍ତୃତ ତଥ୍ୟ ପ୍ରଦର୍ଶିତ ହୋଇଛି । ଏହାସହ ସଡ଼କ ସୁରକ୍ଷାକୁ ପ୍ରାଧାନ୍ୟ ଦିଆଯାଇ ଗୁଡ୍ ସମରିଟାନ, ହିଟ୍ ଏଣ୍ଡ ରନ୍, ଜୁନିୟର ରକ୍ଷକ, ନିଃଶୁଳ୍କ ଯାନ ଚାଳନା ପ୍ରଶିକ୍ଷଣ, ଟ୍ରମା କେୟାର ଟ୍ରିଟମେଣ୍ଟ ଫଣ୍ଡ ଭଳି ଯୋଜନାର ପ୍ରଚାର ପ୍ରସାର କରାଯାଉଛି। ଏସବୁ ବ୍ୟତୀତ ଆରଟିଓ ଅଫିସକୁ ବିଭିନ୍ନ କାର୍ଯ୍ୟରେ ଆସୁଥିବା ଲୋକେ ସେ ସମସ୍ତ ସେବା ସଂପର୍କରେ ଏଠାରେ ମଧ୍ୟ ସୂଚନା ପାଇପାରୁଛନ୍ତି ।

## ଭବ୍ୟ ବାଲୁକା କଳାକୁ ଉଦ୍‌ଘାଟନ କଲେ ଗୋଆ ମୁଖ୍ୟମନ୍ତ୍ରୀ




**ନୂଆଦିଲ୍ଲୀ,୨୨।୧୧:** ୫୫ତମ ଭାରତୀୟ ଅନ୍ତର୍ଜାତୀୟ ଚଳଚ୍ଚିତ୍ର ମହୋତ୍ସବ (ଆଇଏଫ୍‌ଏଫ୍‌ଆଇ) ଆୟୋଜନ ଅବସରରେ ବିଶିଷ୍ଟ ବାଲୁକା ଶିଳ୍ପୀ ତଥା ପଦ୍ମଶ୍ରୀ ପୁରସ୍କାରପ୍ରାପ୍ତ ସୁଦର୍ଶନ ପଟ୍ଟନାୟକ ଗତକାଲି ଗୋଆର ମୀରାମାର ବେଳାଭୂମିରେ ଏକ ଚମତ୍କାର ବାଲୁକା କଳା ପ୍ରସ୍ତୁତ କରିଛନ୍ତି। ଗୋଆ ମୁଖ୍ୟମନ୍ତ୍ରୀ ଡକ୍ଟର ପ୍ରମୋଦ ସାୱନ୍ତ ଭାରତୀୟ ସିନେମା ଏବଂ ସଙ୍ଗୀତର ଚାରି ଜଣ କିମ୍ବଦନ୍ତୀ ବ୍ୟକ୍ତିତ୍ୱ ଅକ୍କିନେନି ନାଗେଶ୍ୱର ରାଓ, ତପନ ସିହ୍ନା, ମହମ୍ମଦ ରଫି ଏବଂ ରାଜ କପୁରଙ୍କୁ ସମର୍ପିତ ବାଲୁକା ମୂର୍ତ୍ତିର ଲୋକାର୍ପଣ କରିଥିଲେ। ଭାରତୀୟ ସିନେମାର ଚାରି ଜଣ କିମ୍ବଦନ୍ତୀଙ୍କୁ ଏଭଳି ସୃଜନଶୀଳ ଓ କଳାତ୍ମକ ଢଙ୍ଗରେ ସମ୍ମାନିତ କରିଥିବାରୁ ଏନଏଫଡିସି ଏବଂ ସୁଦର୍ଶନ ପଟ୍ଟନାୟକଙ୍କୁ ପ୍ରମୋଦ ସାୱନ୍ତ କୃତଜ୍ଞତା ଜ୍ଞାପନ କରିଥିଲେ। "ଏହା ମୀରାମାର ବେଳାଭୂମିରେ ନିର୍ମିତ ବୃହତ୍ତମ ବାଲୁକା ମୂର୍ତ୍ତି ମଧ୍ୟରୁ ଅନ୍ୟତମ ଏବଂ ଏହା ଏହି ମହାନ ବ୍ୟକ୍ତିମାନଙ୍କ ପରମ୍ପରାର ଏକ ସୁନ୍ଦର ପ୍ରମାଣ ଭାବରେ ଠିଆ ହୋଇଛି। ଶ୍ରୀ ପଟ୍ଟନାୟକ ଏବଂ ତାଙ୍କର ସହଯୋଗୀମାନଙ୍କର ଉଲ୍ଲେଖନୀୟ ପ୍ରୟାସ ପାଇଁ ମୁଁ ସେମାନଙ୍କୁ ଅଭିନନ୍ଦନ ଜଣାଉଛି" ବୋଲି ଡ. ସାୱନ୍ତ କହିଛନ୍ତି। ଏହି ମୂର୍ତ୍ତି ଏବେ ଜନସାଧାରଣଙ୍କ ପାଇଁ ଦେଖିବା ଏବଂ ପ୍ରଶଂସା କରିବା ପାଇଁ ଖୋଲା ଅଛି ବୋଲି ସେ କହିଥିଲେ।

## ଦୁଇ କାର୍ ମୁହାଁମୁହିଁ ; ୫ ଆହତ

**ଭୁବନେଶ୍ୱର,୨୨।୧୧(ସଂଚାର ବ୍ୟୁରୋ):** ଜାତୀୟ ରାଜପଥ ଗୁଡ଼ିଆ ପୋଖରୀ ନିକଟରେ ଗତକାଲି ବିଳମ୍ବିତ ରାତିରେ ଦୁର୍ଘଟଣା ଘଟିଛି। ଦୁଇ କାର୍ ମୁହାଁମୁହିଁ ଧକ୍କା ହେବା ଯୋଗୁ ୫ ଜଣ ଆହତ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ୨ ଜଣଙ୍କ ଅବସ୍ଥା ଗୁରୁତର ରହିଛି। ଆହତମାନଙ୍କୁ ଉଦ୍ଧାର କରାଯାଇ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ଗତକାଲି ବିଳମ୍ବିତ ରାତିରେ ଏକ କାର୍‌ଟି ପୁରୀରୁ ଦେବକୁଣ୍ଡ ଅଭିମୁଖେ ଯାଉଥିଲା। ଏହି ସମୟରେ ବିପରୀତ ଦିଗରୁ ଆସୁଥିବା କାର୍ ସହ ମୁହାଁମୁହିଁ ଧକ୍କା ହୋଇଥିଲା। ଦୁର୍ଘଟଣାରେ ୫ ଜଣ ଆହତ ହୋଇଥିଲେ। ଆହତମାନଙ୍କୁ ଉଦ୍ଧାର କରାଯାଇ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ପୁଲିସ ଗାଡ଼ିକୁ ଜବତ କରି ଘଟଣାର ତଦନ୍ତ କରୁଛି। ଦୁର୍ଘଟଣାରେ କାର୍‌ର ସମ୍ମୁଖ ଅଂଶଟି ଭାଙ୍ଗିଯାଇଛି।

## ଶିଶୁକନ୍ୟାକୁ ଦୁଷ୍କର୍ମ, ୫୫ ବର୍ଷୀୟ ବ୍ୟକ୍ତି ଗିରଫ

**ଭଦ୍ରକ,୨୨।୧୧(ସଂଚାର ବ୍ୟୁରୋ):** ଜିଲ୍ଲା ଧାମନଗର ଥାନା କାଞ୍ଜିଆପାଳ ଅଞ୍ଚଳରେ ଏକ ୫ ବର୍ଷର ଶିଶୁକନ୍ୟାକୁ ଦୁଷ୍କର୍ମ କରିବା ଅଭିଯୋଗରେ ଜଣେ ୫୫ ବର୍ଷୀୟ ବ୍ୟକ୍ତିଙ୍କୁ ପୁଲିସ ଗିରଫ କରି କୋର୍ଟ ଚାଲାଣ କରିଛି। ଗିରଫ ଅଭିଯୁକ୍ତଙ୍କ ନାଁ ପାଗଳ ଦାସ। ଗତ ୧୫ ତାରିଖ ସନ୍ଧ୍ୟାରେ ଶିଶୁକନ୍ୟାଟି ନିଜ ଘର ପିଣ୍ଡାରେ ଖେଳୁଥିବା ବେଳେ ମୋବାଇଲ ଦେଖାଇ ପାଗଳ ଦାସ ତାକୁ ଗାଁ ପାଖରେ ଥିବା ଏକ ଇଟାଭାଟିକୁ ନେଇ ଦୁଷ୍କର୍ମ କରିଥିଲା। ଘଟଣା ସଂପର୍କରେ ଶିଶୁକନ୍ୟାଟି ତା' ମା'କୁ କହିଥିଲା। ଏନେଇ ପରିବାର ଲୋକେ ଗାଁ ଲୋକଙ୍କୁ ଜଣାଇଥିଲେ। ପରେ ଶିଶୁଟିର ବାପାମା' ଘଟଣା ସଂପର୍କରେ ଥାନାରେ ଅଭିଯୋଗ କରିଥିଲେ।

## କୁମ୍ଭୀର କାନ୍ଦଣା ବନ୍ଦ କରୁ ବିଜେଡି



**ଭୁବନେଶ୍ୱର,୨୨।୧୧(ସଂଚାର ବ୍ୟୁରୋ):** ବଲାଙ୍ଗୀର ଜିଲ୍ଲା ବଙ୍ଗୋମୁଣ୍ଡା ଘଟଣା ଅତ୍ୟନ୍ତ ସମ୍ବେଦନଶୀଳ ଓ ଦୁର୍ଭାଗ୍ୟଜନକ। ଏନେଇ ସ୍ଥାନୀୟ ପୋଲିସ ମାମଲା ରୁଜୁ କରିବା ସହ କାର୍ଯ୍ୟାନୁଷ୍ଠାନ ନେବା ପ୍ରକ୍ରିୟା ଆରମ୍ଭ କରିଛି। ଖୁବ୍‌ଶୀଘ୍ର ଆସାମୀକୁ ଧରାଯାଇ ଜେଲ୍‌କୁ ପଠାଯିବ। ମାତ୍ର ବିଜେଡି ସାଂସଦ ନିରଞ୍ଜନ ବିଶି ଏହି ପ୍ରସଙ୍ଗକୁ ନେଇ ଅଯଥା ରାଜନୀତି କରିବାକୁ ଉଦ୍ୟମ କରୁଛନ୍ତି। ଏନେଇ ତାଙ୍କ ଦ୍ୱାରା ଦିଆଯାଇଥିବା ଆଦିବାସୀ ମହିଳା ଅସୁରକ୍ଷିତ ମନ୍ତବ୍ୟ ସମ୍ପୂର୍ଣ୍ଣ ନିରର୍ଥକ ବୋଲି ରାଜ୍ୟ ମୁଖପାତ୍ର ଶ୍ରୀ ଦିଲୀପ ମଲ୍ଲିକ ଏକ ପ୍ରେସ୍ ବିବୃତି ଜରିଆରେ କହିଛନ୍ତି। ଶ୍ରୀ ମଲ୍ଲିକ କହିଛନ୍ତି ଯେ, ବିଜେଡି ଓ ତାଙ୍କ ଦଳର ନେତାମାନେ କୁମ୍ଭୀର କାନ୍ଦଣା ବନ୍ଦ କରନ୍ତୁ। ବିଜେଡି ସରକାରରେ ଥିଲାବେଳେ ବଲାଙ୍ଗୀର ଜିଲ୍ଲାରେ ମମିତା ମେହେର ଘଟଣା ଘଟିଥିଲା। ଏହି ସମୟରେ ବିଶି କେଉଁଠି ଥିଲେ? ସେହିପରି କୋରାପୁଟର ଆଦିବାସୀ ଝିଅ ତଥା କୁନ୍ଦୁଲି ପୀଡ଼ିତାଙ୍କୁ ଯେଉଁଭଳି ଭାବେ ନିର୍ଯାତନା ଦିଆଯାଇଥିଲା ସେତେବେଳେ ବିଶି କ'ଣ କରୁଥିଲେ? ସବୁଠାରୁ ଦୁଃଖଦ ବିଷୟ ହେଲା, ଯେଉଁ ଦିନ ନବୀନ ବାବୁ ପଦକ ପାଇ ଫେରୁଥିଲେ ସେତେବେଳେ ଦଳୀୟ ନେତା ଓ ତତ୍କାଳୀନ ସରକାରଙ୍କ ପକ୍ଷରୁ ଭୁବନେଶ୍ୱରରେ ଲମ୍ବା ପଦଯାତ୍ରା କରାଯାଇ ତାଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା।

## ଜଳ ସମ୍ପଦ ବିଭାଗରେ ୨ ବୁଝାମଣାପତ୍ର ସ୍ୱାକ୍ଷରିତ



**ଭୁବନେଶ୍ୱର,୨୨।୧୧(ସଂଚାର ବ୍ୟୁରୋ):** ଜଳ ସମ୍ପଦ ବିଭାଗ ପକ୍ଷରୁ ଭାରତୀୟ କୃଷି ଗବେଷଣା ପରିଷଦର ଭାରତୀୟ ଜଳ ପରିଚାଳନା ପ୍ରତିଷ୍ଠାନ (ଆଇସିଏଆର-ଆଇଆଇଡବ୍ଲ୍ୟୁଏମ), ଭୁବନେଶ୍ୱର ଏବଂ ଜାଭିୟର ଇନଷ୍ଟିଚ୍ୟୁଟ୍ ଅଫ୍ ମ୍ୟାନେଜମେଣ୍ଟ, ଭୁବନେଶ୍ୱର (ଏକ୍ସଆଇଏମବି) ସହିତ ଗତ ମଙ୍ଗଳବାର ଦୁଇଟି ପୃଥକ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଯାଇଛି। ଉନ୍ନୟନ କମିଶନର-ତଥା- ଜଳ ସମ୍ପଦ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶ୍ରୀମତୀ ଅନୁ ଗର୍ଗଙ୍କ ଉପସ୍ଥିତିରେ ଜଳସମ୍ପଦ ବିଭାଗ ସମ୍ମିଳନୀ କକ୍ଷରେ ଏହି ବୁଝାମଣା ପତ୍ର ସ୍ୱାକ୍ଷରିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ରାଜ୍ୟ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିକାଶ ବିଭାଗର ପ୍ରମୁଖ ଶାସନ ସଚିବ ସୁରେଶ କୁମାର ବଶିଷ୍ଠ, କୃଷି ଉତ୍ପାଦନ ନିର୍ଦ୍ଦେଶକ ପ୍ରେମଚନ୍ଦ୍ର ଚୌଧାରୀ, ଆଇସିଏଆର୍-ଆଇଆଇଡବ୍ଲ୍ୟୁଏମ୍, ଭୁବନେଶ୍ୱରର ପ୍ରମୁଖ ବୈଜ୍ଞାନିକ ଡ. ରବୀନ୍ଦ୍ର କୁମାର ପଣ୍ଡା ଏବଂ ଏକ୍ସଆଇଏମବିର କୁଳପତି ଉଭାରୀ ଆଣ୍ଟୋନି ଆର୍ ଙ୍କ ସମେତ ଜଳ ସମ୍ପଦ, କୃଷି, ଉଦ୍ୟାନ କୃଷି, ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିକାଶ ବିଭାଗର ଅନ୍ୟ ନିର୍ଦ୍ଦେଶକ ଓ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ। ପ୍ରଥମ ବୁଝାମଣା ପତ୍ର ସେଚାଂଚଳ ଉନ୍ନୟନ ଏବଂ ଭାଗିଦାରୀ ଜଳସେଚନ ପରିଚାଳନା (ସିଏଡି-ପିଆଇଏମ)ର ନିର୍ଦ୍ଦେଶକ ଏବଂ ଆଇସିଏଆର୍-ଆଇଆଇଡବ୍ଲ୍ୟୁଏମ୍ ର ନିର୍ଦ୍ଦେଶକଙ୍କ ମଧ୍ୟରେ 'କେନାଲ ସେଚାଂଚଳ(କମାଣ୍ଡ)ରେ କୃଷି ଜଳ ଉତ୍ପାଦକତା ବୃଦ୍ଧି ପାଇଁ ଡିଜିଟାଲ୍ ଜଳ ମାପ ଏବଂ ବୈଜ୍ଞାନିକ ଜ୍ଞାନ କୌଶଳରେ ମୃତ୍ତିକା ଆର୍ଦ୍ରତା ଜାଣିବା ପ୍ରଣାଳୀର ପାଇଲଟ ଭିତ୍ତିରେ କ୍ଷେତ୍ର ପ୍ରଦର୍ଶନ ସଂପର୍କିତ ବୁଝାମଣା ପତ୍ର ସ୍ୱାକ୍ଷରିତ ହୋଇଥିଲା।

## ରାଷ୍ଟ୍ରପତିଙ୍କ ଗସ୍ତର ସମୀକ୍ଷା କଲେ ଆହୁଜା



**ଭୁବନେଶ୍ୱର,୨୨।୧୧(ସଂଚାର ବ୍ୟୁରୋ):** ରାଷ୍ଟ୍ରପତି ଦୌପଦୀ ମୁର୍ମୁଙ୍କର ଆଗାମୀ ଡିସେମ୍ବର ୩ ରୁ ୭ ତାରିଖ ପର୍ଯ୍ୟନ୍ତ ଓଡ଼ିଶା ଗସ୍ତ କାର୍ଯ୍ୟକ୍ରମ ପରିପ୍ରେକ୍ଷୀରେ ଆଜି ପୂର୍ବାହ୍ନରେ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜାଙ୍କ ଅଧ୍ୟକ୍ଷତାରେ ଲୋକସେବା ଭବନସ୍ଥିତ ସମ୍ମିଳନୀ କକ୍ଷରେ ରାଜ୍ୟସ୍ତରୀୟ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ରାଜ୍ୟ ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ, ଗୃହ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁ, ପୁଲିସ ମହାନିର୍ଦ୍ଦେଶକ ୱାଇ.ବି.ଖୁରାନିଆ, ଅଗ୍ନିଶମ ବିଭାଗ ଡିଜି ଡଃ. ସୁଧାଂଶୁ ଷଡ଼ଙ୍ଗୀଙ୍କ ସମେତ ରାଜ୍ୟ ପ୍ରଶାସନର ସଂପୃକ୍ତ ବିଭିନ୍ନ ବିଭାଗର ପ୍ରମୁଖ ଶାସନ ସଚିବ, ଶାସନ ସଚିବ, ଅନ୍ୟ ବରିଷ୍ଠ ପଦାଧିକାରୀ ଏବଂ ଜିଲ୍ଲାପାଳ ଖୋର୍ଦ୍ଧା ଉପସ୍ଥିତ ଥିବା ବେଳେ ଜିଲ୍ଲାପାଳ, ପୁରୀ, ଜିଲ୍ଲାପାଳ, ମୟୂରଭଞ୍ଜ ଏବଂ ନୌସେନା ବିଭାଗର ଅଧିକାରୀ ଆଭାସୀ ବ୍ୟବସ୍ଥା ମାଧ୍ୟମରେ ବୈଠକରେ ଯୋଗ ଦେଇଥିଲେ । ସୂଚନା ଅନୁସାରେ ଡିସେମ୍ବର ୩ ତାରିଖ ଅପରାହ୍ନରେ ମାନ୍ୟବର ରାଷ୍ଟ୍ରପତି ନୂଆଦିଲ୍ଲୀରୁ ବାୟୁସେନା ବିମାନ ଯୋଗେ ବାହାରି ଭୁବନେଶ୍ୱର ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନବନ୍ଦରରେ ପହଞ୍ଚିବା ପରେ ସଂଧ୍ୟାରେ ଭୁବନେଶ୍ୱର ଚନ୍ଦ୍ରଶେଖରପୁର ସ୍ଥିତ ନିଳାଦ୍ରୀ ବିହାର ଠାରେ ପଣ୍ଡିତ ରଘୁନାଥ ମୁର୍ମୁଙ୍କ ନବନିର୍ମିତ ପ୍ରତିମୂର୍ତ୍ତିକୁ ଉନ୍ମୋଚନ କରିବେ । ୪ ତାରିଖ ପୂର୍ବାହ୍ନରେ ମାନ୍ୟବର ରାଷ୍ଟ୍ରପତି ସ୍ୱତନ୍ତ୍ର ହେଲିକପ୍ଟର ଯୋଗେ ପୁରୀ ଗସ୍ତ କରି ଶ୍ରୀ ଜଗନ୍ନାଥ ମନ୍ଦିରରେ ମହାପ୍ରଭୁଙ୍କୁ ଦର୍ଶନ କରିବା ସହ ପରେ ଗୋପବନ୍ଧୁ ଆୟୁର୍ବେଦ ମହାବିଦ୍ୟାଳୟର ୭୫ତମ ବାର୍ଷିକ ଉତ୍ସବରେ ଯୋଗଦେବେ । ସେଦିନ ନୌସେନା ଦିବସ ଅବସରରେ ମାନ୍ୟବର ରାଷ୍ଟ୍ରପତି ଅପରାହ୍ନ ୩ଟା ୫୫ରେ ଭାରତୀୟ ନୌସେନା ତରଫରୁ ପୁରୀ ବ୍ଲୁ ଫ୍ଲାଗ୍ ବେଳାଭୂମିରେ ଆୟୋଜିତ ନୌସେନାର ସାମୁଦ୍ରିକ ଶକ୍ତି ନମୁନା ପ୍ରଦର୍ଶନ କାର୍ଯ୍ୟକ୍ରମରେ ଯୋଗଦେବେ । ୫ ତାରିଖ ସକାଳେ ମାନ୍ୟବର ରାଷ୍ଟ୍ରପତି ପୁରୀରୁ ବାହାରି ହେଲିକପ୍ଟର ଯୋଗେ ଭୁବନେଶ୍ୱର ବିମାନ ବନ୍ଦରରେ ପହଁଚି ସେଠାରୁ ପୂର୍ବାହ୍ନ ୧୦.୫୦ ରେ ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱ ବିଦ୍ୟାଳୟର ୪୦ ତମ ସମାବର୍ତ୍ତନ ଉତ୍ସବରେ ଯୋଗଦେବେ । ଏହା ପରେ ଅପରାହ୍ନରେ ଭୁବନେଶ୍ୱରରେ ନୂଆ ବିଚାର ବିଭାଗୀୟ କୋର୍ଟ କମ୍ପ୍ଲେକ୍ସର ଉଦ୍‌ଘାଟନ କରିବେ । ୬ ତାରିଖ ସକାଳେ ସେ ଏଜି ଛକସ୍ଥିତ ବାବା ସାହେବ ଆମ୍ବେଦକଙ୍କ ପ୍ରତିମୂର୍ତ୍ତିରେ ଶ୍ରଦ୍ଧାସୁମନ ଅର୍ପଣ କରିବେ ।

## ଶିକ୍ଷକ-ଶିକ୍ଷୟିତ୍ରୀଙ୍କ ପାଇଁ ଇଂରାଜୀ ଭାଷା ସମୃଦ୍ଧି ପାଠ୍ୟକ୍ରମ

**ଭୁବନେଶ୍ୱର,୨୨।୧୧(ସଂଚାର ବ୍ୟୁରୋ):** ରାଜ୍ୟ ଭାଷା ଓ ଶିକ୍ଷକ ପ୍ରଶିକ୍ଷଣ ପ୍ରତିଷ୍ଠାନ ଦ୍ୱାରା ପ୍ରାଥମିକ ଶିକ୍ଷକ-ଶିକ୍ଷୟିତ୍ରୀମାନଙ୍କ ପାଇଁ ଇଂରାଜୀ ଭାଷା ସମୃଦ୍ଧି ପାଠ୍ୟକ୍ରମ ତାଲିମ୍ କାର୍ଯ୍ୟକ୍ରମ ଆୟୋଜିତ କରାଯାଇଛି । ବେଙ୍ଗାଲୁରୁ ସ୍ଥିତ ଅଜିମ୍ ପ୍ରେମଜୀ ବିଶ୍ୱବିଦ୍ୟାଳୟର ସହଭାଗିତାରେ ଶିକ୍ଷକ-ଶିକ୍ଷୟିତ୍ରୀଙ୍କ ଇଂରାଜୀ ଭାଷାକୁ ଉନ୍ନତ କରିବା ଉଦ୍ଦେଶ୍ୟରେ ଏହି ତାଲିମ୍ କାର୍ଯ୍ୟକ୍ରମର ଆୟୋଜନ କରାଯାଇଛି । ଗତ ଜୁଲାଇ ମାସରେ ୩୦ ଟି ଜିଲ୍ଲାରୁ ୨ ଜଣ ଲେଖାଏଁ ମୋଟ୍ ୬୦ ଜଣ ଶିକ୍ଷକ-ଶିକ୍ଷୟିତ୍ରୀଙ୍କୁ ମାଷ୍ଟର ଟ୍ରେନର୍ ଭାବରେ ତାଲିମ୍ ଦିଆଯାଇଥିଲା । ବର୍ତ୍ତମାନ ଏହି ୬୦ ଜଣ ମାଷ୍ଟର୍ ଟ୍ରେନର ,୩୧୪ ଟି ବ୍ଲକର ୫୦୦ ଜଣ ଶିକ୍ଷକ-ଶିକ୍ଷୟିତ୍ରୀଙ୍କୁ ରାଜ୍ୟର ୧୦ ଟି ଜିଲ୍ଲାରେ ଯଥା- ଖୋର୍ଦ୍ଧା, କଟକ, ଅନୁଗୁଳ, ବାଲେଶ୍ୱର, ମୟୂରଭଞ୍ଜ, କଳାହାଣ୍ଡି, କୋରାପୁଟ, ଝାରସୁଗୁଡ଼ା, ବରଗଡ଼ ଓ ଗଞ୍ଜାମରେ ତାଲିମ୍ ପ୍ରଦାନ କରୁଛନ୍ତି। ପ୍ରଥମ ତାଲିମ୍ ଅଧିବେଶନ ନଭେମ୍ବର ୧୮ ରୁ ଆରମ୍ଭ ହୋଇ ନଭେମ୍ବର ୨୨ ଯାଏଁ ଚାଲିଥିଲା। ଆଗାମୀ ୯ ସପ୍ତାହ ବ୍ୟାପୀ ଉଭୟ ଆଭାସୀ ଓ ପ୍ରତ୍ୟକ୍ଷ ଉପସ୍ଥିତିରେ ଏହି ତାଲିମ୍ କାର୍ଯ୍ୟକ୍ରମ ଚାଲିବ। ସୂଚନାଯୋଗ୍ୟ, ରାଜ୍ୟ ଭାଷା ଓ ଶିକ୍ଷକ ପ୍ରଶିକ୍ଷଣ ପ୍ରତିଷ୍ଠାନର ନିର୍ଦ୍ଦେଶକ ସୁମିତା ଦାସ ଓ ଅଜିମ୍ ପ୍ରେମଜୀ ବିଶ୍ୱବିଦ୍ୟାଳୟର ପ୍ରଶିକ୍ଷକ ଜେନି ଆଲେକ୍ସ ବିଭିନ୍ନ ଜିଲ୍ଲା ଯାଇ ଏହି ତାଲିମ କାର୍ଯ୍ୟକ୍ରମକୁ ନିରୀକ୍ଷଣ କରିଥିଲେ।



# ଆଜି ମହାରାଷ୍ଟ୍ର ଓ ଝାଡ଼ଖଣ୍ଡରେ ଗଣତି



**ନୂଆଦିଲ୍ଲୀ,୨୨।୧୧:** ଆସନ୍ତାକାଲି ମହାରାଷ୍ଟ୍ର ଓ ଝାଡ଼ଖଣ୍ଡ ବିଧାନସଭା ନିର୍ବାଚନ ଭୋଟ ଗଣତି ହେବ। ମଧ୍ୟାହ୍ନ ସୁଦ୍ଧା ଭୋଟ ଗଣତିର ଅଗ୍ରଣୀ ସ୍ଥିତି ଜଣାପଡ଼ିଯିବ। ସନ୍ଧ୍ୟାସୁଦ୍ଧା ଅଧିକାଂଶ ଆସନର ଫଳାଫଳ ଜଣାପଡ଼ିଯିବ ଏବଂ ଜନମତ କାହା ସପକ୍ଷରେ ଯାଇଛି ତାହା ସ୍ପଷ୍ଟ ହୋଇଯିବା ଆଶା କରାଯାଉଛି। ଉଭୟ ରାଜ୍ୟରେ ବିଜେପି ନେତୃତ୍ୱାଧିନ ଏନଡିଏ ଏବଂ କଂଗ୍ରେସ ନେତୃତ୍ୱାଧିନ ଇଣ୍ଡିମେଣ୍ଟ ମଧ୍ୟରେ କଡ଼ା ମୁକାବିଲା ହେଉଛି। ମହାରାଷ୍ଟ୍ରରେ ଏହାକୁ ମହାୟୁତି ବନାମ ମହା ବିକାଶ ଅଗାଡ଼ି ମୁକାବିଲା ବୋଲି କୁହାଯାଉଛି। ଗତ ୨୦ ତାରିଖରେ ମହାରାଷ୍ଟ୍ରର ସମସ୍ତ ୨୮୮ ଆସନରେ ଭୋଟ ଗ୍ରହଣ ହୋଇଥିବା ବେଳେ ଝାଡ଼ଖଣ୍ଡରେ ଦୁଇଟି ପର୍ଯ୍ୟାୟରେ ଗତ ୧୩ ଏବଂ ୨୦ ତାରିଖରେ ୮୧ ଆସନ ଲାଗି ଭୋଟ ଗ୍ରହଣ ହୋଇଥିଲା। ଭୋଟ ଗ୍ରହଣ ପରେ ପ୍ରକାଶ ପାଇଥିବା ଅଧିକାଂଶ ଏକଜିଟ ପୋଲ ରିପୋର୍ଟରେ ଉଭୟ ରାଜ୍ୟରେ ବିଜେପି ମେଣ୍ଟ ଆଗରେ ରହିବ ବୋଲି ପୂର୍ବାନୁମାନ କରାଯାଇଛି। ତେବେ କେତେକ ଏକଜିଟ ପୋଲ ରିପୋର୍ଟରେ ଭିନ୍ନ ମତ ପ୍ରକାଶ ପାଇଛି। କଂଗ୍ରେସ କହିଛି ଯେ, ଏକଜିଟ ପୋଲ ରିପୋର୍ଟ ଭୁଲ ପ୍ରମାଣିତ ହେବ ଏବଂ ଉଭୟ ମହାରାଷ୍ଟ୍ର ଏବଂ ଝାଡ଼ଖଣ୍ଡରେ ବିରୋଧୀ ମହାମେଣ୍ଟ ବିଜୟୀ ହେବ। ବିଜେପି ଶିବିରରେ କିନ୍ତୁ ଏକଜିଟ ପୋଲ ରିପୋର୍ଟକୁ ନେଇ ଉତ୍ସାହର ବାତାବରଣ ସୃଷ୍ଟି ହୋଇଛି। କିନ୍ତୁ ହରିୟାନା ବିଧାନସଭା ନିର୍ବାଚନରେ ଯେପରି ସବୁ ଏକଜିଟ ପୋଲ ରିପୋର୍ଟ ଭୁଲ ପ୍ରମାଣିତ ହୋଇଥିଲା ମହାରାଷ୍ଟ୍ର ଏବଂ ଝାଡ଼ଖଣ୍ଡରେ ତାହାର ପୁନରାବୃତ୍ତି ହେବ ନାହିଁ ବୋଲି କୁହାଯାଇପାରିବ ନାହିଁ। ତେଣୁ ଉଭୟ ଶିବିର ଏବେ ଅନିଶ୍ଚିତତା ମଧ୍ୟରେ ରହିଛି।

ଦୁଇ ରାଜ୍ୟ ବିଧାନସଭା ନିର୍ବାଚନ ବ୍ୟତିତ ୨ଟି ଲୋକସଭା ଏବଂ କେତେକ ରାଜ୍ୟର ବିଧାନସଭା ଆସନ ପାଇଁ ଅନୁଷ୍ଠିତ ଉପନିର୍ବାଚନ ଫଳାଫଳ ମଧ୍ୟ ଆସନ୍ତା କାଲି ପ୍ରକାଶ ପାଇବ। କେରଳର ୱାୟନାଡ଼ ଲୋକସଭା ଆସନର ଫଳାଫଳ ଉପରେ ସମସ୍ତଙ୍କର ନଜର। ଏଠାରୁ କଂଗ୍ରେସ ସାଧାରଣ ସମ୍ପାଦକ ପ୍ରିୟଙ୍କା ଗାନ୍ଧି ଭଦ୍ରା ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି। ଗତ ଲୋକସଭା ନିର୍ବାଚନରେ ଏଠାରୁ ରାହୁଲ ଗାନ୍ଧି ଜିତିଥିଲେ। ସେ ମଧ୍ୟ ରାୟବରେଲି ଆସନରୁ ଜିତିଥିଲେ। ଉଭୟ ଆସନରୁ ବିଜୟୀ ହେବା ପରେ ରାହୁଲ ରାୟବରେଲି ଆସନ ରଖି ୱାୟନାଡ଼ରୁ ଇସ୍ତଫା ଦେଇଥିଲେ। ତାଙ୍କ ସ୍ଥାନରେ ପ୍ରିୟଙ୍କା ଉପନିର୍ବାଚନରେ ପ୍ରାର୍ଥୀ ହୋଇଛନ୍ତି।

ଯେଉଁସବୁ ରାଜ୍ୟରେ ଏକାଧିକ ବିଧାନସଭା ଆସନ ପାଇଁ ଉପନିର୍ବାଚନ ହେଉଛି ସେଥିମଧ୍ୟରେ ରହିଛି ଉତ୍ତର ପ୍ରଦେଶର ୯ଟି ଆସନ। ଏହିସବୁ ଆସନରେ ବିଜେପି ଓ ସମାଜବାଦୀ ପାର୍ଟୀ ମଧ୍ୟରେ କଡ଼ା ମୁକାବିଲା ହେଉଛି। ଏହା ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥଙ୍କ ରାଜନୈତିକ ଭବିଷ୍ୟତ ପାଇଁ ଗୁରୁତ୍ୱପୂର୍ଣ୍ଣ। ଯଦି ଉପନିର୍ବାଚନରେ ବିଜେପି ବିଫଳ ହୁଏ ତେବେ ଆଦିତ୍ୟନାଥଙ୍କୁ ପଦ ଛାଡ଼ିବାକୁ ପଡ଼ିପାରେ।

# ସାର କାରଖାନାରେ ବିସ୍ଫୋରଣ ; ୩ ମୃତ



**ମୁମ୍ବାଇ, ୨୨।୧୧:** ମହାରାଷ୍ଟ୍ରର ସାଙ୍ଗଲି ଜିଲ୍ଲାର ଏକ ସାର କାରଖାନାରେ ଦୁଇ ଜଣ ମହିଳାଙ୍କ ସମେତ ଜଣେ ସୁରକ୍ଷାକର୍ମୀଙ୍କ ମୃତ୍ୟୁ ଘଟିଛି। ଏଥିସହ ୯ ଜଣ ଆହତ ହୋଇ ଡାକ୍ତରଖାନାରେ ଭର୍ତ୍ତି ହୋଇଛନ୍ତି। କାରଖାନାରେ ପ୍ରଥମେ ବିସ୍ଫୋରଣ ଘଟି ଗ୍ୟାସ୍ ଲିକ୍ ହେବା କାରଣରୁ ଏହି ଅଘଟଣ ଘଟିଥିବା ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି।

ସୂଚନା ଅନୁସାରେ, ଗତକାଲି ସନ୍ଧ୍ୟା ପ୍ରାୟ ୬.୩୦ ସମୟରେ ସାଙ୍ଗଲି କାଡେଗାଁ ତହସିଲର ଶାଲଗାଁ ଏମଆଇଡିସିର ମିଆଁମାର କେମିକାଲ୍ କମ୍ପାନୀରେ ଏହି ଘଟଣା ଘଟିଥିଲା। କାରଖାନାରେ କୌଣସି କାରଣରୁ ପ୍ରଥମେ ବିସ୍ଫୋରଣ ହେବା ପରେ ଗ୍ୟାସ୍ ଲିକ୍ ହେବା କାରଣରୁ ତିନି ଜଣଙ୍କ ମୃତ୍ୟୁ ହୋଇଛି। କାରଖାନାର ଏକ ରିଆକ୍ଟର ରାସାୟନିକ ଧୂଆଁ ନିର୍ଗତ ହୋଇ ବିସ୍ଫୋରଣ ଘଟିଥିବା ପୁଲିସ କହିଛି। କାଡେଗାଁ ଥାନାର ସିନିୟର ଇନ୍ସପେକ୍ଟର ସାଙ୍ଗରାମ ଶେୱାଲ କହିଛନ୍ତି, "ଗ୍ୟାସ ଲିକ୍ କାରଣରୁ ୟୁନିଟରେ ଥିବା ପ୍ରାୟ ୧୨ ଜଣ ଲୋକ ଆହତ ହୋଇଥିଲେ। ସେମାନଙ୍କୁ ଉଦ୍ଧାର କରାଯାଇ ଡାକ୍ତରଖାନାରେ କରାଯାଇଥିଲା।" ମାତ୍ର ଡାକ୍ତରଖାନାରେ ତିନି ଜଣଙ୍କ ମୃତ୍ୟୁ ହୋଇଛି। ସେମାନଙ୍କ ମଧ୍ୟରୁ ଦୁଇଜଣ ମହିଳା କର୍ମଚାରୀ ଏବଂ ଜଣେ ସୁରକ୍ଷାକର୍ମୀ ଅଛନ୍ତି। ଅନ୍ୟ ୯ ଜଣ ଚିକିତ୍ସିତ ହେଉଛନ୍ତି। ଆହତଙ୍କ ମଧ୍ୟରୁ ୭ ଜଣଙ୍କୁ କରଦସ୍ଥିତ ସାହ୍ୟାଦ୍ରି ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି ଏବଂ ସେମାନଙ୍କ ମଧ୍ୟରୁ ପାଞ୍ଚ ଜଣଙ୍କ ଅବସ୍ଥା ସଙ୍କଟାପନ୍ନ ରହିଛି। ସେମାନଙ୍କୁ ଆଇସିୟୁରେ ଭର୍ତ୍ତି କରାଯାଇଛି।

# ଜନ୍ମଦିନରେ ବନ୍ଧୁକରୁ ଗୁଳି ଫୁଟି ଛାତ୍ରଙ୍କ ମୃତ୍ୟୁ

**ୱାଶିଂଟନ, ୨୨।୧୧:** ଜନ୍ମଦିନରେ ଜଣେ ଭାରତୀୟ ଛାତ୍ରଙ୍କ ଜୀବନ ଚାଲି ଯାଇଛି। ଅସାବଧାନତା କାରଣରୁ ନିଜ ବନ୍ଧୁକରୁ ଗୁଳି ଫୁଟି ତାଙ୍କର ମୃତ୍ୟୁ ହୋଇଛି। ସେ ଆମେରିକାରେ ରହି ପାଠ ପଢୁଥିଲେ। ଛାତ୍ରଙ୍କ ନାଁ ଆର୍ଯ୍ୟନ ରେଡ୍ଡୀ (୨୩)। ତାଙ୍କ ଘର ତେଲାଙ୍ଗାନାରେ। ନଭେମ୍ବର ୧୩ରେ ଏହି ଅଘଟଣ ଘଟିଥିଲା। ଆଜି ରାତିରେ ତାଙ୍କ ମୃତଦେହ ଭାରତରେ ପହଞ୍ଚିବ।

ରିପୋର୍ଟରୁ ଜଣାପଡିଛି ଯେ ଆର୍ଯ୍ୟନ ଆମେରିକାରେ ଏକ ଶିକାର ବନ୍ଧୁକ ଲାଇସେନ୍ସ ପାଇଥିଲେ। ଜନ୍ମଦିନରେ ବନ୍ଧୁକ ବ୍ୟବହାର କରୁଥିବା ସମୟରେ ହଠାତ୍ ଗୁଳିଫୁଟି ତାଙ୍କ ଶରୀରରେ ବାଜିଥିଲା। ଫଳରେ ତାଙ୍କ ମୃତ୍ୟୁ ହୋଇଛି। ଆର୍ଯ୍ୟନଙ୍କ ବାପା ସୁଦର୍ଶନ ରେଡ୍ଡୀ ଗଣମାଧ୍ୟମ ସହ ବାର୍ତ୍ତାଳାପ କରିବା ସମୟରେ ଅତ୍ୟନ୍ତ ଦୁଃଖ ପ୍ରକାଶ କରିଛନ୍ତି। ଏଥିସହ ପ୍ରତ୍ୟେକ ଅଭିଭାବକଙ୍କୁ ସତର୍କ କରି କହିଛନ୍ତି, "ପିଲାମାନେ ବିଦେଶରେ ପଢିବା ସମୟରେ ବନ୍ଧୁକ ଲାଇସେନ୍ସ ପାଇବା ଉପରେ ସତର୍କତା ଅବଲମ୍ବନ କରିବାକୁ ମୁଁ ପ୍ରତ୍ୟେକ ଅଭିଭାବକଙ୍କୁ ଅନୁରୋଧ କରୁଛି। ଆମେ ଏ ବାବଦରେ ଆଦୌ ଅବଗତ ନଥିଲୁ।"

ବିଦେଶରେ ଛାତ୍ରଛାତ୍ରୀଙ୍କୁ ବି ଶିକାର ବନ୍ଧୁକ ଲାଇସେନ୍ସ ଦିଆଯାଏ ବୋଲି ଆମେ ଜାଣିନଥିଲୁ। କୌଣସି ଅଭିଭାବକ ଏପରି ଦୁଃଖଦ ପରିସ୍ଥିତିର ସମ୍ମୁଖୀନ ହେବା ଉଚିତ୍ ନୁହେଁ ବୋଲି ଆର୍ଯ୍ୟନଙ୍କ ବାପା କହିଛନ୍ତି।

# ଆତଙ୍କୀ ହମଲାରେ ୧୦ ମୃତ



**କାବୁଲ, ୨୨।୧୧:** ଶୁଫି ଧର୍ମପୀଠରେ ହୋଇଛି ଆତଙ୍କବାଦୀ ହମଲା। ଜଣେ ଆତଙ୍କବାଦୀ ଆଫଗାନିସ୍ତାନର ନାହରିନ ସ୍ଥିତ ଶୁଫି ଧର୍ମପୀଠରେ ଥିବା ଲୋକଙ୍କ ଉପରକୁ ଆଖିବୁଜା ଗୁଳିମାଡ଼ କରିଛି। ଏଥିରେ ୧୦ ଜଣଙ୍କ ମୃତ୍ୟୁ ହୋଇଥିବା ଖବର ମିଳିଥିବା ବେଳେ ଅନେକ ଆହତ ହୋଇଛନ୍ତି। ଧର୍ମପୀଠରେ ଆଜି ଶତାଧିକ ଶୁଫି ଧର୍ମାବଲମ୍ବୀମାନେ ସାପ୍ତାହିକ ଧାର୍ମିକ କାର୍ଯ୍ୟକ୍ରମରେ ଯୋଗ ଦେଇଥିବା ବେଳେ ଏପରି ଗୁଳିମାଡ଼ ହୋଇଥିବା ଆଭ୍ୟନ୍ତରୀଣ ମନ୍ତ୍ରଣାଳୟର ଅବଦୁଲ ମାଟିନ କ୍ୱାନି ସୂଚନା ଦେଇଛନ୍ତି। ଶୁଫି ଧର୍ମପୀଠରେ ଏତେ ବଡ଼ ହମଲା ହୋଇଥିଲେ ହେଁ ଏଯାଏ କୌଣସି ସଂଗଠନ ଏଥିପାଇଁ ନିଜକୁ ଦାୟୀ କରି ନାହାନ୍ତି। ଘଟଣା ପରେ ମୃତାହତଙ୍କୁ ତୁରନ୍ତ ଆମ୍ବୁଲାନ୍ସ ଯୋଗେ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ସେମାନଙ୍କ ମଧ୍ୟରୁ ଅଧିକାଂଶଙ୍କ ଅବସ୍ଥା ସଙ୍କଟାପନ୍ନ ଥିବାରୁ ଆଗକୁ ମୃତ୍ୟୁସଂଖ୍ୟା ବୃଦ୍ଧି ପାଇବାର ଆଶଙ୍କା ପ୍ରକାଶ ପାଇଛି।

# ନୌସେନା ଜାହାଜ ସହ ପିଟିହେଲା ମାଛଧରା ବୋଟ୍, ୨ ନିଖୋଜ

**ପାନାଜୀ, ୨୨।୧୧:** ମଝି ସମୁଦ୍ରରେ ଘଟିଲା ଭୟଙ୍କର ଦୁର୍ଘଟଣା। ଭାରତୀୟ ନୌସେନା ଜାହାଜ ସହ ପିଟି ହେଲା ମାଛଧରା ବୋଟ୍ । ଗୋଆ ସମୁଦ୍ର କୂଳରୁ ୭୦ କିମି ସମୁଦ୍ର ମଝିରେ ଗତ ସନ୍ଧ୍ୟାରେ ଏପରି ଅଘଟଣ ଘଟିଥିବା ଜଣାଯାଇଛି। ଗୋଆର ଉତ୍ତର ପଶ୍ଚିମ ସମୁଦ୍ରରେ ଗତକାଲି ସନ୍ଧ୍ୟାରେ ଭାରତୀୟ ନୌସେନାର ଏକ ଜାହାଜ ଯାଉଥିଲା। ଉକ୍ତ ସମୟରେ ସମୁଦ୍ରରେ ଥିବା ଏକ ମାଛ ଧରା ବୋଟ୍ ସହ ଜାହାଜଟି ପିଟି ହେଲା। ଫଳରେ ବୋଟଟି ଛିନଛତ୍ର ହୋଇ ଯାଇଥିବା ବେଳେ ସେଥିରେ ଥିବା ୧୩ ଜଣ ପାଣିରେ ଖସି ପଡ଼ିଥିଲେ। ନୌସେନା ପକ୍ଷରୁ ତୁରନ୍ତ ଉଦ୍ଧାର କାର୍ଯ୍ୟ ଆରମ୍ଭ କରାଯାଇ ୧୧ ଜଣଙ୍କୁ ଉଦ୍ଧାର କରାଯାଇଛି। ମାତ୍ର ଆଉ ୨ ଜଣଙ୍କ ପତ୍ତା ମିଳୁ ନ ଥିବା ଜଣାଯାଇଛି। ଏଥିନିମନ୍ତେ ଏମ୍ଆର୍‌ସିସି ମୁମ୍ବାଇ ସହ ଯୋଗାଯୋଗ କରାଯାଉଥିବା ଉଦ୍ଧାର କାର୍ଯ୍ୟକୁ ତ୍ୱରାନ୍ୱିତ କରାଯାଉଥିବା ନୌସେନା ପକ୍ଷରୁ କୁହାଯାଇଛି।

# ବିବାହ ଉପହାର ଦେଇ ଷ୍ଟେଜରେ ଟଳିପଡ଼ିଲେ

**କୁର୍ନୁଲ, ୨୨।୧୧:** ସାଙ୍ଗ ବିବାହ ପାଇଁ ସୁଦୂର ବାଙ୍ଗାଲୁରୁରୁ ଆସିଥିଲେ ଆନ୍ଧ୍ରପ୍ରଦେଶ। ବିବାହ ଉତ୍ସବରେ ସାମିଲ ହେଲେ। ଏହାପରେ ଷ୍ଟେଜ ଉପରେ ବରକନିଆଙ୍କୁ ଗିଫ୍ଟ ଦେଲେ। ମାତ୍ର ତା' ପରେ ବିଗିଡ଼ିଗଲା ଅବସ୍ଥା। ହେଲେ ଛାତିରେ ଯନ୍ତ୍ରଣା ଓ ଷ୍ଟେଜ ଉପରେ ହିଁ ଟଳି ପଡ଼ିଲେ ଯୁବକ। ଏପରି ଏକ ଘଟଣା ଆନ୍ଧ୍ରପ୍ରଦେଶର କୁର୍ନୁଲ ଜିଲ୍ଲାରେ ଘଟିଛି। ମୃତ ଯୁବକଙ୍କ ନାଁ ଭାମସୀ ଓ ସେ ବାଙ୍ଗାଲୁରୁରେ ଆମାଜନରେ ଚାକିରି କରିଥିବା ଜଣାପଡ଼ିଛି। କେବଳ ନିଜ ସାଙ୍ଗର ବିବାହ ଉତ୍ସବରେ ଯୋଗଦେବାକୁ ସେ ବାଙ୍ଗାଲୁରୁର ବାହାରି କୁରନୁଲ ଜିଲ୍ଲାର ପେନୁମୁଡ଼ା ଗାଁରେ ପହଞ୍ଚିଥିଲେ। ବିବାହ ଉତ୍ସବରେ ବରକନିଆ ଷ୍ଟେଜ ଉପରେ ଥିବା ବେଳେ ଅନ୍ୟମାନେ ହସଖୁସିରେ ମାତିଥିଲେ। ଏହି ସମୟରେ ଗିଫ୍ଟ ଦେବାକୁ ଭାମସୀ ଷ୍ଟେଜ ଉପରକୁ ଯାଇଥିଲେ। ମାତ୍ର ଗିଫ୍ଟ ଦେବା ପରେ ସେ ସେହିଠାରେ ହିଁ ଛାତିରେ ଯନ୍ତ୍ରଣା ଅନୁଭବ କରିଥିଲେ। ଏହାପରେ ନିଜ ଉପରୁ ନିୟନ୍ତ୍ରଣ ହରାଇ ଟଳି ପଡ଼ିଥିଲେ। ସେଠାରେ ଉପସ୍ଥିତ ଅନ୍ୟମାନେ ତାଙ୍କୁ ସଙ୍ଗେସଙ୍ଗେ ନିକଟସ୍ଥ ହସ୍ପିଟାଲକୁ ନେଇଥିବା ବେଳେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏହି ଖବର ପ୍ରଚାରିତ ହେବା ପରେ ବିବାହ ଉତ୍ସବରେ ହଠାତ୍ ଶୋକର ଛାୟା ଖେଳି ଯାଇଛି।

## ଆମେରିକା ଏଜେନ୍ସିର ଅଭିଯୋଗ

# ୨୦୨୧ରେ ଜଗନଙ୍କୁ ଲାଞ୍ଚ ପ୍ରତିଶ୍ରୁତି ଦେଇଥିଲେ ଆଦାନୀ



**ନୂଆଦିଲ୍ଲୀ, ୨୨।୧୧:** ୨୦୨୧ରେ ତତ୍କାଳୀୟ ଆନ୍ଧ୍ରପ୍ରଦେଶ ମୁଖ୍ୟମନ୍ତ୍ରୀ ଜଗନ ମୋହନ ରେଡ୍ଡୀଙ୍କୁ ଭେଟି ଲାଞ୍ଚ ଦେବାକୁ ପ୍ରତିଶ୍ରୁତି ଦେଇଥିଲେ ଗୌତମ ଆଦାନୀ। ଆମେରିକାର ସିକ୍ୟୁରିଟି ଆଣ୍ଡ ଏକ୍ସଚେଞ୍ଜ କମିଶନ (ଏସ୍‌ଇସି) ଏହି ଅଭିଯୋଗ ଆଣିଛି। ଏସଇସିଆଇ ଅଭିଯୋଗ କରିଛି ଯେ ଗୌତମ ଆଦାନୀ ୨୦୨୧ରେ ଜଗନ ରେଡ୍ଡୀଙ୍କୁ ସାକ୍ଷାତ କରି ସରକାରଙ୍କ ଦ୍ୱାରା ପରିଚାଳିତ ସୋଲାର ଏନର୍ଜି କର୍ପୋରେସନ୍ ଅଫ୍ ଇଣ୍ଡିଆ (ଏସଇସିଆଇ) ସହିତ ଚୁକ୍ତିନାମା ସ୍ୱାକ୍ଷର କରିବାକୁ ପ୍ରସ୍ତାବ ଦେଇଥିଲେ। ଏହି ସମୟରେ ଚୁକ୍ତି ସୁରକ୍ଷିତ ରଖିବା ପାଇଁ ଉଭୟଙ୍କ ମଧ୍ୟରେ ଟଙ୍କା କାରବାର ଉପରେ ଆଲୋଚନା ହୋଇଥିଲା।

ଏସଇସିଆଇ ଦାଖଲ କରିଥିବା ଅଭିଯୋଗରେ ଉଲ୍ଲେଖ କରାଯାଇଛି ଯେ "ଏହି ବୈଠକ ସମୟରେ ଆଦାନୀ ଆନ୍ଧ୍ରପ୍ରଦେଶର ସରକାରୀ ଅଧିକାରୀଙ୍କୁ ଲାଞ୍ଚ ଦେଇଥିଲେ, ନହେଲେ ଲାଞ୍ଚ ପାଇଁ ପ୍ରତିଶ୍ରୁତି ଦେଇଥିଲେ। ଏଥିପାଇଁ ୧,୭୫୦ କୋଟି ଟଙ୍କା ଲାଞ୍ଚ କାରବାର ହୋଇଥିବା ଅଭିଯୋଗରେ ଉଲ୍ଲେଖ କରାଯାଇଛି।

ବୈଠକର କିଛି ଦିନ ପରେ ଆନ୍ଧ୍ରପ୍ରଦେଶ ଏସଇସିଆଇରୁ ୭ ଗିଗାୱାଟ ଶକ୍ତି କିଣିବାକୁ ରାଜି ହୋଇଥିଲା। ଏହା ସେତେବେଳେ କୌଣସି ରାଜ୍ୟ ଦ୍ୱାରା କିଣାଯାଇଥିବା ସର୍ବାଧିକ ସୌର ଶକ୍ତି ଥିଲା। ଏହାର ଅର୍ଥ ଦିଆଯାଇବା ଲାଞ୍ଚ କିମ୍ବା ପ୍ରତିଶ୍ରୁତି କାମ କରିଛି ବୋଲି ଆମେରିକାର ଏଜେନ୍ସି ଅଭିଯୋଗ କରିଛି। ଆମେରିକାର ତଦନ୍ତକାରୀ ଏଜେନ୍ସି ଅଭିଯୋଗ କରିଛି ଯେ ଏକ ନିର୍ଦ୍ଦିଷ୍ଟ ମୂଲ୍ୟରେ ୧୨ ଗିଗାୱାଟ ସୌର ଉତ୍ପାଦିତ ବିଦ୍ୟୁତ୍ ଯୋଗାଇବା ପାଇଁ ଏସଇସିଆଇ ୨୦୨୦ରେ ଆଦାନୀ ଗ୍ରୁପ୍ ଏବଂ ଆଜୁର୍ ପାୱାରକୁ ଟେଣ୍ଡର ଦେଇଥିଲା। ଏହି ଟେଣ୍ଡର ମୂଲ୍ୟ ଅଧିକ ଥିବାରୁ ସୌର ଶକ୍ତି କିଣିବା ପାଇଁ ଏସଇସିଆଇ କ୍ରେତା ଖୋଜି ପାଇନଥିଲା। ଏସଇସିଆଇ କ୍ରେତା ଖୋଜିବାରେ ଅସମର୍ଥ ହେବାରୁ ଆଦାନୀ ଏବଂ ଅଜୁରେ ରାଜ୍ୟ ସରକାରୀ ଅଧିକାରୀଙ୍କୁ ଲାଞ୍ଚ ଦେବା ପାଇଁ ଷଡଯନ୍ତ୍ର କରିଥିଲେ। ୨୦୨୧-୨୦୨୩ ମଧ୍ୟରେ ରାଜ୍ୟ ବିଦ୍ୟୁତ୍ ବିତରଣ କମ୍ପାନୀଗୁଡିକ ସହିତ ଚୁକ୍ତିନାମା ସୁରକ୍ଷିତ ରଖିବା ପାଇଁ ଆଦାନୀ ଗ୍ରୁପ୍ ୨୬୫ ମିଲିୟନ୍ ଡଲାର୍ ଲାଞ୍ଚ ଦେଇଥିବା ଅଭିଯୋଗ କରିଛି ଆମେରିକା ଏଜେନ୍ସି। ଏହି କାରବାରରେ ଆନ୍ଧ୍ରପ୍ରଦେଶ ବ୍ୟତୀତ ଛତିଶଗଡ଼, ତାମିଲନାଡୁ, ଓଡିଶା ଏବଂ ଜମ୍ମୁ କଶ୍ମୀର ମଧ୍ୟ ସୌର ଶକ୍ତି ପାଇଁ ସାଇନ୍ ଅପ୍ କରିବାକୁ ନିଷ୍ପତ୍ତି ନେଇଥିବା ଅଭିଯୋଗ ହୋଇଥିଲା। ଏହି ଅଭିଯୋଗକ୍ରମେ ଆମେରିକାର ଏକ କୋର୍ଟ ଆଦାନୀ, ତାଙ୍କ ପୁତୁରା ସାଗର ଆଦାନୀଙ୍କ ସମେତ ୭ ଜଣଙ୍କ ବିରୁଦ୍ଧରେ ଗିରଫ ୱାରେଣ୍ଟ ଜାରି କରିଛନ୍ତି।

ଏହି ୱାରେଣ୍ଟ ଜାରି ପରେ ଆଦାନୀ ଗ୍ରୁପ୍ ଶେଆର ବଜାର ହ୍ରାସ ପାଇଛି। ଆଦାନୀ ଗ୍ରୁପର ୫ ଲକ୍ଷ ୩୫ ହଜାର କୋଟି ଟଙ୍କା କ୍ଷତି ହୋଇଥିବା ରିପୋର୍ଟରେ ପ୍ରକାଶ ପାଇଛି। ଅନ୍ୟପଟେ, ୨୦୧୯-୨୪ ମଧ୍ୟରେ କ୍ଷମତାରେ ଥିବା ଜଗନ ରେଡ୍ଡୀଙ୍କ ୱାଇଏସଆର କଂଗ୍ରେସ ଏସବୁ ଅଭିଯୋଗକୁ ଖଣ୍ଡନ କରିଛି। ଆଦାନୀ ଗ୍ରୁପ୍ ସହ କୌଣସି ପ୍ରତ୍ୟକ୍ଷ ଚୁକ୍ତି ନାହିଁ ବୋଲି ଦଳ କହିଛି। ସେହିପରି ଆଦାନୀ ଗ୍ରୁପ୍ ମଧ୍ୟ ଆମେରିକା ଏଜେନ୍ସିର ସମସ୍ତ ଅଭିଯୋଗକୁ ଭିତ୍ତିହୀନ ଦର୍ଶାଇଛି।

# ନିର୍ବାଚନ ପୂର୍ବରୁ ଆପ୍‌ର 'ରାବିଡି ପେ ଚର୍ଚ୍ଚା'




**ନୂଆଦିଲ୍ଲୀ, ୨୨।୧୧:** ଦିଲ୍ଲୀ ବିଧାନସଭା ନିର୍ବାଚନକୁ ଦୃଷ୍ଟିରେ ରଖି କ୍ଷମତାସୀନ ଆପ୍‌ର ମୁଖ୍ୟ ଅରବିନ୍ଦ କେଜ୍ରିୱାଲ ଶୁକ୍ରବାର ରାବିଡି ପେ ଚର୍ଚ୍ଚା ଆରମ୍ଭ କରିଛନ୍ତି। ଏହି ପ୍ରଚାର କାର୍ଯ୍ୟକ୍ରମ ମାଧ୍ୟମରେ ସେ ଦିଲ୍ଲୀବାସୀଙ୍କ ନିକଟରେ ପହଞ୍ଚିବାକୁ ଲକ୍ଷ୍ୟ ରଖିଛନ୍ତି। ଦିଲ୍ଲୀର ଆପ୍ ସରକାର ବିଭିନ୍ନ ପ୍ରକାରର ମାଗଣା ଯୋଜନା ଲାଗୁ କରିଛି। ଏହାକୁ ବିଜେପି ଅନେକ ସମୟରେ କଟାକ୍ଷ କରିବା ସହ ଆପ୍ ଲୋକଙ୍କୁ ରାବିଡି ଦେଉଥିବା କହୁଛି। ଏଥିପାଇଁ ଆପ୍ ରାବିଡି ପେ ଚର୍ଚ୍ଚା ନାଁରେ ପ୍ରଚାର ଅଭିଯାନ ଆରମ୍ଭ କରିଛି। ଆପ୍ ପକ୍ଷରୁ ଏହି କାର୍ଯ୍ୟକ୍ରମ ଆରମ୍ଭ କରାଯାଇ ଲୋକଙ୍କୁ ୭ଟି ଯୋଜନାର ପ୍ରତିଶ୍ରୁତି ମଧ୍ୟ ଦିଆଯାଇଛି। କେଜ୍ରିୱାଲଙ୍କ କହିବା କଥା ଯେ ଦଳର ଜିଲ୍ଲା ଓ ବୁଥ ସ୍ତରୀୟ କର୍ମକର୍ତ୍ତାମାନେ ୬୫ ହଜାର ମିଟିଂ ଜରିଆରେ ଭୋଟରଙ୍କ ପାଖରେ ପହଞ୍ଚିବେ। ଆପ ସରକାର ପକ୍ଷରୁ ମାଗଣାରେ ଯୋଗାଇ ଦିଆଯାଉଥିବା ସେବାଗୁଡ଼ିକ ଉଲ୍ଲେଖ ଥିବା ପାମଫ୍ଲେଟ ବାଣ୍ଟିବେ। ଆପ ପକ୍ଷରୁ ଲୋକଙ୍କୁ ମାଗଣା ବିଜୁଳି, ପାଣି, ଶିକ୍ଷା, ମୋହଲା କ୍ଲିନକରେ ଚିକିତ୍ସା, ମହିଳାଙ୍କ ବସ ଯାତ୍ରା, ବରିଷ୍ଠ ନାଗରିକଙ୍କ ପାଇଁ ତୀର୍ଥ ଯାତ୍ରା ଓ ମହିଳମାନଙ୍କୁ ମାସିକ ୧ ହଜାର ଟଙ୍କାର ସହାୟତା ପ୍ରଦାନ କରାଯିବ ବୋଲି କେଜ୍ରିୱାଲ କହିଛନ୍ତି। କେଜ୍ରିୱାଲ କହିଛନ୍ତି, "ଦେଶର ଜାତୀୟ ରାଜଧାନୀ ଗୋଟିଏ ଅଧା ରାଜ୍ୟ। ଦିଲ୍ଲୀ ସରକାରଙ୍କ ତୁଳନାରେ କେନ୍ଦ୍ର ପାଖରେ ଅଧିକ କ୍ଷମତା ରହିଛି। ଗଲା ୧୦ ବର୍ଷ ମଧ୍ୟରେ କେନ୍ଦ୍ରରେ କ୍ଷମତାସୀନ ବିଜେପି ସରକାର ଦିଲ୍ଲୀ ପାଇଁ କ'ଣ ସବୁ କରିଛନ୍ତି ବୋଲି ଆପ୍ କର୍ମୀମାନେ ଲୋକଙ୍କୁ ପ୍ରଶ୍ନ କରିବେ। ବିଜେପି ପ୍ରାୟ ୨୦ଟି ରାଜ୍ୟରେ କ୍ଷମତାରେ ରହିଛି। ହେଲେ ଆପ ଦେଉଥିବା ମାଗଣା ସେବା କୌଣସି ଗୋଟିଏ ରାଜ୍ୟରେ ମିଳୁନାହିଁ। ଏଥିପାଇଁ ସେମାନଙ୍କର କୌଣସି ଉଦ୍ଦେଶ୍ୟ ନାହିଁ। ମାଗଣା ସେବା କେମିତି ଯୋଗାଇ ଦିଆଯିବ, ସେକଥା କେବଳ ଆପ ଜାଣିଛି। ବିଜେପି କେବଳ ନିର୍ବାଚିତ ସରକାର କାମ ଅଟକାଇବା ଜାଣିଛି।"

## ଦେଲା ୭ ପ୍ରତିଶ୍ରୁତି

ଗତ ନିର୍ବାଚନ ସମୟରେ କେନ୍ଦ୍ରମନ୍ତ୍ରୀ ଅମିତ ଶାହ ଓ ହରଦୀପ ସିଂହ ପୁରୀ ପୂର୍ବାଞ୍ଚଳୀ ସଂପ୍ରଦାୟର ଲୋକଙ୍କୁ ମିଥ୍ୟା ପ୍ରତିଶ୍ରୁତି ଦେଇଥିଲେ ବୋଲି ମଧ୍ୟ କେଜ୍ରିୱାଲ ଅଭିଯୋଗ କରିଛନ୍ତି। ସେ କହିଛନ୍ତି, "ଅନାଧିକୃତ କଲୋନୀଗୁଡ଼ିକର ପଞ୍ଜୀକରଣ ପାଇଁ ସେମାନେ ପ୍ରତିଶ୍ରୁତି ଦେଇଥିଲେ। କିନ୍ତୁ ୫ ବର୍ଷ ମଧ୍ୟରେ ସେମାନେ ଗୋଟିଏର ବି ପଞ୍ଜୀକରଣ କରିନାହାନ୍ତି। ଏପରି ସ୍ଥିତିରେ ଆମେ ପୂର୍ବାଞ୍ଚଳୀ ଲୋକଙ୍କୁ ସମ୍ମାନର ଜୀବନ ଧାରଣର ବ୍ୟବସ୍ଥା କରିଛୁ।"

ନିକଟରେ ଆପ୍ ପକ୍ଷରୁ ଆସନ୍ତା ଦିଲ୍ଲୀ ବିଧାନସଭା ନିର୍ବାଚନ ପାଇଁ ୧୧ ଜଣ ପ୍ରାର୍ଥୀଙ୍କ ନାଁ ଘୋଷଣା କରାଯାଇଥିଲା। ଏହି ୧୧ ଜଣଙ୍କ ମଧ୍ୟରୁ ୬ ଜଣ ଦଳ ବଦଳ କରି ଆପ୍‌କୁ ଆସିଛନ୍ତି। ସେମାନଙ୍କ ମଧ୍ୟରୁ ୩ ଜଣ ପୂର୍ବରୁ ବିଜେପିରେ ଓ ଆଉ ୩ ଜଣ କଂଗ୍ରେସରେ ରହିଥିଲେ।

# ଶ୍ମଶାନରେ ଜିଇଁ ଉଠିଲା ଶବ
# ବ୍ୟବଚ୍ଛେଦ କରିଥିବା ୩ ଡାକ୍ତର ସସ୍‌ପେଣ୍ଡ

**ଜୟପୁର, ୨୨।୧୧:** ଡାକ୍ତରଖାନାରେ ଚିକିତ୍ସିତ ଜଣେ ବ୍ୟକ୍ତିଙ୍କୁ ମୃତ ଘୋଷଣା କଲେ ଡାକ୍ତର। ଏହାପରେ ମୃତଦେହକୁ ଡିପ୍ ଫ୍ରିଜରେ ରଖାଯିବା ସହ ଶବ ବ୍ୟବଚ୍ଛେଦ କରାଗଲା। ଏହାପରେ ମୃତଦେହକୁ ଶ୍ମଶାନକୁ ନିଆଗଲା । ମାତ୍ର ସେଠାରେ ଚିତା ଉପରେ ଶୋଇଥିବା ମୃତକଙ୍କର ହଠାତ୍ ଶ୍ୱାସ ପ୍ରଶ୍ୱାସ ଚାଲିଲା ଓ ଦେହରେ ହଲଚଲ ଦେଖାଗଲା। ଶେଷରେ ଚିତାରୁ ଉଠାଇ ଆଣି ତାଙ୍କୁ ମେଡିକାଲରେ ଭର୍ତ୍ତି କରାଯାଇଛି। ଏପରି ଏକ ଆଶ୍ଚର୍ଯ୍ୟଜନକ ଘଟଣା ରାଜସ୍ଥାନର ଝୁନଝୁନ ସହରରେ ଘଟିଛି। ରୋଗୀଙ୍କ ଜୀବନ ସହ ଖେଳିଥିବା ଯୋଗୁ ୩ ଡାକ୍ତରଙ୍କୁ ସସ୍‌ପେଣ୍ଡ କରାଯାଇଛି। ଝୁନଝୁନର ବଗଡ଼ ମା' ସେବା ସଂସ୍ଥାନର ଆଶ୍ରମ ଗୃହରେ ରୋହିତାଶ ନାମକ ୪୫ ବର୍ଷୀୟ ବ୍ୟକ୍ତି କିଛି ବର୍ଷ ହେଲା ରହି ଆସୁଥିଲେ। ସେ ଅନାଥ ହୋଇଥିବା ବେଳେ ଜନ୍ମରୁ ମୂକ ଓ ବଧିର। ଗତକାଲି ଅପରାହ୍ନରେ ଅସୁସ୍ଥତା ହେତୁ ତାଙ୍କୁ ଝୁନଝୁନର ବିଡିକେ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏହାପରେ ତାଙ୍କ ଶବ ବ୍ୟବଚ୍ଛେଦ କରାଯାଇ ମେଡିକାଲର ଶବ ଗୃହରେ ଥିବା ଡିପ ଫ୍ରିଜରେ ମୃତଦେହକୁ ରଖାଯାଇଥିଲା। ପ୍ରାୟ ୩ ଘଣ୍ଟା ପରେ ସେବା ସଂସ୍ଥାନ କର୍ମଚାରୀ ପହଞ୍ଚିବା ପରେ ସେମାନଙ୍କୁ ଶବ ହସ୍ତାନ୍ତର କରାଯାଇଥିଲା। ଏହାପରେ ସେମାନେ ମୃତଦେହକୁ ଧରି ଶ୍ମଶାନକୁ ଯାଇଥିଲେ। ଚିତା ଲଗାଇବା ନିମନ୍ତେ ସମସ୍ତ ପ୍ରକ୍ରିୟା ଶେଷ ହୋଇଥିଲା। ମାତ୍ର ଏହା ପୂର୍ବରୁ ମୃତବ୍ୟକ୍ତିଙ୍କ ନିଶ୍ୱାସ ଚାଲିବା ସହ ତାଙ୍କ ଶରୀର ହଲଚଲ ହୋଇଥିଲା। ଏହାଦେଖି ସେଠାରେ ଉପସ୍ଥିତ ଲୋକେ ଭୟଭୀତ ହୋଇ ଯାଇଥିବା ବେଳେ ତୁରନ୍ତ ରୋହିତାଶଙ୍କୁ ମେଡିକାଲ ଆଣିଥିଲେ। ସେଠାରେ ସେ ଜୀବୀତ ଥିବା ଜଣାପଡ଼ିଲା। ଏହାପରେ ତୁରନ୍ତ ତାଙ୍କୁ ଆଇସିୟୁରେ ଭର୍ତ୍ତି କରାଯାଇଥିବା ବେଳେ ସ୍ୱାସ୍ଥ୍ୟ ସାମାନ୍ୟ ଥିବା ଜଣାଯାଇଛି। ଏହି ଘଟଣାକୁ ଗୁରୁତର ସହ ନେଇଛନ୍ତି ରାଜ୍ୟ ସରକାର। ଏହାର ତଦନ୍ତ ପାଇଁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିବା ବେଳେ ୩ ଡାକ୍ତରଙ୍କ ଖାମଖିଆଲିପଣ ପାଇଁ ଏପରି ସାଂଘାତିକ ତ୍ରୁଟି ହୋଇଥିବା ଜଣାପଡ଼ିଲା। ରୋଗୀଙ୍କ ଜୀବନ ସହ ଏପରି ଖେଳୁଥିବା ଅଭିଯୋଗରେ ଉକ୍ତ ୩ ଡାକ୍ତରଙ୍କୁ ତୁରନ୍ତ ସସ୍‌ପେଣ୍ଡ କରାଯାଇଛି।

## ବାଘ ପ୍ରକଳ୍ପରେ ପର୍ଯ୍ୟଟକ ବର୍ତ୍ତିଲେ

# ୨ ଗାଇଡ଼ ସମେତ ୪ ସସ୍‌ପେଣ୍ଡ

**ଲକ୍ଷ୍ନୌ, ୨୨।୧୧:** ବାଘ ପ୍ରକଳ୍ପରେ ପର୍ଯ୍ୟଟକଙ୍କୁ ବୁଲାଇବା ବେଳେ ନିୟମ ଉଲ୍ଲଘଂନ କଲେ କିଛି କର୍ମଚାରୀ ଓ ଡ୍ରାଇଭର। ନିୟମ ବାହାରକୁ ଯାଇ ସେମାନେ ପର୍ଯ୍ୟଟକଙ୍କୁ ବାଘଙ୍କ ନିକଟକୁ ନେଇଗଲେ। ଏପରି ଏକ ଘଟଣାର ଭିଡିଓ ଭାଇରାଲ ହେବା ପରେ ସମୁଦାୟ ୪ ଜଣଙ୍କୁ ସସ୍‌ପେଣ୍ଡ କରାଯାଇଛି। ସେମାନଙ୍କ ମଧ୍ୟରେ ୨ଜଣ ଗାଇଡ ଓ ଦୁଇ ଜଣ ବସ୍ ଡ୍ରାଇଭର ଅଛନ୍ତି । ଏପରି ଏକ ଘଟଣା ଉତ୍ତରପ୍ରଦେଶର ପିଲିଭିତ ଟାଇଗର ରିଜର୍ଭ ଫରେଷ୍ଟ ଅଞ୍ଚଳରେ ଘଟିଛି। ଉକ୍ତ ସମୟରେ ବାଘ ସଫାରୀ ମଧ୍ୟରେ ପର୍ଯ୍ୟଟକମାନେ ବସ୍ ଯୋଗେ ବୁଲୁଥିଲେ। ଉକ୍ତ ସମୟରେ ଏକ ପର୍ଯ୍ୟଟକମାନେ ଏକ ବାଘକୁ ଦେଖିଥିଲେ। ଏହାପରେ ସେମାନଙ୍କ କହିବାନୁଯାୟୀ ଡ୍ରାଇଭର ନିୟମ ଉଲ୍ଲଘଂନ କରି ଉକ୍ତ ବାଘ ନିକଟକୁ ଗାଡ଼ିକୁ ନେଇ ଯାଇଥିଲେ। ଏହାର ଏକ ଭିଡିଓ ଭାଇରାଲ ହେବା ପରେ ଟାଇଗର ରିଜର୍ଭର ଉପନିର୍ଦ୍ଦେଶକ କ୍ଷେତ୍ରୀୟ ବନ ଅଧିକାରୀଙ୍କୁ ଏନେଇ ରିପୋର୍ଟ ମାଗିଥିଲେ। ଏହାପରେ ନିୟମ ଉଲ୍ଲଘଂନ ଅଭିଯୋଗରେ ସେଠାରେ ଉପସ୍ଥିତ ଥିବା ୨ ଗାଇଡ ଓ ୨ ଡ୍ରାଇଭରଙ୍କୁ ୧୫ ଦିନ ପାଇଁ ସସ୍‌ପେଣ୍ଡ କରାଯାଇଛି।

# ପ୍ରଦୂଷଣ ନେଇ ଦିଲ୍ଲୀ ସରକାରଙ୍କ ଉପରେ ବର୍ଷିଲେ ସୁପ୍ରିମକୋର୍ଟ



**ନୂଆଦିଲ୍ଲୀ,୨୨।୧୧:** ଆଜିକାଲି ଦେଶର ରାଜଧାନୀ ପ୍ରଦୂଷିତ ହେବାରେ ଲାଗିଛି। ରାଜଧାନୀରେ ପ୍ରଦୂଷଣ ପ୍ରସଙ୍ଗରେ ଶୁକ୍ରବାର ସୁପ୍ରିମକୋର୍ଟରେ ଶୁଣାଣି ହୋଇଥିଲା। ଏହି ସମୟରେ ଦିଲ୍ଲୀ ସରକାରଙ୍କ ଉତ୍ତର ସନ୍ତୋଷଜନକ ନୁହେଁ ବୋଲି କୋର୍ଟ କହିଛନ୍ତି। ଏହି ଶୁଣାଣି ସମୟରେ ବରିଷ୍ଠ ଓକିଲ ଗୋପାଳ ଶଙ୍କରନାରାୟଣ ସୁପ୍ରିମକୋର୍ଟଙ୍କୁ କହିଛନ୍ତି ଯେ, ଲାଞ୍ଚ ଦେଇ ଟ୍ରକ ଗୁଡିକ ଦିଲ୍ଲୀରେ ପ୍ରବେଶ କରୁଛନ୍ତି। ଏହା ଉପରେ କୋର୍ଟ କହିଛନ୍ତି, ସମସ୍ତ ୧୧୩ ପ୍ରବେଶ ପଏଣ୍ଟରେ ପୋଲିସ ଅଧିକାରୀ ନିଯୁକ୍ତ କରିବାକୁ କେନ୍ଦ୍ର ସରକାରଙ୍କୁ କୁହାଯିବ। ମନିଟରିଂ ପାଇଁ ପାରା ଲିଗାଲ ଭଲ୍ୟୁନଟିୟର୍ସକୁ ନଜର ରଖିବାକୁ ନିର୍ଦ୍ଦେଶ ଦିଲ୍ଲୀ ଆଇନ ସେବା ପ୍ରାଧିକରଣକୁ କୁହାଯିବ। ପରିବହନ ବିଭାଗର ଅଧିକାରୀମାନେ ଟ୍ରକକୁ ଅଟକାଉଛନ୍ତି ବୋଲି ଦିଲ୍ଲୀ ସରକାର ସୁପ୍ରିମକୋର୍ଟରେ ଦାବି କରିଛନ୍ତି। ଏହା ଉପରେ କୋର୍ଟ କହିଛନ୍ତି, କେତେ ଚେକ ପଏଣ୍ଟ କରାଯାଇଛି ତାହା ରେକର୍ଡରୁ ସ୍ପଷ୍ଟ ହୋଇନାହିଁ। ଆମେ କିଛି ଯୁବ ଆଇନଜୀବୀଙ୍କୁ ନିଯୁକ୍ତ କରିବୁ ଯେଉଁମାନେ ଦିଲ୍ଲୀର ପ୍ରବେଶ ପଏଣ୍ଟକୁ ଯାଇ ରିପୋର୍ଟ ପ୍ରସ୍ତୁତ କରିବେ ଏବଂ ସେମାନଙ୍କୁ କୋର୍ଟରେ ଦାଖଲ କରିବେ। ସିସିଟିଭି ଫୁଟେଜ ଉପରେ ମଧ୍ୟ ନଜର ରଖାଯିବ। ସୁପ୍ରିମକୋର୍ଟ କହିଛନ୍ତି, ଦିଲ୍ଲୀ ସରକାରଙ୍କ ଉତ୍ତରରେ ଆମେ ସନ୍ତୁଷ୍ଟ ନୁହଁ। କେତେ ଏଣ୍ଟ୍ରି ପଏଣ୍ଟ ଅଛି ଏବଂ କେଉଁଠାରେ ଏହାର ଅଧିକାରୀମାନେ ଉପସ୍ଥିତ ଅଛନ୍ତି ତାହା ଜଣାଇବାକୁ ସକ୍ଷମ ହୋଇନାହିଁ।

## ପର୍ଥ ଟେଷ୍ଟରେ ବୋଲରଙ୍କ ରାଜ୍

# ଭାରତର ୧୫୦ ଜବାବରେ ଅଷ୍ଟ୍ରେଲିଆ ୬୭/୭

**ପର୍ଥ, ୨୨।୧୧:** ଅଷ୍ଟ୍ରେଲିଆର ପର୍ଥରେ ଥିବା ଓପଟସ ଷ୍ଟାଡିୟମ ବୋଲରଙ୍କ ପାଇଁ ଭୂସ୍ୱର୍ଗ ପାଲଟିଛି। ବର୍ଡର-ଗାଭାସ୍କର ଟ୍ରଫିର ପ୍ରଥମ ମ୍ୟାଚ୍‌ର ପ୍ରଥମ ଦିନରେ ପର୍ଥରେ କମାଲ କରିଛନ୍ତି ଉଭୟ ଅଷ୍ଟ୍ରେଲିଆ ଓ ଭାରତୀୟ ବୋଲର। ପ୍ରଥମେ ଅଷ୍ଟ୍ରେଲିଆର ବୋଲରମାନେ ଭାରତୀୟ ବ୍ୟାଟରଙ୍କୁ ଘାଣ୍ଟିଥିଲେ। ଏହାପରେ ବିଦେଶ ମାଟିରେ ଭାରତୀୟ ବୋଲର ଘରୋଇ ଅଷ୍ଟ୍ରେଲିଆକୁ ଘାଇଲା କରିଛନ୍ତି। ବିଶେଷ କରି ଭାରତୀୟ ଟିମର କାମଚଳା ଅଧିନାୟକ ଯଶପ୍ରୀତ ବୁମ୍ରାଙ୍କ କାଉଣ୍ଟର ପଞ୍ଚରେ ଅଷ୍ଟ୍ରେଲିଆର ବ୍ୟାଟରମାନେ ଘାଇଲା ହୋଇଛନ୍ତି। ପ୍ରଥମ ଟେଷ୍ଟର ପ୍ରଥମ ଦିନରେ ୧୭ଟି ୱିକେଟ ଝଡ଼ିଛି। ଭାରତ ସମସ୍ତ ୱିକେଟ ହରାଇ ପ୍ରଥମ ଇନିଂସରେ ୧୫୦ ରନ କରିଥିବା ବେଳେ ଅଷ୍ଟ୍ରେଲିଆ ଏହାର ଜବାବରେ ୭ ୱିକେଟ ହରାଇ ୬୭ ରନ କରିଛି। ଏବେ ଘରୋଇ ଟିମ ଭାରତର ପ୍ରଥମ ଇନିଂସ ସ୍କୋର ଠାରୁ ୮୩ ରନ ପଛରେ ରହିଛି।



ପ୍ରଥମ ଦିନର ଷ୍ଟମ୍ପ ଅପସାରଣ ବେଳକୁ ଆଲେକ୍ସ କେରୀ ୧୯ ଓ ମିଚେଲ ଷ୍ଟାର୍କ ୬ ରନ କରି ଅପରାଜିତ ରହିଛନ୍ତି। ଏହି ଦୁଇ ଜଣ ଆସନ୍ତାକାଲି ଅଷ୍ଟ୍ରେଲିଆର ଇନିଂସକୁ ଆଗକୁ ବଢ଼ାଇବେ। ୧୯୫୨ ପରଠାରୁ ଅଷ୍ଟ୍ରେଲିଆରେ କେବେ ହେଲେ କୌଣସି ଟେଷ୍ଟର ପ୍ରଥମ ଦିନରେ ୧୭ଟି ୱିକେଟ ଝଡ଼ି ନଥିଲା। କିନ୍ତୁ ପର୍ଥ ଟେଷ୍ଟରେ ପ୍ରଥମ ଦିନରେ ୧୭ ୱିକେଟ ଝଡ଼ିବା ରେକର୍ଡ। ସେହିପରି ସମସ୍ତ ୧୭ଟି ଯାକ ୱିକେଟ ଦ୍ରୁତ ବୋଲରଙ୍କ ଖାତାକୁ ହିଁ ଯାଇଛି। ପର୍ଥରେ ଭାରତର କାମଚଳା ଅଧିନାୟକ ଟସ୍ ଜିତି ପ୍ରଥମେ ବ୍ୟାଟିଂ ନିଷ୍ପତ୍ତି ନେଇଥିଲେ। ଟପ୍ ଅର୍ଡରର ଫେଲ ମାରିଥିଲେ ହେଁ ଡେବ୍ୟୁଟାଣ୍ଟ ନୀତୀଶ କୁମାରଙ୍କ ୪୧ ଓ ଋଷଭ ପନ୍ତଙ୍କ ୩୭ ରନ ବଳରେ ଭାରତ ତା'ର ପ୍ରଥମ ଇନିଂସରେ ୧୫୦ ରନ କରିଥିଲା। ଅଷ୍ଟ୍ରେଲିଆ ପକ୍ଷରୁ ଜୋଶ ହାଜେଲଉଡ ସର୍ବାଧିକ ୪ ୱିକେଟ ନେଇଥିବା ବେଳେ ପାଟ କମିନ୍ସ, ମିଚେଲ ଷ୍ଟାର୍କ ଓ ମିଚେଲ ମାର୍ଶ ୨ଟି ଲେଖାଏ ୱିକେଟ ନେଇଛନ୍ତି। ଭାରତର ସମସ୍ତ ୱିକେଟ ପେସରଙ୍କ ଖାତାକୁ ଯାଇଛି। ଭାରତ ମାତ୍ର ୧୫୦ ରନ କରିଥିଲେ ହେଁ ବୋଲିଂରେ ଆରମ୍ଭରୁ କମାଲ କରିଥିଲା। ନିଜେ ଅଧିନାୟକ ଯଶପ୍ରୀତ ବୁମ୍ରା ସାମ୍ନାରୁ ଲିଡ୍ କରିଥିଲେ। ସେ ପ୍ରଥମେ ଅଷ୍ଟ୍ରେଲିଆ ପାଇଁ ଡେବ୍ୟୁ କରୁଥିବା ନାଥନ ମ୍ୟାକସ୍ୱିନୀ(୧୦)ଙ୍କୁ ଆଉଟ କରିଥିଲେ। ସମାନ ଓଭରରେ ମାର୍ନସ ଲାବୁଶେନଙ୍କ ଗୋଟିଏ ସହଜ କ୍ୟାଚ୍‌କୁ ଦ୍ୱିତୀୟ ସ୍ଲିପରେ ଫିଲ୍ଡିଂ କରିଥିବା ବିରାଟ କୋହଲି ଛାଡ଼ି ଦେଇଥିଲେ।

ତେବେ ୭ମ ଓଭର ବୋଲିଂ କରୁଥିବା ବୁମ୍ରା ପୁଣି କମାଲ କରିଥିଲେ। ସେ ୪ର୍ଥ ବଲରେ ପ୍ରଥମେ ଉସମାନ ଖ୍ୱାଜା(୮)ଙ୍କୁ ଆଉଟ କରିଥିଲେ। ପରବର୍ତ୍ତୀ ବଲରେ ଷ୍ଟିଭ ସ୍ମିଥ ତାଙ୍କ ଶିକାର ବନିଥିଲେ। ଅଷ୍ଟ୍ରେଲିଆ ୧୯ ରନରେ ତୃତୀୟ ୱିକେଟ ହରାଇଥିଲା। ଟ୍ରାଭିସ ହେଡ୍ ଓ ଲାବୁଶେନ ସ୍ଥିତି ସମ୍ଭାଳିବାକୁ ଚେଷ୍ଟା କରିଥିଲେ ହେଁ ଡେବ୍ୟୁଟାଣ୍ଟ ହର୍ଷିତ ରାଣା ଏହା କରାଇ ଦେଇ ନଥିଲେ। ସେ ୧୧ ରନ କରିଥିବା ହେଡଙ୍କୁ କ୍ଲିନବୋଲ୍ଡ କରି ଅଷ୍ଟ୍ରେଲିଆକୁ ୪ର୍ଥ ଝଟକା ଦେଇଥିଲେ। ୧୭ତମ ଓଭରେ ମହମ୍ମଦ ସିରାଜ ୬ ରନ କରିଥିବା ମଚେଲ ମାର୍ଶଙ୍କୁ ଆଉଟ କରିଥିଲେ। ଲାବୁଶେନ ୫୨ଟି ବଲର ସମ୍ମୁଖୀନ ହୋଇଥିଲେ ହେଁ କେବଳ ୨ ରନ କରିବାକୁ ସକ୍ଷମ ହୋଇଛନ୍ତି। ତାଙ୍କ ୱିକେଟ ମଧ୍ୟ ସିରାଜ ନେଇଛନ୍ତି। ଷ୍ଟମ୍ପ ଅପସାରଣ ପାଇଁ ଆଉ କିଛି ମିନିଟ ବାକିଥିବା ବେଳେ ଭାରତର ଅଧିନାୟକ ବୁମ୍ରା ଅଷ୍ଟ୍ରେଲିଆର ଅଧିନାୟକ ପାଟ କମିନ୍ସ(୩)ଙ୍କ ୱିକେଟ ନେଇ ଅଷ୍ଟ୍ରେଲିଆକୁ ବ୍ୟାକଫୁଟକୁ ଠେଲି ଦେଇଥିଲେ। ଅଷ୍ଟ୍ରେଲିଆ ୫୯ ରନରେ ୭ମ ୱିକେଟ ହରାଇଥିଲା। ଏହାପରେ କିନ୍ତୁ ଷ୍ଟାର୍କ ଓ କେରୀ ଆଉ କୌଣସି ବିପର୍ଯ୍ୟୟ ଘଟାଇବାକୁ ଦେଇ ନଥିଲେ। ଉଭୟ ଦଳୀୟ ସ୍କୋରକୁ ୬୭ରେ ପହଞ୍ଚାଇବା ସହ ପ୍ରଥମ ଦିନ ଖେଳ ଶେଷ ସୁଦ୍ଧା କ୍ରିଜରେ ରହିବାକୁ ସକ୍ଷମ ହୋଇଛନ୍ତି। ଭାରତ ପାଇଁ ବୁମ୍ରା ସର୍ବାଧିକ ୪ ୱିକେଟ ନେଇଥିବା ବେଳେ ସିରାଜଙ୍କୁ ୨ଟି ଓ ରାଣା ଗୋଟିଏ ସଫଳତା ପାଇଛନ୍ତି।



# ନୂଆ ଇନିଂସ ଆରମ୍ଭ କରିବାକୁ ଯାଉଛନ୍ତି ଚହଲଙ୍କ ସ୍ତ୍ରୀ

**ନୂଆଦିଲ୍ଲୀ,୨୨।୧୧:** କ୍ରିକେଟର୍ ଯୁଜଭେନ୍ଦ୍ର ଚହଲଙ୍କ ସ୍ତ୍ରୀ ଧନଶ୍ରୀ ବର୍ମା ଏକ ନୂଆ ଇନିଂସ ଆରମ୍ଭ କରିବାକୁ ଯାଉଛନ୍ତି। ସେ ଖୁବ୍‌ଶୀଘ୍ର ତେଲୁଗୁ ଚଳଚ୍ଚିତ୍ର ଇଣ୍ଡଷ୍ଟ୍ରିରେ ଡେବ୍ୟୁ କରିବେ ବୋଲି ଚର୍ଚ୍ଚା ହେଉଛି।

ରିପୋର୍ଟ ଅନୁଯାୟୀ, ଧନଶ୍ରୀ ଦିଲ ରାଜୁଙ୍କ ବ୍ୟାନରରେ ନିର୍ମିତ 'ଆକାଶମ ଦାତି ବାସ୍ତବ' ନାମକ ଏକ ତେଲୁଗୁ ଚଳଚ୍ଚିତ୍ରରେ ଡେବ୍ୟୁ କରିବେ। ଏହି ପ୍ରକଳ୍ପରେ କୋରିଓଗ୍ରାଫର ଯଶ ମୁଖ୍ୟ ଭୂମିକା ଗ୍ରହଣ କରିବେ। ଏହି ଚଳଚ୍ଚିତ୍ରରେ ପ୍ରସିଦ୍ଧ ମାଲାୟାଲମ ଅଭିନେତ୍ରୀ କାର୍ତ୍ତିକା ମୁରଲୀଧରନ ମଧ୍ୟ ଅଭିନୟ କରିବେ।ଧନଶ୍ରୀ ଏହି ଫିଲ୍ମରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବେ ବୋଲି ଜଣାଯାଇଛି। ଏହା ଏକ ନୃତ୍ୟ ଭିତ୍ତିକ ଚଳଚ୍ଚିତ୍ର ଏବଂ କୋରିଓଗ୍ରାଫର ହୋଇ ନିର୍ମାତାମାନେ ଧନଶ୍ରୀଙ୍କୁ ଏହି ଚଳଚ୍ଚିତ୍ର ପାଇଁ ଉପଯୁକ୍ତ ବୋଲି କହିଥିଲେ। ତେବେ ନିର୍ମାତାମାନେ ଧନଶ୍ରୀଙ୍କୁ ଏହି ଭୂମିକାରେ ଅଭିନୟ କରିବା ପୂର୍ବରୁ ଅନେକ ଅଭିନେତ୍ରୀଙ୍କୁ ଅଡିସନ କରିଥିଲେ। ରିପୋର୍ଟ ଅନୁଯାୟୀ, ଧନଶ୍ରୀ ତାଙ୍କ ଭୂମିକାର ଗଭୀରତା ଏବଂ ଚଳଚ୍ଚିତ୍ରର ପୁରା କାହାଣୀକୁ ଅନୁଧ୍ୟାନ କରିବା ପରେ ହିଁ ଫିଲ୍ମରେ ଯୋଗଦେବାକୁ ରାଜି ହୋଇଥିଲେ। ସୋସିଆଲ ମିଡିଆ ପ୍ରଭାବଶାଳୀ ବ୍ୟକ୍ତି ନିଜେ ମୁମ୍ବାଇରେ ଫିଲ୍ମର କିଛି ଦୃଶ୍ୟ ସୁଟିଂ କରିସାରିଛନ୍ତି। ଏହାର ଅବଶିଷ୍ଟ ଅଂଶ ହାଇଦ୍ରାବାଦରେ ସମ୍ପୂର୍ଣ୍ଣ ହେବାର ସମ୍ଭାବନା ଅଛି।

ଧନଶ୍ରୀ ପିଲାଦିନରୁ ତାଲିମପ୍ରାପ୍ତ ଶାସ୍ତ୍ରୀୟ ଭାରତନାଟ୍ୟମ ନୃତ୍ୟଶିଳ୍ପୀ ମଧ୍ୟ ରହିଆସିଛନ୍ତି। ଧନଶ୍ରୀ ୨୦୨୦ରେ ଯୁଜବେନ୍ଦ୍ର ଚହଲଙ୍କୁ ବିବାହ କରିଥିଲେ।

# ମାର୍ଚ୍ଚ ୧୪ରୁ ଆରମ୍ଭ ହେବ ଆଇପିଏଲ୍



ନୂଆଦିଲ୍ଲୀ,୨୨।୧୧: ଆଜିକାଲି ଆଇପିଏଲ ୨୦୨୫ ମେଗା ନିଲାମ ଖବର ଚର୍ଚ୍ଚାରେ ଅଛି। ଏହି ସମୟରେ ଆଇପିଏଲ ୨୦୨୫ ଆରମ୍ଭ ହେବାର ତାରିଖ ସାମ୍ନାକୁ ଆସିଛି। ଏକ ମିଡିଆ ରିପୋର୍ଟ ଅନୁଯାୟୀ, ଆଗାମୀ ତିନି ସିଜନର ତାରିଖ ପ୍ରକାଶ ପାଇଛି। ୨୦୨୫ ସିଜନ ମାର୍ଚ୍ଚ ୧୪ରୁ ମେ ୨୫ ପର୍ଯ୍ୟନ୍ତ ଖେଳାଯିବ। ପରବର୍ତ୍ତୀ ସିଜନ ମାର୍ଚ୍ଚ ୧୫ରେ ଆରମ୍ଭ ହେବ ଏବଂ ଫାଇନାଲ ମେ ୩୧ରେ ଖେଳାଯିବ। ଏହା ବ୍ୟତୀତ ଆଇପିଏଲ ୨୦୨୭ର ତାରିଖ ମଧ୍ୟ ପ୍ରକାଶ ପାଇଛି, ଯାହା ମାର୍ଚ୍ଚ ୧୪ରୁ ଆରମ୍ଭ ହୋଇ ମେ ୩୦ ପର୍ଯ୍ୟନ୍ତ ଜାରି ରହିବ। ଏକ ରିପୋର୍ଟ ଅନୁଯାୟୀ, ସମସ୍ତ ଫ୍ରାଞ୍ଚାଇଜମାନଙ୍କୁ ଇ-ମେଲ ମାଧ୍ୟମରେ ପରବର୍ତ୍ତୀ ତିନି ସିଜନର ଆରମ୍ଭ ତାରିଖ ବିଷୟରେ ଅବଗତ କରାଯାଇଛି। ଏହି ତାରିଖଗୁଡ଼ିକରେ ଖୁବ ଶୀଘ୍ର ସରକାରୀ ନିଶ୍ଚିତକରଣ ଦିଆଯାଇପାରେ। ଗତ ତିନୋଟି ସିଜନ ପରି, ଆଇପିଏଲ ୨୦୨୫ ସିଜନରେ ମୋଟ ୭୪ ଟି ମ୍ୟାଚ ଖେଳାଯିବ। ଏହା ସହିତ ପରବର୍ତ୍ତୀ ସିଜନରେ ମ୍ୟାଚ ସଂଖ୍ୟା ବୃଦ୍ଧି କରାଯାଇପାରେ। ଆଇପିଏଲ ୨୦୨୬ ରେ ୮୪ଟି ମ୍ୟାଚ ଏବଂ ୨୦୨୭ ସିଜନରେ ମ୍ୟାଚ ସଂଖ୍ୟା ୯୪କୁ ବୃଦ୍ଧି କରାଯାଇପାରେ। ଯଦି ଆମେ ଆଇପିଏଲ ୨୦୨୪କୁ ଦେଖିବା, ତେବେ ଏହି ଟୁର୍ନାମେଣ୍ଟ ୨୨ ମାର୍ଚ୍ଚରୁ ୨୬ ମେ ପର୍ଯ୍ୟନ୍ତ ହୋଇଥିଲା, ଯାହାର ଫାଇନାଲରେ କେକେଆର୍ ସନରାଇଜର୍ସ ହାଇଦ୍ରାବାଦକୁ ପରାସ୍ତ କରିଥିଲା।

# ଆମନ୍ତ୍ରଣୀୟ ଅଭ୍ୟାସ କ୍ରିକେଟ ମ୍ୟାଚ୍



**ଖୋର୍ଦ୍ଧା,୨୨।୧୧(ସଂଚାର ବ୍ୟୁରୋ):** ଓଡ଼ିଶା କ୍ରିକେଟ୍ ଆସୋସିଏସନ୍ ଦ୍ୱାରା, ଇଷ୍ଟକୋଷ୍ଟ ରେଳ କ୍ରୀଡା ଷ୍ଟାଡିୟମ, ଖୋର୍ଦ୍ଧା ରୋଡ ଠାରେ, ମହିଳା ମାନଙ୍କ ପାଇଁ "ରାଜ୍ୟସ୍ତରୀୟ ଆମନ୍ତ୍ରଣୀୟ ଅଭ୍ୟାସ କ୍ରିକେଟ ମ୍ୟାଚ୍" ଆୟୋଜିତ କରାଯାଇଅଛି। ଏହି ଅଭ୍ୟାସ କ୍ରିକେଟ୍ ମ୍ୟାଚ୍, ୨୨.୧୧.୨୦୨୪ ରୁ ୨୬.୧୧.୨୦୨୪ ପର୍ଯ୍ୟନ୍ତ, ଓଡିଶା ବରିଷ୍ଠ ମହିଳା ବନାମ ଛତିଶଗଡ଼ ବରିଷ୍ଠ ମହିଳା ମଧ୍ୟରେ ଅନୁଷ୍ଠିତ ହେଉଛି। ଓଡିଶା ବରିଷ୍ଠ ମହିଳା ଦଳ ପ୍ରଥମ ଅଭ୍ୟାସ ମ୍ୟାଚ୍ ଜିତିଥିଲେ। ଖୋର୍ଦ୍ଧା ରୋଡ ରେ ଥିବା ରେଲୱେ ଷ୍ଟାଡିୟମରେ ଷୁସଙ୍ଘ ଟି ହାଇମାଷ୍ଟ ସ୍ଥାପନ କରି, ସ୍ଥାୟୀ ଉଜ୍ଜଳ ଆଲୋକା ବ୍ୟବସ୍ଥା କରାଯାଇଛି, ଯୋଉଥୋରେ କି ୧୦୦୦ଡ ର ୫୪ ଟି ଏଲଇଡି ଲାଇଟ୍ ଲଗାଯାଇଛି। ଏହି ଷ୍ଟାଡିୟମରେ ସ୍ଥାୟୀ ଟର୍ଫ କ୍ରିକେଟ୍ ପିଚ୍ ଏବଂ କ୍ରୀଡ଼ା ବ୍ୟକ୍ତିବିଶେଷଙ୍କ ପାଇଁ ଜିମ୍ ସୁବିଧା ରହିଛି। ନିକଟ ରେ, ଇଷ୍ଟକୋଷ୍ଟ ରେଲୱେ ସ୍ପୋର୍ଟସ ଆସୋସିଏସନ ଖୋର୍ଦ୍ଧା ରୋଡ୍, ଦ୍ୱାରା, ରେଳ ଷ୍ଟାଡିୟମ ଠାରେ 'ରେଲୱେ ଇଣ୍ଟିଗ୍ରେଟେଡ୍ ସ୍ପୋର୍ଟସ ଏକାଡେମୀ' ର ଉଦ୍ଘାଟନ କରଯାଇଥିଲା ଯାହା ଜଟଣୀ ଅଞ୍ଚଳର କ୍ରୀଡାପ୍ରେମୀଙ୍କ ପାଇଁ ଏକ କୋଚିଂ ସେଣ୍ଟର ଭାବରେ କାର୍ଯ୍ୟ କରୁଛି। ଖୋର୍ଦ୍ଧା ରୋଡ୍ ମଣ୍ଡଳ ରେଳ ପ୍ରବନ୍ଧକ, ଶ୍ରୀ ଏଚ୍ ଏସ ବାଜ୍ୱା ଏବଂ କ୍ରୀଡା ଅଧିକାରୀ ତଥା ବରିଷ୍ଠ ମଣ୍ଡଳ ବିତ୍ତ ପ୍ରବନ୍ଧକ, ଶ୍ରୀ ହିମାଦ୍ରି ଭୂଷଣ ବିଶ୍ୱାଳଙ୍କ ନେତୃତ୍ୱ ରେ, ଇଷ୍ଟକୋଷ୍ଟ ରେଲୱେ ସ୍ପୋର୍ଟସ ଆସୋସିଏସନ, ଖୋର୍ଦ୍ଧା ରୋଡ୍, ଦ୍ୱାରା, ଆଗାମୀ ଦିନରେ ରେଳ ଷ୍ଟାଡିୟମରେ, ଜାତୀୟ ତଥା ରାଜ୍ୟ ସ୍ତରୀୟ କ୍ରୀଡା କାର୍ଯ୍ୟକ୍ରମ ଆୟୋଜିତ କରିବା ପାଇଁ, ଅନେକ ଆଧୁନିକ ସୁବିଧା ସ୍ଥାପନ କରିବାକୁ ଯୋଜନା କରାଯାଉଛି।

# ଫେଡେରେସନ୍ କପ୍ କରାଟେ: ଓଡ଼ିଶାକୁ ୯ ପଦକ




**ଭୁବନେଶ୍ୱର, ୨୨।୧୧:** ନୂଆଦିଲ୍ଲୀସ୍ଥିତ ତଲକଟୋରା ଇନ୍‌ଡୋର୍ ଷ୍ଟାଡିୟମ୍‌ରେ ଚାଲିଥିବା ଫେଡେରେସନ୍ କପ୍ କରାଟେ ପ୍ରତିଯୋଗିତାରେ ଓଡ଼ିଶାକୁ ୩ ସ୍ୱର୍ଣ୍ଣ, ୨ ରୌପ୍ୟ ଓ ୪ କାଂସ୍ୟ ସହ ୯ ପଦକ ମିଳିଛି। ପୁରୁଷ ୫୫ କେଜିରୁ କମ୍ ଫାଇଟିଂରେ ରିତେଶ ମହାନ୍ତି, ମହିଳା ୬୮ କେଜି କମ୍ ଫାଇଟିଂରେ ମୋନାଲି ସାହୁ ଏବଂ କ୍ୟାଡେଟ୍ ମହିଳା ବ୍ୟକ୍ତିଗତ କାଟାରେ ଆଜ୍ୟା ବଂଶୀକା ସ୍ୱର୍ଣ୍ଣ ପଦକ ଜିତିଥିଲେ। ଫାଇଟିଂ ମହିଳା ୫୦ କେଜିରୁ କମ୍‌ରେ ବ୍ରତତି ବିଶ୍ୱପ୍ରଭା ପତି ଓ ପୁରୁଷ ୭୫ କେଜିରୁ କମ୍‌ରେ ରାଜେଶ ମହାପାତ୍ର ରୌପ୍ୟ ପାଇଥିଲେ। ମହିଳା ୪୫ କେଜିରୁ କମ୍ ଫାଇଟିଂରେ ସିନ୍ଧୁ ତନୟା ଖୁଣ୍ଟିଆ, ୬୧ କେଜିରୁ କମ୍‌ରେ ଆଜ୍ୟା ବଂଶୀକା ଏବଂ କ୍ୟାଡେଟ୍ ପୁରୁଷ ୪୫ କେଜିରୁ କମ୍ ଫାଇଟିଂରେ ଓମ୍ ସତ୍ୟମ ମହାନ୍ତି ଓ ପୁରୁଷ ୬୭ କେଜିରୁ କମ୍ ଫାଇଟିଂରେ ତ୍ରିନାଥ ରଣା କାଂସ୍ୟ ପଦକ କରାୟତ୍ତ କରିଥିଲେ। ପଦକ ବିଜେତାମାନଙ୍କୁ ଓଡ଼ିଶା ରାଜ୍ୟ କରାଟେ ସଂଘ ଅଭିନନ୍ଦନ ଜଣାଇଛି।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ଜାତିର ପିତାଙ୍କୁ...

ତୈଳିକ ବୈଶ୍ୟ ସମାଜ ପକ୍ଷରୁ ସରକାରୀ ଅଧିକାରୀ ଓ ଜିଲ୍ଲା ପ୍ରଶାସନ ସହିତ ଆଲୋଚନା ହୋଇଥିଲା। ସେମାନେ ବୋଇତ ବନ୍ଦାଣ କାର୍ଯ୍ୟ ସମ୍ପାଦନ କରିଥିଲେ। ହେଲେ ଉଦଘାଟନୀ ସମାରୋହରେ ମୁଖ୍ୟମନ୍ତ୍ରୀଙ୍କ ସମେତ ଅନ୍ୟ ଅତିଥିମାନଙ୍କୁ ସ୍ୱାଗତ କରିବାର ସୁଯୋଗ ପାଇଲେ ନାହିଁ। ଏହା ସେମାନଙ୍କ ସମାଜ ପ୍ରତି ଅପମାନ ବୋଲି ବିଚାର ବୈଶ୍ୟ ସମାଜ ଏବେ ରାଜ୍ୟପାଳ ରଘୁବର ଦାସଙ୍କ ନିକଟରେ ଫେରାଦ ହୋଇଛନ୍ତି। ଚଳିତବର୍ଷ ଜଣେ ଜିଲ୍ଲାପାଳଙ୍କ ପାଇଁ କଟକ ବାଲିଯାତ୍ରାରେ ଯେଭଳି ବିଭ୍ରାଟ ପରେ ବିଭ୍ରାଟ ପରିଲକ୍ଷିତ ହୋଇଛି ତାହା ପୂର୍ବରୁ କେବେ ହୋଇନଥିଲା। ମୁଣ୍ଡ ଉପରେ ଐତିହାସିକ ବାଲିଯାତ୍ରା ଥିବାବେଳେ ଏଭଳି ଜଣେ ଅଫିସରଙ୍କୁ କିଏ କଟକକୁ ଆଣିଲା ବୋଲି ଏବେ ଲୋକେ ପ୍ରଶ୍ନ କରୁଛନ୍ତି। କାରଣ ଚଳିତବର୍ଷ ବାଲିଯାତ୍ରରେ କେବଳ ମୁଖ୍ୟମନ୍ତ୍ରୀ, ଜାତିରପିତା କିମ୍ବା ବୈଶ୍ୟ ସମାଜ ଅପମାନିତ ହୋଇନାହାନ୍ତି ବିଦ୍ୟୁତ୍ ତାର ଲାଗି ଗୋଟିଏ ପିଲାର ଜୀବନ ଯାଇଥିବାବେଳେ ପରିମଳ ବ୍ୟବସ୍ଥାରେ ତ୍ରୁଟି ଯୋଗୁଁ ଲୋକେ ନାକ ଟେକୁଛନ୍ତି। ସବୁଠାରୁ ବଡ କଥାହେଲା ଏତେସବୁ ବିଭ୍ରାଟ ପରେ ବି କଟକର ପ୍ରଥମ ନାଗରିକ ତଥା ମେୟର ସୁବାସ ସିଂହ ଏ ସଂକ୍ରାନ୍ତରେ ପଦୁଟିଏ ହେଲେ ମୁହଁ ଖୋଲୁନଥିବାବେଳେ କଟକରେ ଉପସ୍ଥିତ ବିଜେଡି ସାଂସଦ ଓ ବିଧାୟକ ନିରବତା ଅବଲମ୍ବନ କରୁଛନ୍ତି। ତେବେ ଅପରାଗ ପ୍ରଶାସକଙ୍କୁ କଟକ ଛାଡିବାପାଇଁ ବିଧାୟିକା ସୋଫିଆ ଡାକରା ଦେଇଥିବାବେଳେ ତାଙ୍କୁ ଅନେକ ସମର୍ଥନ କରୁଥିବା ଲକ୍ଷ୍ୟକରାଯାଇଛି।

### ବ୍ରାଣ୍ଡ...

ବିକା କରିଥାନ୍ତି। ଏଥିପାଇଁ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଆଇନର ବାଧ୍ୟବାଧକତା। ତେଣୁ ଆଦାନୀ ଠାରୁ ସୌର ଶକ୍ତି କିଣିବା ପାଇଁ ଗ୍ରିଡକୋ ଏବଂ ଏସଇସିଆଇ କେବଳ ମାଧ୍ୟମ। ସବୁ କାରବାର ତୃତୀୟ ମହଲାରେ ହିଁ ହୋଇଥିଲା ଆଉ ଏଥିପାଇଁ ତତ୍କାଳୀନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଅନୁମୋଦନ ଦେଇଥିଲେ।

ତେଣୁ ଏହି ଲାଂଚ କାରବାରରେ ସନ୍ୟାସୀଙ୍କ ଏକ ବଡ ଭୂମିକା ଥିଲା ବୋଲି ପ୍ରଶାସନିକ ମହଲରେ ଏବେ ଚର୍ଚ୍ଚା ହେଉଛି। ଆଦାନୀ ସୌର ଶକ୍ତି ଲାଂଚ କାରବାର ପଦାକୁ ଆସିବା ପରେ ଏବେ ପ୍ରଶାସନିକ ମହଲରେ ଚର୍ଚ୍ଚା ସରଗରମ ହୋଇଛି। ଅଭିଯୋଗ ହେଉଛି ସେ ସମୟରେ ସନ୍ୟାସୀ ଓ ତାଙ୍କ ଟିମ ଆଦାନୀ ଠାରୁ ପାଖାପାଖି ୪୫୦ କୋଟିର ଡିଲ କରିଥିଲେ। ଆଉ ଏହି ଟଙ୍କା ସନ୍ୟାସୀ ଓ କ୍ରୀତଦାସ ଭାଗବଣ୍ଟା କରି ହଡ଼ପ କରିନେଇଥିବା ଚର୍ଚ୍ଚା ହେଉଛି। ସେ ଯାହାବି ହେଉନା କାହିଁକି, ଯଦିଓ ସେ ସମୟରେ ଓଡ଼ିଶାର ମୁଖ୍ୟମନ୍ତ୍ରୀଙ୍କ ଓ ଆଦାନୀ ମଧ୍ୟରେ କେତେ ଡିଲ ହୋଇଥିଲା ତାହା ଜଣାପଡିନି, ତଥାପି ବିଜେଡି ସରକାର ଏଭଳି କାମ ଯୋଗୁ ଏବେ ବିଶ୍ୱସ୍ତରରେ ଓଡ଼ିଶା ଦୁର୍ନାମ ମୁଣ୍ଡାଇଛି, ନନ୍ଦିତ ହେଉଛି।

### ବ୍ୟାପକ ହେବ...

ଜ୍ଞାନକୌଶଳ ଭବିଷ୍ୟତରେ ନିଯୁକ୍ତି ଏବଂ ଆର୍ଥିକ କ୍ଷେତ୍ରକୁ ପରିବର୍ତ୍ତନ କରିବ। ଏଥିପାଇଁ ଭବିଷ୍ୟତରେ କର୍ମଚାରୀମାନଙ୍କୁ ଅପ୍-ସ୍କିଲ୍ ଏବଂ ରି-ସ୍କିଲ୍ କରାଇବାର ଆବଶ୍ୟକତା ରହିଛି। ବିଶ୍ୱର ଦକ୍ଷତା ରାଜଧାନୀ ଭାବେ ଉଭା ହେବା ପାଇଁ ଆମର ବୃହତ ଜନସଂଖ୍ୟାକୁ ସ୍କିଲ, ରି-ସ୍କିଲ୍ ଏବଂ ଅପ୍-ସ୍କିଲ୍ କରାଇବା ଦିଗରେ ସାମଗ୍ରିକ ସରକାରୀ ଆଭିମୁଖ୍ୟ ସହ ମିଳିତ ଭାବେ କାର୍ଯ୍ୟ କରିବାର ଆବଶ୍ୟକତା ରହିଛି ବୋଲି ସେ କହିଛନ୍ତି ।

ଶିକ୍ଷା ମନ୍ତ୍ରଣାଳୟ ପକ୍ଷରୁ ଜାତୀୟ ଶିକ୍ଷା ନୀତି ଏବଂ ଜାତୀୟ ପାଠ୍ୟକ୍ରମ ଢାଞ୍ଚା ଆରମ୍ଭ କରି ଶିକ୍ଷା କ୍ଷେତ୍ରରେ ଏକ ବଡ ପଦକ୍ଷେପ ନିଆଯାଇ ବିଦ୍ୟାଳୟଗୁଡ଼ିକରେ ଦକ୍ଷତା ଉପରେ ଗୁରୁତ୍ୱାରୋପ କରାଯାଇଛି।

ଜାତୀୟ ଶିକ୍ଷା ନୀତି ମାଧ୍ୟମରେ ୨୦୨୫ ସୁଦ୍ଧା ୫୦ ପ୍ରତିଶତ ଛାତ୍ରଛାତ୍ରୀଙ୍କୁ ଦକ୍ଷତାଭିତ୍ତିକ ଶିକ୍ଷା ହାସଲ ଏବଂ ୨୦୩୦ ସୁଦ୍ଧା ଦକ୍ଷତାଭିତ୍ତିକ ଶିକ୍ଷା ପ୍ରଦାନ କରୁଥିବା ସମସ୍ତ ମାଧ୍ୟମିକ ବିଦ୍ୟାଳୟକୁ ସ୍କିଲିଂ ଶିକ୍ଷାକୁ ପ୍ରୋତ୍ସାହିତ କରିବା ପାଇଁ ଲକ୍ଷ୍ୟ ରହିଛି ।

ଏହି ପରିପ୍ରେକ୍ଷୀରେ ଜବ୍ସ ଆଟ୍ ୟୋର୍ ଡୋର୍ ଷ୍ଟେପ୍ ରିପୋର୍ଟ ଶିକ୍ଷା ଓ ଚାକିରି ଏଜେଣ୍ଡା ମଧ୍ୟରେ ଷ୍ଟ୍ରାଟେଜିକ୍ ସମ୍ପର୍କ ଏବଂ ସମନ୍ୱୟ ପ୍ରଦାନ କରିବା ଦିଗରେ ଏକ ରୋଡମ୍ୟାପ୍ ହେବ ବୋଲି ଶ୍ରୀ ପ୍ରଧାନ କହିଛନ୍ତି।

### ବନୀକରଣ ...

ଏହି ଜମି କିଣା ଯାଇଛି ଡିଏଫଓ । ସୁନ୍ଦରଗଡର ବୀଜାହନ ଠାରେ ମହାନଦୀ ମାଇନ୍ସ ଆଣ୍ଡ ମିନେରାଲ ପ୍ରାଇଭେଟ ଲିମିଟେଡ ପକ୍ଷରୁ ଗତ ସେପ୍ଟେମ୍ବର ୨ ତାରିଖରେ ୧୧ଶହ ହେକ୍ଟର ଜମିରେ କୋଇଲା ଖନନ କରୁଛି । ସେଥିରୁ ୬୦୮.୬୪ ହେକ୍ଟର ଜଙ୍ଗଲ ଜମି ରହିଛି । ତେବେ ତାହାର ଭରଣା ପାଇଁ ବଲାଙ୍ଗୀର ଜିଲ୍ଲାର ୯ଟି ସ୍ଥାନରେ ୪୫ ହେକ୍ଟର ଜମି କିଣାଯାଇଛି । ତାହା ଜଙ୍ଗଲ ସୃଷ୍ଟି କରିବାକୁ, ଖଣି ଖନନ ପାଇଁ ନୁହେ ବୋଲି ଡିଏଫଓ ସ୍ପଷ୍ଟ କରିଛନ୍ତି ।

### ନିରାପତ୍ତା...

ଡିଭିଜନ ସୁକମା ଜଙ୍ଗଲରେ ନକ୍ସଲ ଗତିବିଧି ନେଇ ସୂଚନା ମିଳିବା ପରେ ଡିଆର୍‌ଜି ଯବାନଙ୍କ ଏକ ୟୁନିଟ୍ ଅପରେସନ ଆରମ୍ଭ କରିଥିଲା । କୋଣ୍ଟା ଓ କିସ୍ତାରାମ ଜଙ୍ଗଲରେ ନକ୍ସଲଙ୍କ ସହ ମୁହାଁମୁହିଁ ହେବା ପରେ ଉଭୟ ପଟୁ ଗୁଳି ବିନିମୟ ହୋଇଥିଲା। ଜଙ୍ଗଲରୁ ୧୦ ନକ୍ସଲଙ୍କ ଶବ ଉଦ୍ଧାର କରାଯାଇଛି। ନକ୍ସଲ ବିରୋଧୀ କାର୍ଯ୍ୟାନୁଷ୍ଠାନର ସଫଳତା ପରେ ଛତିଶଗଡ଼ ମୁଖ୍ୟମନ୍ତ୍ରୀ ବିଷ୍ଣୁଦେବ ସାଏ ଏକ୍ସରେ ଧନ୍ୟବାଦ ଜଣାଇ ଏହା ନକ୍ସଲ ବିରୋଧୀ ଅପରେସନରେ ବଡ ସଫଳତା ବୋଲି କହିଛନ୍ତି। ବସ୍ତର ଜୋନର ଶାନ୍ତି, ସ୍ଥିରତା ଓ ପ୍ରଗତିକୁ ନିଶ୍ଚିତ କରିବା ତାଙ୍କ ସରକାରର ପ୍ରାଥମିକତାଆଗକୁ ଅପରେସନ୍ ଜାରି ରହିବ ବୋଲି ସେ କହିଛନ୍ତି।

### ଅବସର ଦିନ...

ଓଡ଼ିଶା ସିଭିଲ୍ ସର୍ଭିସ ପେନସନ୍ ନିୟମ-୧୯୯୨ ଓ ସାଧାରଣ ପ୍ରଶାସନ ବିଭାଗର ପୂର୍ବ ଚିଠି ଅନୁସାରେ ଅବସର ଦିନ ପୂର୍ଣ୍ଣାଙ୍ଗ ପେନସନ୍ ପ୍ରଦାନ ନିମନ୍ତେ ନିଜ ବିଭାଗର ସମସ୍ତ ବିଭାଗୀୟ ମୁଖ୍ୟ ଓ ପେନସନ୍ ମଞ୍ଜୁରକାରୀ ଅଫିସରଙ୍କୁ ପୁନଃ ଅବଗତ କରାଇବାକୁ ଶ୍ରୀ ଆହୁଜା କହିଛନ୍ତି।

ସେ ଆହୁରି ସ୍ପଷ୍ଟ କରିଛନ୍ତି, ଯଦି କୌଣସି କର୍ମଚାରୀଙ୍କ ବିରୁଦ୍ଧରେ ବିଭାଗୀୟ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଅବା ଭିଜିଲାନ୍ସ ମାମଲା ଥାଏ ତା'ହେଲେ ସମ୍ପୃକ୍ତ କର୍ମଚାରୀଙ୍କ ଅବସର ଗ୍ରହଣର ଯଥେଷ୍ଟ ପୂର୍ବରୁ ତାକୁ ଫଏସଲା କରିବା ପାଇଁ ବିଭାଗସ୍ତରରେ ପଦକ୍ଷେପ ଗ୍ରହଣ କରାଯିବା ଏକାନ୍ତ ଆବଶ୍ୟକ। ଶ୍ରୀ ଆହୁଜା ୨୦୧୯ ଡିସେମ୍ବର ୯ତାରିଖରେ ପେନସନ୍ କୋର କମିଟି ବୈଠକର ବିବରଣୀ ମଧ୍ୟ ସଂଲଗ୍ନ କରିଛନ୍ତି। ଯେଉଁଥିରେ ଅବସରପ୍ରାପ୍ତ କର୍ମଚାରୀଙ୍କୁ ସଠିକ୍ ସମୟରେ ପେନସନ୍ ପ୍ରଦାନ ନିମନ୍ତେ କ'ଣ ସବୁ ପଦକ୍ଷେପ ନିଆଯିବା ଜରୁରୀ ତାହା ଉଲ୍ଲେଖ ରହିଛି।

### ବିଶ୍ୱରେ ବିଶେଷ...

ଆୟୋଜନ କରାଯାଉଛି। ଏହି ଅବସରରେ ମୁଖ୍ୟମନ୍ତ୍ରୀ ସ୍ୱତନ୍ତ୍ର ଓଡ଼ିଶା ମଣ୍ଡପ ପରିଦର୍ଶନ କରିଥିଲେ। ଏଠାରେ ବିଭିନ୍ନ ଷ୍ଟଲରେ ପ୍ରଦର୍ଶିତ ହେଉଥିବା ହସ୍ତତନ୍ତ ଓ ହସ୍ତଶିଳ୍ପ ସାମଗ୍ରୀ, ମିଶନ ଶକ୍ତି ମହିଳାଙ୍କ ହାତ ତିଆରି ଜିନିଷ, ଜନଜାତି ସଂସ୍କୃତି ଓ କଳାକୃତି ଏବଂ ବିଭିନ୍ନ ଗ୍ରାମୀଣ ଉତ୍ପାଦ ଆଦି ବୁଲି ଦେଖିଥିଲେ। ଏଥର 'ବିକଶିତ ଭାରତ, ବିକଶିତ ଓଡ଼ିଶା' ଥିମ୍‌ରେ ଡିଜାଇନ ହୋଇଥିବା ଓଡ଼ିଶା ମଣ୍ଡପକୁ ମୁଖ୍ୟମନ୍ତ୍ରୀ ପ୍ରଶଂସା କରିଥିଲେ। ଭାରତ ଅନ୍ତର୍ଜାତୀୟ ବାଣିଜ୍ୟ ମେଳାର ଆମ୍ଫିଥିଏଟର-୧୦ରେ ଓଡ଼ିଶା ରାଜ୍ୟ ଦିବସ ସମାରୋହ ପାଳନ କରାଯାଇଥିଲା। ଏଥିରେ ଓଡ଼ିଶୀ ନୃତ୍ୟଗୁରୁ ଶାଶ୍ୱତ ଯୋଶୀ ଓ ସାଥୀ ରସଗୋଲା ସଙ୍ଗୀତ ଓ ଲୋକପ୍ରିୟ ଯା' ଯା'ରେ ଭାସି ଭାସି ଯା' ସଙ୍ଗୀତରେ ଓଡ଼ିଶୀ ନୃତ୍ୟନାଟିକା ଏବଂ ସମ୍ବଲପୁରୀ ଲୋକନୃତ୍ୟ ପରିବେଷଣ କରିଥିଲେ। କଳାହାଣ୍ଡିର ବୃନ୍ଦାବନ ସାଂସ୍କୃତିକ ଅନୁଷ୍ଠାନ ପକ୍ଷରୁ ଘୁମୁରା ଓ ବଲାଙ୍ଗିରର ଦୁଲୁଦୁଲି କଳାପରିଷଦ ପକ୍ଷରୁ ଘୁଡୁକା ନୃତ୍ୟ ପ୍ରଦର୍ଶନ କରାଯାଇଥିଲା।

ସୁସ୍ମିତା ଦାସ ଫ୍ୟୁଜନ ସଙ୍ଗୀତ ପରିବେଷଣ କରିଥିଲେ। ଏହି ଅବସରରେ ରାଜ୍ୟ ସରକାରଙ୍କ ପକ୍ଷରୁ ପ୍ରକାଶିତ ମାସିକ ପତ୍ରିକା 'ଉତ୍କଳ ପ୍ରସଙ୍ଗ' ଏବଂ 'ଓଡ଼ିଶା ରିଭ୍ୟୁ'ର ସ୍ୱତନ୍ତ୍ର ସଂସ୍କରଣ ଉନ୍ମୋଚନ କରାଯାଇଥିଲା। କାର୍ଯ୍ୟକ୍ରମରେ କୋରେଇ ବିଧାୟକ ଆକାଶ ଦାସନାୟକ, ଭଟଲି ବିଧାୟକ ଇରାଶିଷ ଆଚାର୍ଯ୍ୟ, ନୂଆଦିଲ୍ଲୀରେ ଅବସ୍ଥାପିତ ସ୍ୱତନ୍ତ୍ର ଆବାସିକ ଆୟୁକ୍ତ ରିତୁ ଅରୋରା, ଆବାସିକ ଆୟୁକ୍ତ ବିଶାଲ ଗଗନ, ସୂଚନା ଓ ଲୋକସମ୍ପର୍କ ବିଭାଗର ନିର୍ଦ୍ଦେଶକ ସରୋଜ କୁମାର ସାମଲଙ୍କ ସହ ବିଭାଗୀୟ ବରିଷ୍ଠ ଅଧିକାରୀମାନେ ଯୋଗ ଦେଇଥିଲେ।

# ପଦବୀ ଖାଲି-ଲବି ଜୋରଦାର

**ଭୁବନେଶ୍ୱର,୨୨।୧୧:** ରାଜ୍ୟରେ ଖାଲି ପଡ଼ିଥିବା ଗୁରତ୍ୱପୂର୍ଣ୍ଣ ପଦ ପଦବୀରେ ନିଯୁକ୍ତି ପାଇଁ ଏବେ ପୁଣିଥରେ ଲବି ଜୋରଦାର ହୋଇଛି। ବିଧାନସଭା ଅଧିବେଶନ ପୂର୍ବରୁ ଆଶାୟୀମାନେ ରାଜଧାନୀକୁ ଛୁଟିବାରେ ଲାଗିଛନ୍ତି।

ନୂଆ ସରକାର ଗଠନକୁ ପାଞ୍ଚମାସ ପୂରିଥିବାବେଳେ ରାଜନୈତିକ ନେତାଙ୍କ ଦ୍ୱରା ପୂରଣ ହେବାକୁ ଥିବା ପଦ ପଦବୀଗୁଡିକ ଖାଲି ପଡ଼ିଛି। ଏଥିରେ ନିଯୁକ୍ତି ପାଇବାପାଇଁ ଆଶାୟୀମାନେ ଅପେକ୍ଷା କରି କରି ହତାଶ ହେବାପରେ ଏବେ ପୁଣିଥରେ କମର କଷିଛନ୍ତି। ସରକାରୀ ଓକିଲ ନିଯୁକ୍ତି ସରିଥିବାରୁ ଏବେ ଏହିସବୁ ପଦବୀରେ ନିଯୁକ୍ତି ହେବାନେଇ ଖବର ପ୍ରଚାରିତ ହେବାପରେ ଆଶାୟୀମାନେ ରାଜଧାନୀକୁ ଛୁଟିଛନ୍ତି।

ରାଜନୈତିକ ନିଯୁକ୍ତି ପାଇଁ ଥିବା ରାଜ୍ୟ ଯୋଜନା ବୋର୍ଡ ଠାରୁ ଆରମ୍ଭକରି ପଶ୍ଚିମଓଡ଼ିଶା ବିକାଶ ପରିଷଦ ଏବଂ ଅନ୍ୟାନ୍ୟ ସରକାରୀ ନିଗମ ଓ ସଂସ୍ଥା ରହିଛି। ନୂଆ ସରକାର ଗଠନ ପରେ ପରେ ଏଥିରେ ତୁରନ୍ତ ନିଯୁକ୍ତି ହେବବୋଲି ଭାବି ଆଶାୟୀମାନେ ଲବି ଚଳାଇଥିଲେ। ହେଲେ ଏହା କିଛିଦିନ ପାଇଁ ଶୀତଳଭଣ୍ଡାରରେ ରହିବାପରେ ଏବେ ପୁଣିଥରେ ଆରମ୍ଭ ହୋଇଯାଇଛି।

ରାଜ୍ୟ ଯୋଜନା ବୋର୍ଡର ଅଧ୍ୟକ୍ଷଙ୍କ ସମେତ ସଦସ୍ୟ ପଦବୀରେ ରାଜ୍ୟନୈତିକ ନେତାମାନେ ନିଯୁକ୍ତି ହୋଇପାରିବେ। ଏମାନଙ୍କୁ କ୍ୟାବିନେଟ୍ ଓ ରାଷ୍ଟ୍ରମନ୍ତ୍ରୀ ପାହ୍ୟା ମିଳିବ। ସେହିଭଳି ପଶ୍ଚିମଓଡ଼ିଶା ବିକାଶ ପରିଷଦ ଅଧ୍ୟକ୍ଷ ମଧ୍ୟ ମନ୍ତ୍ରୀପାହ୍ୟା ପାଇଥାନ୍ତି। ଏଠାରେ ନିଯୁକ୍ତି ରାଜନୈତିକ ନେତାମାନଙ୍କୁ ରାଜଧାନୀରେ ବଙ୍ଗଳା ସହିତ ସରକାରୀ ଗାଡି, କର୍ମଚାରୀ ଆଦି ଯୋଗାଇ ଦିଆଯାଇଥାଏ। ତେଣୁ ସରକାର ଗଠନରେ ସକ୍ରିୟ ଭୂମିକା ଗ୍ରହଣ କରିଥିବା ନେତା ବିଶେଷକରି ନିର୍ବାଚନ ଠାରୁ ଦୂରରେ ଥିବା ନିର୍ବାଚନରେ ହାରି ଯାଇଥିବା ନେତାଙ୍କ ଆଖି ଏହିସବୁ ପଦବୀ ଉପରେ ରହିଛି। ତେଣୁ ନିଜ ନିଜର ଥଇଥାନ ପାଇଁ ଏମାନେ ଏବେ ପୁଣିଥରେ ସକ୍ରିୟ ହୋଇ ଉଠିଛନ୍ତି।

ସେହିଭଳି ପୁରଣା ସରକାର ବିଦା ହେବାପରେ ମହିଳା କମିଶନ ଅଧ୍ୟକ୍ଷ ପଦବୀ ଖାଲି ପଡ଼ିବା ସହିତ ବିଭିନ୍ନ ନିଗମ ଓ ସରକାରୀ ସଂସ୍ଥାରେ ମଧ୍ୟ ଅଧ୍ୟକ୍ଷ ତଥା ଅନ୍ୟାନ୍ୟ ପଦ ପଦବୀ ଖାଲି ପଡ଼ିଛି। ମହିଳା କମିଶନ ଭଳି ପଦବୀ ଗୁରୁତ୍ୱପୂର୍ଣ୍ଣ ହୋଇଥିବାବେଳେ ସେଠାରେ ଯେତେଶୀଘ୍ର ସମ୍ଭବ ନିଯୁକ୍ତିପାଇଁ ମତପ୍ରକାଶ ପାଉଛି। ତେଣୁ ଏହିସବୁ ପଦବୀ ପାଇଁ ଲବି ବଢ଼ିବାରେ ଲାଗିଛି।

ରାଜ୍ୟରେ ଏକାଧିକ ନିଗମରେ ଓ ଗୁରୁତ୍ୱପୂର୍ଣ୍ଣ ପଦବୀ ଖାଲି ପଡ଼ିଥିବାରୁ ଶାସକଦଳର ନେତାମାନେ ସେଠାରେ ନିଯୁକ୍ତି ପାଇଁ ଆଶାବାନ୍ଧି ବସିଛନ୍ତି। ଏଥିପାଇଁ ବିଭିନ୍ନ ସ୍ତରରେ ଜୋରଦାର ଲବି ଚାଲିଛି। ବର୍ତ୍ତମାନ ବିଧାନସଭା ଅଧିବେଶନ ଆରମ୍ଭ ହେବାକୁ ଯାଉଥିବାରୁ ମୁଖ୍ୟମନ୍ତ୍ରୀ, ଉପମୁଖ୍ୟମନ୍ତ୍ରୀ, ମନ୍ତ୍ରୀ, ବିଧାୟକ ଓ ସରକାରୀଦଳର ବରିଷ୍ଠ ନେତାମାନେ ରାଜଧାନୀରେ ଉପସ୍ଥିତ ରହିବେ। ତେଣୁ ଆଶାୟୀମାନେ ନିଜ ନିଜ ସପକ୍ଷରେ ଲବି ପାଇଁ ଏବେ ରାଜଧାନୀକୁ ଆସିବାରେ ଲାଗିଛନ୍ତି।

ତେବେ ସରକାର ଗଠନର ଦୀର୍ଘଦିନ ପରେ ଆଡଭୋକେଟ ଜେନେରାଲ ନିଯୁକ୍ତ ହୋଇଥିବାବେଳେ ଏହା ପରେ ସରକାରୀ ଓକିଲ ତାଲିକା ବାହାରିଥିଲା। ତେଣୁ ଯୋଜନା ବୋର୍ଡ ଠାରୁ ଆରମ୍ଭ କରି ମହିଳା କମିଶନ ପର୍ଯ୍ୟନ୍ତ ପଦ ପଦବୀ କେବେସୁଦ୍ଧା ପୂରଣ ହେବ ତାହାର ଉତ୍ତର କାହା ପାଖରେ ନାହିଁ। ତଥାପି ଆଶାୟୀମାନେ ବିଭିନ୍ନ ସ୍ତରରେ ଲବି ଜୋରଦାର କରୁଥିବାରୁ ଏହିସବୁ ଖାଲି ପଦବୀଗୁଡିକ ଖୁବଶୀଘ୍ର ପୂରଣ ହେବାର ଆଶା ସଞ୍ଚାର ହୋଇଛି। (ତଥ୍ୟ)

# ବିଷପିଇଲେ ଦୁଇ ଭଉଣୀ, ବଡ଼ ମୃତ

**ବୌଦ୍ଧ,୨୨।୧୧ (ସଂଚାର ବ୍ୟୁରୋ):** ଘରୋଇ କଳିର କରୁଣ ପରିଣତି। ବିଷ ପିଇ ବଡ଼ ଭଉଣୀର ଜୀବନ ଯାଇଥିବା ବେଳେ ସାନ ଭଉଣୀର ଅବସ୍ଥାରେ ଗୁରୁତର ରହିଛି। ବୌଦ୍ଧ ଜିଲ୍ଲା ହରଭଙ୍ଗା ମହାଲିକ୍ପଡ଼ାରେ ଏହି ଘଟଣା ଘଟିଛି। ମୃତ ମହିଳା ହେଲେ ନଳିନୀ ସାହୁ। ନଳିନୀଙ୍କ ସାନ ଭଉଣୀ ସାଲିନୀ ମହାଲିକଙ୍କ ଅବସ୍ଥା ଗୁରୁତର ରହିଛି। ତାଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ମହାଲିକପଡ଼ା ଗାଁରେ ମଣ୍ଟୁ ସାହୁ ଓ ତାଙ୍କ ପତ୍ନୀ ନଳିନୀ ସାହୁ ଓ ୨ ବର୍ଷ ପୁଅ ରହି ଆସୁଥିଲେ। ସାଲିନୀ କିଛି ଦିନ ହେବ ନିଜ ଭଉଣୀ ଘରକୁ ବୁଲିବାକୁ ଯାଇଥିଲେ। ଗତକାଲି ନଳିନୀ ଓ ତାଙ୍କ ସାନ ଭଉଣୀଙ୍କ ମଧ୍ୟରେ କୌଣସି କଥାକୁ ନେଇ ବଚସା ହୋଇଥିଲା। ଏହି ସମୟରେ ନଳୀନଙ୍କ ସ୍ୱାମୀ ଘରେ ନ ଥିଲେ। ଦୁଇ ଭଉଣୀଙ୍କ ମଧ୍ୟରେ ବଚସା ଉଗ୍ରରୂପ ନେଇଥିଲା। ପରେ ନଳୀନଙ୍କ ସାନ ଭଉଣୀ ପ୍ରଥମେ ବିଷ ପିଇ ଦେଇଥିଲେ। ପରେ ବଡ଼ ଭଉଣୀ ନଳିନୀ ଉତ୍ୟକ୍ତ ହୋଇ ବିଷ ପିଇ ଦେଇଥିଲେ। ପାଖ ପଡ଼ୋଶୀ ଉଭୟଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ପୁରୁଣାକଟକ ଗୋଷ୍ଠୀ ସ୍ୱାସ୍ଥ୍ୟ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ପରେ ଅବସ୍ଥା ଗୁରୁତର ହେବାରୁ ୨ ଜଣଙ୍କୁ ବୌଦ୍ଧ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ସେଠାରେ ବଡ଼ ଭଉଣୀ ନଳୀନଙ୍କର ମୃତ୍ୟୁ ଘଟିଥିବା ବେଳେ ସାନ ଭଉଣୀର ଅବସ୍ଥା ଗୁରୁତର ରହିଛି। କ'ଣ ପାଇଁ ଦୁଇ ଭଉଣୀଙ୍କ ମଧ୍ୟରେ ବଚସା ହୋଇଥିଲା, ତାହା ଜଣାପଡ଼ି ନାହିଁ। ଅନ୍ୟପାଖରେ ନଳିନୀଙ୍କ ମୃତ୍ୟୁ ପରେ ତାଙ୍କର ୨ବର୍ଷର ଶିଶୁଟି ନିଜ ମା'କୁ ଖୋଜି ହେଉଛି।

# ଫାର୍ମହାଉସରୁ ୮ଶହ କେଜି ଗଞ୍ଜେଇ ଜବତ



ବୋରିଗୁମ୍ମା, ୨୨।୧୧ (ସଂଚାର ବ୍ୟୁରୋ) : କୋରାପୁଟ ଜିଲ୍ଲା ବୋରିଗୁମ୍ମା ବ୍ଲକ ବିସିଂହ ପୁର ଥାନା ଅନ୍ତର୍ଗତ ମୁଣ୍ଡା ଗ୍ରାମର ଏକ ଫାର୍ମହାଉସରୁ ଜବତ ହେଲା ୮ଶହ କେଜି ଗଞ୍ଜେଇ। ଏକ ବିଶେଷସୂତ୍ରରୁ ଖବର ପାଇ ବୋରିଗୁମ୍ମା ଉପଖଣ୍ଡ ଆରକ୍ଷୀ ଅଧିକ୍ଷକ ତପସ୍ୱିନୀ କହଁରଙ୍କ ନିର୍ଦ୍ଦେଶ କ୍ରମେ ବିସିଂହ ପୁର ଥାନା ଅଧିକାରୀ ସମ୍ବିତ କୁମାର ସ୍ୱାଇଁଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏକ ଟିମ ଗଠନ କରି ମୁଣ୍ଡା ଗ୍ରାମର ଫାର୍ମହାଉସରେ ଚଢ଼ାଉ କରି ୮ଶହ କେଜି ଗଞ୍ଜେଇ ଜବତ କରିଛନ୍ତି। ପୁଲିସକୁ ଦେଖି ଫାର୍ମହାଉସ ମାଲିକ ଘଟଣା ସ୍ଥଳରୁ ଚମ୍ପଟ ମାରିଥିଲା କିନ୍ତୁ ଏହି ଘଟଣାରେ ଫାର୍ମହାଉସର ୫ ଜଣ କର୍ମଚାରୀ ସମେତ ମାଲିକଙ୍କ ବାପାଙ୍କୁ ପୁଲିସ ଉଠାଇ ଆଣି ଅଧିକ ତଦନ୍ତ ଲାଗି ଥାନାରେ ଅଟକ ରଖିଥିବା ଥାନା ଅଧିକାରୀ ଶ୍ରୀ ସ୍ୱାଇଁ ସୂଚନା ଦେଇଛନ୍ତି।

## ଜିଲ୍ଲାସ୍ତରୀୟ ମତ୍ସ୍ୟ ଓ ପ୍ରାଣୀସମ୍ପଦ ମେଳା ଉଦ୍‌ଯାପିତ

# ପରିବାର ସମୃଦ୍ଧ ହେଲେ ଦେଶ ସମୃଦ୍ଧ ହେବ: ଅରୁଣ

ନୟାଗଡ଼, ୨୨।୧୧ (ସଂଚାର ବ୍ୟୁରୋ) : ଜିଲ୍ଲାସ୍ତରୀୟ ମତ୍ସ୍ୟ ଓ ପ୍ରାଣୀସମ୍ପଦ ମେଳା ଆଜି ଉଦ୍‌ଯାପିତ ହୋଇଯାଇଛି। ଉପଜିଲ୍ଲାପାଳ କର୍ଣ୍ଣଦେବ ସମାଦାରଙ୍କ ସଭାପତିତ୍ୱରେ ଉଦଯାପନ ସଭାରେ ମୁଖ୍ୟ ଅତିଥି ଭାବେ ନୟାଗଡ଼ ବିଧାୟକ ଡ. ଅରୁଣ କୁମାର ସାହୁ, ସମ୍ମାନିତ ଅତିଥି ଭାବେ ଖଣ୍ଡପଡ଼ା ବିଧାୟକ ଦୁଷ୍ମନ୍ତ କୁମାର ସ୍ୱାଇଁ, ଜିଲ୍ଲା ପରିଷଦ ଉପାଧ୍ୟକ୍ଷ ବିଷ୍ଣୁପ୍ରିୟା ବେହେରା, କନ୍ଧମାଳ ସାଂସଦ ଅନ୍ତର୍ଯ୍ୟାମୀ ମିଶ୍ର, ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ସୁବାସ ପଣ୍ଡା, ଜିଲ୍ଲା ମୁଖ୍ୟ ପ୍ରାଣୀ ସମ୍ପଦ ଅଧିକାରୀ ବସନ୍ତ କୁମାର ଅଧିକାରୀ, ଜିଲ୍ଲା ମତ୍ସ୍ୟ ଅଧିକାରୀ ପ୍ରକାଶ କୁମାର ତ୍ରିପାଠୀ, କୃଷି ବିଜ୍ଞାନ କେନ୍ଦ୍ର ମୁଖ୍ୟ ଡ. ଅନିଲ କୁମାର ସ୍ୱାଇଁ, ପ୍ରଫେସର ସମରେନ୍ଦ୍ର ନନ୍ଦ ପ୍ରମୁଖ ଉପସ୍ଥିତ ରହିଥିଲେ। ଖଣ୍ଡପଡ଼ାରେ ଆଉ ମାଛ ଚାଷ ହେଉ ନାହିଁ ବୋଲି ଖଣ୍ଡପଡ଼ା ବିଧାୟକ କହିବା ସହ ଖଣ୍ଡପଡ଼ା ସବୁଠାରୁ ପଛୁଆ ବୋଲି କହି କ୍ଷୋଭ ପ୍ରକାଶ କରିଥିଲେ।



ମତ୍ସ୍ୟ ଓ ପଶୁପାଳନ ଦ୍ୱାରା କୃଷକମାନଙ୍କ ଅଭିବୃଦ୍ଧି ହେଉଛି ବୋଲି ଜିଲ୍ଲା ପରିଷଦ ଉପାଧ୍ୟକ୍ଷା କହିଥିଲେ। ମହାନଦୀର ଅବସ୍ଥା ଓ ମତ୍ସ୍ୟ ଚାଷରେ ଅବକ୍ଷୟ ନେଇ ସାଂସଦ ପ୍ରତିନିଧି ଶ୍ରୀଯୁକ୍ତ ମିଶ୍ର କ୍ଷୋଭ ପ୍ରକାଶ କରିଥିଲେ। ସ୍ଥିର ନିଶ୍ଚିତ ଜୀବନ ଜୀବିକା ସ୍ଥିତି ଆଜି କେଉଁଠି ପହଞ୍ଚିଛି ବୋଲି ପ୍ରଶ୍ନ କରିଥିଲେ। ଗୋମାତା ଉପରେ ସମାଜ ନିର୍ଭର କରୁଥିବା ବେଳେ ଗୋବଂଶ ସ୍ଥିତି କଣ ବୋଲି ପ୍ରଶ୍ନ କରିଥିଲେ। ଉତ୍ସବ ପାଳନରେ ସୀମିତ ରହିଲେ ଗୋ ବଂଶ ବୃଦ୍ଧି ପାଇବ ନାହିଁ ସମାଜର ମୂଲ୍ୟାଙ୍କନ କରାଯିବା ଆବଶ୍ୟକ ବୋଲି ସେ କହିଥିଲେ। ମୁଖ୍ୟ ଅତିଥି ଡ. ସାହୁ ତାଙ୍କର ବକ୍ତବ୍ୟରେ ପରିବାର ସମୃଦ୍ଧିଶାଳି ହେଲେ ଦେଶ ସମୃଦ୍ଧିଶାଳି ହେବ ବୋଲି କହିଥିଲେ। ଜଳବାୟୁ ମଧ୍ୟ ଚାଷକୁ ଆଗକୁ ବଢ଼େଇବା ସପକ୍ଷରେ ନାହିଁ। ସେହି ଅନୁସାରେ ଚାଷ ପରିବର୍ତ୍ତନ ହେଉଛି। କଲମା ବ୍ୟାରେଜ ଯୋଗୁ ମହାନଦୀରେ ଜଳ ଅଭାବ ଦେଖା ଦେଉଛି। ଓଡ଼ିଶାରେ ୧୫ ଲକ୍ଷ ମତ୍ସ୍ୟଜିବୀ ଅଛନ୍ତି। ସେମାନଙ୍କ ଜୀବିକା ସୁରକ୍ଷିତ ରଖିବା ଆବଶ୍ୟକ ରହିଛି।

ଓଡ଼ିଶା ମତ୍ସ୍ୟ ଉତ୍ପାଦନ କ୍ଷେତ୍ରରେ ଦେଶର ୪ର୍ଥ ସ୍ଥାନରେ ରହିଛି। ଅଣ୍ଡା ଉତ୍ପାଦନ ମଧ୍ୟ ବୃଦ୍ଧି ପାଉଛି। ଭାରତ ବିଶ୍ୱର ତୃତୀୟ ଗୋ ମାଂସ ରପ୍ତାନି ଦେଶ। ବର୍ଷକୁ ୨ ଲକ୍ଷ କୋଟି ଟଙ୍କା ଆୟ ହେଉଛି। ଓଡ଼ିଶାରୁ ଚିଙ୍ଗୁଡ଼ି ରପ୍ତାନି ହୋଇ ୪ ହଜାର କୋଟି ଆୟ ହେଉଛି। ଧାନ ଚାଷ ଅପେକ୍ଷା ଲାଭାନ୍ୱିତ ଚାଷ କରିବା ଉପରେ ଗୁରୁତ୍ୱ ଦିଆଯିବା ଆବଶ୍ୟକ। ଜୈବିକ ପଦ୍ଧତିରେ ଉତ୍ପାଦିତ ଖାଦ୍ୟ ଖାଇବା ନିହାତି ଆବଶ୍ୟକ ବୋଲି କହିଥିଲେ। ଉଭୟ ବିଭାଗର ସଫଳ ଚାଷୀଙ୍କୁ ପୁରସ୍କୃତ କରାଯାଇଥିଲା। କାର୍ଯ୍ୟକ୍ରମରେ ୩ ଶହରୁ ଉର୍ଦ୍ଧ୍ୱ ଚାଷୀ ସାମିଲ ହୋଇଥିଲେ।

# ସଡ଼କ ଦୁର୍ଘଟଣାରେ କନେଷ୍ଟବଳ ମୃତ

ବୋରିଗୁମ୍ମା, ୨୨।୧୧ (ସଂଚାର ବ୍ୟୁରୋ) : ସକାଳୁ ସକାଳୁ ମର୍ଣ୍ଣି ୱାକ ଯିବା ହେଲା କାଳ। ସକାଳୁ ମର୍ଣ୍ଣି ୱାକ ଯିବା ସମୟରେ ବୋରିଗୁମ୍ମା ଥାନାର ଜଣେ କାର୍ଯ୍ୟରତ କନେଷ୍ଟବଳଙ୍କ ସଡ଼କ ଦୁର୍ଘଟଣାରେ ମୃତ୍ୟୁ ହୋଇଥିବା ଜଣାପଡିଛି। ମୃତ କନେଷ୍ଟବଳଙ୍କ ନାମ ପିତାମ୍ବର ପୂଜାରୀ (୫୯ ବର୍ଷ) ନିଜ ଘର କୋଟପାଡ଼ ବ୍ଲକ ଅନ୍ତର୍ଗତ ଗୀର୍ଲା ଗ୍ରାମରେ ବୋଲି ଜଣାପଡିଛି। ପ୍ରତିଦିନ ଭଳି ଆଜି ବି କନେଷ୍ଟବଳ ପିତାମ୍ବର ପୂଜାରୀ ସକାଳୁ ୫.୪୦ ରେ ୪୮ ନମ୍ବର ରାଜ୍ୟ ରାଜପଥ ଦୁଲ୍ଲାଗୁଡା ରୋଡ଼ରେ ମର୍ଣ୍ଣି ୱାକ ନିମନ୍ତେ ବାହାରି ଥିଲେ। ପ୍ରବଳ ଥଣ୍ଡା ଯୋଗୁଁ ପ୍ରତିଦିନ ସକାଳେ ଘନ କୁହୁଡି ରହିଥାଏ। ମର୍ଣ୍ଣି ୱାକ ରୁ ଫେରିବା ସମୟରେ ଦୁଲ୍ଲାଗୁଡା ନିକଟରେ ରାଣିଗଡ଼ରୁ ବୋରିଗୁମ୍ମା ଆସୁଥିବା ଏକ ଅଜଣା ଗାଡ଼ି କନେଷ୍ଟବଳ ପିତାମ୍ବର ପୂଜାରୀକୁ ପଛ ପଟେ ଧକ୍କା ମାରିଥିଲା। ଫଳରେ ପିତାମ୍ବର ତୁରନ୍ତ ତଳେ ପଡିଯାଇଥିଲେ। ଅଜଣା ଗାଡିଟି କନେଷ୍ଟବଳଙ୍କୁ ଜୋରରେ ଧକ୍କା ଦେଇ ଅତି କ୍ଷିପ୍ର ଗତିରେ ବୋରିଗୁମ୍ମା ଆସି ସେଠାରୁ କୋଟପାଡ଼ରେ ରାସ୍ତାରେ ଗଲା ବୋଲି କିଛି ପ୍ରତାକ୍ଷଦର୍ଶୀ କହିଛନ୍ତି। ପରେ ପିତାମ୍ବର ପୂଜାରୀର ସହଯୋଗୀ ତୁରନ୍ତ ଥାନାକୁ ଫୋନ କରିଥିଲେ। ପୋଲିସ ଘଟଣାସ୍ଥଳରୁ ପିତାମ୍ବର ପୂଜାରୀକୁ ବୋରିଗୁମ୍ମା ମେଡ଼ିକାଲକୁ ନେଇଥିଲେ। କିନ୍ତୁ ମେଡ଼ିକାଲ ଯିବା ପୂର୍ବରୁ ହିଁ ପିତାମ୍ବରଙ୍କ ପ୍ରାଣବାୟୁ ଚାଲିଯାଇଥିଲା। ମୃତ ପିତାମ୍ବର ପୂଜାରୀ ଙ୍କ ଶବ ବ୍ୟବଚ୍ଛେଦ ପରେ ଥାନା ପରିସରକୁ ଅଣାଯାଇଥିଲା।ଏସ୍‌ଡିପିଓ ତପସ୍ୱିନୀ କହଁର, ଏସଆଇ ରଚିତା ମାଡକାମୀ, ମାନସ ହେମ୍ବ୍ରମ, ମେଘରାଜ ସୋରନ,ଦ୍ରୋଣାଚାର୍ଯ୍ୟ, ବାଗ,ଏଏସ ଆଇ ସସ୍ମିତା ନାୟକ, ଗୋପାଳ ହରିଜନ, ବସନ୍ତ କୁମାର ନାଗ,ଚନ୍ଦନ ପ୍ରସାଦ ମାଝୀ ଓ ଅନ୍ୟ ପୋଲିସ କର୍ମଚାରୀମାନେ ଗଭୀର ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। କାର୍ଯ୍ୟରତ କନେଷ୍ଟବଳ ପିତାମ୍ବରଙ୍କ ଅକାଳ ବିୟୋଗରେ ଥାନା ର ସମସ୍ତ କର୍ମଚାରୀଙ୍କ ମଧ୍ୟରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଥିଲା। ଏନେଇ ବୋରିଗୁମ୍ମା ଥାନାରେ ଏକ ମାମଲା ରୁଜୁ କରାଯାଇଥିବା ତଦନ୍ତକାରୀ ଦ୍ରୋଣାଚାର୍ଯ୍ୟ ବାଗ କହିଛନ୍ତି। ତେବେ ଦୁର୍ଘଟଣା ଘଟାଇଥିବା ଅଜଣା ଗାଡ଼ିକୁ ଧରିବା ପାଇଁ ପୋଲିସ ଚେଷ୍ଟା ଚଳାଇଥିବା ଜଣାପଡିଛି।



## ଗଞ୍ଜାମ ବିଜେଡିର ଭିତିରି କଥା

# ଚ୍ୟାଉ ଫିକା, ବିକ୍ରମ ମୁକୁଟବିହୀନ ସମ୍ରାଟ୍

ବ୍ରହ୍ମପୁର, ୨୨।୧୧ (ସଂଚାର ବ୍ୟୁରୋ) : ଏକଦା ବିଜୁ ଜନତା ଦଳର ଗଡ ଭାବେ ଖୁବ୍ ପରିଚିତ ଥିଲା ଗଂଜାମ। ଦୀର୍ଘ ବର୍ଷ ଧରି ଏହି ଜିଲ୍ଲାର ଅଧିକାଂଶ ଆସନ ବିଜେଡି କବଜାରେ ରହି ଆସିଥିଲା। ଚଳିତ ନିର୍ବାଚନରେ ରାଜ୍ୟରେ ଶଙ୍ଖ ଦଳର ବଡ ପରାଜୟ ସହ ଜିଲ୍ଲାର ୧୩ ଆସନ ମଧ୍ୟରୁ ଦଳ କେବଳ ଗୋଟିଏ ଆସନ ହାତେଇବାରେ ସଫଳ ହୋଇଛି। ବାକି ସବୁ ଆସନ ଗେରୁଆ ମୟ ହୋଇଛି। କଂଗ୍ରେସ ଗୋଟିଏ ଆସନ ପାଇଛି। ତେବେ ବିଜୁ ଜନତା ଦଳର ପରାଜୟ ପରେ ଗଂଜାମ ଜିଲ୍ଲାରେ ଦଳ ଭିତରେ ନେତୃତ୍ୱ ଅସ୍ଥିରତା ଦେଖାଦେଇଛି।

ସମ୍ପ୍ରତି ଗଂଜାମ ବିଜେଡିର ମଙ୍ଗ ଧରିଛନ୍ତି ବ୍ରହ୍ମପୁରର ପୂର୍ବତନ ବିଧାୟକ ଡ଼. ରମେଶ ଚନ୍ଦ୍ର ଚ୍ୟାଉପଟନାୟକ। କିନ୍ତୁ ଆଶ୍ଚର୍ଯ୍ୟର କଥା, ଜିଲ୍ଲାରେ ଦଳର ଯେଉଁସବୁ କାର୍ଯ୍ୟ ହେଉଛି, ସେଥିରେ ଚ୍ୟାଉ ବାବୁଙ୍କ ଭୂମିକା କେତେ ତାକୁ ନେଇ ପ୍ରଶ୍ନ ଉଠିଛି। ବାସ୍ତବରେ, ଗତ କିଛି ମାସ ହେବ ଜିଲ୍ଲା ବିଜେଡିରେ ନେତୃତ୍ୱ ସଙ୍କଟ ସୃଷ୍ଟି ହୋଇଥିବା କୁହାଯାଉଛି। ଯଦିଓ ଚ୍ୟାଉ ବାବୁ ଗଞ୍ଜାମ ବିଜେଡିର ସଭାପତି ରହିଛନ୍ତି କିନ୍ତୁ ଆଉ ପୂର୍ବ ଭଳି ଆକ୍ଟିଭ୍ ନୁହଁନ୍ତି। ଏପରିକି ତାଙ୍କ ଭିତରେ ଆଉ ନେତୃତ୍ୱ ନେବାର ଇଚ୍ଛା ଶକ୍ତି ନଥିବା ବି ଆଲୋଚନା ହେଉଛି। ଆଉ ଏହାର ଫାଇଦା କୁଆଡେ ବ୍ରହ୍ମପୁରର ପୂର୍ବତନ ବିଧାୟକ ବିକ୍ରମ ପଣ୍ଡାଙ୍କୁ ମିଳିଛି। ସମ୍ପ୍ରତି ବ୍ରହ୍ମପୁର ସମେତ ଜିଲ୍ଲା ବିଜେଡିର ଅଧିକାଂଶ କାର୍ଯ୍ୟକ୍ରମ ବିକ୍ରମଙ୍କ ନେତୃତ୍ୱରେ ଅନୁଷ୍ଠିତ ହେଉଥିବା ପରିଲିକ୍ଷିତ ହୋଇଛି। ଚ୍ୟାଉଙ୍କ ବଦଳରେ ବିକ୍ରମ ଏବେ ଗଂଜାମ ବିଜେଡିରେ ଅଧିକ ଆକ୍ଟିଭ୍ ଥିବା ଜଣାପଡିଛି।





ନିକଟରେ ଗଞ୍ଜାମ ଜିଲ୍ଲାର ଅଧିଷ୍ଠାତ୍ରୀ ଦେବୀ ମା ତାରାତାରିଣୀଙ୍କ ମନ୍ଦିରରୁ ଚୋରି ଘଟଣାରେ ବିଜେଡିର ଫ୍ୟାକ୍ଟ ଫାଇଣ୍ଡିଂ ଟିମ୍‌ବି ବିକ୍ରମଙ୍କ ନେତୃତ୍ୱରେ ହିଁ ମନ୍ଦିର ପରିଦର୍ଶନ କରିଥିଲା। ରାଜ୍ୟ ସ୍ତରୀୟ ନେତୃତ୍ୱ ବି ଗଞ୍ଜାମ ଗସ୍ତରେ ଆସିଲେ ବିକ୍ରମଙ୍କୁ ହିଁ ଅଧିକ ପ୍ରାଧାନ୍ୟ ଦେଉଥିବା ଖୋଦ ଦଳର ଅନ୍ଦର ମହଲରେ ଚର୍ଚ୍ଚା ହେଉଛି । ଏପରି ସ୍ଥଳେ ସେ ଏବେ ଜିଲ୍ଲା ବିଜେଡିର ମୁକୁଟ ବିହୀନ ସମ୍ରାଟ ସାଜିଥିବା ଆଲୋଚନା ହେଉଛି। ରାଜ୍ୟରେ ଶଙ୍ଖ ଦଳ ଗାଦିଚ୍ୟୁତ ହେବା ପରେ କମିଟି ଭଙ୍ଗ କରାଯାଇଥିଲା। ବର୍ତ୍ତମାନ ସୁଦ୍ଧା ରାଜ୍ୟ ସ୍ତରରେ କୌଣସି ପଦପଦବୀ ଦଳ ପକ୍ଷରୁ ଘୋଷଣା କରାଯାଇନାହିଁ। ଜିଲ୍ଲା ସ୍ତରରେ ପୁରୁଣା ନେତୃତ୍ୱ ହିଁ କାର୍ଯ୍ୟ କରି ଆସୁଛନ୍ତି। ଆସନ୍ତା ଡିସେମ୍ବର ମାସ ଶେଷ ଆଡକୁ ବିଜେଡିର ବିଭିନ୍ନ ପଦପଦବୀ ପାଇଁ ତାଲିକା ପ୍ରକାଶ ପାଇବାର ସୂଚନା ରହିଛି।

ଚର୍ଚ୍ଚା ହେଉଛି, ବ୍ରହ୍ମପୁରର ପୂର୍ବତନ ବିଧାୟକ ବିକ୍ରମ ପଣ୍ଡା ଗଂଜାମ ବିଜେଡିର ମଙ୍ଗ ଧରିବାକୁ ଭିତିରିଆ ପ୍ରସ୍ତୁତି ବି ଆରମ୍ଭ କରିଛନ୍ତି। ଏଥିପାଇଁ ଦଳୀୟ କାର୍ଯ୍ୟକ୍ରମ ଗୁଡିକରେ ମଧ୍ୟ ସେ ଫୁଲ୍ ସକ୍ରିୟ ରହିଛନ୍ତି। ଏହା ମଧ୍ୟ କୁହାଯାଉଛି କି, ଦଳର ରାଜ୍ୟ ସ୍ତରୀୟ ହେବିୱେଟଙ୍କ କ୍ୟାମ୍ପ୍‌ରେ ବିକ୍ରମଙ୍କ ଦବଦବା ବଢିଛି। ତାଙ୍କ ଆକ୍ଟିଭ୍ ଦେଖି ତାଙ୍କୁ ଜିଲ୍ଲା ବିଜେଡିର ନେତୃତ୍ୱ ନେବାର ସୁଯୋଗ ଦେବାକୁ ହେବିୱେଟମାନେ କୁଆଡେ ଗ୍ରୀନ ସିଗନାଲ ବି ଦେଇଛନ୍ତି। ଦଳ ହାରିବା ପରେ ଜିଲ୍ଲା ବିଜେଡିରେ ଗୋଷ୍ଠୀ ବିବାଦ ମୁଣ୍ଡ ଟେକିଥିବା କଥାକୁ ଦଳୀୟ ନେତା ଯଦିଓ ଖଣ୍ଡନ କରୁଛନ୍ତି, କିନ୍ତୁ ସାଧାରଣରେ ଏହାକୁ ନେଇ ନାନା ଆଲୋଚନା ହେଉଛି। ଖାସ୍ କରି ବିକ୍ରମ ଓ ଚ୍ୟାଉଙ୍କ ଗୋଷ୍ଠୀ ମଧ୍ୟରେ ଗତ ନିର୍ବାଚନ ପରଠୁ ହିଁ ଶୀତଳ ଯୁଦ୍ଧ ଚାଲିଥିବା ଖୋଦ ଦଳୀୟ ନେତାଙ୍କ ମଧ୍ୟରେ ଟୁପୁରୁ ଟାପୁରୁ ଚାଲିଛି। ଏପରି ସ୍ଥଳେ ଜିଲ୍ଲା ଶଙ୍ଖ ଦଳରେ ଚ୍ୟାଉ ବାବୁଙ୍କ ଗୋଷ୍ଠୀ ଦିନକୁ ଦିନ ଫିକା ପଡୁଥିବା ବେଳେ ବିକ୍ରମ ଗୋଷ୍ଠୀ ବେଶ ସକ୍ରିୟ ହେଉଛନ୍ତି। ଆଗାମୀ ଦିନରେ ଚ୍ୟାଉଙ୍କୁ ହଟାଇ ବିକ୍ରମ ଯେ ତାଙ୍କ ସ୍ଥାନ ନ ନେବେ ଏ କଥାକୁ ଏଡାଇ ଦିଆଯାଇନପାରେ ବୋଲି ସ୍ଥାନୀୟ ରାଜନୈତିକ ଶିବିରରେ ଚର୍ଚ୍ଚା ଚାଲିଛି।

# ବ୍ଲକସ୍ତରୀୟ ବିଜ୍ଞାନମେଳା ଉଦ୍‌ଯାପିତ

ବାଲିଅନ୍ତା, ୨୨।୧୧ (ସଂଚାର ବ୍ୟୁରୋ) : ଆଜି ବାଲିଅନ୍ତା ବ୍ଲକ ପ୍ରତାପରୁଦ୍ରପୁର ପଞ୍ଚାୟତ ଅଧୀନ ଜୟଦେବ ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ବାଲିଅନ୍ତା ମଣ୍ଡଳସ୍ତରୀୟ ବୈଜ୍ଞାନିକ ପ୍ରଦର୍ଶନୀ (ବିଜ୍ଞାନ ମେଳା) ଅନୁଷ୍ଠିତ ହୋଇଯାଇଛି। ଷଷ୍ଠ ଶ୍ରେଣୀରୁ ୧୦ ପର୍ଯ୍ୟନ୍ତ ୯୦ଟି ସରକାରୀ ବିଦ୍ୟାଳୟର ମୋଟ ୭୦ଟି ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା। ସେଥିମଧ୍ୟରୁ ୭ଟି ବିଭାଗରେ ମୋଟ ୨୧ଟି ପ୍ରକଳ୍ପକୁ ଶ୍ରେଷ୍ଠ ବିବେଚିତ ହୋଇଥିଲେ। ପ୍ରତି ବିଭାଗରୁ ଗୋଟିଏ ଲେଖାଏଁ ପ୍ରକଳ୍ପ ଜିଲ୍ଲାସ୍ତରୀୟ ବିଜ୍ଞାନମେଳାକୁ ଯୋଗ୍ୟ ବିବେଚିତ ହୋଇଛି।




ଏହି ଅବସରରେ ଆୟୋଜିତ ସଭାରେ ବରିଷ୍ଠ ଗୋଷ୍ଠୀ ଶିକ୍ଷା ଅଧିକାରୀ ପ୍ରଜ୍ଞା ପାରମିତା ଜେନା ଅଧ୍ୟକ୍ଷତା କରି ଛାତ୍ରଛାତ୍ରୀଙ୍କୁ ବିଜ୍ଞାନ ସମ୍ମତ ବିଭିନ୍ନ ଦିଗ ଉପରେ ବକ୍ତବ୍ୟ ଦେଇଥିଲେ। ଜୟଦେବ ବିଧାୟକ ନବ କିଶୋର ମଲ୍ଲିକ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଛାତ୍ରଛାତ୍ରୀଙ୍କୁ ଦୃଢ଼ ଇଚ୍ଛାଶକ୍ତି, କଠିନ ପରିଶ୍ରମ ଓ ଅଧ୍ୟବସାୟ ସଫଳତାର ଚାବିକାଠି ବୋଲି ବକ୍ତବ୍ୟ ଦେବା ସହ ଭବିଷ୍ୟତରେ ଜଣେ ଜଣେ ବୈଜ୍ଞାନିକ ହେବା ନେଇ ଉତ୍ସାହିତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବ୍ଲକ ଅଧ୍ୟକ୍ଷା ବାସନ୍ତୀ ଖଟୁଆ, ଉପାଧ୍ୟକ୍ଷା ଇତିଶ୍ରୀ ଜେନା, ବ୍ଲକ ବିଜେଡ଼ି ସଭାପତି ପ୍ରଦୀପ୍ତ ଜେନାମଣି, ସ୍ଥାନୀୟ ସମିତି ସଭ୍ୟା ଉମାରାଣୀ ମହାନ୍ତି ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଅତିରିକ୍ତ ଶିକ୍ଷା ଅଧିକାରୀ କୁନି ଦେଈ ଧନ୍ୟବାଦ ଅର୍ପଣ କରିଥିଲେ। ଉକ୍ତ ହାଇସ୍କୁଲର ପ୍ରଧାନ ଶିକ୍ଷକ ମନୋରଞ୍ଜନ ପ୍ରହରାଜ, ଯୋଗେନ୍ଦ୍ର ସେଠୀ, ବିଷ୍ଣୁ ଚରଣ ବେହେରା, ଗଣେସ କରଣ, ପ୍ରମୋଦ କୁମାର ଖୁଣ୍ଟିଆ, ବଂଶୀଧର ମଲ୍ଲିକ ପ୍ରମୁଖ ସମସ୍ତ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ନିଶାମୁକ୍ତି କେନ୍ଦ୍ରର ଅନ୍ତେବାସୀଙ୍କୁ ଭେଟିଲା ପୋଲିସ ସଂଘ

ଟାଙ୍ଗୀ-ଚୌଦ୍ୱାର, ୨୨।୧୧ (ସଂଚାର ବ୍ୟୁରୋ): ଚୌଦ୍ୱାରସ୍ଥିତ ପରିବର୍ତ୍ତନ ନିଶାମୁକ୍ତି କେନ୍ଦ୍ରର ଅନ୍ତବାସୀମାନଙ୍କୁ ଚୌଦ୍ୱାର କାର୍ଯ୍ୟରତ ଓ ଅବସରପ୍ରାପ୍ତ ପୋଲିସ ସଂଘର କର୍ମକର୍ତ୍ତା ମାନେ ଭେଟି ସେମାନଙ୍କ ବିଭିନ୍ନ ସମସ୍ୟା ପଚାରି ବୁଝିଥିଲେ। କର୍ମକର୍ତ୍ତା ମାନେ ନିଶାମୁକ୍ତି କେନ୍ଦ୍ରରେ ରହୁଥିବା ୪୦ଜଣ ଅନ୍ତେବାସୀଙ୍କ ସହିତ ଭାବର ଆଦାନପ୍ରଦାନ କରିବା ସହିତ ସେମାନଙ୍କୁ ଖାଦ୍ୟ ବଣ୍ଟନ କରିଥିଲେ। ଆଗାମୀ ଦିନରେ ସଂଘ ତରଫରୁ ପିଲାମନଙ୍କ ସୁବିଧା ପାଇଁ ସମସ୍ତ ସହାଯ୍ୟ ସହଯୋଗ କରାଯିବ ବୋଲି ସଭାପତି ଶୈଳେନ୍ଦ୍ର ମୁଖି ପ୍ରକାଶ କରିଛନ୍ତି। ଉପଦେଷ୍ଟା ସହଦେବ ବରାଳ, କୋଷାଧ୍ୟକ୍ଷ ମନୋରଞ୍ଜନ ଦାସ, ଉପସଭାପତି ଆଦିକନ୍ଦ ମହାନ୍ତି, ଭରତ ଚନ୍ଦ୍ର ମଲ୍ଲିକ, ନରୋତ୍ତମ ଦାସ ପ୍ରମୁଖ ସଂଗଠନର ଏଭଳି ପଦକ୍ଷେପକୁ ପ୍ରଶଂସା କରିଥିଲେ। ସଂଘ ସମ୍ପାଦକ ବାସୁଦେବ ସାମଲ ଧନ୍ୟବାଦ ଅର୍ପଣ କରିଥିଲେ।



# ବୃତ୍ତି ଶିକ୍ଷକତା, ପ୍ରବୃତ୍ତିରେ ସଫଳ ଚାଷୀ

ନାଉଗାଁ, ୨୨।୧୧ (ସଂଚାର ବ୍ୟୁରୋ): ଜଗତସିଂହପୁର ଜିଲ୍ଲା ନାଉଗାଁ ବ୍ଲକ ଘୋଡ଼ାଂଶ ପଞ୍ଚାୟତ ଘୋଡ଼ାଂଶ ଗ୍ରାମର ଶ୍ରୀଯୁକ୍ତ ପ୍ରବୋଧ କୁମାର ମହାନ୍ତିଙ୍କ ବୃତ୍ତି ଶିକ୍ଷକତା ହେଲେ ରୁଚି ଚାଷ କାର୍ଯ୍ୟ । ଜାମୁଗାଁ ପଞ୍ଚାୟତର ନନ୍ଦିଗ୍ରାମ ସରକାରୀ ଉପ୍ରା ବିଦ୍ୟାଳୟର ସହକାରୀ ଶିକ୍ଷକ ଭାବେ କାର୍ଯ୍ୟ କରନ୍ତି ଶ୍ରୀଯୁକ୍ତ ମହାନ୍ତି କେବଳ ଜଣେ ସମୟାନୁବର୍ତ୍ତୀ, ଛାତ୍ରବତ୍ସଳ ତଥା ଆଦର୍ଶ ଶିକ୍ଷକ ନୁହଁନ୍ତି ଜଣେ ସଫଳ ଚାଷୀ ଭାବରେ ନିଜ ଗୃହସଂଲଗ୍ନ କ୍ଷେତରେ ଉନ୍ନତମାନର ପିଜୁଳି ବଗିଚା କରି ଦୈନିକ ସୁଲଭ ମୂଲ୍ୟରେ ପିଜୁଳି ବିକ୍ରି କରି ଅଞ୍ଚଳରେ ସମସ୍ତଙ୍କ ପାଇଁ ଦୃଷ୍ଟାନ୍ତ ହୋଇ ପାରିଛନ୍ତି ।

ଶିକ୍ଷକତା ଭଳି ଏକ ପବିତ୍ର ବୃତ୍ତିରେ ଥାଇ ମଧ୍ୟ ତାଙ୍କର ଏହି ଚାଷ ଓ କୃଷିମନସ୍କତା ଭାବ ପାଇଁ ସେ ସମସ୍ତଙ୍କର ପାଇଁ ଉଦାହରଣ ସୃଷ୍ଟି କରିଛନ୍ତି । ସ୍କୁଲରେ ଶିକ୍ଷାଦାନ କରିବା ସହିତ ସ୍କୁଲ୍ ଯିବା ପୂର୍ବରୁ ଓ ଫେରିବା ପରେ ପ୍ରବୋଧ ସାର୍ ସମୟକୁ ଜମା ବି ନଷ୍ଟ ନକରି ନିଜର ୧୭ ଗୁଣ୍ଠ କ୍ଷେତରେ କରିଥିବା ପିଜୁଳି ବଗିଚାରେ ହିଁ କାମ କରିଥାନ୍ତି। ପ୍ରବୋଧ ସାର୍‌ଙ୍କ ପରିବାର କହିଲେ ବାପା ଥିଲେ ଜଣେ ଅବସରପ୍ରାପ୍ତ ଶିକ୍ଷକ ଯିଏ କି ଏବେ ଆରପାରିରେ, ମା ପ୍ରମିଳା ମହାନ୍ତି ଜଣେ ଅବସରପ୍ରାପ୍ତ ଶିକ୍ଷୟିତ୍ରୀ, ତାଙ୍କ ପତ୍ନୀ ରାଜଶ୍ରୀ ବିଶ୍ୱାଳ ମଧ୍ୟ ଜଣେ ଶିକ୍ଷୟିତ୍ରୀ ଓ ଗୋଟିଏ ପୁଅ ଗୋଟିଏ ଝିଅକୁ ନେଇ ପ୍ରବୋଧଙ୍କ ସୁନାର ସଂସାର। ପ୍ରବୋଧ ଶିକ୍ଷକ ପରିବାରରୁ ଆସିଥିବା ସଙ୍ଗେ ସଙ୍ଗେ ନିଜେ ବି ଜଣେ ଆଦର୍ଶ ଶିକ୍ଷକ ହୋଇ ନିଜ କ୍ଷେତରେ ସୁନାର ଫସଲ ଅମଳ କରିବାରେ ସେ ବହୁତ ଆତ୍ମତୃପ୍ତି ଲାଭ କରୁଥିବା ନିଜ ପ୍ରତିକ୍ରିୟା ପ୍ରକାଶ କରିଛନ୍ତି ଏବଂ ନିଜ ଜମିକୁ ପଡିଆ ନ ରଖି ଆମେ ଯଦି ଉନ୍ନତ ଜ୍ଞାନ କୌଶଳରେ ଯେ କୌଣସି ଚାଷ କରିବା ନିଶ୍ଚୟ ସଫଳତା ଲାଭ କରିବା । ଏହା ଆମକୁ ନିଶ୍ଚିତ ଭାବରେ ଶାରୀରିକ ଓ ମାନସିକ ଶାନ୍ତି ପ୍ରଦାନ କରିବା ସହିତ ଆତ୍ମନିର୍ଭରଶୀଳତା ଓ ସ୍ୱାଭିମାନର ସହ ବଞ୍ଚିବାକୁ ଖୋରାକ ଯୋଗାଇବ ।



# ୩୦ ପ୍ରେକ୍ଷାଳୟରେ 'ତୁ ମୋ କମଜୋରୀ'

ଭୁବନେଶ୍ୱର, ୨୨।୧୧ (ସଂଚାର ବ୍ୟୁରୋ) : ସୁପ୍ରିମ ଏଣ୍ଟରଟେନମେଣ୍ଟ ବ୍ୟାନରରେ ୨୨ ତାରିଖ ଶୁକ୍ରବାର ଦିନ ପରଦାକୁ ଆସିଛି ବହୁ ପ୍ରତିକ୍ଷୀତ ଓଡ଼ିଆ ଫିଲ୍ମ 'ତୁ ମୋ କମଜୋରୀ' । ସ୍ୱାତୀ ହଲରେ ଏହି ଫିଲ୍ମର ପ୍ରିମିୟର ସୋ ଅନୁଷ୍ଠିତ ହୋଇଯାଇଛି । ତ୍ରୀକୋଣୀୟ ପ୍ରେମ କାହାଣୀକୁ ନେଇ ଏହି ଚଳଚ୍ଚିତ୍ର ପ୍ରସ୍ତୁତ ହୋଇଥିବା ବେଳେ ପ୍ରେମରେ ମଣିଷ କେଉଁ ସ୍ତରକୁ ଯାଇପାରେ ତାହା ଏଥିରେ ପ୍ରଦର୍ଶିତ ହୋଇଛି। ସାରା ଓଡିଶାର ୩୦ଟି ପ୍ରେକ୍ଷାଳୟରେ ଏହି ଚଳଚିତ୍ର ମୁକ୍ତିଲାଭ କରିଛି ବୋଲି ପ୍ରଯୋଜକ ସୁରେଶ ସାହୁ ସୂଚନା ଦେଇଛନ୍ତି ।

'ତୁ ମୋ କମଜୋରୀ' ଚଳଚ୍ଚିତ୍ରଟି ଆଶୁତୋଷ ତ୍ରିପାଠୀଙ୍କ ଦ୍ୱାରା ଲିଖିତ ଲଭ, ରୋମାନ୍ସ ଓ ପାରିବାରିକ କଥାବସ୍ତୁକୁ ନେଇ ପ୍ରସ୍ତୁତ ହୋଇଥିବା ବେଳେ ପ୍ରେମ ଆନନ୍ଦଙ୍କ ସଂଗୀତ ନିର୍ଦ୍ଦେଶନା ରେ ୬ଟି ଗୀତ ରହିଛି ବୋଲି ସିନେମାର କ୍ରିଏଟିଭ ମୁଖ୍ୟ ଶ୍ୟାମା ପ୍ରସାଦ ମିଶ୍ର ପ୍ରକାଶ କରିଛନ୍ତି । ଗୀତଗୁଡ଼ିକରେ ଦୀପ୍ତିରେଖା, ହ୍ୟୁମାନ ସାଗର, ସବିଶେଷ, ଆଶୁତୋଷ, ଅନନ୍ୟା ଶ୍ରୀତମ ନନ୍ଦ ପ୍ରମୁଖ କଣ୍ଠଦାନ କରିଛନ୍ତି । ଗୀତ ଗୁଡିକୁ ରଚନା କରିଛନ୍ତି ବସନ୍ତ ରାଜ ସାମଲ, ସୁବ୍ରତ ସ୍ୱାଇଁ ଏବଂ ନିର୍ମଳ ନାୟକ । କୋରିଓଗ୍ରାଫି କରିଛନ୍ତି ନିଜେ ମୁଖ୍ୟ ଅଭିନେତା ରାକେଶ ଦେଓ। ଏଡିଟର ଅଛନ୍ତି ରଞ୍ଜନ ଖାଟୋଇ।

ଏହି ପ୍ରିମିୟର ସୋ'ରେ ପ୍ରଯୋଜକ ସୁରେଶ ସାହୁ, ସହ ପ୍ରଯୋଜିକା ଭାର୍ଗବୀ ତ୍ରିପାଠୀ, ଲେଖକ ଆଶୁତୋଷ ତ୍ରିପାଠୀ, ନିର୍ଦ୍ଦେଶକ ସନ୍ତୋଷ ବିଶ୍ୱାଳ, ଡିଓପି ଶୁଭମ, ଅଭିନେତା ରାକେଶ ଦେଓ, ଲିପିକା, ସଚିନ, ଆଶିଷ, ସୁଶାନ୍ତଙ୍କ ସହିତ କଣ୍ଠଶିଳ୍ପୀ ଆଶୁତୋଷ, ପ୍ରଚାର ପ୍ରସାର ମୁଖ୍ୟ ହରପ୍ରସାଦ ମହାପାତ୍ର ଏବଂ ଓଡ଼ିଶାର ବହୁ ନାମୀ ଦାମୀ ପ୍ରଯୋଜକ, ନିର୍ଦ୍ଦେଶକ, ଅଭିନେତା, ଅଭିନେତ୍ରୀ ତଥା ଟେକନିସିଆନ ଯୋଗ ଦେଇଥିଲେ।

ସିନେମା 'ତୁ ମୋ କମଜୋରୀ' ସାରା ଓଡ଼ିଶାର ଦର୍ଶକମାନଙ୍କୁ ମନୋରଞ୍ଜନର ଖୋରାକ ଯୋଗାଇବ ବୋଲି ମୁଖ୍ୟ ପରିଚାଳକ ଓ ଲେଖକ ଆଶୁତୋଷ ତ୍ରିପାଠୀ କହିଛନ୍ତି। ଏହା ମୌଳିକ କାହାଣୀ ଉପରେ ପର୍ଯ୍ୟବସିତ ଏକ ଭିନ୍ନ ସ୍ୱାଦର ପ୍ରେମ କାହାଣୀ। ସଂଗୀତ ତରଙ୍ଗ ମ୍ୟୁଜିକ ମାଧ୍ୟମରେ ରିଲିଜ ହୋଇ ବେଶ ଚର୍ଚ୍ଚିତ ଓ ପ୍ରଶଂସିତ ହୋଇଛି।

ଚଳଚ୍ଚିତ୍ର 'ତୁ ମୋ କମଜୋରୀ' ଭୁବନେଶ୍ୱର ସ୍ୱାତୀ, ଆଇନକ୍ସ, ସିନେପଲିସ୍ ସହିତ କଟକ, ବ୍ରହ୍ମପୁର, ଆସ୍କା, ଭବାନୀପାଟଣା, କୋରାପୁଟ, ଅନୁଗୁଳ, ରାୟଗଡା, ବେଗୁନିଆପଡା, ଉମରକୋଟ,ଭଦ୍ରକ, ଯାଜପୁର ରୋଡ଼, ଯାଜପୁର ଟାଉନ, ପାରାଦୀପ, ଢେଙ୍କାନାଳ, ନବରଙ୍ଗପୁର, ଚାନ୍ଦବାଲି ଏବଂ କେନ୍ଦୁଝର ସହିତ ୩୦ଟି ହଲରେ ପ୍ରଦର୍ଶିତ ହେଉଥିବା ବେଳେ ଆଗାମୀ ସପ୍ତାହରେ ଓଡ଼ିଶାର ଅନ୍ୟାନ୍ୟ ଅଞ୍ଚଳ ସହିତ ମୁମ୍ବାଇ, ଗୁଜୁରାଟ ଏବଂ ବିଦେଶରେ ମଧ୍ୟ ପ୍ରଦର୍ଶିତ କରାଯିବ ବୋଲି ପ୍ରଯୋଜକ ସୁରେଶ ସାହୁ କହିଛନ୍ତି।



## ଖଲ୍ଲିକୋଟ ବିଶ୍ୱବିଦ୍ୟାଳୟ ଇଂରାଜୀ ବିଭାଗରେ

# ଦ୍ୱିଦିବସୀୟ ଜାତୀୟ ପାଠଚକ୍ର

ଗଞ୍ଜାମ, ୨୨।୧୧ (ସଂଚାର ବ୍ୟୁରୋ): ସ୍ଥାନୀୟ ଖଲ୍ଲିକୋଟ ଏକକ ବିଶ୍ୱବିଦ୍ୟାଳୟର ଇଂରାଜୀ ବିଭାଗ ଆନୁକୂଲ୍ୟରେ ଦ୍ୱିଦିବସୀୟ ଜାତୀୟ ପାଠଚକ୍ର ଉଦଘାଟିତ ହୋଇଯାଇଛି। 'The myriad motifs in indian english fiction: Theory and praxis' ଶୀର୍ଷକ ଏହି ପାଠ୍ୟଚକ୍ରକୁ ବୃକ୍ଷରେ ଜଳସିଞ୍ଚନ ପୂର୍ବକ ଉଦଘାଟନ କରିଥିଲେ କୁଳପତି ପ୍ରଫେସର ଗୀତାଞ୍ଜଳି ଦାଶ। କୁଳପତିଙ୍କ ପ୍ରେରଣା ତଥା ସ୍ନାତକୋତ୍ତର ପରିଷଦର ଅଧ୍ୟକ୍ଷା ଇଂରାଜୀ ବିଭାଗ ମୁଖ୍ୟ ପ୍ରଫେସର ପଦ୍ମିନୀ ସାହୁଙ୍କ ଆବାହନରେ ଆୟୋଜିତ ଏହି ପାଠଚକ୍ରରେ ଭିତ୍ତି ବକ୍ତବ୍ୟ ଉପସ୍ଥାପନ କରିଥିଲେ ବନାରସ୍ ହିନ୍ଦୁ ବିଶ୍ୱବିଦ୍ୟାଳୟର ପ୍ରଫେସର ପ୍ରକାଶ ଚନ୍ଦ୍ର ପ୍ରଧାନ ଏବଂ ଆନ୍ଧ୍ର ବିଶ୍ୱବିଦ୍ୟାଳୟର ପ୍ରଫେସର ଭି.ସି. ସୁଧୀର। ଇଂରାଜୀ ସାହିତ୍ୟର ଏହି ଧୂରୀଣ ବ୍ୟକ୍ତିତ୍ୱଦ୍ୱୟ ନିଜର ବକ୍ତବ୍ୟରେ ୧୯୭୦ ରୁ ୨୦୨୦ ମସିହା କାଳଖଣ୍ଡ ମଧ୍ୟରେ ରଚିତ ଇଂରାଜୀ ଉପନ୍ୟାସର ବିବିଧ ଭାବଧାରା ସମ୍ପର୍କରେ ମହତ୍ତ୍ୱପୂର୍ଣ୍ଣ ତଥ୍ୟ ଉପସ୍ଥାପନ କରିଥିଲେ। ପାଠଚକ୍ରର ମୁଖ୍ୟ ଅତିଥି ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ପ୍ରଫେସର ରାମନାରାୟଣ ପଣ୍ଡା ଏବଂ ସମ୍ମାନିତ ଅତିଥି ଉତ୍କଳ ବିଶ୍ୱବିଦ୍ୟାଳୟର ସହଯୋଗୀ ପ୍ରାଧ୍ୟାପିକା ଡ. ତନୁତୃଷ୍ଣା ପାଣିଗ୍ରାହୀ ଚର୍ଚ୍ଚିତ କାଳପରିସରରେ ଇଂରାଜୀ ଉପନ୍ୟାସରେ ପରିଲକ୍ଷିତ ବିବିଧତା ଓ ପ୍ରସାରିତ ବ୍ୟାପକ ତତ୍ତ୍ୱାଧର୍ମୀତା ସମ୍ପର୍କରେ ଆଲୋଚନା କରିଥିଲେ। ଏହି ଦ୍ୱିଦିବସୀୟ ପାଠଚକ୍ରର ରାଜ୍ୟ ତଥା ରାଜ୍ୟ ବାହାରର ଅନେକ ଅଧ୍ୟାପକ, ଅଧ୍ୟାପିକା, ଗବେଷକ ଏବଂ ଛାତ୍ରଛାତ୍ରୀ ଯୋଗଦେଇ ସ୍ୱରଚିତ ପ୍ରବନ୍ଧ ଉପସ୍ଥାପନ କରିଥିଲେ। ପ୍ରବନ୍ଧ ଉପସ୍ଥାପକ ମାନଙ୍କ ମଧ୍ୟରେ ପାଠଚକ୍ରକୁ ନେଇ ଅଶେଷ ଆଗ୍ରହ ପରିଲକ୍ଷିତ ହୋଇଥିଲା। ବିଭାଗୀୟ ମୁଖ୍ୟ ପ୍ରଫେସର ପଦ୍ମିନୀ ସାହୁ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଅଧ୍ୟାପିକା ଚିନ୍ମୟୀ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ନିମନ୍ତ୍ରିତ ଅତିଥି ମାନଙ୍କୁ ବୃକ୍ଷଚାରା ଓ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ଏ ଅବସରରେ ପାଠଚକ୍ର ସମ୍ପର୍କିତ ଏକ ସଂକ୍ଷିପ୍ତ ସାର ପୁସ୍ତିକା ଅତିଥି ଦ୍ୱାରା ଉନ୍ମୋଚିତ ହୋଇଥିଲା । ପାଠଚକ୍ର ପରିଚାଳନାରେ ବିଭାଗୀୟ ଅଧ୍ୟାପିକା ଚିନ୍ମୟୀ ସାହୁ, ଇପସିତା ରୁଚି, ସୁହାସିନୀ ବିଶ୍ୱାଳ, ନୟନିକା ମହାପାତ୍ର ମୁଖ୍ୟ ଭୂମିକା ଗ୍ରହଣ କରିଥିବା ବେଳେ ବିଭାଗର ଛାତ୍ରଛାତ୍ରୀଙ୍କ ସହଯୋଗ ପ୍ରଶଂସନୀୟ ଥିଲା।



# ବିଧାୟକଙ୍କ ଚାପରେ ନଇଁଲେ ନିର୍ମାଣକାରୀ ସଂସ୍ଥା

## ଫେବ୍ରୁୟାରୀ ସୁଦ୍ଧା ମାହାଙ୍ଗାକୁ ଜଳଯୋଗାଣ



**ଭୁବନେଶ୍ୱର,୨୨।୧୧ (ସଂଚାର ବ୍ୟୁରୋ):** ମାହାଙ୍ଗା ବିଧାୟକ ସାରଦା ପ୍ରସାଦ ପ୍ରଧାନଙ୍କ ଚାପ ଆଗରେ ନଇଁଛନ୍ତି ମାହାଙ୍ଗା ଅଞ୍ଚଳରେ ମେଗା ପାନୀୟଜଳ ପ୍ରକଳ୍ପ ନିର୍ମାଣ କରୁଥିବା ଦୁଇ ସଂସ୍ଥା ମେଘା ଇଞ୍ଜିନିୟରିଂ ଓ ବ୍ଲୁଷ୍ଟାର। ୨୦୨୩ ମସିହାରୁ ଏହି ଦୁଇ ସଂସ୍ଥା ପ୍ରକଳ୍ପକାର୍ଯ୍ୟ ଶେଷ କରିବାକୁ ଧାର୍ଯ୍ୟ ହୋଇଥିଲେ ମଧ୍ୟ ବର୍ତ୍ତମାନ ସୁଦ୍ଧା କାର୍ଯ୍ୟ ସରି ନ ଥିବାରୁ ସମୀକ୍ଷା ବୈଠକରେ ଘୋର ଅସନ୍ତୋଷ ପ୍ରକାଶ କରିଛନ୍ତି ବିଧାୟକ। ଲୋକସେବା ଭବନରେ ମାହାଙ୍ଗା ଅଞ୍ଚଳରେ ପାନୀୟଜଳ ପ୍ରକଳ୍ପର ସମୀକ୍ଷା ହୋଇଥିଲା। ସମୀକ୍ଷା ବୈଠକରେ ପଞ୍ଚାୟତିରାଜ ବିଭାଗ ସଚିବ ଏସଏନ୍ ଗିରିଶ, ପଞ୍ଚାୟତିରାଜ ନିର୍ଦ୍ଦେଶକ ଭିନିଲ ଭରଦ୍ୱାଜ, ବିଭାଗର ସର୍ବୋଚ୍ଚ ଯନ୍ତ୍ରୀ, କାର୍ଯ୍ୟନିର୍ବାହୀ ଯନ୍ତ୍ରୀଙ୍କ ସମେତ କଟକ ଆରଡବ୍ଲୁଏସଏସର ଯନ୍ତ୍ରୀ ଓ ଅଧିକାରୀମାନେ ଉପସ୍ଥିତ ଥିଲେ।

ପାନୀୟଜଳ ପ୍ରକଳ୍ପରେ ଅହେତୁକ ବିଳମ୍ବ ନେଇ ବିଧାୟକ ଶ୍ରୀ ପ୍ରଧାନ ଅସନ୍ତୋଷ ପ୍ରକଟ କରିବା ସହିତ କେବେସୁଦ୍ଧା ପ୍ରକଳ୍ପ ସରିବ ବୋଲି ପ୍ରଶ୍ନ କରିଥିଲେ। ବିଭାଗୀୟ ସଚିବ ଓ ନିର୍ଦ୍ଦେଶକ ମଧ୍ୟ କାର୍ଯ୍ୟ ବିଳମ୍ବକୁ ନେଇ କ୍ଷୁବ୍ଧ ହୋଇଥିଲେ। ବିଧାୟକଙ୍କ ନାଲିଆଖି ଦେଖି ମେଘା ଇଞ୍ଜିନିୟରିଂ କର୍ତ୍ତୃପକ୍ଷ ୨୦୨୫ ଫେବୃୟାରୀରେ ମାହାଙ୍ଗାରେ ଅଞ୍ଚଳର ଲୋକଙ୍କୁ ପାନୀୟଜଳ ମିଳିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ବ୍ଲୁଷ୍ଟାର କର୍ତ୍ତୃପକ୍ଷ କୌଣସି ନିର୍ଦ୍ଦିଷ୍ଟ ସମୟ ସୀମା ଦେଇ ନ ଥିବାବେଳେ ତୁରନ୍ତ ପ୍ରକଳ୍ପ କାର୍ଯ୍ୟ ସାରି ପାନୀୟଜଳ ନ ଯୋଗାଇଲେ କାମରୁ ବିଦା ହେବାକୁ ପଡ଼ିବ ବୋଲି ବିଧାୟକ ଶ୍ରୀ ପ୍ରଧାନ ସଫା ସଫା ଶୁଣାଇ ଦେଇଥିଲେ।

# ଶ୍ରୀମନ୍ଦିରରେ ପହଞ୍ଚିଲା ପ୍ରଥମାଷ୍ଟମୀ ଭାର



**ପୁରୀ,୨୨।୧୧ (ସଂଚାର ବ୍ୟୁରୋ):** ଆଜି ପ୍ରଥମାଷ୍ଟମୀ। ପୋଢୁଆଁ ହେବେ ବଡ଼ ଠାକୁର। ଏଥିପାଇଁ ମହାପ୍ରଭୁଙ୍କ ମାମୁ ଘର କଟକ ଜିଲ୍ଲା ନିଆଳିର ଶ୍ରୀମାଧବନନ୍ଦ ଜିଉ ମନ୍ଦିରରୁ ଶ୍ରୀମନ୍ଦିରକୁ ଆସିଛି ପୋଢୁଆଁ ଭାର। ମହାପ୍ରଭୁଙ୍କ ଖଣ୍ଡୁଆ ପାଟଠାରୁ ଆରମ୍ଭ କରି ପିଠା ପାଇଁ ବିରି, ନଡିଆ, ଗୁଡ, ଛେନା, କଦଳୀ, ସହିତ ବିଭିନ୍ନ ପ୍ରକାରର ଫୁଲ, ଫଳ ଓ ଦୟଣା ତୁଳସୀ ଭାରରେ ରହିଛି। ବିଭିନ୍ନ ସଙ୍କୀର୍ତ୍ତନମଣ୍ଡଳୀ ଏଥିରେ ଭାଗ ନେଇ ପାଛୋଟି ନେଇଛନ୍ତି ପୋଢୁଆଁ ଭାରକୁ। ହଜାର ହଜାର ଶ୍ରଦ୍ଧାଳୁ ମଧ୍ୟ ସାମିଲ ହୋଇଛନ୍ତି। ଶ୍ରୀମନ୍ଦିର ନିକଟରେ ଭାର ପହଞ୍ଚିବା ମାତ୍ରେ ହରିବୋଲ ହୁଳହୁଳି ଧ୍ୱନି ଓ ସଂକୀର୍ତ୍ତନରେ ବଡ଼ଦାଣ୍ଡ ପ୍ରକମ୍ପିତ ହୋଇଥିଲା। ସୂଚନାଯୋଗ୍ୟ, ପ୍ରଥମାଷ୍ଟମୀରେ ଶ୍ରୀମନ୍ଦିରରେ ସ୍ୱତନ୍ତ୍ର ନୀତି କରାଯାଇଥାଏ। ପ୍ରଥମାଷ୍ଟମୀ ପାଇଁ ଘରେ ଘରେ ଜ୍ୟେଷ୍ଠ ସନ୍ତାନଙ୍କୁ ପୂଜାର୍ଚ୍ଚନା କରାଯାଏ। ଏଥିସହ ବଡ଼ ପୁଅ ଝିଅଙ୍କୁ ନୂତନ ବସ୍ତ୍ର ପିନ୍ଧାଇ ସେମାନଙ୍କ ବନ୍ଦାପନା କରାଯାଏ।

### ପରିବା ବ୍ୟବସାୟୀଙ୍କୁ ଧମକ

# ବବିଙ୍କ ଭାଇ ଭବଙ୍କ ନାଁରେ ମାମଲା



**ଯାଜପୁର, ୨୨।୧୧ (ସଂଚାର ବ୍ୟୁରୋ):** ପରିବା ବ୍ୟବସାୟୀଙ୍କୁ ଧମକ ଦେବା ଓ ପରିବା ନଷ୍ଟ କରିବା ଅଭିଯୋଗରେ ବରିଷ୍ଠ ବିଜେଡି ନେତା ତଥା ପୂର୍ବତନ ବିଧାୟକ ପ୍ରଣବ ପ୍ରକାଶ ଦାସ (ବବି)ଙ୍କ ଭାଇ ଭବ ପ୍ରକାଶ ଦାସଙ୍କ ନାଁରେ ଯାଜପୁର ଥାନାରେ ମାମଲା ରୁଜୁ ହୋଇଛି। ଯାଜପୁର ଥାନା ବାଲିପଦାର ପରିବା ବ୍ୟବସାୟୀ ମଦନ ନାଏକଙ୍କ ଏତଲା ଆଧାରରେ ପୁଲିସ ଭବ ଓ ତାଙ୍କର ୧୭ ଜଣ ସହଯୋଗୀଙ୍କ ନାଁରେ ମାମଲା ରୁଜୁ କରିଛି।

ମଦନ ଅଭିଯୋଗ କରିଛନ୍ତି, ଗୁରୁବାର ସକାଳ ପ୍ରାୟ ୮ଟା ବେଳେ ମା' ବିରଜା ହାଟକୁ ୧୦ ହଜାର ଟଙ୍କାର ବାଇଗଣ, ଫୁଲକୋବି ଓ ଟମାଟୋ ଆଦି ବିକ୍ରି କରିବାକୁ ଆସିଥିଲେ। ସେହି ସମୟରେ ଭବ ପ୍ରସାଦ ଦାସଙ୍କ ନେତୃତ୍ୱରେ ୫୦ରୁ ଊର୍ଦ୍ଧ୍ୱ ଲୋକ ଆସି ତାଙ୍କୁ ଗାଳିଗୁଲଜ କରି ତୁରନ୍ତ ପରିବା ଧରି ହାଟରୁ ପଳାଇବାକୁ ଧମକ ଦେଇଥିଲେ। କିନ୍ତୁ ସେ ରାଜି ନ ହେବାରୁ ଭବଙ୍କ ଲୋକମାନେ ତାଙ୍କୁ ବିଧା ଓ ଗୋଇଠା ମାରିବା ସହିତ ପରିବାପତ୍ର ନଷ୍ଟ କରି ଦେଇଥିଲେ। ଏମିତିକି ତାଙ୍କ ପକେଟରେ ଥିବା ୧୨ ହଜାର ଟଙ୍କା ନେଇ ଯାଇଥିଲେ।

ଭବ ପ୍ରକାଶ ଦାସଙ୍କ ସହିତ ତାଙ୍କ ସହଯୋଗୀ ବଳଭଦ୍ର ଦାସ, ଜଗନ୍ନାଥ ଦାସ, ସାହାଜୁଦ୍ଦିନ, ସେକ୍ ମୁର୍ତ୍ତେଜ, ସନ୍ତୋଷ କୁମାର ମଲ୍ଲିକ, ସୁରେନ୍ଦ୍ର ରଣା, ଅଜିତ ସାହୁ, ସୁବାଶିଷ ରାଉତ, ଦେବୀ ପ୍ରସାଦ ପାଣି, ସୁକାନ୍ତ ପାଣି, ତୁଷାର ରଞ୍ଜନ ବେହେରା, ପାର୍ଥ ସାରଥୀ ମହାପାତ୍ର, ମାନ ଗୋବିନ୍ଦ ପତି, ରଞ୍ଜନ ସାହୁ, ସୌଭାଗ୍ୟ ରଞ୍ଜନ, ଜନ୍ମେଜୟ କାନୁନଗୋ ଓ ଚିତ୍ତରଂଜନ ସାହୁଙ୍କ ନାଁରେ ମାମଲା ରୁଜୁ କରିଛି ପୁଲିସ। ଏ ସମସ୍ତଙ୍କ ନାଁରେ ଭାରତୀୟ ନ୍ୟାୟ ସଂହିତା (ବିଏନ୍ଏସ୍)ରେ ଥିବା ଧାରା ୧୧୫(୨), ୨୯୬, ୩(୫), ୩୦୩ (୨), ୩୨୪(୪)ରେ ମାମଲା ରୁଜୁ ହୋଇଛି। ଏମାନଙ୍କ ବ୍ୟତୀତ ଆହୁରି କିଛି ଲୋକ ଥିଲେ, ତେବେ ସେ ସେମାନଙ୍କୁ ଚିହ୍ନି ନ ଥିବା ଏତଲାରେ ଦର୍ଶାଇଛନ୍ତି। ଏହା ସହିତ ଅଭିଯୁକ୍ତଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବାକୁ ସେ ଅନୁରୋଧ କରିଛନ୍ତି। ଭବ ପ୍ରକାଶ ଦାସଙ୍କ ବିରୋଧରେ ଲଗାଯାଇଥିବା ଦଫା ଗୁଡିକ ମଧ୍ୟରୁ ପ୍ରାୟ ସମସ୍ତ ଦଫା ଜାମିନ ଯୁକ୍ତ ହୋଇଥିବା ବେଳେ ବିଏନ୍ଏସ୍ ୩୦୩(୨) ଜାମିନବିହୀନ ଦଫା ହୋଇଥିବାରୁ ତାଙ୍କୁ ଗିରଫ କରାଯିବାର ଆଶଙ୍କା ପ୍ରକାଶ ପାଇଛି।

### ଧର୍ମଶାଳା ବିଧାୟକଙ୍କୁ ଆକ୍ରମଣ ମାମଲା

# ଗିରଫ ଭୟରେ ଘରେ ରହୁନାହାନ୍ତି ବିଜେଡି କର୍ମୀ



**ଯାଜପୁର,୨୨।୧୧(ସଂଚାର ବ୍ୟୁରୋ):** ଧର୍ମଶାଳା ବିଧାୟକ ହିମାଂଶୁ ସାହୁ (ଲିକୁ)ଙ୍କୁ ଆକ୍ରମଣ ପାଇଁ ଯାଜପୁର ସହର ଅଶାନ୍ତ ହୋଇପଡ଼ିଛି। ଏହି ଘଟଣାରେ ସଂପୃକ୍ତ ଅଭିଯୁକ୍ତମାନଙ୍କୁ ଗିରଫ କରିବା ପାଇଁ ପୁଲିସ ପକ୍ଷରୁ ପ୍ରୟାସ ଅବ୍ୟାହତ ରହିଛି। ଅନ୍ୟପକ୍ଷରେ ଗିରଫ ଭୟରେ ବିଜେଡି କର୍ମୀମାନେ ରାତିରେ ଘରେ ରହୁ ନ ଥିବା ଜଣାପଡ଼ିଛି। ବୁଧବାର ସନ୍ଧ୍ୟାରେ ଯାଜପୁର ବୁଢ଼ାଘାଟ ଠାରେ ରାସ୍ତାରୋକ ଚାଲିଥିବା ବେଳେ ବିଧାୟକଙ୍କୁ ଆକ୍ରମଣ ହୋଇଥିଲା। ଆକ୍ରମଣକାରୀମାନେ ପ୍ରଣବ ପ୍ରକାଶ ଦାସଙ୍କ ଲୋକ ଓ ବିଜେଡି କର୍ମୀ ବୋଲି ଶ୍ରୀ ସାହୁ ଅଭିଯୋଗ କରିଥିଲେ। ପରବର୍ତ୍ତୀ ସମୟରେ ଏକ ଏତଲା ଯାଜପୁର ସଦର ଥାନାରେ ବିଧାୟକଙ୍କ ବ୍ୟକ୍ତିଗତ ସୁରକ୍ଷାକର୍ମୀଙ୍କ ଦ୍ୱାରା କରାଯାଇଥିଲା। ବିଧାୟକ ଶ୍ରୀ ସାହୁ ଗଣମାଧ୍ୟମକୁ ଦେଇଥିବା ପ୍ରତିକ୍ରିୟାରେ କହିଥିଲେ, ପୂର୍ବତନ ବିଧାୟକ ବବି ଦାସଙ୍କ ସହ ତାଙ୍କ ସାନ ଭାଇ ଭବପ୍ରସାଦ ଦାସଙ୍କ ସଂପୃକ୍ତି ରହିଛି। ଏହାପରେ ଭବପ୍ରସାଦ ଓ ତାଙ୍କ ସମର୍ଥକ ଥାନାରେ ହୋହାଲ୍ଲା କରିଥିଲେ।

**ତଦନ୍ତ ଅନୁଧ୍ୟାନ କଲେ କେନ୍ଦ୍ରାଞ୍ଚଳ ଡିଆଇଜି:ଆଉ ୪ ଗିରଫ**

ଏହି ଘଟଣାରେ ଅତିରିକ୍ତ ଡିଜି ସଞ୍ଜୟ କୁମାର ଥାନାରେ ପହଞ୍ଚି ଆକ୍ରମଣକାରୀଙ୍କୁ ତୁରନ୍ତ ଗିରଫ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ପୋଲିସ ଏକାଧିକ ବ୍ୟକ୍ତିଙ୍କୁ ଗିରଫ କରି ଭିନ୍ନ ଭିନ୍ନ ଦଫା ଲଗାଯାଇ ରଗଡ଼ି ଜେଲ୍ ପଠାଯାଇଛି। ଆହୁରି ଅନେକ ବ୍ୟକ୍ତିଙ୍କୁ ଗିରଫ କରାଯିବ ବୋଲି ସୂଚନା ମିଳିଛି। ଯେଉଁଥିପାଇଁ ସହରରେ ଆତଙ୍କ ସୃଷ୍ଟି ହୋଇଛି।

ଏତଲାରେ ନାମ ଥିବା ବହୁ ଆକ୍ରମଣକାରୀ ଫେରାର ଥିବା ବେଳେ ଯେଉଁମାନଙ୍କ ନାଁ ନାହିଁ ସେମାନେ ମଧ୍ୟ ଭୟଭିତ ହୋଇପଡ଼ିଛନ୍ତି। ଯାଜପୁର ସହରର ଅନେ ବିଜେଡ଼ି କର୍ମୀ ଭୟଭୀତ ଅବସ୍ଥାରେ ଅଛନ୍ତି। ପୁଲିସ ରାତିଅଧିଆ ଘରୁ ଉଠାଇବା ଯୋଗୁଁ ବହୁ ଦଳୀୟ କର୍ମୀ ଓ ସମର୍ଥକ ଦିନରେ ସହରରେ ଦେଖାଯାଉଥିବା ବେଳେ ରାତିରେ ଘରେ ରହୁ ନାହାନ୍ତି। ସହରରେ ଏକପ୍ରକାର ଭୟର ବାତାବରଣ ଖେଳି ଯାଇଛି।

ଅନ୍ୟପକ୍ଷରେ **ଏହି ମାମଲାରେ** ଶୁକ୍ରବାର ଆଉ ୪ ଗିରଫ ହୋଇଛନ୍ତି। ସେମାନେ ହେଲେ ଯାଜପୁର ସଦର ଥାନା ଶଙ୍ଖନାଳୀ ଗ୍ରାମର ପ୍ରକାଶ କୁମାର ଆଚାର୍ଯ୍ୟ(୩୪) ଓ ସୁଶିଲ ରାଉତ(୨୮), ଜାହାନପୁର ଗ୍ରାମର ସୁଦର୍ଶନ ଓଝା(୩୫) ଏବଂ ଯାଜପୁର ଟାଉନ ଥାନା ବାଣପୁର ଗ୍ରାମର ଅଚ୍ୟୁତାନନ୍ଦ ନାୟକ(୪୪)। ଏହାସହିତ ତଦନ୍ତ ଅନୁଧ୍ୟାନ ପାଇଁ ଶୁକ୍ରବାର ସନ୍ଧ୍ୟାରେ ଯାଜପୁରରେ ପହଞ୍ଚିଛନ୍ତି କେନ୍ଦ୍ରାଞ୍ଚଳ ଡିଆଇଜି ସତ୍ୟଜିତ ନାୟକ। ସେ ସାମ୍ବାଦିକ ସମ୍ମିଳନୀରେ ସମ୍ପୂର୍ଣ୍ଣ ଘଟଣାର ସୂଚନା ଦେଇଛନ୍ତି। ଶାନ୍ତିଶୃଙ୍ଖଳା ବଜାୟ ରଖିବା ପାଇଁ ଧର୍ମଶାଳା, ଯାଜପୁର ସଦର ଓ ଯାଜପୁର ଟାଉନ ଥାନା ଅଞ୍ଚଳରେ ୨୮ ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ କରାଯାଇଛି। ୧୬ ମାମଲା ରୁଜୁ ହୋଇଛି ଓ ଅଭିଯୁକ୍ତଙ୍କୁ ଧରିବା ପାଇଁ ୪ ଟିମ୍ ନିୟୋଜିତ ରହିଛନ୍ତି।

### ଏକାମ୍ର କ୍ଷେତ୍ର ବାଲିଯାତ୍ରା ମହୋତ୍ସବ ଉଦ୍‌ଯାପିତ

# କଳା,ସଂସ୍କୃତି ଓ ଭାଇଚାରାକୁ ଉଜ୍ଜୀବିତ କରେ ମହୋତ୍ସବ



**ଭୁବନେଶ୍ୱର, ୨୨।୧୧(ସଂଚାର ବ୍ୟୁରୋ):** ଏକାମ୍ର ବାଲିଯାତ୍ରା ମହୋତ୍ସବ ଉଦ୍‌ଘାଟିତ ହେବା ପରଠାରୁ ଚଳଚଞ୍ଚଳ ହୋଇଉଠିଥିଲା କୁଆଖାଇ ନଦୀପଠା। ପ୍ରଥମ ଥର ହେଉଥିବାରୁ ଲୋକଙ୍କ ମଧ୍ୟରେ ଉତ୍କଣ୍ଠା ବଢ଼ାଇଥିଲା ଏକାମ୍ର କ୍ଷେତ୍ର ବାଲିଯାତ୍ରା ମହୋତ୍ସବ। ନୌବାଣିଜ୍ୟ ଇତିହାସର ମୂକସାକ୍ଷୀ ଏବଂ ପ୍ରସିଦ୍ଧ ଗଣ ଉତ୍ସବ ତଥା ବାଣିଜ୍ୟ ମେଳା 'ବାଲି ଯାତ୍ରା'ରେ ଏକାମ୍ର କ୍ଷେତ୍ର ତଥା ଭୁବନେଶ୍ୱର ଜନସାଧାରଣ ଏଥିରେ ସାମିଲ ହୋଇ ଇତିହାସର ପୃଷ୍ଠାକୁ ପୁନଃ ଜୀବିତ କରିଥିଲେ। ଆଜି ଉଦ୍‌ଯାପନୀ ସନ୍ଧ୍ୟାରେ ହାସ୍ୟ ଅଭିନେତା ପ୍ରଜ୍ଞା ଓ ଶଙ୍କର ଲୋକଙ୍କୁ ହସାଇବା ସହ ସନ୍ଦନ ବ୍ୟାଣ୍ଡ ଓ ରଙ୍ଗୀଲା ଡ୍ୟାନ୍ସ ଗ୍ରୁପ ଦ୍ୱାରା ଆୟୋଜିତ ସାଂସ୍କୃତିକ କାର୍ଯ୍ୟକ୍ରମ ଲୋକଙ୍କୁ ବାନ୍ଧି ରଖିଥିଲା। ଏହା ସାଙ୍ଗକୁ ଦୋଳି, ବିଭିନ୍ନ ଖାଇବା ଲୋକଙ୍କୁ ମୋହିତ କରିଥିଲା। ଉଦଯାପନ ସଂଧ୍ୟାରେ ବିଧାୟକ ଦୁଷ୍ମନ୍ତ ସ୍ୱାଇଁ ଓ ବାଲିଯାତ୍ରା କମିଟିର ସଭାପତି ତଥା ଏକାମ୍ର ବିଧାୟକ ବାବୁ ସିଂ ସପ୍ତମ ସଂଧ୍ୟାରେ ଉତ୍ସବକୁ ଶୁଭାରମ୍ଭ କରିଥିଲେ। ବାଲିଯାତ୍ରା କମିଟିର ସମ୍ପାଦକ କବିରାଜ ସ୍ୱାଇଁ, ପୂର୍ବତନ କର୍ପୋରେଟର ପ୍ରତାପ ଜେନା, ଗ୍ରାମୀଣ ମଣ୍ଡଳ ସଭାପତି ଅରୁଣ ପୁରୋହିତ, ଯୁବ ସଂଗଠକ ତାପସ ଦଳାଇ,ମାନସ ପଣ୍ଡା, ଦୁଃଶାସନ ନରେନ୍ଦ୍ର, ପବିତ୍ର ମୋହନ ସ୍ୱାଇଁ, ହାଡ଼ି ବନ୍ଧୁ ସ୍ୱାଇଁ, ଅଶୋକ ଦାସ, ଧନୁ ମଙ୍ଗରାଜ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ଏକାମ୍ର ନିର୍ବାଚନମଣ୍ଡଳୀ ତଥା ବାଙ୍କୁଆଳ, କେଶୁରା, କୋରଡ଼କଣ୍ଟା, ଦୁର୍ଗାପୁର ପାଟଣା ଓ ବାସୁଆଘର ମୁରବି ଓ ଯୁବଗୋଷ୍ଠୀଙ୍କୁ ନେଇ ପ୍ରଥମଥର ଲାଗି ଏକାମ୍ର ବାଲିଯାତ୍ରା ମହୋତ୍ସବ-୨୦୨୪ ଆୟୋଜନ କରାଯାଇଥିଲା।

## ଓଟିଇଟି ରେଜଲ୍ଟ ପ୍ରକାଶ

**କଟକ, ୨୨।୧୧ (ସଂଚାର ବ୍ୟୁରୋ):** ଶିକ୍ଷକ ନିଯୁକ୍ତି ପାଇଁ ହେଉଥିବା ଓଡ଼ିଶା ଶିକ୍ଷକ ଯୋଗ୍ୟତା ପରୀକ୍ଷା (ଓଟିଇଟି) ରେଜଲ୍ଟ ପ୍ରକାଶ ପାଇଛି। ମାଧ୍ୟମିକ ଶିକ୍ଷା ପରିଷଦ ଓଡ଼ିଶାର ଅଫିସିଆଲ ୱେବସାଇଟ ଓଡ଼ିଶା ଡଟ୍ ଏସି ଡଟ୍ ଇନ୍ (http://www.bseodisha.ac.in/) ରେ ଲଗ୍ ଇନ୍ କରି ପରୀକ୍ଷାର୍ଥୀମାନେ ତାଙ୍କର ରେଜଲ୍ଟ ଜାଣିପାରିବେ। ପରୀକ୍ଷାର୍ଥୀମାନେ ସେମାନଙ୍କ ରୋଲ୍ ନମ୍ବର ବା ନାଁ ସବମିଟ୍ କରିବା ପରେ ରେଜଲ୍ଟ ଦେଖିପାରିବେ। ଯେଉଁମାନେ କୃତକାର୍ଯ୍ୟ ହୋଇଛନ୍ତି, ସେମାନେ ଡିଜିଟାଇଜ୍‌ଡ ସାର୍ଟିଫିକେଟ୍ ଡାଉନଲୋଡ୍ କରିପାରିବେ ବୋଲି ମାଧ୍ୟମିକ ଶିକ୍ଷା ପରିଷଦ ପକ୍ଷରୁ ଜାରି କରାଯାଇଥିବା ପ୍ରେସ୍ ରିଲିଜ୍‌ରେ ଉଲ୍ଲେଖ କରାଯାଇଛି। ଯେଉଁ ପରୀକ୍ଷାର୍ଥୀମାନେଅସଫଳ ହୋଇଛନ୍ତି, ସେମାନେ ସ୍କାନ୍‌ଡ ଓମ୍‌ଆର୍ ଉତ୍ତର ଖାତା ଡାଉନଲୋଡ୍ କରିପାରିବେ। ଏହା ନଭେମ୍ବର ୨୯ ତାରିଖ ପର୍ଯ୍ୟନ୍ତ ମାଧ୍ୟମିକ ଶିକ୍ଷା ପରିଷଦର ୱେବସାଇଟ୍ www.bseodisha.ac.inରେ ଉପଲବ୍ଧ ହେବ।

## ଏଥର ଧନୁଯାତ୍ରାରେ ନୂଆ କଂସ

**ବରଗଡ଼, ୨୨।୧୧(ସଂଚାର ବ୍ୟୁରୋ):** ବିଶ୍ୱ ପ୍ରସିଦ୍ଧ ବରଗଡ଼ ଧନୁଯାତ୍ରା ପାଇଁ ନୂଆ କଂସ ମନୋନୟନ କରାଯିବ। ଜିଲ୍ଲାପାଳଙ୍କ ଅଧ୍ୟକ୍ଷତାରେ ଶୁକ୍ରବାର ବସିଥିଲା ପ୍ରସ୍ତୁତି ବୈଠକ। ହୃଷିକେଷ ଭୋଇଙ୍କ ପରିବର୍ତ୍ତେ କଂସ ଭୂମିକାରେ ଅଭିନୟ କରିବା ପାଇଁ ନୂଆ କଳାକାର ବଛାଯିବ ବୋଲି ସର୍ବସମ୍ମତିକ୍ରମେ ନିଷ୍ପତ୍ତି ହୋଇଛି। କଂସ ଭୂମିକାରେ ଅଭିନୟ କରି ସୁନାମ ଅର୍ଜି ଥିବା ହୃଷିକେଶ ଭୋଇ ବରଗଡ଼ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ମହାପ୍ରୟାଣ ଗାଡ଼ିର ଡ୍ରାଇଭର ଭାବେ କାର୍ଯ୍ୟ କରନ୍ତି। ଅକ୍ଟୋବରରେ ସେ ଗାଇସିଲାଟ ବ୍ଲକର ଏକ ଗାଁକୁ ଶବ ନେଇ ଯାଇଥିବା ବେଳେ ମୃତକଙ୍କ ପରିବାରଠାରୁ ୩ ହଜାର ଟଙ୍କା ନେଇଥିବା ଅଭିଯୋଗ ହୋଇଥିଲା। ଏହି ଘଟଣାରେ ତାଙ୍କୁ ଚାକିରିରୁ ନିଲମ୍ବନ କରାଯାଇଥିଲା। ସେ ଦୋଷମୁକ୍ତ ହୋଇ ନ ଥିବାରୁ ତାଙ୍କୁ କଂସ ଭୂମିକାରେ ଅଭିନୟ କରିବାକୁ ଅନୁମତି ଦେଲେ, ତାହା ଧନୁଯାତ୍ରାର ମର୍ଯ୍ୟାଦା ଓ ଗରିମାକୁ ନ୍ୟୁନ କରିବ ବୋଲି ବରଗଡ଼ ଧନୁଯାତ୍ରା କଳାକାର ସମନ୍ୱୟ କମିଟି ପକ୍ଷରୁ କୁହାଯାଇଥିଲା। ଏହା ସହିତ ହୃଷିକେଶଙ୍କୁ ଏଥର କଂସ ଭୂମିକାରେ ଅଭିନୟ କରିବାକୁ ସୁଯୋଗ ନ ଦେବାକୁ ସେମାନେ ସୁପାରିଶ କରିଥିଲେ। ଯାହାକୁ ଧନୁଯାତ୍ରା କାର୍ଯ୍ୟକାରୀ କମିଟି ଗ୍ରହଣ କରିଛି।

### ଡେରାବିଶ ବ୍ଲକ୍ ଅଫିସରେ ତୁମୁଳକାଣ୍ଡ

# ନେତା-ସମାଜସେବୀ ହାତାହାତି



**କେନ୍ଦ୍ରାପଡ଼ା,୨୨।୧୧ (ସଂଚାର ବ୍ୟୁରୋ):** ଡେରାବିଶ ବ୍ଲକ କାର୍ଯ୍ୟାଳୟ ପରିସରରେ ଜଣେ ସମିତି ସଭ୍ୟ ଓ ସମାଜସେବୀଙ୍କ ମଧ୍ୟରେ ଶୁକ୍ରବାର ହାତାହାତି ଓ ଅଶ୍ଳୀଳ ଭାଷାରେ ଗାଳିଗୁଲଜ ଚର୍ଚ୍ଚାର ବିଷୟ ପାଲଟିଛି। ପୂର୍ବରୁ ପାଟକୁରା ନିର୍ବାଚନମଣ୍ଡଳୀରେ ବୁଲୁଥିବା ସମାଜସେବୀ ଅଜୟ ରାଉତ ସାଧାରଣ ନିର୍ବାଚନରେ ବିଜୁ ଜନତା ଦଳରୁ ଟିକେଟ ପାଇବାକୁ ଆଶାୟୀ ଥିଲେ। ସେହିପରି ଡେରାବିଶ ବ୍ଲକର ପୂର୍ବତନ ଅଧ୍ୟକ୍ଷ ସରୋଜ ସାହୁ ମଧ୍ୟ ବିଜେଡିରୁ ଟିକେଟ ଆଶାୟୀ ଥିଲେ । ଡେରାବିଶ ଅଞ୍ଚଳରେ ସରୋଜଙ୍କର ଦବ୍‌ଦବା ରହିଛି। ସମାଜସେବୀ ଶ୍ରୀ ରାଉତ ତୃତୀୟ ମହଲା ସହିତ ଯୋଗାଯୋଗ କରି ଟିକେଟ ଫାଇନାଲ କରିଥିବା ସରୋଜଙ୍କୁ କହିଥିଲେ। ନିର୍ବାଚନ ସମୟରେ ସାଂଗଠନିକ କାର୍ଯ୍ୟ ଜରିଆରେ ସରୋଜ ଭୋଟ କରେଇଦବା ପାଇଁ ଅଜୟଙ୍କୁ ପ୍ରତିଶ୍ରୁତି ଦେଇଥିଲେ। ଏହାବଦଳରେ ଅଜୟ ସରୋଜଙ୍କୁ ୧୨ଲକ୍ଷ ଟଙ୍କା ଦେଇଥିଲେ। କିନ୍ତୁ ଅଜୟ ଟିକେଟ ପାଇବାରୁ ବଞ୍ଚିତ ହୋଇଥିଲେ। ଶେଷରେ ସରୋଜ ବିଜେପିକୁ ଡେଇଁଥିଲେ।

ନିର୍ବାଚନ ପରେ ୧୨ଲକ୍ଷ ଟଙ୍କା ଫେରାଇ ଦେବା ପାଇଁ ଅଜୟ ସରୋଜଙ୍କୁ ବହୁବାର କହିଥିଲେ। କିନ୍ତୁ ସରୋଜ ଟଙ୍କା ସେ ନେଇ ନାହାନ୍ତି ବୋଲି ଉତ୍ତର ରଖିଥିଲେ। ଶୁକ୍ରବାର ଡେରାବିଶ ପଞ୍ଚାୟତ ସମିତିର ଅଧିବେଶନ ଥିଲା। ଏଥିରେ ସମିତି ସଭ୍ୟ ଭାବେ ସରୋଜ ଯୋଗଦେଇଥିଲେ । ଏହି ଖବର ପାଇ ଅଜୟ ଡେରାବିଶ ବ୍ଲକକୁ ଯାଇଥିଲେ। ବୈଠକ ଶେଷ ହେବା ପରେ ବ୍ଲକ ପରିସରରେ ସରୋଜ ଓ ଅଜୟ ଭେଟା ଭେଟି ହୋଇଥିଲେ । ଫଳରେ ଅଜୟ ସରୋଜଙ୍କୁ ସେ ଦେଇଥିବା ୧୨ଲକ୍ଷ ଟଙ୍କା ଫେରାଇ ଦେବାକୁ କହିଥିଲେ। କିନ୍ତୁ ଅଜୟଙ୍କୁ ସରୋଜ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିଥିଲେ । ଉଭୟଙ୍କ ମଧ୍ୟରେ ହାତାହାତି ହୋଇଥିଲା। ଘଟଣାସ୍ଥଳରେ ଉପସ୍ଥିତ କେତେକ ଗଣମାଧ୍ୟମ ପ୍ରତିନିଧି ଉଭୟଙ୍କୁ ବୁଝାଶୁଝା କରିଥିଲେ ମଧ୍ୟ ଦୁହେଁ ଶୁଣିବାକୁ ନାରାଜ ଥିଲେ। ପରେ ଦୁହେଁ ସଦର ଥାନାରେ ଏତଲା ଦେଇଛନ୍ତି । ଉଭୟ ଏତଲାକୁ ଭିତ୍ତିକରି ସଦର ଥାନା ପୋଲିସ ଦୁଇଟି ମାମଲା ରୁଜୁ କରି ତଦନ୍ତ କରୁଥିବା ଥାନା ଅଧିକାରୀ ବିମଳ ମଲ୍ଲିକ ସୂଚନା ଦେଇଛନ୍ତି । ଏହି ରୋଚକ ଘଟଣାକୁ ନେଇ ସମଗ୍ର ଜିଲ୍ଲାରେ ଚର୍ଚ୍ଚା ସୃଷ୍ଟି ହୋଇଛି ।

# କେନ୍ଦୁଝରରେ ହେବ ଆନିମଲ ରେସ୍‌କ୍ୟୁ ସେଣ୍ଟର

**କେନ୍ଦୁଝର ୨୨।୧୧ (ସଂଚାର ବ୍ୟୁରୋ):** କେନ୍ଦୁଝର ଜିଲ୍ଲାରେ ଦେଢ କୋଟି ଟଙ୍କା ବ୍ୟୟରେ ନିର୍ମିତ ହେବ ଆନିମଲ୍ ରେସ୍କ୍ୟୁ ସେଣ୍ଟର। କେନ୍ଦୁଝର ଜିଲ୍ଲା ଗସ୍ତ ଅବସରରେ ଏହା କହିଛନ୍ତି ଜଙ୍ଗଲ ବିଭାଗ ମନ୍ତ୍ରୀ ଗଣେଶ ରାମସିଂ ଖୁଣ୍ଟିଆ। ରାଜ୍ୟରେ ଉଦ୍ଧାର ହେଉଥିବା ହାତୀ ସହ ଅନ୍ୟାନ୍ୟ ଅସହାୟ ଜୀବଜନ୍ତୁମାନଙ୍କୁ ଉଦ୍ଧାର କରି ଏଠାରେ ଚିକିତ୍ସା କରାଯିବା ପରେ ବିଭିନ୍ନ ସ୍ଥାନରେ ଛଡାଯିବ। ପ୍ରସ୍ତାବିତ ଆନିମଲ୍ ରେସ୍କ୍ୟୁ ସେଣ୍ଟର କେନ୍ଦୁଝର ସହର ନିକଟ ପଦ୍ମପୁର ମେଗା ନର୍ସରୀରେ ହେବ। ଏଠାରେ ଏକ ୩ ମାସର ହାତୀ ଛୁଆକୁ ଉଦ୍ଧାର କରି ଗତ ୨୦ ଦିନ ଧରି ବନ ବିଭାଗ ଉପଯୁକ୍ତ ରକ୍ଷଣାବେକ୍ଷଣ କରୁଛି। ମା' ଠାରୁ ଅଲଗା ହୋଇଥିବା ହାତୀ ଛୁଆକୁ ପ୍ରତି ୨ ଘଣ୍ଟାରେ ଖାଦ୍ୟ ଦେବା ସହ, ନିଜ ସନ୍ତାନ ଭଳି ଲାଳନପାଳନ କରୁଛନ୍ତି ଏହି ଟିମ୍ । ଗତ ୧ ତାରିଖରେ ଏହି ହାତୀ ଛୁଆ ଅଲଗା ହୋଇଯାଇଥିଲା। ହାତୀ ଛୁଆକୁ ନିଜ ମା' ସହିତ ମିଶାଇବା ପାଇଁ ଆପ୍ରାଣ ଉଦ୍ୟମ କରିଥିଲା ବନ ବିଭାଗ। ହାତୀ ଛୁଆକୁ ଶନିବାର ନନ୍ଦନକାନନ ପଠାଯିବ।

# ୨୩ରେ ଲଘୁଚାପ

## ଓଡ଼ିଶା ଉପରେ ପ୍ରଭାବ ନାହିଁ

**ଭୁବନେଶ୍ୱର,୨୨।୧୧ (ସଂଚାର ବ୍ୟୁରୋ):** ଦକ୍ଷିଣ ଆଣ୍ଡାମାନ ସାଗରରେ ଘୂର୍ଣ୍ଣିବଳୟ ସକ୍ରିୟ ହୋଇଛି। ଆଞ୍ଚଳିକ ପାଣିପାଗ କେନ୍ଦ୍ର ନିର୍ଦ୍ଦେଶିକା ମନୋରମା ମହାନ୍ତି ଏ ନେଇ ସୂଚନା ଦେଇଛନ୍ତି। ୨୩ ତାରିଖ ବେଳକୁ ଲଘୁଚାପ ସୃଷ୍ଟି ହେବା ସମ୍ଭାବନା ରହିଛି। ଉତ୍ତର-ଉତ୍ତରପଶ୍ଚିମ ମୁହାଁ ହୋଇ ଅବପାତରେ ପରିଣତ ହେବ। ଏହାର ପ୍ରଭାବରେ। ତମିଲନାଡୁ ଓ ଶ୍ରୀଲଙ୍କା ପାଖାପାଖି ଅଞ୍ଚଳରେ ବର୍ଷା ହେବ। ବାତ୍ୟା ରୂପ ନେବ କି ନାହିଁ ଲଘୁଚାପ ହେବା ପରେ ହିଁ ସ୍ପଷ୍ଟ ହେବ। ଓଡ଼ିଶା ଉପରେ ଏହାର ସିଧା ସଳଖ ପ୍ରଭାବ ନାହିଁ ବୋଲି ସୂଚନା ମିଳିଛି। ୨୭, ୨୮ ବେଳକୁ କିଛି ଜିଲାରେ କାଁ ଭାଁ ବର୍ଷା ହୋଇପାରେ ବୋଲି ନିର୍ଦ୍ଦେଶିକା ମହାନ୍ତି କହିଛନ୍ତି।

### ବିଚ୍ ରାସ୍ତାରେ ଓଲିଉଡ୍ କଳି

# ଡିସିପି ଅଫିସ ଆଗରେ ମନୋଜ-ବବି ମୁହାଁମୁହିଁ



**ଭୁବନେଶ୍ୱର, ୨୨।୧୧ (ସଂଚାର ବ୍ୟୁରୋ):** କିଛି ଦିନ ହେଲା ଓଡ଼ିଆ ଅଭିନେତା ମନୋଜ ମିଶ୍ର ଓ ବବି ଇସଲାମଙ୍କ ମଧ୍ୟରେ ଚାଲିଥିବା ଚାଲିଥିବା ବାକ୍‌ବିତଣ୍ଡା ବିଚ୍ ରାସ୍ତାରେ ପହଞ୍ଚିଛି। ସୋମବାର ଭୁବନେଶ୍ୱର ଡିସିପି ଅଫିସ ସମ୍ମୁଖରେ ଉଭୟଙ୍କ ମଧ୍ୟରେ ହାଇଡ୍ରାମା ଦେଖିବାକୁ ମିଳିଛି। ଏପରିକି ହାତାହାତି ଯାଏ କଥା ଯାଇଛି। ଉଭୟ ପକ୍ଷ ଥାନାରେ ଅଭିଯୋଗ କରିବାରୁ ଆପୋଷ ବୁଝାମଣା ପାଇଁ ଦୁହିଁଙ୍କୁ ଡିସିପି ଅଫିସକୁ ଡକାଯାଇଥିଲା। ସେଠାରେ ଦୁହେଁ ମୁହାଁମୁହିଁ ହୋଇଥିଲେ। ମନୋଜ ମିଶ୍ର କହିଛନ୍ତି, ବବି ଅଶ୍ରାବ୍ୟ ଭାଷାରେ ଆକ୍ଷେପ କରିବାରୁ ସେ ତାଙ୍କ ଆଡ଼କୁ ମାଡ଼ି ଯାଇଥିଲେ। ବାହାରି ସିପି ଅଫିସରେ ପହଞ୍ଚିଥିଲେ। ସେଠାରେ ପୁଲିସ ପ୍ରଶାସନ ପକ୍ଷରୁ ଆପୋଷ ବୁଝାମଣା ପାଇଁ ଉଦ୍ୟମ ହୋଇଥିଲା। ଏପରି ଘଟଣା ପାଇଁ ସମସ୍ତଙ୍କୁ କ୍ଷମା ମାଗୁଛି ବୋଲି କହିଛନ୍ତି ମନୋଜ ମିଶ୍ର। ବ୍ୟକ୍ତିଗତ ଭାବେ ବବି ସବୁବେଳେ ଆକ୍ଷେପ କରିଛନ୍ତି, ଏହାକୁ ନେଇ ଅଭିଯୋଗ କରିଛି, ପୁଲିସ ତଦନ୍ତ କରିବ ବୋଲି ମନୋଜ ଦୋହରାଇଛନ୍ତି। ବବି ଇସଲାମ କହିଛନ୍ତି, ମନୋଜ ଜଣେ ଅଭିନେତା। ତେଣୁ ଡିସିପିଙ୍କ ଆଗରେ ଭଲ ଅଭିନୟ କଲେ। ଡିସିପି ପିନାକ ମିଶ୍ର କହିଛନ୍ତି, ଧମକ ଦେବା ଘଟଣାରେ ୨ଟି ଥାନାରେ ମାମଲା ରୁଜୁ ହୋଇଛି। ସାକ୍ଷ୍ୟ ପ୍ରମାଣ ଆଧାରରେ ତଦନ୍ତ କରିବାକୁ ପ୍ରତିଶ୍ରୁତି ଦିଆଯାଇଛି ବୋଲି ଡିସିପି କହିଛନ୍ତି।

### ଟାଟା ପାୱାରର ଭୁଲ୍

# ଲକ୍ଷାଧିକ ଟଙ୍କାର ଟିଭି, ଫ୍ରିଜ୍, ସିସିଟିଭି ଧୂଆଁ



**ଫୁଲନଖରା, ୨୨।୧୧ (ସଂଚାର ବ୍ୟୁରୋ):** ଫୁଲାନଖରା ସେକ୍ସନ ଅଧୀନରେ ବାଲିଅନ୍ତା ପଞ୍ଚାୟତର ପାଟଣା ଗ୍ରାମରେ ଟାଟା ପାୱାର (ଟିପିସିଓଡିଏଲ୍) ପକ୍ଷରୁ ଟ୍ରାନ୍ସଫର୍ମର ନିକଟରେ ଏକ ପ୍ୟାନେଲ ବକ୍ସ ତ୍ରୁଟିପୂର୍ଣ୍ଣ ଭାବେ ବସାଯାଇଛି। ଫଳରେ ଗ୍ରାମର ପ୍ରାୟ ୧୦୦ରୁ ଊର୍ଦ୍ଧ୍ୱ ଉପଭୋକ୍ତାଙ୍କ ଲକ୍ଷାଧିକ ଟଙ୍କାର ଟିଭି, ଫ୍ରିଜ ଓ ଅନ୍ୟାନ୍ୟ ବିଦ୍ୟୁତ୍ ଉପକରଣ ପୋଡ଼ିଯାଇଛି। ଏନେଇ ପାଟଣା ଗ୍ରାମର ଲୋକମାନେ କାର୍ଯ୍ୟ କରୁଥିବା କର୍ମଚାରୀଙ୍କୁ ଅଟକ ରଖି କନିଷ୍ଠ ଯନ୍ତ୍ରୀ କିମ୍ବା ଉପରସ୍ତ ଅଧିକାରୀ ଆସନ୍ତୁ ବୋଲି ଦାବି କରିଥିଲେ।

କନିଷ୍ଠ ଯନ୍ତ୍ରୀ ନ ଆସିବାରୁ ଟ୍ରାନ୍ସଫର୍ମ ପାଖରେ ଉତ୍ତେଜନା ସୃଷ୍ଟି ହୋଇଥିଲା। ସ୍ଥାନୀୟ ବିଦ୍ୟୁତ କର୍ମଚାରୀ ଉକ୍ତ ସ୍ଥାନରେ ପହଞ୍ଚି କେଉଁ କାରଣରୁ ଏପରି ସମସ୍ୟା ହୋଇଛି ତାକୁ ବୁଝିବା ସହ ପ୍ୟାନେଲ ବକ୍ସ ଦେଖିଥିଲେ। ଟିପିସିଓଡିଏଲ୍ ପକ୍ଷରୁ ପ୍ୟାନେଲ କାର୍ଯ୍ୟ କରିଥିବା ଠିକାଦାରଙ୍କ ତ୍ରୁଟିପୂର୍ଣ୍ଣ ସଂଯୋଗ ଯୋଗୁ ଏପରି ଘଟଣା ଘଟିଛି ବୋଲି ବିଦ୍ୟୁତ କର୍ମଚାରୀ ସୂଚନା ଦେଇଥିଲେ। ସ୍ଥାନୀୟ ଲୋକେ ନଷ୍ଟ ସାମଗ୍ରୀର କ୍ଷତିପୂରଣ କିଏ ଦେବ ବୋଲି କହିବା ସହ କାର୍ଯ୍ୟରତ ବିଦ୍ୟୁତ୍ କର୍ମଚାରୀଙ୍କୁ ଅଟକ ରଖିଥିଲେ। ଗ୍ରାମର ରଣାସାହିରେ ୧୦୦ କିଲୋ ୱାଟ ଟ୍ରାନ୍ସଫର୍ମର ରହିଛି। ଠିକାଦାର ଅପରାହ୍ଣ ୪ଟାରେ ଆସି ସନ୍ଧ୍ୟା ୭ ଟା ଯାଏ ଅନ୍ଧାରରେ କାର୍ଯ୍ୟ କରିଥିଲେ। ବିନା ଯାଞ୍ଚରେ ପ୍ୟାନେଲ ବସାଇବା ସହ ବିନା ଯାଞ୍ଚରେ ବିଦ୍ୟୁତ ଯୋଗାଣ ଦେଇଥିଲେ। ଫଳରେ ୪୪୦ ଭୋଲ୍ଟ ହୋଇଯିବାରୁ ଏହି ଟ୍ରାନ୍ସଫର୍ମରୁରୁ ନେଇଥିବା ବିଦ୍ୟୁତ୍ ଉପଭୋକ୍ତାଙ୍କ ଲକ୍ଷାଧିକ ବିଦ୍ୟୁତ ଉପକରଣ ପୋଡ଼ି ଯାଇଥିବା ଅଭିଯୋଗ ହୋଇଛି। ଏନେଇ ଫୁଲନଖରା ସେକ୍ସନ ସହକାରୀ ଯନ୍ତ୍ରୀ ନଳିନୀକାନ୍ତ ବିଶ୍ୱାଳଙ୍କୁ ପଚାରିବାରୁ ଠିକାଦାର ତ୍ରୁଟିପୂର୍ଣ୍ଣ ଭାବେ ପ୍ୟାନେଲ ଲଗାଇବା ଓ ତାର ସଂଯୋଗ ଦ୍ୱାରା ଏପରି ସମସ୍ୟା ଉପୁଜିଛି ଓ ନଷ୍ଟ ହୋଇଥିବା ଜିନିଷର ତଦନ୍ତ କରିବାକୁ ଉପରିସ୍ଥ ଅଧିକାରୀଙ୍କୁ ଲିଖିତ ଭାବେ ଅଭିଯୋଗ କରାଯିବ ବୋଲି ସୂଚନା ଦେଇଛନ୍ତି। ଯଦି ତଦନ୍ତ କରା ନ ଯାଏ ତେବେ ବିଦ୍ୟୁତ ଅଫିସ ଘେରାଉ କରାଯିବ ବୋଲି ଗ୍ରାମବାସୀ ଚେତାବନୀ ଦେଇଛନ୍ତି।

Printed, Published and owned by Sri Saroj Kumar Nayak of Plot No.495, Nilakantha Nagar, Nayapalli, Bhubaneswar and Printed at Khetramani Printing Press, At - Darakhapatna, Po - Kalyani Nagar, Dist-Cuttack-753013 and Published at Plot No.312, Flat No.003, Greenhigh Appartment, Kharavela Nagar, Bhubaneswar-751001 (Odisha) Ph. No. 9437227777/ 8093008776
Editor: Subhransu Bhusan Kar
ସମ୍ପାଦକ: ଶୁଭ୍ରାଂଶୁ ଭୂଷଣ କର




## ସେୟାର ମାର୍କେଟ ସ୍ଥିତିରେ ସୁଧାର

# ସେନସେକ୍ସ ୧୯୬୧ ପଏଣ୍ଟ ବଢ଼ିଲା

ମୁମ୍ବାଇ, ୨୨।୧୧: ଦୀର୍ଘ ଦିନ ପରେ ଭାରତୀୟ ସେୟାର ମାର୍କେଟ ସ୍ଥିତିରେ ସୁଧର ଆସିଛି। ଆମେରିକାର ଲେବର ମାର୍କେଟ ଡାଟା ପ୍ରକାଶ ପାଇବା ପରେ ଏହାର ପ୍ରଭାବ ସେୟାର ମାର୍କେଟ ଉପରେ ପଡ଼ିଛି। ଆଜି ବିଏସଇରେ ସେନସେକ୍ସ୨ହଜାର ପଏଣ୍ଟରୁ ଅଧିକ ବୃଦ୍ଧି ପାଇଥିଲା। କାରବାର ଶେଷ ସୁଦ୍ଧା ସେନସେକ୍ସ ୧୯୬୧ ପଏଣ୍ଟ ବା ୨.୫୪ ପ୍ରତିଶତ ବୃଦ୍ଧି ପାଇ କାରବାର ଶେଷ ସୁଦ୍ଧା ୭୯,୧୧୭.୧୧ ପଏଣ୍ଟରେ ସେଟଲ ହୋଇଥିଲା। ସେହିପରି ଏନଏସଇରେ ନିଫ୍ଟି ୫୫୭ ପଏଣ୍ଟ ବା ୨.୩୯ ପ୍ରତିଶତ ବୃଦ୍ଧି ପାଇ କାରବାର ଶେଷ ସୁଦ୍ଧା ୨୩,୯୦୭.୨୫ ପଏଣ୍ଟରେ ସେଟଲ ହୋଇଥିଲା।



ଏହା ଫଳରେ ବିଏସଇ ତାଲିକାଭୁକ୍ତ କମ୍ପାନୀର ମୋଟ ମାର୍କେଟ ଭାଲ୍ୟୁ ଦିନକରେ ୭.୨ ଲକ୍ଷ କୋଟି ଟଙ୍କା ବୃଦ୍ଧି ପାଇଛି। ନିବେଶକମାନେ ଏହା ଫଳରେ ଆଶ୍ୱସ୍ତ ହୋଇଛନ୍ତି। ବିଏସଇ ମାର୍କେଟ ଭାଲ୍ୟୁ ଏବେ ରହିଛି ୪୩୨.୫୫ ଲକ୍ଷ କୋଟି ଟଙ୍କା ରହିଛି। ବିଏସଇ ତାଲିକାଭୁକ୍ତ କମ୍ପାନୀ ମଧ୍ୟରେ ଯେଉଁସବୁ କମ୍ପାନୀର ମାର୍କେଟ କ୍ୟାପିଟାଲ ବୃଦ୍ଧି ପାଇଛି ସେଗୁଡ଼ିକ ମଧ୍ୟରେ ରହିଛି ଆଇସିଆଇସିଆଇ ବ୍ୟାଙ୍କ, ରିଲାଏନ୍ସ ଇଣ୍ଡଷ୍ଟ୍ରିଜ, ଏସବିଆଇ, ଇନଫୋସିସ, ଆଇଟିସି, ଏଲଆଣ୍ଡଟି, ଟିସିଏସ, ଭାରତୀ ଏୟାରଟେଲ ଏବଂ ବାଜାଜ ଫାଇନାନ୍ସ ପ୍ରମୁଖ। ମାର୍କେଟ ଉପରେ ଆଦାନୀ ଲାଞ୍ଚ ଅଭିଯୋଗର କୌଣସି ପ୍ରଭାବ ପଡ଼ିନି।

# ‘ରୟାଲ୍ ଇନ୍‌ଫିଲ୍ଡ ଗୋଆନା କ୍ଲାସିକ୍ ୩୫୦’ର ପ୍ରଥମ ଝଲକ

ନୂଆଦିଲ୍ଲୀ, ୨୨।୧୧: ଭାରତରେ ରୟାଲ ଏନଫିଲ୍ଡ ବାଇକ ପାଇଁ ସମସ୍ତେ ଦିୱାନା। ଏହାର ଆକର୍ଷଣୀୟ ଲୁକ ପାଇଁ ଏହାକୁ ସମସ୍ତେ ପସନ୍ଦ କରନ୍ତି। କମ୍ପାନୀ ଏହାର ଲୋକପ୍ରିୟତାକୁ ଦେଖି ନିଜ ମଡେଲରେ ବହୁତ ପରିବର୍ତ୍ତନ କରୁଛି। ଗ୍ରାହକଙ୍କର ଆବଶ୍ୟକତାକୁ ପୂରଣ କରିବା ପାଇଁ କମ୍ପାନୀ ନୂଆ ଟେକନିକ ସହିତ ଅନେକ ଭଲ ଭଲ ଫିଚର୍ସକୁ ମଧ୍ୟ ସାମିଲ କରିଛି। ତେବେ ବର୍ତ୍ତମାନ ରୟାଲ ଏନଫିଲ୍ଡର ଏକ ନୂଆ ଷ୍ଟାଇଲିସ୍ ବାଇକର ଫାଷ୍ଟ ଲୁକ୍ ପ୍ରକାଶ ପାଇଛି। ଯାହାକୁ ଲୋକମାନେ ବେଶ ପସନ୍ଦ କରିଛନ୍ତି।

ରୟାଲ୍ ଇନ୍‌ଫିଲ୍ଡ ଗୋଆନା କ୍ଲାସିକ୍ ୩୫୦ର ଲଞ୍ଚ ପୂର୍ବରୁ ଏହି ବାଇକ୍ ର ପ୍ରଥମ ଝଲକ ପ୍ରକାଶ ପାଇଛି। ତେବେ ଗୋଆରେ ହି ରୟାଲ୍ ଇନ୍‌ଫିଲ୍ଡ ଗୋଆନା କ୍ଲାସିକ୍ ୩୫୦ ଲଞ୍ଚ ହେବାକୁ ଯାଉଛି। ଏବେ ଚାଲିଥିବା ମୋଟୋଭର୍ସ ୨୦୨୪ ରେ କମ୍ପାନୀ ୨୩ ନଭେମ୍ବର ଅର୍ଥାତ ଆସନ୍ତା କାଲି ଅଫିସିଆଲ୍ ଭାବରେ ଏହି ବାଇକ୍ ଲଞ୍ଚ ହେବାକୁ ଯାଉଛି। ଏହାର ଫାଷ୍ଟ ଲୁକ୍ ଲଞ୍ଚ ପୂର୍ବରୁ ପ୍ରକାଶ ପାଇଛି, ଏହା ସ୍ପଷ୍ଟ ଯେ ଏହି ମୋଟରସାଇକେଲ୍ ଏକ ‘ବବର୍ ଷ୍ଟାଇଲ୍’ ବାଇକ୍ ହେବ। ରୟାଲ୍ ଇନ୍‌ଫିଲ୍ଡ ଗୋଆନା କ୍ଲାସିକ୍ ୩୫୦ ସମ୍ବନ୍ଧରେ ଏପର୍ଯ୍ୟନ୍ତ ପ୍ରକାଶ ପାଇଥିବା ସୂଚନା ଅନୁଯାୟୀ, ଏଥିରେ ସିଙ୍ଗଲ୍ ସିଟ୍ ଲେଆଉଟ୍ ରଖାଯାଇଛି। ଏହି ବବର୍ ବାଇକ୍ କୁ ଟ୍ୟୁବଲେସ୍ ଟାୟାର ସହିତ ସ୍ପକ୍ ହ୍ୱିଲ୍ ଯୋଗାଇ ଦିଆଯାଇଛି। ଏଥିରେ କମ୍ପାନୀ ‘କ୍ଲାସିକ ୩୫୦’ ପରି ୧୯ ଇଞ୍ଚ ହ୍ୱିଲ୍ ରଖିଛି। ଲୁକକୁ ଏନହାନ୍ସ କରିବା ପାଇଁ ପଛରେ, ୧୮-ଇଞ୍ଚ ବଦଳରେ ୧୬-ଇଞ୍ଚର ହ୍ୱିଲ୍ ରଖାଯାଇଛି। ଏହି ବାଇକରେ ସିଟ୍ ହାଇଟ୍ କମ୍ ରଖାଯାଇଛି। ଏହି କାରଣରୁ, କମ୍ ହାଇଟ୍ ବିଶିଷ୍ଟ ବ୍ୟକ୍ତିମାନେ ମଧ୍ୟ ଏହି ବାଇକ୍ ସହଜରେ ଚଲାଇ ପାରିବେ। କମ୍ପାନୀ ଏଲଇଡି ହେଡଲ୍ୟାମ୍ପ, ଏଲଇଡି ବ୍ଲିଙ୍କର୍ସ, ମିନି ଆପ୍ ହ୍ୟାଙ୍ଗର୍ ଏବଂ କେସ୍ ସହିତ ଟେଲ ଲ୍ୟାମ୍ପ ମଧ୍ୟ ପ୍ରଦାନ କରିଛି। କେବଳ ଏତିକି ନୁହେଁ, ଏହାର ସାଇଲେନ୍ସରର ଡିଜାଇନ୍ ସ୍ଲାସ୍ କଟ୍ ହୋଇଥିବାବେଳେ ଆଗ ମଡ଼ଗାର୍ଡକୁ ଛୋଟ କରାଯାଇଛି। କମ୍ପାନୀ ଏହାକୁ ୩ଟି କଲରରେ ଲଞ୍ଚ କରିବାକୁ ଯାଉଛି। ଏଥିରେ ରୟାଲ ବ୍ଲୁ ଏବଂ ଏକ



ମ୍ୟାଟ୍ ଫିନିଶ୍ ବ୍ଲାକ୍ କଲର୍ ଅପ୍ସନ ଅଛି। ଏହାର ୩୪୯ ସିସି ଇଞ୍ଜିନ୍ ୨୦ ବିଏଚପି ପାୱାର ଏବଂ ୨୭ ନ୍ୟୁଟନ୍ ମିଟରର ପିକ୍ ଟର୍କ ଜେନେରେଟ କରିବ। କମ୍ପାନୀ ଏଥିରେ ୫-ସ୍ପିଡ୍ ଗିଅରବକ୍ସ ଦେଇଛି। ଏହାର ଗ୍ରାଉଣ୍ଡ କ୍ଲିୟରାନ୍ସ ହେଉଛି ୧୭୦ଏମଏମ। ଏହାର ଆନୁମାନିକ ମୂଲ୍ୟ ୨. ୩୦ ଲକ୍ଷ ଟଙ୍କା ହୋଇପାରେ।

# ଜାନୁଆରୀ ୧ରୁ ବଦଳିଯିବ ଟେଲିକମର ନିୟମ




ନୂଆଦିଲ୍ଲୀ,୨୨।୧୧: ସରକାର ଟେଲିକମ ନିୟମରେ ସମୟ ସମୟରେ ପରିବର୍ତ୍ତନ କରନ୍ତି। ଟେଲିକମ ଆକ୍ଟରେ କିଛି ନିୟମ ଯୋଡା ଯାଇଥିଲା, ଯାହାକୁ ସମସ୍ତ ରାଜ୍ୟ ମଧ୍ୟ ପାଳନ କରିବାକୁ କୁହାଯାଇଛି। ଏହାକୁ ରାଇଟ ଅଫ ୱେ (ଆରଓଡବ୍ଲ୍ୟୁ) ନିୟମର ନାମ ଦିଆଯାଇଥିଲା। ପ୍ରତ୍ୟେକ ରାଜ୍ୟକୁ ଏହା ମାନିବାକୁ କୁହାଯାଇଥିଲା। ଏହା ବ୍ୟତୀତ ବିଭିନ୍ନ ରାଜ୍ୟକୁ ଚାର୍ଜରେ ଛାଡ ମଧ୍ୟ ଦିଆଯାଇଥିଲା।

ରିପୋର୍ଟ ଅନୁଯାୟୀ, ଏହି ନୂତନ ନିୟମ ଜାନୁଆରୀ ୨ ତାରିଖରୁ କାର୍ଯ୍ୟକାରୀ ହେବାକୁ ଯାଉଛି। ଅପ୍ଟିକାଲ ଫାଇବର ଏବଂ ଟେଲିକମ ଟାୱାର ସ୍ଥାପନ କରିବାରେ ଏହା ବୃଦ୍ଧି ପାଇବ । ଟେଲିକମ ଅପରେଟର ଏବଂ ଭିତ୍ତିଭୂମି ପ୍ରଦାନକାରୀ ମଧ୍ୟ ଏଥିରୁ ବହୁତ ଉପକୃତ ହେବାକୁ ଯାଉଛନ୍ତି । ଡିଓଟିର ସଚିବ ନୀରଜ ମିତ୍ତଲ ଏହି ପ୍ରସଙ୍ଗରେ ସମସ୍ତ ରାଜ୍ୟ ସଚିବଙ୍କୁ ଏକ ଚିଠି ଲେଖିଛନ୍ତି। ନଭେମ୍ବର ୩୦ ସୁଦ୍ଧା ସମସ୍ତେ ଏହାକୁ ନିଶ୍ଚିତ କରିବା ଉଚିତ୍ ବୋଲି ସେ କହିଛନ୍ତି। ଏହା ପରେ, ଜାନୁଆରୀ ୧ରୁ ଆରଓଡବ୍ଲ୍ୟୁ ପୋର୍ଟାଲର ନୂତନ ନିୟମ କାର୍ଯ୍ୟକାରୀ ହେବ ।

ଏହି ପରିପ୍ରେକ୍ଷୀରେ, ଡିଓଟି ସଚିବ ନୀରଜ ମିତ୍ତଲ କହିଛନ୍ତି, ନୂତନ ନିୟମ ଜାନୁଆରୀ ୨୦୨୫ରୁ କାର୍ଯ୍ୟକାରୀ ହେବ। ବର୍ତ୍ତମାନର ଆରଓଡବ୍ଲ୍ୟୁ ନିୟମ ଏଠାରେ ବନ୍ଦ ହେବା ଉଚିତ୍। ଏହାର ଅର୍ଥ ବର୍ତ୍ତମାନ ନୂତନ ନିୟମ କାର୍ଯ୍ୟକାରୀ ହେବ। ନୂତନ ନିୟମ ଆସିବା ପରେ ରାଜ୍ୟମାନଙ୍କୁ ଅଧିକ କ୍ଷମତା ଦିଆଯିବ ଯାହାଦ୍ୱାରା ସେମାନେ ନିଜେ ଏହି ପ୍ରସଙ୍ଗରେ କର୍ତ୍ତୃପକ୍ଷଙ୍କୁ ସ୍ପଷ୍ଟୀକରଣ ଦେଇପାରିବେ। ସରକାରୀ ଏବଂ ବେସରକାରୀ ସମ୍ପତ୍ତି ଉପରେ ଟାୱାର କିମ୍ବା ଟେଲିକମ ଭିତ୍ତିଭୂମି ସ୍ଥାପନ ପାଇଁ ଆରଓଡବ୍ଲ୍ୟୁ ନିୟମ ମାନ ନିର୍ଦ୍ଧାରଣ କରେ। ଏହାର ସାହାଯ୍ୟରେ ସରକାର ଟେଲିକମ ଭିତ୍ତିଭୂମି ଆଧୁନିକୀକରଣ ଉପରେ ଧ୍ୟାନ ଦେଇଛନ୍ତି। ଏଥି ସହିତ, ସମସ୍ତ ସମ୍ପତ୍ତି ମାଲିକ ଏବଂ ଟେଲିକମ ପ୍ରଦାନକାରୀ ଆରଓଡବ୍ଲ୍ୟୁ ନିୟମ ଅନୁସରଣ କରନ୍ତି କାରଣ ଏହା ଅଧୀନରେ ଜନସାଧାରଣଙ୍କ ସୁରକ୍ଷା ଏବଂ ସ୍ୱଚ୍ଛତାକୁ ବହୁ ଗୁରୁତ୍ୱ ଦିଆଯାଏ।

## ବଢ଼ିଲା ଆଦାନୀଙ୍କ ଅଡୁଆ

# ଆମେରିକାର ଅଭିଯୋଗ ପରେ ଡିଲ୍ ବାତିଲ୍ କଲା କେନିଆ

ନୂଆଦିଲ୍ଲୀ,୨୨/୧୧: ଆମେରିକାର ନ୍ୟାୟ ବିଭାଗର ଆମେରିକୀୟ ସିକ୍ୟୁରିଟି ଆଣ୍ଡ ଏକ୍ସଚେଞ୍ଜ କମିଶନ ଆଦାନୀଙ୍କ ବିରୁଦ୍ଧରେ ଲାଞ୍ଚ ଦେଉଥିବା ଅଭିଯୋଗ କରିଛନ୍ତି। ବର୍ତ୍ତମାନ ଆଦାନୀ ଗ୍ରୁପ୍ ପାଇଁ ଆଉ ଏକ ଖବର ଆସିଛି ଯାହା ଗ୍ରୁପ୍ ଉପରେ ନକାରାତ୍ମକ ପ୍ରଭାବ ପକାଇଛି। କେନିଆ ସରକାର ଆଦାନୀ ଗ୍ରୁପ୍ ସହିତ ଦେଶର ମୁଖ୍ୟ ବିମାନ ବନ୍ଦରର ଚୁକ୍ତି ବାତିଲ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏହା ବ୍ୟତୀତ ୭୩୬ ମିଲିୟନ ଡଲାର ମୂଲ୍ୟର ଏକ ପ୍ରସ୍ତାବିତ ଚୁକ୍ତି ମଧ୍ୟ ବାତିଲ କରିଛନ୍ତି। କେନିଆର ରାଷ୍ଟ୍ରପତି ୱିଲିୟମ୍ ରୁଟୋ ଶୁକ୍ରବାର କହିଛନ୍ତି ଯେ ଆଦାନୀ ଗ୍ରୁପକୁ ଦେଶର ମୁଖ୍ୟ ବିମାନବନ୍ଦରର ନିୟନ୍ତ୍ରଣ ଦେବାପାଇଁ ହୋଇଥିବା ଡିଲ୍ ବାତିଲ କରିବାକୁ ନିର୍ଦ୍ଦେଶ ଦିଆଯାଉଛି। ଆମେରିକାରେ କମ୍ପାନୀର ପ୍ରତିଷ୍ଠାତା ଗୌତମ ଆଦାନୀଙ୍କ ବିରୋଧରେ ହୋଇଥିବା ଅଭିଯୋଗ ଯୋଗୁ ଏହି କେନିଆ ସରକାରଙ୍କ ପକ୍ଷରୁ ଏହି ପଦକ୍ଷେପ ଗ୍ରହଣ କରାଯାଇଛି। ଏହା ବ୍ୟତୀତ ୱିଲିୟମ୍ ରୁଟୋ ଆଦାନୀ ଗ୍ରୁପ୍ ସହିତ ଆଉ ଏକ ଚୁକ୍ତି ବାତିଲ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏହା ଅଧୀନରେ ୭୩୬ ମିଲିୟନ ଡ଼ଲାର ମୂଲ୍ୟର ୩୦ ବର୍ଷର ସରକାରୀ-ବେସରକାରୀ ଭାଗିଦାରୀ ଚୁକ୍ତି ବାତିଲ କରାଯାଉଛି, ଯାହା ଗତ ମାସରେ ଆଦାନୀ ଗ୍ରୁପର ଏକ ୟୁନିଟ୍ ସହିତ ସ୍ୱାକ୍ଷରିତ ହୋଇଥିଲା। ଏହି ଚୁକ୍ତି ଅନୁଯାୟୀ, ଆଦାନୀ ଗ୍ରୁପ୍ କମ୍ପାନୀ କେନିଆରେ ବିଦ୍ୟୁତ୍ ଟ୍ରାନ୍ସମିସନ ଲାଇନ ନିର୍ମାଣ କାର୍ଯ୍ୟ କରିବାର ଥିଲା। ୱିଲିୟମ୍ ରୁଟୋ କହିଛନ୍ତି, ମୁଁ ତୁରନ୍ତ ପ୍ରଭାବରେ “ପରିବହନ ମନ୍ତ୍ରଣାଳୟ ଏବଂ ଶକ୍ତି ଓ ପେଟ୍ରୋଲିୟମ ମନ୍ତ୍ରଣାଳୟ ସହିତ ଆଦାନୀ ଗ୍ରୁପ୍‌ର କ୍ରୟ ପ୍ରକ୍ରିୟାକୁ ବନ୍ଦ କରିବାକୁ ମୁଁ ନିର୍ଦ୍ଦେଶ ଦେଇଛି।’ ସହଯୋଗୀ ଦେଶ ତଥା ଅନୁସନ୍ଧାନକାରୀ ସଂସ୍ଥା ତରଫରୁ ସୂଚନା ପାଇବା ପରେ ଆମେ ଏପରି ପଦକ୍ଷେପ ଗ୍ରହଣ କରିଛୁ। ଆମେରିକାର ଅନୁସନ୍ଧାନକାରୀ ସଂସ୍ଥା କହିଛି ଯେ ‘ଦୁନିଆର ସବୁଠାରୁ ଧନୀ ବ୍ୟକ୍ତିମାନଙ୍କ ମଧ୍ୟରୁ ଅନ୍ୟତମ ଗୌତମ ଆଦାନୀ ଏବଂ ଅନ୍ୟ ୭ ଜଣଙ୍କ ବିରୁଦ୍ଧରେ ଅଭିଯୋଗ ହୋଇଛି ଯେ, ସେ ଭାରତର ସରକାରୀ ଅଧିକାରୀଙ୍କୁ ୨୬୫ ମିଲିୟନ ଡଲାର ଲାଞ୍ଚ ଦେଇଛନ୍ତି। ଆଦାନୀ ଗ୍ରୁପ୍ ସମସ୍ତ ଅଭିଯୋଗକୁ ଭିତ୍ତିହୀନ ବୋଲି କହିଛି ଏବଂ ଏହା ସମସ୍ତ ଆଇନଗତ ବାଟକୁ ଅନୁସରଣ କରିବ ବୋଲି କହିଛି।

# ଭାରତରେ ଆଲମଣ୍ଡ ମହଙ୍ଗା



ନୂଆଦିଲ୍ଲୀ, ୨୨।୧୧: ଡ୍ରାଏ ଫ୍ରୁଟସ୍‌ର ଶରୀର ପ୍ରତି କ’ଣ ଫାଇଦା ରହିଛି ତାହା ପ୍ରାୟ ସମସ୍ତଙ୍କୁ ଜଣା ଅଛି। କିନ୍ତୁ ଭାରତୀୟ ବଜାରରେ ଏସୁବୁର ଦାମ ଏତେ ଅଧିକ ଯେ, ସବୁ ବର୍ଗର ଲୋକେ ଏହାକୁ କ୍ରୟ କରି ଖାଇବା ପ୍ରାୟତଃ କଷ୍ଟସାଧ୍ୟ। ଏବେ ଏହି ଡ୍ରାଏ ଫ୍ରୁଟ୍‌ସ କେବଳ ସମ୍ଭ୍ରାନ୍ତ ଶ୍ରେଣୀର ଲୋକମାନଙ୍କ ଖାଦ୍ୟର ଏକ ଅଂଶ ବୋଲି କହିଲେ ଭୁଲ ହେବ ନାହିଁ। କାଜୁ, ପିସ୍ତା ବାଦାମ, ଆଲମଣ୍ଡ ଭଳି ଡ୍ରାଏ ଫ୍ରୁଟସ୍‌ର ଦାମ ଆକାଶ ଛୁଆଁ। ଭାରତୀୟ ବଜାରରେ ଆଲମଣ୍ଡର ଦାମ କେଜି ପ୍ରତି ୭୦୦ରୁ ୮୦୦ ଟଙ୍କା ରହିଛି। ପ୍ରକୃତରେ ଏହି ଡ୍ରାଏ ଫ୍ରୁଟର ଦାମ ଏତେ ଅଧିକ ନୁହେଁ। ଦୀର୍ଘ ବର୍ଷ ହେଲା ଭାରତ, ଆଫଗାନିସ୍ତାନରୁ ଆଲମଣ୍ଡ ଆମଦାନି କରୁଛି। ସେହିଭଳି ଅନେକ ଦ୍ରବ୍ୟ ଭାରତରୁ ଆଫଗାନିସ୍ତାନକୁ ରପ୍ତାନି ହେଉଛି। ସବୁଠୁ ବଡ଼ କଥା ହେଉଛି, ତାଲିବାନ ଶାସିତ ଆଫଗାନିସ୍ତାନ ଏକ ଗରିବ ଦେଶ ହୋଇଥିବା ବେଳେ ସେଠାରେ ଆଲମଣ୍ଡ ଭଳି ବିଭିନ୍ନ ଡ୍ରାଏ ଫ୍ରୁଟସ୍‌ର ଦାମ ବହୁତ କମ। ସେଠାରେ ଆଲମଣ୍ଡ କିଲୋ ପ୍ରତି ୨୭୦ ଏଏଫଏନ ବା ୩୫୭ ଟଙ୍କାରେ ମିଳୁଛି। ସୂଚନାଯୋଗ୍ୟ, ଆଫଗାନିସ୍ତାନରେ ତାଲିବାନ ସଂଗଠନ ଶାସନକୁ ଫେରିବା ପରେ ଦେଶରେ ବଡ଼ ଆର୍ଥିକ ସଂକଟ ଦେଇ ଗତି କରୁଛି। ଏଭଳି ସ୍ଥିତିରେ ଆଫଗାନିସ୍ତାକୁ ଭାରତ ମଧ୍ୟ ସହାୟତା କରୁଛି। ଭାରତ ଏବଂ ଆଫଗାନିସ୍ତାନ ମଧ୍ୟରେ ସମ୍ବନ୍ଧ ଖୁବ ଭଲ ରହିଆସିଛି। ସେପଟେ ଆମେ ଯଦି ବିଶ୍ୱର ବଡ଼ ଆଲମଣ୍ଡ ଉତ୍ପାଦନ ଦେଶ ତାଲିକା ଦେଖିବା ତେବେ ଶୀର୍ଷରେ ଆମେରିକା ରହିଛି। ଶୀର୍ଷ ୧୦ ତାଲିକାରେ ରହିଛି ଆଫଗାନିସ୍ତାନ। ଅଷ୍ଟ୍ରେଲିଆ ଦ୍ୱିତୀୟ ସ୍ଥାନରେ ଥିବା ବେଳେ ସ୍ପେନ୍, ତୁର୍କୀ, ମୋରୋକୋ, ଚୀନ୍, ଇରାନ୍, ଇଟଲୀ ଏବଂ ଟ୍ୟୁନିସିଆ ମଧ୍ୟ ଏହି ତାଲିକାରେ ରହିଛନ୍ତି।

# ନୂଆ ବାଇକ୍‌ର ଫାଷ୍ଟ ସର୍ଭିସ ବହୁତ ଗୁରୁତ୍ୱପୂର୍ଣ୍ଣ

ନୂଆଦିଲ୍ଲୀ, ୨୨।୧୧: ଯଦି ଆପଣ ଏକ ନୂତନ ବାଇକ୍ କିଣିବାକୁ ଯାଉଛନ୍ତି, ତେବେ ମୋଟରସାଇକେଲର ଫାଷ୍ଟ ସର୍ଭିସ କାହିଁକି ଆବଶ୍ୟକ ତାହା ବିଷୟରେ ଆପଣଙ୍କର ସଠିକ୍ ସୂଚନା ରହିବା ଉଚିତ। ଅନେକ ଲୋକ ଫାଷ୍ଟ ସର୍ଭିସକୁ ଠିକ୍ ସମୟରେ କରିବାକୁ ଭୁଲିଯାଆନ୍ତି, ଯେଉଁ କାରଣରୁ ଇଞ୍ଜିନ ଉପରେ ଖରାପ ପ୍ରଭାବ ପଡିଥାଏ । ତେବେ ଆଜି ଆମେ ଆପଣଙ୍କୁ ଜଣାଇବାକୁ ଯାଉଛି ଯଦି ସଠିକ୍ ସମୟରେ ବାଇକ୍ ସର୍ଭିସେସ୍ କରା ନଯାଏ ତେବେ ଆପଣଙ୍କର ବାଇକ୍ ଉପରେ କ’ଣ ସବୁ ପ୍ରଭାବ ପଡିପାରେ। ଆସନ୍ତୁ ଜାଣିବା ଏହା ବିଷୟରେ ଅଟୋମୋବାଇଲ୍ ଏକ୍ସପର୍ଟମାନେ କହିଛନ୍ତି ଯେ ଯେ ଏକ



ନୂଆ ବାଇକ୍ କିଣିବାବେଳେ ଆପଣ ବାଇକ୍ ସହିତ ଯାଉଥିବା ବୁକଲେଟରେ ଫାଷ୍ଟ ସର୍ଭିସ କେତେ କିଲୋମିଟର ଚାଲିବା ପରେ କରିବାକୁ ପଡିବ ସେ ସମ୍ବନ୍ଧରେ ସୂଚନା ପାଇପାରିବେ। କେତେକ କମ୍ପାନୀ ଫାଷ୍ଟ ସର୍ଭିସକୁ ୭୫୦ କିଲୋମିଟରରେ କରିବା ପାଇଁ କହିଥାନ୍ତି ତ ଅନ୍ୟ କେତେକ କମ୍ପାନୀ ୧୦୦୦ କିଲୋମିଟର ପରେ ଫାଷ୍ଟ ସର୍ଭିସ କରିବା ପାଇଁ କହିଥାନ୍ତି। ଯଦି କୌଣସି ବ୍ୟକ୍ତି ନିର୍ଦ୍ଦିଷ୍ଟ କିଲୋମିଟରରେ ଫାଷ୍ଟ ସର୍ଭିସ କରନ୍ତି ନାହିଁ, ତେବେ ଏହି କ୍ଷେତ୍ରରେ ଯଦି ଗାଡିର କୌଣସି ପାର୍ଟ ନଷ୍ଟ ହୋଇଯାଏ ତେବେ କମ୍ପାନୀ ସେହି ପାର୍ଟର ୱାରେଣ୍ଟିକୁ ବାତିଲ କରିପାରେ। ଏଥିପାଇଁ କମ୍ପାନୀ ଗ୍ରାହକଙ୍କୁ ମନା ମଧ୍ୟ କରିପାରିବ କାରଣ ଫାଷ୍ଟ ସର୍ଭିସ ଠିକ୍ ସମୟରେ ନହେବା କାରଣରୁ ମଧ୍ୟ ପାର୍ଟ ନଷ୍ଟ ହୋଇପାରେ। ଏହାର ଅର୍ଥ ହେଉଛି ଯେ ଏହି କ୍ଷେତ୍ରରେ ଆପଣଙ୍କୁ ଗାଡିର ଖରାପ ପାର୍ଟ ଠିକ କରିବା ପାଇଁ ନିଜ ପକେଟରୁ ଟଙ୍କା ଖର୍ଚ୍ଚ କରିବାକୁ ପଡିବ। ଏହା ବ୍ୟତୀତ, ଯଦି କମ୍ପାନୀ ଦ୍ୱାରା ନିର୍ଦ୍ଦିଷ୍ଟ କିଲୋମିଟରରେ ଫାଷ୍ଟ ସର୍ଭିସ କରା ନଯାଏ, ତେବେ ଏହା ଇଞ୍ଜିନ ଉପରେ ନକାରାତ୍ମକ ପ୍ରଭାବ ପକାଇପାରେ ଏବଂ ଇଞ୍ଜିନ ଶୀଘ୍ର ନଷ୍ଟ ହୋଇପାରେ। ଇଞ୍ଜିନରେ ଛୋଟ ଧାତୁ କଣିକା ଥାଏ ଏବଂ ଯେତେବେଳେ ବାଇକ୍ ଚଲାଯାଏ, ସେମାନେ ଘଷିହେବା ଆରମ୍ଭ କରି ଇଞ୍ଜିନ ତେଲ ସହିତ ମିଶିବାରେ ଲାଗନ୍ତି । ଫାଷ୍ଟ ସର୍ଭିସ ସମୟରେ ଏଗୁଡିକୁ ହଟାଇବା ଅତ୍ୟନ୍ତ ଜରୁରୀ, ନଚେତ୍ ପିଷ୍ଟନ୍ ଏବଂ ଇଞ୍ଜିନର ଅନ୍ୟାନ୍ୟ ପାର୍ଟ ଉପରେ ପ୍ରତିକୂଳ ପ୍ରଭାବ ପଡିପାରେ ଯେଉଁ କାରଣରୁ ଇଞ୍ଜିନ ନଷ୍ଟ ହେବାର ଆଶଙ୍କା ଥାଏ।

## କାନାଡ଼ାର ଶନି ଦଶା

# ପିଲାଙ୍କ ପେଟ ଭରିବାକୁ ଓଳିଏ ଉପାସ ରହୁଛନ୍ତି ବାପାମା

ନୂଆଦିଲ୍ଲୀ, ୨୨।୧୧: ଭାରତ ସହିତ ଶତ୍ରୁତା କରିବା ପରେ କାନାଡ଼ାର ଶନି ଦଶା। ପେଟକୁ ମୁଠାଏ ଦାନା ଯୋଗାଡ଼ କରିବାକୁ ସଂଘର୍ଷ କରୁଛି ଏହି ସମ୍ଭ୍ରାନ୍ତ ପଶ୍ଚିମ ଦେଶ। ପିଲାଙ୍କ ପାଟିକୁ ମୁଠାଏ ଦାନା ଦେବାକୁ କାନାଡ଼ାର ବାପାମା ନିଜ ଖାଦ୍ୟରୁ ୨୫ ପ୍ରତିଶତ କାଟି ରଖୁଛନ୍ତି। ସାରା ଦେଶରେ ଏଭଳି ସ୍ଥିତି। ବର୍ତ୍ତମାନ କାନାଡ଼ାରେ ରହିବା, ଖାଇବା ଆଦି ସବୁଥିରେ ଅସୁବିଧା। ବେରୋଜଗାରୀ ବଢ଼ିଛି। ମହଙ୍ଗା ସ୍ଥିତି ସଂଗୀନ ହୋଇଛି। ଏକଥା ଆମେ କହୁ ନାହୁଁ, ଏକ ଏନ୍‌ଜିଓ ସଂସ୍ଥା ଦ୍ୱାରା କରାଯାଇଥିବା ସର୍ଭେରେ ଏଭଳି ତଥ୍ୟ ସାମ୍ନାକୁ ଆସିଛି। କାନାଡ଼ାର ପ୍ରତି ୪ ଜଣଙ୍କ ମଧ୍ୟରୁ ଜଣେ ଅଭିଭାବକ ନିଜ ଛୁଆର ପେଟ ଭରିବା ପାଇଁ ନିଜ ଭାଗରୁ ସଞ୍ଚୟ କରି ରଖୁଛନ୍ତି ବୋଲି ସାଲଭେସନ ଆର୍ମି ନାମକ ଏନ୍‌ଜିଓ ସଂସ୍ଥା ରିପୋର୍ଟ ପ୍ରକାଶ କରିଛି। ନଭେମ୍ବର ୨୧ ତାରିଖରେ ପ୍ରକାଶ ପାଇଥିବା ଏହି ରିପୋର୍ଟ ଅନୁସାରେ, ସର୍ଭେରେ ଭାଗ ନେଇଥିବା ୯୦ ପ୍ରତିଶତ ଲୋକେ କହିଛନ୍ତି, ଆର୍ଥିକ ଆବଶ୍ୟକତା ପୂରଣ କରିବାକୁ ସେମାନେ ସଉଦା ଖର୍ଚ୍ଚ କାଟ କରୁଛନ୍ତି। ଏପଟେ ମହଙ୍ଗା ସ୍ଥିତି ଉତ୍କଟ ହେବାରୁ ସ୍ଥିତି ସାମାନ୍ୟ କରିବାକୁ ଟ୍ରୁଡୋ ସରକାର କିଛି ଆବଶ୍ୟକୀୟ ସାମଗ୍ରୀ ଉପରେ ଜିଏସ୍‌ଟି କାଟ କରିବାକୁ ଘୋଷଣା କରିଛନ୍ତି। ଏପଟେ କାନାଡ଼ା ଖାଦ୍ୟ ବ୍ୟାଙ୍କରେ ମଧ୍ୟ ଖାଦ୍ୟ ଅଭାବ ଦେଖା ଦେଖା ଦେଲାଣି। ତେଣୁ ବିଦେଶୀ ଛାତ୍ରଙ୍କୁ ନିଜ ଦେଶକୁ ଫେରାଇ ଦେବାକୁ ନିଷ୍ପତ୍ତି ମଧ୍ୟ ହୋଇଛି। ଯେଉଁଥିରେ



ଭାରତୀୟ ଛାତ୍ରମାନେ ବି ଅଛନ୍ତି। ସବୁଠାରୁ ବଡ଼ କଥା ହେଲା ଆସନ୍ତା ବର୍ଷ କାନାଡ଼ାରା ସାଧାରଣ ନିର୍ବାଚନ ହେବାକୁ ଥିବା ବେଳେ ଏଭଳି ସ୍ଥିତି ଉପୁଜିଛି। ଯାହା ହୁଏତ ଟ୍ରୁଡୋ ସରକାରଙ୍କୁ ମହଙ୍ଗା ପଡ଼ିପାରେ।

ସର୍ଭେ ଅନୁସାରେ, କିଛି ଲୋକ ମହଙ୍ଗା ମାର୍କେଟ୍ ସହିତ ଖାପ ଖୁଆଇ ଚଳିପାରୁ ନାହାନ୍ତି। ବାଧ୍ୟ ହୋଇ ମହଙ୍ଗା ଦାମ୍‌ରେ ଅତ୍ୟାବଶ୍ୟକୀୟ ସାମଗ୍ରୀ କିଣିବାକୁ ପଡୁଛି। ଗ୍ରୋସରୀ ବିଲ୍ ଏତେ ହେଉଛି ଯେ ଜୀବନ ଧାରଣ ମୂଲ୍ୟ ଲୋକଙ୍କ ପାଇଁ ଚିନ୍ତାର କାରଣ ପଲଟିଲାଣି। ତେଣୁ କାନାଡ଼ା ଯେ ବର୍ତ୍ତମାନ ବଡ଼ ଅର୍ଥନୈତିକ ବିପଦ ଦେଇ ଗତି କରୁଛି ତାହା ସ୍ପଷ୍ଟ ଜଣାପଡୁଛି। ଏନେଇ ସାଲଭେସନ ଆର୍ମିର ପ୍ରବକ୍ତା ଜନ ମୁରେ କହିଛନ୍ତି “ ଅଧିକାଂଶ କାନାଡ଼ାବାସୀ ନିଜର ତଥା ନିଜର ପିଲା ଓ ପରିବାର ପାଇଁ ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀ ପାଇଁ ସଂଘର୍ଷ କରୁଛନ୍ତି। ତେଣୁ ଦେଶ ଏକ ଗଭୀର ସଂକଟରେ ଥିବା ଜଣାପଡୁଛି।” ଅଧିକାଂଶ ଲୋକ ଶସ୍ତାରେ କମ ପୋଷଣଯୁକ୍ତ ଖାଦ୍ୟ କିଣୁଥିବା ବେଳେ ୮୪ ପ୍ରତିଶତ ଲୋକ ଗୋଟିଏ ଓଳିର ଖାଇବା ଖାଉ ନାହାନ୍ତି। ଏହା କେବଳ ଯେ କାନାଡ଼ାର ଆର୍ଥିକ ଦୁଃସ୍ଥିତିକୁ ଦର୍ଶାଉଛି ତାହା ନୁହେଁ, ଏଭଳି ସ୍ଥିତିରେ କାନାଡ଼ାବାସୀ କିଭଳି ଚଳୁଛନ୍ତି ତା ମଧ୍ୟ ଦର୍ଶାଉଛି। ଅତ୍ୟାବଶ୍ୟକୀୟ ସାମଗ୍ରୀ ଉପରେ ଦର ହ୍ରାସ କରିବାକୁ କାନାଡ଼ା ଲୋକେ ଟ୍ରୁଡେ ସରକାରଙ୍କୁ ଅନୁରୋଧ କରି ଆସୁଛନ୍ତି। ହେଲେ କିଛି ସୁଫଳ ମିଳୁ ନାହିଁ। କିନ୍ତୁ ବର୍ଷକ ପରେ ନିର୍ବାଚନ ଥିବାରୁ ମହଙ୍ଗା ସ୍ଥିତି ନିୟନ୍ତ୍ରଣ କରିବାକୁ କାନାଡ଼ା ସରକାର କପଡ଼ା, ନାପିସ୍ ଓ ପୂର୍ବରୁ ତିଆରି ହୋଇଥିବା ଗରମ ଖାଦ୍ୟ ଉପରେ ଜିଏସ୍‌ଟି ହ୍ରାସ କରିପାରନ୍ତି ବୋଲି ସୂଚନା ମିଳିଛି। ଦେଶରେ ଏଭଳି ସ୍ଥିତି ପାଇଁ କାନାଡ଼ା ରାଜନୀତିରେ ମଧ୍ୟ ହଲଚଲ ସୃଷ୍ଟି ହୋଇଛି। ଜଷ୍ଟିନ ଟ୍ରୁଡୋଙ୍କ ଲିବେରାଲ ପାର୍ଟିର ସହଯୋଗୀ ଦଳ ଏନ୍‌ଡିପି ବିଦ୍ରୋହ କରିଛି। ଏନ୍‌ଡିପି ନେତା ଜଗମୀତ ସିଂହ କହିଛନ୍ତି ଜିଏସ୍‌ଟିକୁ ଶେଷ କରିବାକୁ ସେ ଆନ୍ଦୋଳନ କରୁଛନ୍ତି। ଲିବେରାଲ ଦଳ କିଛି ସାମଗ୍ରୀରେ ଟ୍ୟାକ୍ସ କମାଇ ସ୍ୱଳ୍ପ ସମୟ ପାଇଁ ଆଶ୍ୱସ୍ତି ଦେବାକୁ ଚାହୁଁଥିବା ବେଳେ ଏନ୍‌ଡିପି କିନ୍ତୁ ଟ୍ୟାକ୍ସ ହ୍ରାସ କରି ଲୋକଙ୍କୁ ମୁକ୍ତି ଦେବ ବୋଲି ଜଗମୀତ କହିଛନ୍ତି।

# ଭାରତର ଦ୍ୱିତୀୟ ସର୍ବାଧିକ କ୍ଷୀର ଉତ୍ପାଦନକାରୀ ରାଜ୍ୟ କର୍ଣ୍ଣାଟକ




ନୂଆଦିଲ୍ଲୀ, ୨୨।୧୧: ବିଭିନ୍ନ ରାଜ୍ୟକୁ ଟପି ଭାରତର ଦ୍ୱିତୀୟ ସର୍ବାଧିକ ଦୁଗ୍ଧ ଉତ୍ପାଦନକାରୀ ରାଜ୍ୟ ହେଲା କର୍ଣ୍ଣାଟକ। ନୂଆ ଦିଲ୍ଲୀରେ ରାଜ୍ୟର ସ୍ପେଶାଲ ବ୍ରାଣ୍ଡ୍ ନନ୍ଦିନୀ କ୍ଷୀର ଭେରାଇଟି ଲଞ୍ଚ କରିବା ଅବସରରେ ଏହି ଘୋଷଣା କରିଛନ୍ତି କର୍ଣ୍ଣାଟକ ମୁଖ୍ୟମନ୍ତ୍ରୀ ସିଦ୍ଧରମେୟା। କର୍ଣ୍ଣାଟକ ଦୁଗ୍ଧ ସଂଘ (କେଏମ୍‌ଏଫ୍) ଏବଂ ମାଣ୍ଡ୍ୟା ଜିଲ୍ଲା ସମବାୟ ଦୁଗ୍ଧ ୟୁନିଅନ୍ ଦ୍ୱାରା ଆୟୋଜିତ ନୂଆ ନନ୍ଦିନୀ ଦୁଗ୍ଧ କିସମର ଶୁଭାରମ୍ଭ କାର୍ଯ୍ୟକ୍ରମର ଯୋଗ ଦେଇ ସିଦ୍ଧରମେୟା ରାଜ୍ୟର ସଫଳତା କହିଛନ୍ତି। ଦୁଗ୍ଧ ଉତ୍ପାଦନରେ ରାଜ୍ୟ ସରକାରଙ୍କ ସହଯୋଗରେ ଦ୍ୱାରା ରାଜ୍ୟ ଏହିସଫଳତା ହାସଲ କରିଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ତାଙ୍କର ଏହି ସରକାରର ନୁହେଁ ପୂର୍ବ ସରକାରରେ ମଧ୍ୟ ଚାଷୀଙ୍କୁ ଉଚିତ ମୂଲ୍ୟ ଦେବାକୁ ସେ କ୍ଷୀର ଉତ୍ପାଦକ ସଂଘ ଗଠନ କରିଥିଲେ। କୃଷକଙ୍କୁ ଉଚିତ ମୂଲ୍ୟ ଦେବା ସହିତ ମାର୍କେଟ୍ ଯୋଗାଇ ଦେବାକୁ ମଧ୍ୟ ପ୍ରତିଶ୍ରୁତି ଦେଇଥିଲେ ବୋଲି ସିଦ୍ଧରମେୟା କହିଛନ୍ତି। କର୍ଣ୍ଣାଟକରେ କ୍ଷୀରଧାରା ଯୋଜନା ମାଧ୍ୟମରେ ରାଜ୍ୟ ସରକାର ଲିଟର ପିଛା ୩୨ ଟଙ୍କାରେ କ୍ଷୀର କ୍ରୟ କିଣୁଛନ୍ତି। ସିଦ୍ଧରମେୟାଙ୍କ ସମୟରେ ଲିଟର ପିଛା ଅତିରିକ୍ତ ୫ ପ୍ରୋତ୍ସାହନ

## ଦୈନିକ ଉତ୍ପାଦନ ୧କୋଟି ଲିଟର

ରାଶି ଦିଆଯାଉଛି। ଏଥିରେ ଦୈନିକ ୫ କୋଟି ଖର୍ଚ୍ଚ ହେଉଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ରାଜ୍ୟରେ ୧୬ ଟି ଦୁଗ୍ଧ ୟୁନିଅନ୍ ରହିଥିବା ବେଳେ କର୍ଣ୍ଣାଟକ ବର୍ତ୍ତମାନ ଦୈନିକ ପ୍ରାୟ ୧ କୋଟି ଲିଟର କ୍ଷୀର ଉତ୍ପାଦନ କରୁଛି। ଏଥିସହିତ ଦିଲ୍ଲୀକୁ ଦୈନିକ ୨.୫ ଲକ୍ଷ ଲିଟର କ୍ଷୀର ରପ୍ତାନୀ କରୁଥିବା ବେଳେ ୬ ମାସ ମଧ୍ୟରେ ଏହା ୫ ଲକ୍ଷ ଲିଟରକୁ ବୃଦ୍ଧି କରିବାକୁ ଯୋଜନା କରାଯାଉଛି। ଦୁଗ୍ଧଜାତ ଦ୍ରବ୍ୟ ପାଇଁ ଏକ ଶକ୍ତିଶାଳୀ ବଜାର ନିର୍ମାଣ ଉଭୟ ଦୁଗ୍ଧ ଶିଳ୍ପର ଅଭିବୃଦ୍ଧି ତଥା କୃଷକଙ୍କ କଲ୍ୟାଣ ପାଇଁ ଜରୁରୀ ବୋଲି ସିଦ୍ଧରମେୟା କହିଛନ୍ତି।

# ଛିଣ୍ଡା ତାରପୋଲିନ୍ ତଳେ ବିତୁଛି ୩ ପ୍ରାଣୀଙ୍କ ଜୀବନ



**କଳାହାଣ୍ଡି,୨୨।୧୧(ସଂଚାର ବ୍ୟୁରୋ):** କଳାହାଣ୍ଡି ଜିଲ୍ଲା ଜୟପାଟଣା ବ୍ଲକ ରେ ଆବାସ ଯୋଜନା ବାଟ ବଣା ହୋଇଛି। ଯୋଗ୍ୟ ହିତାଧିକାରୀ ଏଠାରେ ଅଯୋଗ୍ୟ ହୋଇଛି। ପ୍ରଶାସନ ର ନାକ ତଳେ ଥିଲେ ହେଁ ନା ମିଳୁଛି ଇନ୍ଦିରା ଆବାସ ନା ମିଳୁଛି ଘର୍ ଡିହ। ଏଭଳି ଅବସ୍ଥା ରେ ଦିର୍ଘ ୨୦ ବର୍ଷରୁ ଉର୍ଦ୍ଧ ହେବ ଜୟପାଟଣା ଆର ଏମ୍ ସି କୁ ଯିବା ରାସ୍ତା କଡରେ ଏକ ଖୋଲା ମେଲା ସିମେଣ୍ଟ ଛାତ ତଳେ ଛିଣ୍ଡା ଟାର ପୋଲିନ ଢାଙ୍କି ଜୀବନ ବିତାଉଛନ୍ତି ତିନି ପ୍ରାଣୀ ମିଲାପା ବାଇ,(୮୦) ଓ ତାଙ୍କ ପୁଅ ଶାନ୍ତ ରାମ ଦାସ(୪୫) ଓ ତାଙ୍କ ନାତି ବିନୋଦ ଦାସ(୨୩) । ଏ ମାନ ଙ୍କୁ ନିଜସ୍ୱ ଗୃହ ନ ଥିବାରୁ ଆର ଏମ୍ ସି ଯିବା ରାସ୍ତା ରେ ଆଶ୍ରୟ ନେଇଛନ୍ତି। ପଡୋଶୀ କହିବା ଅନୁସାରେ ମିଲାପା ବାଇ ଓ ତାଙ୍କ ସ୍ୱାମୀ ନୂଆଁପଡ଼ା ଜିଲ୍ଲା ର ମାଲପଡ଼ା ଗ୍ରାମ ରୁ ପ୍ରାୟ ୪୦ବର୍ଷ ପୂର୍ବେ ଚାଲି ଆସି ଜୟପାଟଣା ରେ ସଂସାର କରି ରହିଆସୁଥିଲେ। ସେମାନଙ୍କ ର କୋଳରୁ ପୁଅ ଶାନ୍ତ ରାମ ଜନ୍ମ ନେଇ ଥିଲେ ସେତେବେଳେ କୁ ଶାନ୍ତ ରାମ କୁ ପ୍ରାୟ ୨ ବର୍ଷ ହେଇଥିଲା ମିଲପା ଙ୍କ ସ୍ୱାମୀ ଆରପାରି କୁ ଚାଲି ଯିବା ପରେ ମା ମିଲାପା ବାଇ ଭିକ୍ଷା ମାଗି ପୁଅ କୁ ପ୍ରତି ପୋଷଣ କରିଥିଲେ । ପୁଅ ଯବାନ ହେବା ପରେ ଦେଭୋଗ୍ ଗୁର୍ଜି ଭଟ୍ଠା ରୁ ଏକ ଯୁବତୀ କୁ ବିବାହ କରିଥିଲେ। ସେ ଦୁହେଁ ମଧ୍ୟ ଘର୍ ସଂସାର କରି ଏକ ଶିଶୁପୁତ୍ରକୁ (ବିନୋଦ) କୁ ଜନ୍ମ ଦେଇଥିଲେ। ବିନୋଦ ଛୋଟ ଥିବା ଅବସ୍ଥା ରେ ମା ପୁଅକୁ ଛାଡ଼ି ଅନ୍ୟତ୍ର ଘର କରିବା ପାଇଁ ଚାଲି ଗଲା ମିଲା ପି ବାଇ ଏଣେ ତେଣେ ରୋଜଗାର କରି ନାତି ବିନୋଦ କୁ ପୋଷି ପାଳି ଭେଣ୍ଡିଆ କରିଛନ୍ତି ହେଲେ ଏମାନଙ୍କୁ ଏ ଯାଏ ଘର ଡିହ ଖଣ୍ଡେ ମିଳି ନ ଥିବାରୁ ପ୍ରାୟ ୪୦ ବର୍ଷ ହେବ ପର ବାରଣ୍ଡା ରେ ଦିନ କାଟୁଛନ୍ତି। ସରକାର ଙ୍କ ପକ୍ଷରୁ ମିଲା ପି ବାଇ ଙ୍କୁ ମାସକୁ ୧୫ କେଜି ଚାଉଳ ଓ ବିଧବା ଭତା ୧୦୦୦ ଟଙ୍କା ମିଳୁ ଥିବା ବେଳେ ପୁଅର ଶାନ୍ତ ରାମ ର ଆଧାର କାର୍ଡ ନୂଆ ପଡ଼ା ଜିଲ୍ଲା ରେ ହୋଇଥିବା ବେଳେ ନାତି ବିନୋଦ ର ଅଧାର କାର୍ଡ ଏ ଯାଏ ହୋଇ ନଥିବା ରୁ ସରକାରୀ ଙ୍କ ଅନେକ ଯୋଜନା ରୁ ବଞ୍ଚିତ ରହୁଛନ୍ତି।ଦୁଇ ଜଣ ଙ୍କ ଅଧାର କାର୍ଡ ତିଆରି ପାଇ ବହୁଚେଷ୍ଟା କଲେ ହେଁ ହୋଇ ପାରୁ ନଥିବା ଅଭିଯୋଗ କରିଛନ୍ତି। ଅନ୍ୟ ପକ୍ଷେ ବୃଦ୍ଧା ଙ୍କ ବୟସ ୮୦ ବର୍ଷ ରେ ଉପନୀତ ହେବା ପରେ ମଧ୍ୟ ବର୍ଦ୍ଧିତ ଭତା ମିଳି ପାରିନାହିଁ। ସେହି ରାସ୍ତା ଦେଇ ଅନେକ ବଡ ବଡିଆ ଅଧିକାରୀ ଆର ଏମ୍ ସି କୁ ଯିବା ଆସିବା କରୁଥିଲେ ହେଁ ମିଲାପୀ ବାଇ ଙ୍କ ପରିବାର ପ୍ରତି କାହାର ଦୃଷ୍ଟି ପଡୁ ନଥିବା ବଡ ଦୁଃଖଦ ବିଷୟ ଅଟେ। ସରକାର ଭୂମି ହିନ ପରିବାର କୁ ଘର ଡିହ ଯୋଗାଇ ଦେବା ଓ ଗୃହହିନ ପରିବାର କୁ ଆବାସ ଯୋଜନା ରେ ଘର ଯୋଗାଇ ଦେବା ପାଇଁ ବିଭିନ୍ନ ସମୟରେ ସର୍ଭେ କରି ଥାଆନ୍ତି।ହେଲେ ପ୍ରଶାସନିକ ଆନ୍ତରିକତା ଅଭାବ ରୁ ନା ଉତ୍କୋଚ ଦେବାରେ ଅସମର୍ଥ ଥିବା କାରଣ ରୁ ମେଲାପି ବାଇ ଭଳି ନିରିହ ପରିବାର ସରକାର ଯୋଜନା ରୁ ବଞ୍ଚିତ ହେଉଛନ୍ତି। ଶୀତ କାକର ଖରା ବର୍ଷା ରେ ଗାଁ ମୁଣ୍ଡରେ ଟାର ପୋଲିନ ଢାଙ୍କି ବର୍ଷ ବର୍ଷ ଧରି ଆଶ୍ରୟ ନେଇ ଥିବା ପରିବାର ପ୍ରତି ଜିଲ୍ଲା ପ୍ରଶାସନ ଦୃଷ୍ଟି ଦେବାକୁ ମିଲପୀ ଗୁହାରି କରିଛନ୍ତି।

# ଆଦିବାସୀ ଯୁବତୀଙ୍କୁ ମୁହଁରେ ବିଷ୍ଠା ଘସିବା ଅଭିଯୋଗ




**ବଲାଙ୍ଗୀର,୨୨।୧୧(ସଂଚାର ବ୍ୟୁରୋ):** ଜିଲ୍ଲାରେ ଏକ ଆଦିବାସୀ ଯୁବତୀଙ୍କୁ ଗାଳିଗୁଲଜ କରି ବିଷ୍ଠା ଆଣି ମୁହଁରେ ଘସିବା ସହ ଖୁଆଇଦେଇଥିବା ନେଇ ବଙ୍ଗୋମୁଣ୍ଡା ଥାନାରେ ଅଭିଯୋଗ ହୋଇଛି। ଅଭିଯୁକ୍ତ ଙ୍କୁ ଗିରଫ ଦାବିରେ ପିଡିତା ପରିବାର ଲୋକେ ମଙ୍ଗଳବାର ଥାନାର ଦ୍ୱାରସ୍ଥ ହୋଇଛନ୍ତି। ବଙ୍ଗୋମୁଣ୍ଡା ଥାନା ଜୁରାବନ୍ଧ ଗ୍ରାମର ୨୦ ବର୍ଷର ଆଦିବାସୀ ଯୁବତୀ ଗତ ୧୬ ତାରିଖ ଦିନ ଗାଁର ଏକ ପୋଖରୀରୁ ଅପରାହ୍ନ ୩ ଟା ସମୟରେ ଗାଧୋଇ ସାରି ଘରକୁ ଫେରୁଥିବା ବେଳେ ଜୁରାବନ୍ଧ ଗ୍ରାମର ଅଭୟ ବାଗ ଦଉଡି ଆସି ଛାତିରେ ହାତ ମାରି ତଳେ ପକାଇଦେଇଥିଲା । ଯୁବତୀ ଜଣକ ଚିତ୍କାର କରିବା ପରେ ପାଖରେ ଥିବା ଯୁବତୀଙ୍କ ବଡ଼ ମାଁ ଦଉଡି ଆସି ଛଡ଼ାଇବାକୁ ଚେଷ୍ଟା କରିଥିଲେ । ତାଙ୍କୁ ତଣ୍ଟି ଚିପି ଆକ୍ରମଣ କରି ଅଶ୍ଳୀଳ ଭାଷାରେ ଗାଳି ଗୁଲଜ କରିଥିଲା । ଅଭୟ ବାଗ ହାତରେ ବିଷ୍ଠା ଆଣି ଯୁବତୀ ଙ୍କ ମୁହଁରେ ଘସିଦେଇ ଜୋର ଜବରଦସ୍ତ ଖୁଆଇଦେଲା ବୋଲି ପିଡିତା ଥାନାରେ ଅଭିଯୋଗ କରିଛନ୍ତି । ଘଟଣାର ୪୮ ଘଣ୍ଟା ପରେ ଅଭିଯୁକ୍ତ କୁ ଗିରଫ କରାଯାଇନଥିବାରୁ ଗିରଫ ଦାବିରେ ବଙ୍ଗୋମୁଣ୍ଡା ଥାନାର ଦ୍ୱାରସ୍ଥ ହୋଇଛନ୍ତି ପୀଡ଼ିତା ।

# ସ୍ୱାସ୍ଥ୍ୟ, ପୋଲିସ ଓ ଅବକାରୀ ବିଭାଗର ମିଳିତ ଚଢ଼ାଉ



**ଭେଡେନ,୨୨।୧୧(ସଂଚାର ବ୍ୟୁରୋ):** ବରଗଡ଼ ଜିଲ୍ଲା ଭେଡେନ ବ୍ଲକର ଥୁଆପଲି, ଝରାପାଲି ଆଦି ଅଞ୍ଚଳରେ ବରଗଡ ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ, ପୋଲିସ ବିଭାଗ ଏବଂ ଅବକାରୀ ବିଭାଗ ପକ୍ଷରୁ ଏକ ମିଳିତ କାର୍ଯ୍ୟକାରୀ ସ୍କ୍ୱାର୍ଡ ପକ୍ଷରୁ ଚଢ଼ାଉ କରାଯାଇଛି। ଏକ ମିଳିତ ସ୍କ୍ୱାର୍ଡ ଗଠିତ ହୋଇ କୋଟପା (ତମାଖୁ ନୀୟନ୍ତ୍ରଣ) ନୀୟମ ଭଙ୍ଗକରି ସର୍ବସାଧାରଣ ସ୍ଥାନମାନଙ୍କରେ ତମାଖୁ ଉତ୍ପାଦ ବିକ୍ରି କରୁଥିବା ୧୨ ଜଣ ନିୟମ ଖିଲାପକାରୀଙ୍କ ଠାରୁ ସମୁଦାୟ ଟ.୨୮୦୦/ - ଜୋରିମାନା ସଂଗ୍ରହ କରାଯିବା ସହ ଜନସାଧରଣଙ୍କୁ ଖାଦ୍ୟରେ ରଂଗ ବ୍ୟବହାର ନ କରିବା, ଖବରକାଗଜ ରେ ଖାଦ୍ୟ ସାମଗ୍ରୀ ନ ଦେବା ଏବଂ ତମାଖୁ ବ୍ୟବହାରର କ୍ଷତି ବିଷୟରେ ସଚେତନ କରାଗଲା । ଉକ୍ତ ମିଳିତ କାର୍ଯ୍ୟକାରୀ ସ୍କ୍ୱାର୍ଡରେ ସ୍ୱାସ୍ଥ୍ୟ ବିଭାଗରୁ ଜିଲ୍ଲା ଭେଷଜ ନିରୀକ୍ଷକ ସୁନିତା ନାଗ, ଜିଲ୍ଲା ଖାଦ୍ୟ ସୁରକ୍ଷା ଅଧିକାରୀ ଶ୍ରୀ ପରମେଶ୍ୱର ନାଏକ, ଜିଲ୍ଲା ପରମର୍ଶଦାତା ଶ୍ରୀ ସୀତେଶ ତ୍ରିପାଠୀ, ଅବକାରୀ ବିଭାଗରୁ ଇ/ସି ପ୍ରଦୀପ ସାହୁ ଓ ସୁକାନ୍ତ ବଢେଇ ଏବଂ ଭେଡେନ ପୋଲିସ ଉପସ୍ଥିତଥିଲେ ।

# କରମଡିହି ଗଣହତ୍ୟାର ପର୍ଦ୍ଦାଫାଶ, ୬ ଗିରଫ



**ସୁନ୍ଦରଗଡ଼,୨୨।୧୧(ସଂଚାର ବ୍ୟୁରୋ):** ଆଜି ନଭେମ୍ବର ୨୨ ତାରିଖ ସୁନ୍ଦରଗଡ ଜିଲ୍ଲା ପୋଲିସ କାର୍ଯ୍ୟାଳୟରେ ଅପରାହ୍ନ ୨:୪୫ ମିନିଟ ସମୟରେ କରମଡିହି ଗଣହତ୍ୟା ଉପରେ ପଶ୍ଚିମାଞ୍ଚଳ ଡି ଆଇ ଜି କଲେ ସାମ୍ବାଦିକ ସମ୍ମିଳନୀ। ଗଣହତ୍ୟା ମାମଲାରେ ଜଡ଼ିତ ଥିବା ଅଭିଯୁକ୍ତଙ୍କ ମଧ୍ୟରୁ ୬ ଜଣଙ୍କୁ ଗିରଫ କରାଯାଇଥିବା ବେଳେ ଅନ୍ୟ ସମ୍ପୃକ୍ତଙ୍କୁ ଅତି ଶୀଘ୍ର ଗିରଫ କରାଯିବ ବୋଲି କହିଲେ ପଶ୍ଚିମାଞ୍ଚଳ ଡି ଆଇ ଜି ବ୍ରିଜେଶ କୁମାର ରାୟ । ସମସ୍ତ ଅଭିଯୁକ୍ତଙ୍କୁ କର୍ଣ୍ଣାଟକ ଓ ମହାରାଷ୍ଟ୍ରରୁ ଧରା ଯାଇଛି । ତେବେ ଏ ନେଇ ପୋଲିସ କୁ ନାକେଦମ ହେବାକୁ ପଡ଼ିଛି । ହତ୍ୟା କାଣ୍ଡ ଘଟଣାକୁ ଆଜି ୨୪ ଦିନ ହୋଇଥିବା ବେଳେ ପୋଲିସ ୬ ଜଣଙ୍କୁ ଗିରଫ କରିଛି। ସଦର ଥାନା କରମଡିହି ନିକଟସ୍ଥ ଗୀତାପଡାରେ ଘଟିଥିଲା ଏହି ଲୋମଟାଙ୍କୁରା ହତ୍ୟାକାଣ୍ଡ । ଦୁଇ ଯାଯାବର ଗୋଷ୍ଠୀ ମଧ୍ୟରେ ହୋଇଥିଲା ରକ୍ତାକ୍ତ ସଂଘର୍ଷ । ସଂଘର୍ଷରେ ୩ ମହିଳା ଓ ୨ ପୁରୁଷ ଙ୍କ ଜୀବନ ଯାଇଥିଲା । ଘଟଣା ପରେ ଫେରାର ହୋଇଯାଇଥିଲେ ସମସ୍ତ ଅଭିଯୁକ୍ତ । ଅପରାଧୀଙ୍କୁ ଧରିବାକୁ ପୋଲିସ ସ୍ୱତନ୍ତ୍ର ଟିମ୍ ଗଠନ କରି ଛାନ୍‌ଭିନ୍ ଚଳାଇଥିଲା । ଦୀର୍ଘ ଦିନ ପରେ ଶୁକ୍ରବାର ସୁନ୍ଦରଗଡ ପୋଲିସକୁ ଏକ ବଡ ସଫଳତା ମିଳିଛି । କର୍ଣ୍ଣାଟକ ଓ ମହାରାଷ୍ଟ୍ରରେ ଲୁଚିଥିବା ୬ ଅଭିଯୁକ୍ତଙ୍କୁ ଗିରଫ କରିଛି ପୋଲିସ । ଅଭିଯୁକ୍ତ ମାନେ ହେଲେ ମହାରାଷ୍ଟ୍ର ରାଜ୍ୟ ଅମରାବତୀ ଜିଲ୍ଲା ଭଣ୍ଡାରାଜ ଥାନା ଅନ୍ତର୍ଗତ ଗୋକୁଲଧୁସାର ସନ୍ତୋଷ ଭୋସଲେ (୪୫), ତାଙ୍କ ଦୁଇ ପୁଅ ଜଗଗେସ ଭୋସଲେ (୨୫) ଓ ଲାଲ୍ଲେ ଭୋସଲେ(୨୦), ଉକ୍ତ ଗ୍ରାମର ପୋତ୍ରାଜ୍ ପାୱାରଙ୍କ ଦୁଇ ପୁଅ ଆକବର ପାୱାର (୩୨) ଓ ଇନ୍ତେଶ ପାୱାର (୩୫) ଏବଂ କର୍ଣ୍ଣାଟକ ରାଜ୍ୟ ଗଡଜ ଜିଲ୍ଲା ଶିରାହଟ୍ଟି ଥାନା ଅନ୍ତର୍ଗତ ୱଦ୍ଦର୍ପଲ୍ୟ ଗ୍ରାମର ସୁନୀଲ ପାୱାର (୩୨) ବୋଲି ପୋଲିସ ସୂଚନା ଦେଇଛନ୍ତି ।

# ଚାଷୀ ସଚେତନତା ବୈଠକ

**ବରପାଲି,୨୨।୧୧(ସଂଚାର ବ୍ୟୁରୋ):** ବ୍ଲକ ର କଦଳିପାଲି ପଡିଆ ଠାରେ ସଂଯୁକ୍ତ କୃଷକ ସଂଗଠନ ର ସଭାପତି କାରଣ ସାହୁ ଙ୍କ ନେତୃତ୍ୱ ରେ ସମ୍ପାଦକ ତପନ ମିଶ୍ର ଦ୍ୱାରା ପରିଚାଳିତ ଚାଷୀ ସଚେତନତା ସଭା ବସିଥିଲା। ବୈଠକ ର ଚାଷୀ ନେତା ରମେଶ ମହାପାତ୍ର ଯୋଗ ଦେଇ ଅଞ୍ଚଳର ବିଭିନ୍ନ ସମସ୍ୟା ଯଥା ଧାନ ବିକ୍ରି, ମଣ୍ଡି ପରିଚାଳନା, ଟୋକନ, ସମସ୍ୟା, କଟନୀ ଛଟନି, ଗତ ବର୍ଷ ର ବୀମା, ଇନପୁଟ ସବସିଟି, ବିଦ୍ୟୁତ ସମସ୍ୟା ଏବଂ କଦଳୀପାଲି ଟ୍ରାନ୍ସଫର ପ୍ରସଙ୍ଗରେ ଆଲୋଚନା କରିଥିଲେ ଏବଂ ଏହି ସମସ୍ୟା କୁ ନେଇ ଆଗାମୀ ଦିନରେ ଆନ୍ଦୋଳନ କରିବା ପାଇଁ ନିଷ୍ପତ୍ତି ନିଆଗଲା। ଆସନ୍ତା ୨୬ ନଭେମ୍ବର ରେ ହେବାକୁ ଥିବା ସଂଯୁକ୍ତ କିସାନ ମୋର୍ଚ୍ଚା ଆହ୍ୱାନ ରେ ସାମିଲ ହୋଇ ବରପାଲି ତହସିଲ ଅଫିସ ରେ କାର୍ଯ୍ୟକ୍ରମ କରିବା ପାଇଁ ନିଷ୍ପତ୍ତି ନିଆଗଲା। ଏହି ବୈଠକ ରେ ନାରାୟଣ ପଣ୍ଡା, ଲବ ପଧାନ,ସୁରେଶ ବରିହା, ଟେକରାଜ ପଧାନ, ହୃଷିକେଶ ସାହୁ, ଆଦି ପଧାନ, ପ୍ରହଲ୍ଲାଦ ବେହେରା, ଦୁଷ୍ଟ ବେହେରା, ପରମା ପଧାନ, କାନ୍ତ ବେହେରା , ସାମିଲ ଜାଲ ସମେତ ଅନେକ ଗ୍ରାମବାସୀ ଉପସ୍ଥିତ ଥିଲେ।



# ଉପଖଣ୍ଡସ୍ତରୀୟ କୃଷି ଯନ୍ତ୍ରପାତି ମେଳା



**ରାୟଗଡା,୨୨।୧୧(ସଂଚାର ବ୍ୟୁରୋ):** ଉପଖଣ୍ଡସ୍ତରୀୟ କୃଷି ଯନ୍ତ୍ରପାତି ମେଳା ଉଦଯାପିତ। ଗୁଣପୁର ଉପଖଣ୍ଡସ୍ତରୀୟ କୃଷି ଯନ୍ତ୍ରପାତି ମେଳାର ତୃତୀୟ ଦିନରେ ଗୁଣପୁର, ରାମନଗୁଡା ଚାଷୀଙ୍କୁ ପ୍ରଶିକ୍ଷଣ ଦିଆଯାଇଥିଲା। ଆଜିର କାର୍ଯ୍ୟକ୍ରମରେ ଜିଲ୍ଲା ପରିଷଦ ଅଧ୍ୟକ୍ଷା ସୁଶ୍ରୀ ସରସ୍ୱତୀ ମାଝୀ ମୁଖ୍ୟ ଅତିଥି ଭାବେ ଯୋଗଦାନ କରି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ସମ୍ମାନିତ ଅତିଥି ଭାବେ ପଦ୍ମପୁର ବ୍ଲକ ଅଧ୍ୟକ୍ଷା ମଣିମାଳା ଶବର, ଜଳଛାୟା ପ୍ରକଳ୍ପ ନିର୍ଦ୍ଦେଶକ ଦୟାନିଧି ବାଗ, ଉପଖଣ୍ଡ ପ୍ରାଣୀ ଚିକିତ୍ସକ ଆଲୋକ ଆଚାର୍ଯ୍ୟ, କୃଷି ବୈଜ୍ଞାନିକ ନରମ ରାମୁ, କୃଷି ଜିଲ୍ଲା ଅଧିକାରୀ ବୃନ୍ଦାବନ ବେହେରା, ଜରୁଷି ଶିଳ୍ପ ନିଗମ ପରିଚାଳକ ସିଦ୍ଧାର୍ଥ ଶେଖର ସ୍ୱାଇଁ, ଯୋଗ ଦେଇଥିବା ବେଳେ ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ବିଷ୍ଣୁ ପ୍ରସାଦ କର ସଭାପତିତ୍ୱ କରିଥିଲେ। ପ୍ରଦର୍ଶନୀରେ କୃଷି ବିଭାଗର ବିଭିନ୍ନ କୃଷି ଯନ୍ତ୍ରପାତି ପ୍ରଦର୍ଶିତ କରିବା ସହ କାର୍ଯ୍ୟକାରିତା ବିଷୟରେ ଚାଷୀଙ୍କୁ ଅବଗତ କରାଯାଇଥିଲା। ତୃତୀୟ ବା ଉଦଯାପିତ ଅବସରରେ ଉପଖଣ୍ଡର ବିଭିନ୍ନ ଅଞ୍ଚଳର ଚାଷୀଙ୍କୁ ପ୍ରଶିକ୍ଷଣ ଦିଆଯାଇଥିଲା। ବିଭିନ୍ନ ପ୍ରକାର ଚାଷ କରି ସ୍ୱାବଲମ୍ବୀ ହୋଇ ପାରିଥିବା ଚାଷୀଙ୍କୁ ଏହି ଉତ୍ସବରେ ସମ୍ମାନିତ କରାଯାଇଥିଲା। ବାରିକ ନିମାଲୁ, କେ ରାମରାଓ, ଶଙ୍କର ମିଶ୍ର, ରମେଶ ଚୌଧୁରୀ, ମନୋରଞ୍ଜନ ମହାନ୍ତି, ବୁଡା ଶବର, ରାଜେନ୍ଦ୍ର ପ୍ରସାଦ ସାହୁ ପ୍ରମୁଖଙ୍କୁ ମାନପତ୍ର ଓ ଉପଢୌକନ ପ୍ରଦାନ ପୂର୍ବକ ସମ୍ମାନିତ କରାଯାଇଥିଲା। ଚାଷୀଙ୍କ ମାନଦଣ୍ଡ ଉନ୍ନତ କରିବା ସହ ଗ୍ରାମାଞ୍ଚଳରେ ପହଁଚି ଚାଷୀଙ୍କୁ ଆହୁରି ପ୍ରଶିକ୍ଷଣ ପ୍ରଦାନ କରିବା ସହ ଚାଷୀଙ୍କୁ ସ୍ୱାବଲମ୍ବୀ କରିବା ନିମନ୍ତେ ଅତିଥି ମାନେ ମତବ୍ୟକ୍ତ କରିଥିଲେ।

# ଦାନା ବାନ୍ଧୁଛି ଗନ୍ଧମାର୍ଦ୍ଦନ ସୁରକ୍ଷା ଆନ୍ଦୋଳନ

## ଗନ୍ଧମାର୍ଦ୍ଦନ ସୁରକ୍ଷା ଅଭିଯାନ ବରଗଡ଼ ଜିଲ୍ଲା କମିଟି ଗଠିତ



**ବରଗଡ଼,୨୨।୧୧(ସଂଚାର ବ୍ୟୁରୋ):** ଗନ୍ଧମାର୍ଦ୍ଦନ ପର୍ବତ ଉପରେ ଅଦାନୀ କମ୍ପାନୀ ନଜର କରୁ ଥିବା ଖବର ଚର୍ଚ୍ଚା ହେଓ୍ୱା ପରେ ଏହାର ସୁରକ୍ଷା ନିମନ୍ତେ ବରଗଡ଼ ଜିଲ୍ଲାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଗୁରୁବାର ସ୍ଥାନୀୟ ଅଗ୍ରଗାମୀ ଯୁବ ସଂଗଠନ ଠାରେ ବିଭିନ୍ନ ସଂଗଠନ ରୁ ପ୍ରତିନିଧି ଓ ବୁଦ୍ଧି ଜୀବି ମାନେ ଏହି ବୈଠକ ରେ ଭାଗ ନେଇ ମତ ରଖିଥିଲେ। ମୁଖ୍ୟତଃ ଗନ୍ଧମାର୍ଦ୍ଦନ ପଶ୍ଚିମ ଓଡ଼ିଶାର ସ୍ୱାଭିମାନ ଓ ଅସ୍ମିତା ହୋଇଥିବାରୁ ଏହାର ସୁରକ୍ଷା ସମସ୍ତ ଙ୍କ ଦାୟିତ୍ୱ ବୋଲି ମତ ପ୍ରକାଶ ହୋଇଥିଲା ଓ ସୁରକ୍ଷା ନିମନ୍ତେ ତିନୋଟି ପ୍ରସ୍ତାବ ଗ୍ରହଣ କରାଗଲା ପ୍ରଥମତ ରାଜନୀତି ରୁ ଉର୍ଦ୍ଧ ରେ ରହି ଗନ୍ଧମାର୍ଦ୍ଦନ ର ସୁରକ୍ଷା ଲାଗି ସମସ୍ତେ ଶପଥ ନେଲେ, ଦ୍ୱିତୀୟ କୃଷି କାର୍ଯ୍ୟ ଛଡା ଅନ୍ୟ କୌଣସି କାର୍ଯ୍ୟ ପାଇଁ କମ୍ପାନୀ ମାନଙ୍କୁ ଜମି ବିକ୍ରି ନକରିବା ପାଇଁ ଅଂଚଳବାସୀ ଙ୍କୁ ନିବେଦନ କରାଗଲା,ତୃତୀୟ ଗନ୍ଧମାର୍ଦ୍ଦନ ସୁରକ୍ଷା ପାଇଁ ବ୍ୟାପକ ଜନ ସଚେତନତା,ସଭା ସମିତି ଓ ଆଗାମୀ ଦିନରେ ବିରାଟ ଶୋଭାଯାତ୍ରା ସହ ବୀର ମାଟି ଘେଁସ ରୁ ମାଟି ନେଇ ନରସିଂହନାଥ ରେ ସୁରକ୍ଷା ଧ୍ୱଜ ସ୍ଥାପନ କରାଯିଓ୍ୱା ପାଇଁ ନିଷ୍ପତି କରାଗଲା। ଏହା ପାଇଁ ଏକ କମିଟି ଗଠନ କରାଗଲା ଯେଉଁ ଥିରେ ଆଇନଜୀବୀ ଭୀଷ୍ମଦେବ ସରାଫ, ଅଜିତ ଶତପଥି, ପ୍ରିତମ ସିଂ, ରମେଶ ମହାପାତ୍ର, ଆକାଶ ପଣ୍ଡା, ମନୋହର ପ୍ରଧାନ, ଭବାନୀ ସାହୁ, ବିଶ୍ୱଜିତ ବିଶ୍ୱାଳ, ସୁରେନ୍ଦ୍ର ପଣ୍ଡା, ବିରବଲ ମହାକୁଡ଼, ବିମଲ ଦାଶ ଙ୍କୁ ସ୍ଥାନିତ କରାଗଲା। ଆଲୋଚନା ରେ ଅନ୍ୟମାନଙ୍କ ମଧ୍ୟରେ ଆଇନଜୀବୀ ଦ୍ୟୁତିଷ ଆଚାର୍ଯ୍ୟ,ରମେଶ ପତି, ସରୋଜ ନାଏକ, ସାରଥୀ ମେହେର, ବାଲ୍ମୀକି ଷଡ଼ଙ୍ଗୀ,ରାଜେନ୍ଦ୍ର ସିକେନ୍ଦର,ପ୍ରଶାନ୍ତ ମହାପାତ୍ର,ସୁଶାନ୍ତ ମିଶ୍ର,ଭରତ କୁମାର ସାହୁ, ଆଶୁ କବି ଜଟାଧାରୀ ପ୍ରଧାନ, ସଚ୍ଚିଦାନନ୍ଦ ପଣ୍ଡା, ଶଡାନନ ଭୋଇ, ଅଭିଷେକ ନାଏକ, ହୀରାଲାଲ ସା,ବିକାଶ ଅଗ୍ରୱାଲ, ବଳିଷ୍ଟ ଦୁର୍ଗା ଓ ଅନ୍ୟମାନେ ଉପସ୍ଥିତ ଥିଲେ।

# ଡାଇଲିସିସ୍ ସେଣ୍ଟର୍ ପାଇଁ ବରିଷ୍ଠ ନାଗରିକ ସଂଘର ଦାବି

**ସୁବର୍ଣ୍ଣପୁର,୨୨।୧୧(ସଂଚାର ବ୍ୟୁରୋ):** ଜିଲ୍ଲାର ବୀରମହାରାଜପୁର ଉପଖଣ୍ଡ ଏକ ଅବହେଳିତ ଉପଖଣ୍ଡ ଭାବରେ ସଦା ପରିଚିତ। ୧୯୮୭ ମସିହା ଠାରୁ ଉପଖଣ୍ଡ ମାନ୍ୟତା ପାଇଲା ପରେ ମଧ୍ୟ ଏଠାରେ ସାଧାରଣ ସ୍ୱାସ୍ଥ୍ୟ ସୁବିଧା ପାଇବାପାଇଁ ଜନ ସାଧାରଣ ବଞ୍ଚିତ ହେଉଛନ୍ତି। ତିରିଶ ଶଯ୍ୟା ବିଶିଷ୍ଟ ଉପଖଣ୍ଡ ସ୍ତରୀୟ ଡାକ୍ତରଖାନା ଥିଲେ ମଧ୍ୟ ଆନୁସଙ୍ଗିକ ବ୍ୟବସ୍ଥା ଓ ସ୍ୱାସ୍ଥ୍ୟ କର୍ମଚାରୀଙ୍କ ଅଭାବ ପରିଲକ୍ଷିତ ହେଉଛି। ବିଶେଷ କରି ଉପଖଣ୍ଡିୟ ଡାକ୍ତରଖାନା ମାନ୍ୟତା ପାଇ ମଧ୍ୟ ଡାଇଲିସିସ୍ ସେଣ୍ଟର ନ ଥିବାରୁ କିଡ୍‌ନି ଆକ୍ରାନ୍ତ ରୋଗୀଙ୍କୁ ସୋନପୁର କିମ୍ବା ରେଢ଼ାଖୋଲ ଯିବାକୁ ପଡୁଛି। ବୀରମହାରାଜପୁର ଠାରେ ଏକ ଡାଇଲିସିସ୍ ସେଣ୍ଟର ଖୋଲିବାକୁ ଅବସରପ୍ରାପ୍ତ ସରକାରୀ କର୍ମଚାରୀ ତଥା ବରିଷ୍ଠ ନାଗରିକ ସଂଗଠନ ତରଫରୁ ଏ ସଂକ୍ରାନ୍ତରେ ଏକ ଦାବୀପତ୍ର ଉପ ମୁଖ୍ୟମନ୍ତ୍ରୀ ଙ୍କୁ ଦିଆଯାଇଥିଲା। ଗତ ୧୦।୦୭।୨୪ରେ ବୀରମହାରାଜପୁର ବିଧାୟକ, ବଲାଙ୍ଗୀର ସାଂସଦ ତଥା ଓଡ଼ିଶାର ଉପ ମୁଖ୍ୟମନ୍ତ୍ରୀ ଙ୍କୁ ସମ୍ବର୍ଦ୍ଧନା ଅବସରରେ ସଂଘ ତରଫରୁ ଏହି ଦାବୀପତ୍ର ପ୍ରଦାନ କରା ଯାଇଛି।

# ଭଏସ୍ ଅଫ୍ ନୟାଗଡ଼ ସିଜିନ-୫

**ନୟାଗଡ଼,୨୨।୧୧(ସଂଚାର ବ୍ୟୁରୋ):** ନୟାଗଡ଼ର ଏକ ଅନନ୍ୟ ଅନୁଷ୍ଠାନ ନୟାଗଡ଼ କ୍ଲବ୍ ଆନୁକୂଲ୍ୟରେ ଆୟୋଜିତ ହେଉଥିବା ସଂଗୀତ ପ୍ରତିଯୋଗିତା "ଭଏସ୍ ଅଫ୍ ନୟାଗଡ଼" କେବଳ ନୟାଗଡ଼ ନୁହେଁ ରାଜ୍ୟର ଏକ ସଫଳ ସଂଗୀତ ପ୍ରତିଯୋଗିତା କାର୍ଯ୍ୟକ୍ରମ। ସଂଗୀତ ସାଧନା କରୁଥିବା ଛାତ୍ରଛାତ୍ରୀ ଓ ଯୁବ ପ୍ରତିଭା ମାନଙ୍କୁ ଲୋକଲୋଚନକୁ ଆଣିବା ତଥା ରାଜ୍ଯ ସ୍ତରରେ ସେମାନଙ୍କୁ ପରିଚିତ କରାଇବା ଆମର ପ୍ରଧାନ ଲକ୍ଷ୍ୟ। ପ୍ରକାଶ ଥାଉକି, ଗତ ଚାରିବର୍ଷ ମଧ୍ୟରେ ହୋଇଥିବା ପ୍ରତିଯୋଗିତା ର ୦୫ ଜଣ ପ୍ରତିଭାବାନ କଳାକାର ଆଜି ରାଜ୍ଯ ସ୍ତରରେ ନିଜସ୍ୱ ପରିଚୟ ସୃଷ୍ଟି କରି ପାରିଛନ୍ତି। ଚଳିତ ବର୍ଷ ନଭେମ୍ବର ୨୪ ତାରିଖ ରବିବାର ଦିନ ନୟାଗଡ଼ ୟୁନିଟେକ୍ କଲେଜ ରେ ପ୍ରଥମ ପର୍ଯ୍ୟାୟ ଜିଲ୍ଲା ସ୍ତରୀୟ ପ୍ରତିଯୋଗିତା ଅନୁଷ୍ଠିତ ହେବ।ବିଚାରକ ଙ୍କ ଦ୍ୱାରା ମନୋନୀତ କଣ୍ଠଶିଳ୍ପୀ ପ୍ରଥମ ପର୍ଯ୍ୟାୟ ପରେ ସିଧାସଳଖ ସେମିଫାଇନାଲ ରାଉଣ୍ଡ କୁ ଉନ୍ନୀତ ହେବେ। ସେମିଫାଇନାଲ ପର୍ଯ୍ୟାୟରୁ ଶ୍ରେଷ୍ଠ ୧୦ ଜଣ କଣ୍ଠଶିଳ୍ପୀ ଫାଇନାଲ ପର୍ଯ୍ୟାୟ କୁ ଯାଇ ପାରିବେ। ଏକ ଭବ୍ୟ ଆୟୋଜନ ସହ ଓଡ଼ିଶା ର ପ୍ରସିଦ୍ଧ ସଂଗୀତଜ୍ଞ ମାନେ ବିଚାରକ ଭାବେ ଯୋଗଦେଇ ଏହି ୧୦ ଜଣଙ୍କ ମଧ୍ୟ ରୁ ଜଣକୁ "ଭଏସ୍ ଅଫ୍ ନୟାଗଡ଼ " ଭାବେ ଚୟନ କରିବେ। ତତ୍ ସହିତ ଅନ୍ୟ ଦୁଇ ଜଣ ପ୍ରତିଯୋଗୀଙ୍କୁ ରନର୍ସ



ଅପ୍-୧ ଓ ରନର୍ସ ଅପ୍-୨ ଭାବେ ମଧ୍ୟ ପୁରସ୍କାର ପ୍ରଦାନ କରାଯିବ। ବିଜୟୀ ପ୍ରତିଯୋଗୀଙ୍କୁ ୧୦ ହଜାର ଟଙ୍କା ପୁରସ୍କାର ସହିତ ଟ୍ରଫି ଓ ମାନପତ୍ର ପ୍ରଦାନ କରାଯିବ। ଅନ୍ ଲାଇନ୍ ପଞ୍ଜୀକରଣ ପାଇଁ ଅବିନାଶ ସାହୁ, ମୋବାଇଲ ନଂ- ୯୯୩୭୪୭୨୫୧୬ କୁ ଯୋଗାଯୋଗ କରି ପାରିବେ। ପ୍ରତିଯୋଗିତା ରେ ଭାଗନେବା ପାଇଁ ବୟସଗତ ପ୍ରମାଣ ପତ୍ର ବାଧ୍ୟତାମୂଳକ ବୋଲି ଭଏସ୍ ଅଫ୍ ନୟାଗଡ଼ କାର୍ଯ୍ୟକ୍ରମର ଅଧ୍ୟକ୍ଷ ଶରତଚନ୍ଦ୍ର ଆଚାର୍ଯ୍ୟ ସୂଚନା ଦେଇଥିବା ବେଳେ ନୟାଗଡ଼ କ୍ଲବ୍ ର ସଭାପତି ଅଶୋକ କୁମାର ନାୟକ ସମ୍ମିଳନୀ ରେ ଅଧ୍ୟକ୍ଷତା କରିଥିଲେ। ପରିଶେଷରେ ନୟାଗଡ଼ କ୍ଲବ୍ର ସଂପାଦକ ଶ୍ରୀଧର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

# ହାତୀ ଘଉଡାଇବାକୁ ଯାଇଥିଲେ ; କଚାଡି ମାରିଲା



**ସମ୍ବଲପୁର,୨୨।୧୧(ସଂଚାର ବ୍ୟୁରୋ):** ଗାଁକୁ ହାତୀ ପଲ ପଶିଆସିଥିବାରୁ ଘଉଡାଇବାକୁ ଯାଇଥିଲେ। ବ୍ୟକ୍ତିଙ୍କୁ ଶୁଣ୍ଢରେ ଉଠାଇ କଚାଡି ମାରିଲା ହାତୀ। ଏପରି ଘଟଣା ଘଟିଛି ସମ୍ବଲପୁର ବନଖଣ୍ଡ ଅନ୍ତର୍ଗତ ପଡ଼ିଆବାହାଲ ରେଞ୍ଜ ଛାମୁଣ୍ଡା ସେକ୍ସନ ଜାମଲୋଇ ବିଟ୍ ଅଞ୍ଚଳରେ। ମୃତ ବ୍ୟକ୍ତି ଜଣଙ୍କ ହେଲେ ଜାମଲୋଇ ଗ୍ରାମର ପୂର୍ଣ୍ଣଚନ୍ଦ୍ର ଦେହୁରୀ। ହାତୀ କଚାଡି ଦେବାରୁ ପୂର୍ଣ୍ଣଚନ୍ଦ୍ର ଶରୀରଟି ଖଣ୍ଡ ବିଖଣ୍ଡିତ ହୋଇଯାଇଛି। ଗତକାଲି ରାତିରେ ଗାଁ ଭିତରକୁ ହାତୀ ପଲ ପଶି ଆସିଥିଲେ। ଗ୍ରାମବାସୀ ସମେତ ପୂର୍ଣ୍ଣଚନ୍ଦ୍ର ହାତୀ ଘଉଡାଇବାକୁ ଯାଇଥିଲେ। ହାତୀ ପଲଙ୍କୁ ଘଉଡ଼ାଇବା ପରେ ଗାଁଲୋକ ନିଜ ନିଜ ଘରକୁ ଫେରି ଆସିଥିଲେ। କିନ୍ତୁ ପୂର୍ଣ୍ଣଚନ୍ଦ୍ର ହାତୀ ହାବୁଡରେ ପଡ଼ି ଯାଇଥିଲେ। ହାତୀଟି ତାଙ୍କୁ ଶୁଣ୍ଢରେ ଉଠାଇ କଚାଡି ମାରି ଦେଇଥିଲା। ଆଜି ସକାଳେ ତାଙ୍କ ମୃତଦେହ ନୁଆଁବନ୍ଧ ନିକଟରେ ପଡ଼ିଥିବା ଗ୍ରାମବାସୀ ଦେଖିଥିଲେ। ଏନେଇ ପରିବାର ଲୋକଙ୍କୁ ଖବର ଦେବା ସହ ବନ ବିଭାଗକୁ ଖବର ଦେଇଥିଲେ। ବନ ବିଭାଗ କର୍ମଚାରୀ ପହଞ୍ଚି ତଦନ୍ତ କରୁଛନ୍ତି। ସୂଚନାଯୋଗ୍ୟ, ଗତ ୧୮ ତାରିଖରେ ହାତୀବାରି ଅଞ୍ଚଳରେ ଧାନ କ୍ଷେତ ଜଗିଥିବା ବେଳେ ହାତୀ ଆକ୍ରମଣରେ ଜଣେ ଚାଷୀଙ୍କର ମୃତ୍ୟୁ ଘଟିଥିଲା।

# ଶିଶୁ ବିକ୍ରି ଘଟଣାରେ ଏଏନ୍ଏମ୍ ନିଲମ୍ବିତ, ୩ ଗିରଫ୍



**ଖପ୍ରାଖୋଲ,୨୨।୧୧(ସଂଚାର ବ୍ୟୁରୋ):** ବଲାଙ୍ଗିର ଜିଲ୍ଲା ଖପ୍ରାଖୋଲ ବ୍ଲକ କରୁଆଁଝର ପଞ୍ଚାୟତ ସୁନାମୁଦୀ ଉପ - ସ୍ୱାସ୍ଥ୍ୟ କେନ୍ଦ୍ରରେ ଏଏନଏମ ଭାବେ କାର୍ଯ୍ୟ କରୁଥିବା ମମତା ଭୋଇ ଯେକି ଜଣେ ସଫଳ ସ୍ୱାସ୍ଥ୍ୟ କର୍ମୀ ଅନେକ ପ୍ରସୂତି ମାଁ ମାନଙ୍କୁ ପ୍ରସବ କରିବାରେ ଥିଲେ ସିଦ୍ଧ ହସ୍ତ ଆଖପାଖ ଅଞ୍ଚଳ ରେ ତାଙ୍କର ସୁନାମ ରହିଥିଲା । ତାଙ୍କର ଏହି କାର୍ଯ୍ୟ ପାଇଁ ୨୦୧୯ ରେ ନୂଆଦିଲ୍ଲୀ ଠାରେ ପୂର୍ବତନ ରାଷ୍ଟ୍ରପତି ରାମନାଥ କୋବିନ୍ଦ ଙ୍କ ଠାରୁ ନାଇଟିଙ୍ଗଲ ଉପାଧି ମାନପତ୍ର ଗ୍ରହଣ କରିଥିଲେ । ଏପରି ଜଣେ ସ୍ୱାସ୍ଥ୍ୟ କର୍ମୀ ଟଙ୍କା ଲୋଭରେ ଦୁଗ୍ଧ ପାନ ଶିଶୁ କନ୍ୟା କୁମା କୋଳରୁ ଛଡ଼ାଇ ଅନ୍ୟ ହାତରେ ଟେକି ଦେବାରେ ସଂଶ୍ଳିଷ୍ଟ ହେବା ନିଶ୍ଚିତ ଭାବେ ଏହା ଏକ ନିନ୍ଦନୀୟ ଘଟଣା ଅଟେ । ଜନ୍ମଦାତ୍ରୀ ମାଁ ଶିଶୁ କନ୍ୟାକୁ ଯାହା ହାତରେ ଟେକି ଦେଲେ ତାଙ୍କର ପରିଚୟ ନ ଜାଣିବା ନିଶ୍ଚିତ ଭାବେ ମଧ୍ୟସ୍ଥି ସାଜି ଶିଶୁ କନ୍ୟା ବିକ୍ରି କରାଯାଇ ଥିବା କଥା ପ୍ରମାଣିତ କରୁଛି । ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଖପ୍ରାଖୋଲ ଚିକିତ୍ସାଳୟ କୁ ଆସି ତଦନ୍ତ କରି ସୁନାମୁଦୀ ଉପ ସ୍ୱାସ୍ଥ୍ୟ କେନ୍ଦ୍ର ର ଏଏନଏମ କୁ ଚାକିରି ରୁ ନିଲମ୍ବନ କରିଥିବା ଜଣା ପଡିଛି । ଏହି ନିନ୍ଦନୀୟ କାର୍ଯ୍ୟରେ ଅନ୍ୟ ଯେଉଁ ମାନେ ସଂଶ୍ଳିଷ୍ଟ ଅଛନ୍ତି ନିରପେକ୍ଷ ତଦନ୍ତ କରି ସେମାନଙ୍କୁ ଲୋକ ଲୋଚନ କୁ ଆଣିବା ଦରକାର ବୋଲି ଚର୍ଚ୍ଚା ହେଉଛି ।

# ଚିଲିକା ଉତ୍ତରନାଶିରେ ବିଦେଶୀ ପକ୍ଷୀଙ୍କ କଳରବ: ସୁରକ୍ଷା ଢିଲା



**କଣାସ,୨୨।୧୧(ସଂଚାର ବ୍ୟୁରୋ):** ଏସିଆ ମହାଦେଶର ସର୍ବବୃହତ ଲୁଣାହ୍ରଦ ଚିଲାମ୍ଭୁ ଚିଲିକାରେ ପ୍ରତ୍ୟେକ ବର୍ଷ ଶୀତଋତୁ ଆଗମନ ହେଲେ ୧୦ଲକ୍ଷରୁ ଉର୍ଦ୍ଧ୍ୱ ବିଦେଶୀ ପକ୍ଷୀମାନେ ହଜାର ହଜାର କିମି ଅତିକ୍ରମ କରିଆସି ଶୀତଋତୁ ଯାକ ଚିଲିକା ମଧ୍ୟରେ ସମୟ ବିତାଇଥାଆନ୍ତି। ଚିଲିକାରେ ପକ୍ଷୀ ଅଭୟାରଣ୍ୟ ଭାବେ ପରିଚିତ ନଳବଣରେ ଲକ୍ଷଲକ୍ଷ ପକ୍ଷୀ ରହୁଥିବା ବେଳେ ଖାଦ୍ୟ ଅନ୍ୟେଷଣରେ ଚିଲିକାର ଉତରନାଶି ଦୟା ଓ ମକରାନଦୀର ମିଶ୍ରଣସ୍ଥଳରେ ଦଳ, କଇଁଫୁଲ ପ୍ରଚୁରପରିମାଣର ଥିବାରୁ ଲକ୍ଷଲକ୍ଷ ପକ୍ଷୀ ପ୍ରତିବର୍ଷ ଖାଦ୍ୟ ଅନ୍ୟେଷଣରେ ଉତରନାଶିରେ ଘୁରିବୁଲନ୍ତି। ଚଳିତ ବର୍ଷ ଡେରି ହେଲେ ମଧ୍ୟ ଶହଶହ ପକ୍ଷୀ ବର୍ତ୍ତମାନ ଚିଲିକାର ଉତରନାଶିରେ ବୁଲୁଥିବା ଦେଖିବାକୁ ମିଳୁଛି। ବାଲୁଗାଁ ବନ୍ୟପ୍ରାଣି ବିଭାଗ ପକ୍ଷରୁ ଚିଲିକାର ବିଦେଶୀ ପକ୍ଷୀମାନଙ୍କୁ ସୁରକ୍ଷା ପାଇଁ ବ୍ୟାପକ ବ୍ୟବସ୍ଥା ହୋଇଥିବା ବେଳେ ଉତରନାଶିରେ କୌଣସି ବ୍ୟବସ୍ଥା ନଥିବାରୁ ବାହାରର ଶୀକାରୀମାନେ ସଂଧ୍ୟାସମୟରେ ଆସି ଚିଲିକା କୂଳବର୍ତୀ ଗ୍ରାମମାନଙ୍କରେ ନିଜନିଜର ଯାନ ରଖି ଚିଲିକା କୂଳକୁ ଆସି ଫାସିଜାଲ, କଇଁଫୁଲ କେଶରରେ ନିଶାଦ୍ରବ୍ୟ ସିରିନିଞ୍ଜି ମାଧ୍ୟମରେ ଦେବା, ଉଜ୍ଜ୍ୱଳ ଆଲୋକ ପକାଇ ପକ୍ଷୀମାନୁ ଆହତକରି ଧରି ନେଇ ପ୍ରଭାତରୁ ନିରବିଘ୍ନରେ ଫେରିଯାଉଛନ୍ତି। ଦୟା, ଭାର୍ଗବୀ, ଲୁଣାନଦୀର ମିଶ୍ରଣସ୍ଥଳ ବଡଗୋଠ ନିକଟରେ ଏକ ପକ୍ଷୀ ସୁରକ୍ଷା ପାଇଁ କୁଡିଆ ନିର୍ମାଣ କରାଯାଇଥିଲେ ମଧ୍ୟ ସେଠାରେ କେହି ରହୁନଥିବା ଦେଖିବାକୁ ମିଳିଛି। ପକ୍ଷୀମାନଙ୍କ ସୁରକ୍ଷା ପାଇଁ ସୁରକ୍ଷା ବ୍ୟବସ୍ଥା କଡାକଟି କରିବାପାଇଁ ପକ୍ଷୀ ପ୍ରେମିମାନେ ବିଭାଗୀୟ ଉଚ୍ଚ କର୍ତୃପକ୍ଷଙ୍କୁ ନିବେଦନ କରିଛନ୍ତି।